

ଅନନ୍ତ ନାଗଙ୍କୁ ଦାଦାସାହେବ ଫାଲ୍‌କେ ପୁରସ୍କାର

ପୃଷ୍ଠା ୬

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com

RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 182 ଭାଗ ୩୪ | ସଂଖ୍ୟା ୧୮୨ | Wednesday 23 September 2026 | Page 8 Rs. 5.00 | ● ଭୁବନେଶ୍ୱର ବୁଧବାର, ୨୩ ସେପ୍ଟେମ୍ବର ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ଅକ୍ଟୋବରରେ ଓଡ଼ିଶା ଆସିବେ ରାଷ୍ଟ୍ରପତି



ଭୁବନେଶ୍ୱର,୨୨।୯(ସଂଚାର ବ୍ୟୁରୋ)ଃ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଅକ୍ଟୋବର ୨୭ ତାରିଖରେ ଶ୍ରୀମତୀ ମୁର୍ମୁ ରାଇରଙ୍ଗପୁରରେ ପହଞ୍ଚିବେ ଓ ୨୮ ତାରିଖରେ ଫେରିଯିବାର ସୂଚନା ମିଳିଛି। ରାଷ୍ଟ୍ରପତି ଆସିବା ପୂର୍ବରୁ ରାଇରଙ୍ଗପୁରରେ ଆସନ୍ତା ୨୬ରୁ ଅକ୍ଟୋବର ୩୦ ତାରିଖ ଯାଏଁ ଏକ ବିଶାଳ ଚକ୍ଷୁ ଚିକିତ୍ସା ଶିବିରର ଆୟୋଜନ କରାଯାଇଛି। ରାଇରଙ୍ଗପୁରରେ ପହଞ୍ଚି ସେ ଏହି ଚକ୍ଷୁ ଚିକିତ୍ସା ଶିବିରରେ ଯୋଗ ଦେବେ। ଆସନ୍ତାକାଲିଠାରୁ ସେଠାରେ ଚକ୍ଷୁ ପରୀକ୍ଷା ପରେ ଚିହ୍ନଟ ହୋଇଥିବା ଲୋକଙ୍କର ଆବଶ୍ୟକ ଚକ୍ଷୁ ଚିକିତ୍ସା ଓ ଅପରେସନ କାର୍ଯ୍ୟ ଆରମ୍ଭ ହେବ। ରାଷ୍ଟ୍ରପତିଙ୍କ ଆଗମନ ନେଇ ମୟୂରଭଞ୍ଜ ସାଂସଦ ନବଚରଣ ମାଝୀ ସୂଚନା ଦେଇଛନ୍ତି।

# ଆଜି ରାତିରେ ଉପକୂଳ ଛୁଇଁବ 'ଅର୍ଣ୍ଣବ'

**ବିଶାଖାପାଟଣା-ଗୋପାଳପୁର ମଧ୍ୟରେ ଅତିକ୍ରମ କରିବ ସାମୁଦ୍ରିକ ଝଡ଼**

**୬ ଜିଲ୍ଲାରେ ଶିକ୍ଷାନୁଷ୍ଠାନ ବନ୍ଦ ନିର୍ଦ୍ଦେଶ**

**କଳାହାଣ୍ଡି ସମେତ ୬ ଜିଲ୍ଲାକୁ 'ରେଡ୍ ୱାର୍ଣ୍ଣିଂ'**

**୨୪ ସମ୍ବେଦନଶୀଳ ସ୍ଥାନରେ ୩୩ ଓଡ୍ରାଫ ଟିମ୍ ନିୟୋଜିତ**




ଭୁବନେଶ୍ୱର,୨୨।୯(ସଂଚାର ବ୍ୟୁରୋ)ଃ ଭାରତୀୟ ପାଣିପାଗ ବିଭାଗ ମହାନିର୍ଦ୍ଦେଶକଙ୍କ ସଦ୍ୟତମ ସୂଚନା ଅନୁଯାୟୀ, ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଅବପାତ ଆଜି ସନ୍ଧ୍ୟାରୁ ରାତି ମଧ୍ୟରେ ଏକ 'ଗଭୀର ଅବପାତ'ର ରୂପ ନେବାକୁ ଯାଉଛି। ଏହି ସାମୁଦ୍ରିକ ଝଡ଼ର ନାମ 'ଅର୍ଣ୍ଣବ' ରଖାଯାଇଥିବା ବେଳେ ଏହା ପଶ୍ଚିମ ଓ ଉତ୍ତର-ପଶ୍ଚିମ ଦିଗରେ ଦ୍ରୁତ ଗତି କରି ଆସନ୍ତାକାଲି ରାତିରେ ଉପକୂଳ ଅତିକ୍ରମ କରିବ ବୋଲି ପୂର୍ବାନୁମାନ କରାଯାଇଛି। ବିଶେଷକରି ଆନ୍ଧ୍ରପ୍ରଦେଶର ବିଶାଖାପାଟଣା ଓ ଓଡ଼ିଶାର ଗୋପାଳପୁରର ମଧ୍ୟବର୍ତ୍ତୀ କୌଣସି ଏକ ସ୍ଥାନରେ ଏହା ସ୍ଥଳଭାଗ ଛୁଇଁବାର ଦୃଢ଼ ସମ୍ଭାବନା ରହିଛି।

ଆସନ୍ତାକାଲି ଓ ୨୪ ତାରିଖ ପାଇଁ କୋରାପୁଟ, ଗଜପତି ଓ ଗଞ୍ଜାମ ଜିଲ୍ଲା ପାଇଁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି, ଯେଉଁଥିରେ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ଏବଂ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ସେହିପରି ୨୪ ଓ ୨୫ ତାରିଖ ପାଇଁ କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲ୍ଲା ପାଇଁ ରେଡ୍ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଖୋର୍ଦ୍ଧା, କୋରାପୁଟ, ଗଜପତି, ମାଲକାନଗିରି, ନବରଙ୍ଗପୁର ଓ ଗଞ୍ଜାମ ଜିଲ୍ଲାରେ ସ୍ଥାନୀୟ ଜିଲ୍ଲାପାଳ ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ, ଅଙ୍ଗନବାଡ଼ି ଆଦି ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ସ୍ଥଳଭାଗମୁହାଁ ହେଉଥିବା ଏହି ଗଭୀର ଅବପାତ ଉପକୂଳ ନିକଟତର ହେବା କ୍ଷଣି ଏହାର ଗତିପଥ ସମ୍ପୂର୍ଣ୍ଣ ମନ୍ଥର ହୋଇଯିବ। ଫଳସ୍ୱରୂପ ଏହା ଦକ୍ଷିଣ ଓଡ଼ିଶା ଉପକୂଳରେ ସାଧାରଣଠାରୁ ଅଧିକ ସମୟ ଧରି ସକ୍ରିୟ ରହିବ। ଆଇଏମ୍‌ଡି ଡିଜିଙ୍କ ସତର୍କବାଣୀ ଅନୁଯାୟୀ, ଗଭୀର ଅବପାତର ଏହି ସ୍ଥିରତା ଯୋଗୁଁ ଦକ୍ଷିଣ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଲଗାଣ ତଥା ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି। କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ମଧ୍ୟ ଦେଖିବାକୁ ମିଳିପାରେ, ଯାହା ଜନଜୀବନକୁ ବ୍ୟାପକ ଭାବେ ପ୍ରଭାବିତ କରିବ। ୨୪ ତାରିଖ ବେଳକୁ ଉପକୂଳବର୍ତ୍ତୀ ଅଞ୍ଚଳଗୁଡ଼ିକରେ ବର୍ଷାର ପରିମାଣ ଧୀରେ ଧୀରେ ➪ପୃଷ୍ଠା-୬

## ରାଜଧାନୀକୁ ମିଳିଲା ନୂଆ ପୁଲିସ ମୁଖିଆ

# ମୀନାଙ୍କ ସ୍ଥାନ ନେବେ ଡକ୍ଟର ସରବଣା ବିବେକ



**୪ ବରିଷ୍ଠ ପୁଲିସ ଅଧିକାରୀଙ୍କୁ ନୂଆ ଦାୟିତ୍ୱ**

**ଅଭିନବ ସୋନକର ବ୍ରହ୍ମପୁର ଏସପି**

**ଅଜିଙ୍କ୍ୟ ମାନେଙ୍କୁ ଢେଙ୍କାନାଳ ଏସପି ଦାୟିତ୍ୱ**

ଭୁବନେଶ୍ୱର,୨୨।୯(ସଂଚାର ବ୍ୟୁରୋ)ଃ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟ ପୁଲିସ ପ୍ରଶାସନରେ ଏକ ଗୁରୁତ୍ୱପୂର୍ଣ୍ଣ ଅଦଳବଦଳ କରିଛନ୍ତି। ମଙ୍ଗଳବାର ରାଜ୍ୟ ଗୃହ ବିଭାଗ ପକ୍ଷରୁ ପ୍ରକାଶିତ ଏକ ନୂତନ ବିଜ୍ଞପ୍ତି ଅନୁଯାୟୀ, ୪ ଜଣ ଆଇପିଏସ୍ ଅଧିକାରୀଙ୍କୁ ବଦଳି କରାଯାଇ ନୂଆ ଦାୟିତ୍ୱ ଦିଆଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନସ୍ୱରୂପ ରାଜଧାନୀ ଭୁବନେଶ୍ୱର ପାଇଁ ନୂଆ ଡିସିପିଙ୍କୁ ନିଯୁକ୍ତି ମିଳିଛି।

ଗୃହ ବିଭାଗର ନିର୍ଦ୍ଦେଶନାମା ଅନୁଯାୟୀ, ବ୍ରହ୍ମପୁରର ଆରକ୍ଷୀ ଅଧୀକ୍ଷକ ଭାବେ କାର୍ଯ୍ୟରତ ଥିବା ୨୦୧୫ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ଡକ୍ଟର ସରବଣା ବିବେକ ଏମ୍‌ଙ୍କୁ ବଦଳି କରାଯାଇ ଭୁବନେଶ୍ୱରର ➪ପୃଷ୍ଠା-୬

# ଆରମ୍ଭରୁ ହଟ୍ଟଗୋଳ ରାଜରାସ୍ତାରେ ଗର୍ଜନ



**ଏମ୍‌ଏମ୍‌ଡିଆର୍ ଓ ପାଠ୍ୟପୁସ୍ତକ ତ୍ରୁଟି ବିବାଦରେ କମ୍ପିଲା ଗୃହ**

**ଗଣଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିରୋଧୀ**

**କଂଗ୍ରେସର ମୁଲତବୀ ନୋଟିସ ଉପରେ ହୋଇପାରିଲାନି ଆଲୋଚନା**

ଭୁବନେଶ୍ୱର, ୨୨।୯ (ସଂଚାର ବ୍ୟୁରୋ)ଃ ଆଜିଠୁ ଆରମ୍ଭ ହୋଇଥିବା ଓଡ଼ିଶା ବିଧାନସଭାର ମୌସୁମୀ ଅଧିବେଶନ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁ ବାଧାପ୍ରାପ୍ତ ହୋଇଛି। ଗୃହରେ ଶୋକ ପ୍ରସ୍ତାବ ପାରିତ ହେବା ପରେ ବିରୋଧୀ ବିଜେଡି ଓ କଂଗ୍ରେସ ବିଧାୟକମାନଙ୍କ ହଟ୍ଟଗୋଳ ଯୋଗୁଁ ଗୃହ ଚାଲିବା ସମ୍ଭବପର ହୋଇପାରିନାହିଁ। କଂଗ୍ରେସ ଏମ୍‌ଏମ୍‌ଡିଆର ଆକ୍ଟ ପ୍ରସଙ୍ଗରେ ଓ ବିଜେଡି ପାଠ୍ୟପୁସ୍ତକ ତ୍ରୁଟି ପ୍ରସଙ୍ଗରେ ଗୃହ ଭିତରେ ହଟ୍ଟଗୋଳ କରି ରାଜ୍ୟର ➪ପୃଷ୍ଠା-୬

**ମହିଳା ଏସିଆନ୍ ଗେମ୍ସ ୨୦୨୬**

# ଭାରତୀୟ କ୍ରିକେଟ୍ ଦଳକୁ ସ୍ୱର୍ଣ୍ଣ



**ଶ୍ରୀଲଙ୍କୁ ରୌପ୍ୟ ଓ ପାକିସ୍ତାନକୁ ବ୍ରୋଞ୍ଜ୍**

ନିସିନ୍,୨୨।୯ଃ ଚଳିତ ମହିଳା ଏସିଆନ୍ ଗେମ୍ସରେ ଭାରତୀୟ କ୍ରିକେଟ୍ ଦଳ ସ୍ୱର୍ଣ୍ଣପଦକ ହାସଲ କରିଛି। ଆଜି ଏଠାରେ ଖେଳାଯାଇଥିବା ଫାଇନାଲ୍‌ରେ ଦଳ ଶ୍ରୀଲଙ୍କାକୁ ବୃହତ୍ ୧୪୭ ରନ୍‌ରେ ପରାସ୍ତ କରି ଏହି ପଦକ ଅର୍ଜନ କରିଛି। ଫଳତଃ ଶ୍ରୀଲଙ୍କା ରୌପ୍ୟରେ ସନ୍ତୁଷ୍ଟ ରହିଥିବା ବେଳେ ବାଂଲାଦେଶକୁ ୩୧ ରନ୍‌ରେ ପରାସ୍ତ କରି ପାକିସ୍ତାନ ବ୍ରୋଞ୍ଜ୍ ପଦକ ହାସଲ କରିଛି।

ଆଜିର ଫାଇନାଲ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ୨୦ ଓଭର୍‌ରେ ମାତ୍ର ୩ଟି ୱିକେଟ୍ ହରାଇ ରେକର୍ଡ ୨୧୬ ରନ୍ କରିଥିଲା। ଦଳ ପକ୍ଷରୁ ଓପନର ତଥା ଉପଅଧିନାୟିକା ସ୍ମୃତି ମନ୍ଧାନା ୫ଟି ଚୌକା ➪ପୃଷ୍ଠା-୬

**ସୁପ୍ରିମକୋର୍ଟରେ ଡିଜିପି ଚୟନ ବିବାଦର ଶୁଣାଣି**

# 'ଜୋନ୍ ଅଫ୍ କନସିଡରେସନ୍' ଓ ଅସ୍ଥାୟୀ ଡିଜି ପଦବୀକୁ ନେଇ ପ୍ରଶ୍ନ



**ଆଜି ବି ହେବ ମାମଲାର ଶୁଣାଣି**

ନୂଆଦିଲ୍ଲୀ, ୨୨।୯ଃରାଜ୍ୟର ପରବର୍ତ୍ତୀ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ଚୟନ ପ୍ରକ୍ରିୟାର ସାମ୍ବିଧାନିକ ଓ ପ୍ରଶାସନିକ ବୈଧତାକୁ ନେଇ ଆଜି ସୁପ୍ରିମକୋର୍ଟରେ ଶୁଣାଣି ଆରମ୍ଭ ହୋଇଛି। ପ୍ରକାଶ ସିଂହ ମାମଲାରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଉଲ୍ଲଘଂନ, ଜଣେ ବରିଷ୍ଠ ଆଇପିଏସ ଅଫିସରଙ୍କ ଇଣ୍ଟିଗ୍ରିଟି ସାର୍ଟିଫିକେଟ ରୋକିବା, ଦୁଇଟି ଅସ୍ଥାୟୀ ଏକ୍ସ କ୍ୟାଡ଼ର ଡିଜି ପଦବୀ ସୃଷ୍ଟି ଓ 'ଜୋନ୍ ଅଫ କନସିଡରେସନ୍'କୁ ନେଇ ଆଜି କୋର୍ଟରେ ବରିଷ୍ଠ ଓକିଲ ପି.ଚିଦାମ୍ବରମ୍ ଓ କରୁଣା ନନ୍ଦୀ ଯୁକ୍ତି ବାଢ଼ିଛି। ଆସନ୍ତାକାଲି ମଧ୍ୟ ଏହି ଶୁଣାଣି ଜାରି ରହିବ ବୋଲି ➪ପୃଷ୍ଠା-୬

# ପ୍ଲାଷ୍ଟିକ୍ ବ୍ୟବସାୟ ପାଇଁ ପଞ୍ଜୀକରଣ ବାଧ୍ୟତାମୂଳକ



**ଇପିଆର୍ ପୋର୍ଟାଲରେ ପ୍ଲାଷ୍ଟିକ ସହ ଜଡିତ ବ୍ୟବସାୟୀ କରିବେ ଆବେଦନ**

**ପ୍ଲାଷ୍ଟିକ୍ ଉତ୍ପାଦନରୁ ବର୍ଜ୍ୟ ପରିଚାଳନା ପର୍ଯ୍ୟନ୍ତ ଶୃଙ୍ଖଳିତ କରିବାକୁ ପ୍ରୟାସ**

ଭୁବନେଶ୍ୱର,୨୨।୯(ସଂଚାର ବ୍ୟୁରୋ)ଃ ପ୍ଲାଷ୍ଟିକ୍ ପ୍ୟାକେଜିଂ ଓ ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନାକୁ ନେଇ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ସୂଚନା ଜାରି କରାଯାଇଛି। ପ୍ଲାଷ୍ଟିକ୍ ବର୍ଜ୍ୟ ପରିଚାଳନା ନିୟମ ୨୦୧୬ ଅନୁଯାୟୀ ପ୍ଲାଷ୍ଟିକ୍ ସମ୍ପର୍କିତ ବିଭିନ୍ନ ବର୍ଗର ସଂସ୍ଥା ଓ ବ୍ୟବସାୟୀଙ୍କ ପାଇଁ କମନ୍ ଏକ୍ସଟେଣ୍ଡେଡ୍ ପ୍ରଡ୍ୟୁସର ରେସପନ୍ସିବିଲିଟି (ଇପିଆର୍) ପୋର୍ଟାଲରେ ପଞ୍ଜୀକରଣ ବାଧ୍ୟତାମୂଳକ କରାଯାଇଛି। ବୋର୍ଡର ନୋଟିସ୍ ଅନୁଯାୟୀ, ପ୍ଲାଷ୍ଟିକ୍ ଉତ୍ପାଦନ, ପ୍ୟାକେଜିଂ, କଞ୍ଚାମାଲ ➪ପୃଷ୍ଠା-୬


Government of India | Pradhan Mantri Jan Arogya Yojana Ayushman Bharat PM-JAY

ପ୍ରିୟ ଡାକ୍ତର,
ଆପଣ ତୁରନ୍ତ ଚିକିତ୍ସା ଆରମ୍ଭ କରନ୍ତୁ...
ଓ ପଇସା ପାଇଁ ଚିନ୍ତା କରନ୍ତୁ ନାହିଁ

କାରଣ ଏବେ ଆମ ସାଥିରେ ଅଛି ଆୟୁଷ୍ମାନ ଭାରତର ପ୍ରତିଶ୍ରୁତି ।

- ୬୦+ କୋଟି ଗରିବ ଓ ସମ୍ବେଦନଶୀଳ ଲୋକଙ୍କ ପାଇଁ ୫ ଲକ୍ଷ ପର୍ଯ୍ୟନ୍ତ ମାଗଣା ଚିକିତ୍ସା
- ୭୦+ ବୟସର ୬ କୋଟି ବରିଷ୍ଠ ନାଗରିକଙ୍କୁ ମଧ୍ୟ ଆୟୁଷ୍ମାନ ଭାରତର ସୁବିଧା
- ହିତାଧିକାରୀଙ୍କୁ ୨ ଲକ୍ଷ କୋଟିର ପ୍ରତ୍ୟକ୍ଷ ସଞ୍ଚୟ
- ୧୩+ କୋଟି ହସ୍ପିଟାଲରେ ଆଡମିଶନ

ସାରା ଦେଶରେ ୩୮,୦୦୦ରୁ ଊର୍ଦ୍ଧ୍ୱ ହସ୍ପିଟାଲରେ ଚିକିତ୍ସା ସୁବିଧା

୧.୮୬ ଲକ୍ଷ ଆୟୁଷ୍ମାନ ମନ୍ଦିରରେ ୫୦+ କୋଟି ଏବଂ ୫୦+ ଔଷଧ ମାଗଣା

ରାଜ୍ୟ ବାହାରେ ଦେଶର ଯେକୌଣସି ହସ୍ପିଟାଲରେ ମଧ୍ୟ ହିତାଧିକାରୀ ଚିକିତ୍ସା ସୁବିଧା ପାଇପାରିବେ

କ୍ୟାନସର, ହୃଦରୋଗ ଓ ଅଙ୍ଗ ପ୍ରତିରୋପଣ ଭଳି ଗୁରୁତର ରୋଗ ପାଇଁ ୧୦୦% ସୁରକ୍ଷା




CBC 17180/13/0009/2627

ଯୋଗ୍ୟତା ଏବେ ଯାଞ୍ଚ କରନ୍ତୁ ଆୟୁଷ୍ମାନ ଆପ୍ | beneficiary.nha.gov.in ଟୋଲ୍ ଫ୍ରି-୧୪୫୫୫

## ଋଣ ନଶୁଝିବାରୁ ବନ୍ଧକ ଘର ଦଖଲକୁ ନେଲା କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କ



କେନ୍ଦ୍ରାପଡ଼ା,୨୨।୯(ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଅର୍ବାନ କୋଅପରେଟିଭ ବ୍ୟାଙ୍କର ଏନପିଏ ଋଣ ଆଦାୟ ପଦକ୍ଷେପ ଅନ୍ତର୍ଗତ କାର୍ଯ୍ୟାନୁଷ୍ଠାନ ଦ୍ୱାରା ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକସନ ଆକ୍ଟ-୨୦୦୨ର ବିଭିନ୍ନ ଧାରା ଓ ଉପଧାରା ଅନୁଯାୟୀ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ କେନ୍ଦ୍ରାପଡା ଟାଉନ ଅଧୀନ ଚାଟରାପାଟଣାସ୍ଥିତ ପଦ୍ମଚରଣ ମହାନ୍ତିଙ୍କ ପୁଅ ଦିଲ୍ଲିପ କୁମାର ମହାନ୍ତିଙ୍କ ବନ୍ଧକ ବାସଗୃହ ସମ୍ପତ୍ତିକୁ ବ୍ୟାଙ୍କ ଦଖଲକୁ ନେଇଛି । ଶ୍ରୀ ମହାନ୍ତି ବ୍ୟାଙ୍କରୁ ୨୦୧୮ମସିହାରେ ଋଣ ଗ୍ରହଣ କରି ନଶୁଝିବାରୁ ୨୦୧୯ମସିହାରେ ତାଙ୍କର ଋଣ ଆକାଉଣ୍ଟ ଏନପିଏ ହୋଇଯାଇଥିଲା । ବ୍ୟାଙ୍କ ପକ୍ଷରୁ ତାଙ୍କୁ ବାରମ୍ବାର ତାଗିଦ ସତ୍ତ୍ୱେ ସେ ଋଣ ଶୁଝିନଥିଲେ । ତାଙ୍କ ଉପରେ ବ୍ୟାଙ୍କର ପ୍ରାୟ ୮୬ଲକ୍ଷ ଟଙ୍କା ଋଣ ଦେୟ ବକେୟା ରହିଛି । ବ୍ୟାଙ୍କର ଏହି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣରେ କେନ୍ଦ୍ରାପଡାର ଅତିରିକ୍ତ ତହସିଲଦାର ନିରଞ୍ଜନ ଗୁରୁ ମ୍ୟାଜିଷ୍ଟ୍ରେଟ ଭାବେ ଉପସ୍ଥିତ ରହି ଆଇନ୍ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିଥିଲେ । ପୋଲିସ ଫୋର୍ସ ସହିତ କେନ୍ଦ୍ରାପଡା ଟାଉନ୍ ଥାନା ଭାରପ୍ରାପ୍ତ ଅଧିକାରୀ ଶୁଭେନ୍ଦୁ କୁମାର ସାହୁ ଏବଂ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସୁରେଶ ଚନ୍ଦ୍ର ପରିଡାଙ୍କ ଉପସ୍ଥିତିରେ ଶ୍ରୀ ମହାନ୍ତିଙ୍କ ଘରଟିକୁ ତାଲା ପକାଇ ବନ୍ଦ କରି ସିଲ କରି ଦିଆଯାଇଛି ।

## ମା’ ବାସୁଳେଇଙ୍କ ମନ୍ଦିରରୁ ଅଳଙ୍କାର ଲୁଟ



ଡେରାବିଶ,୨୨।୯ (ସଂଚାର ବ୍ୟୁରୋ): ଡେରାବିଶ ଥାନା ଅଧୀନ ଚାଟରାଚକଡ଼ା ପଞ୍ଚାୟତ ଚାଟରାସ୍ଥିତ ମା ବାସୁଳେଇଙ୍କ ମନ୍ଦିର ଭିତରୁ ସୋମବାର ଦିନ ଦ୍ୱିପ୍ରହରରେ ମାଙ୍କ ମୂର୍ତ୍ତି ପିନ୍ଧାଯାଇଥିବା ଅଳଙ୍କାର ସହ ମାଙ୍କ ରୁପା ଆଖିକୁ କେହି ଦୁର୍ବୃତ୍ତ ତାଡ଼ିନେଇଥିବା ନେଇ ଗ୍ରାମବାସୀମାନେ ଥାନାରେ ଅଭିଯୋଗ କରିଛନ୍ତି। ଲୁଟ ଖବର ପାଇ ସ୍ଥାନୀୟ ଗ୍ରାମବାସୀଙ୍କ ପକ୍ଷରୁ ପ୍ରଥମେ ୧୧୨କୁ କଲ୍ କରିବା ପରେ ଘଟଣା ସ୍ଥଳରେ ପୋଲିସ୍ ପହଞ୍ଚିଥିଲେ। ବ୍ଲକ ଅଞ୍ଚଳରେ ପ୍ରସିଦ୍ଧିଲାଭ କରିଥିବା ଏହି ପୀଠଟି ଲୋକଙ୍କର ଭକ୍ତି ଓ ବିଶ୍ୱାସର ପ୍ରତୀକ। ତେବେ ଦିନ ଦ୍ୱିପ୍ରହରରେ ଏଭଳି ଘଟଣା ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଚକିତ କରିଛି। ଗତ ଦୁଇସପ୍ତାହ ତଳେ ମାଙ୍କ ମନ୍ଦିର ନିକଟରେ ଥିବା ବିଦ୍ୟାଳୟ ଶ୍ରେଣୀ ଗୃହର ତାଲା ଭାଙ୍ଗି ପଙ୍ଖା ସହ ବିଦ୍ୟୁତ୍ ସରଞ୍ଜାମ ଚୋରି, ଗୃହକର୍ତାଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଦୁଇଜଣ ବ୍ୟକ୍ତିଙ୍କ ଘରୁ ବହୁ ମୂଲ୍ୟବାନ ସାମଗ୍ରୀ ଚୋରି ଘଟଣା ପରେ ଆଜି ଦିନ ଦ୍ୱିପ୍ରହରରେ ମାଙ୍କ ମନ୍ଦିରରୁ ଚୋରି ଡେରାବିଶ ପୋଲିସକୁ ଖୋଲା ଚାଲେଞ୍ଜ ସୃଷ୍ଟି କରିଛି। ଗତ ଦୁଇସପ୍ତାହ ମଧ୍ୟରେ ବାରମ୍ବାର ଚୋରି ଘଟଣାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କଲାଣି। ପୋଲିସ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଚାଟରା ଗ୍ରାମବାସୀଙ୍କ ପକ୍ଷରୁ ଲକ୍ଷ୍ମୀକାନ୍ତ ମହାନ୍ତି ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ଗଣେଶ ଭସାଣି ଉତ୍ସବରେ ବାଜୁଥିବା ଦୁଇ ଡିଜେକୁ ଜବତ କଲା ପୁଲିସ



ଡେରାବିଶ,୨୨।୯ (ସଂଚାର ବ୍ୟୁରୋ):ପାର୍ବଣ ଋତୁରେ ଶବ୍ଦ ପ୍ରଦୁଷଣ ରୋକିବା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ଭସାଣୀ ଶୋଭାଯାତ୍ରରେ ଉଚ୍ଚ ଶକ୍ତି ସମ୍ପନ୍ନ ଡିଜେ ବାଜାକୁ ସମ୍ପୂର୍ଣ୍ଣ ନିସିଦ୍ଧ କରାଯାଇଛି। ଏସପି ସିଦ୍ଧାର୍ଥ କଟାରିଆ ବିଭିନ୍ନ ଥାନା ଅଞ୍ଚଳରେ ଅନୁଷ୍ଠିତ ହେଉଥିବା ଗଣେଶ ଶୋଭାଯାତ୍ରାରେ ଡିଜେ ବାଦ୍ୟ ଉପରେ ସମ୍ପୂର୍ଣ୍ଣ ନିଷେଧାଦେଶ ଜାରି କରିଥିବା ବେଳେ ଶୋଭାଯାତ୍ରା ପାଇଁ ସମ୍ପୃକ୍ତ ଥାନାରୁ ଅନୁମତି ନେଇ ଶୃଙ୍ଖଳାର ସହ ଭସାଣୀ ଶୋଭାଯାତ୍ରା କରିବା ପାଇଁ ନିର୍ଦ୍ଦେଶ ରହିଛି। ମାତ୍ର ଡେରାବିଶ ଥାନା ଅଧିନସ୍ଥ ଲକ୍ଷ୍ମୀନାରାୟଣପୁର ଗ୍ରାମରେ ରବିବାର ରାତିରେ ଅନୁଷ୍ଠିତ ଗଣେଶ ଭଷାଣୀ ଉତ୍ସବରେ ବାଜୁଥିବା ଦୁଇଟି ଉଚ୍ଚ ଶକ୍ତିସମ୍ପନ୍ନ ଡିଜେ ଗାଡିକୁ ଡେରାବିଶ ପୁଲିସ ଜବତ କରିଛି। ଉଭୟ ଡିଜେ ଗାଡିର ଚାଳକଙ୍କୁ ଥାନାରେ ଅଟକ ରଖାଯିବା ସହ ଏ ନେଇ କେଶ ନମ୍ବର ୨୩୧/୨୬ରେ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ଅମ୍ବିକା ପ୍ରସାଦ ଦାସ ସୂଚନା ଦେଇଛନ୍ତି। ପାର୍ବଣ ଋତୁରେ ବିଭିନ୍ନ ପୂଜା ପାଇଁ ଏହି ନୟମ କଡାକଡି ଭାବେ ପାଳନ କରିବାକୁ ଥାନା ଅଧିକାରୀ ସମସ୍ତ ପୂଜା କମିଟିମାନଙ୍କୁ ପରାମର୍ଶ ଦେଇଛନ୍ତି।

## ସାପ କାମୁଡ଼ାରେ ଯୁବତୀ ଗୁରୁତର

ହିଞ୍ଜିଳିକାଟୁ,୨୨।୯ (ସଂଚାର ବ୍ୟୁରୋ):ହିଞ୍ଜିଳି ବ୍ଲକ ପୁରୁଣା ବୁରୁପଡା ଗ୍ରାମରେ ସାପ କାମୁଡ଼ାରେ ଯୁବତୀ ଆହତ ହୋଇଛନ୍ତି |ଆହତ ଯୁବତୀ ହେଲେ ଲକ୍ଷ୍ମୀ ପ୍ରଧାନ (୩୦) | ପରିବାର ଲୋକେ ପ୍ରଥମେ ହିଞ୍ଜିଳି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ | ସାପ କାମୁଡା ଇଞ୍ଜେକ୍ସନ ନେବା ପରେ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଥିବା ଜଣାପଡିଛି ।

# ମହାକାଳପଡ଼ାରେ ନାହାନ୍ତି ସ୍ଥାୟୀ ସିଡିପିଓ

**୩୧୧ ଅଙ୍ଗନବାଡ଼ି କେନ୍ଦ୍ର ପାଇଁ ଅଛନ୍ତି ୪ ସୁପରଭାଇଜର, ୯ ପଦବୀ ଖାଲି**

**ଶିଶୁଙ୍କ ପୋଷଣ ଓ ସେବା ବ୍ୟବସ୍ଥା ନେଇ ବଢ଼ୁଛି ଚିନ୍ତା**




ମହାକାଳପଡ଼ା,୨୨।୯ (ସଂଚାର ବ୍ୟୁରୋ): ଶିଶୁଙ୍କ ପୋଷଣ ଓ ପ୍ରାରମ୍ଭିକ ଶିକ୍ଷାର ମୂଳ ଭିତ୍ତି ଅଙ୍ଗନୱାଡ଼ି କେନ୍ଦ୍ର । ତେବେ ଏହି ବ୍ୟବସ୍ଥାର ତଦାରଖ ଦାୟିତ୍ୱରେ ଥିବା କର୍ମଚାରୀ ଅଭାବ ଏବେ ମହାକାଳପଡ଼ାରେ ଚିନ୍ତାର କାରଣ ହୋଇଛି। ୩୧୧ଟି ଅଙ୍ଗନୱାଡ଼ି କେନ୍ଦ୍ର ପାଇଁ ମାତ୍ର ୪ ଜଣ ସୁପରଭାଇଜର କାର୍ଯ୍ୟରତ ଥିବା ବେଳେ ୯ଟି ପଦବୀ ଖାଲି ପଡ଼ିଛି। ଏହା ସହିତ ଦୀର୍ଘଦିନ ଧରି ସ୍ଥାୟୀ ସିଡିପିଓ ନିଯୁକ୍ତି ହୋଇନଥିବା ଅଭିଯୋଗ ମହାକାଳପଡ଼ାର ଶିଶୁ ସେବା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ମହାକାଳପଡ଼ା ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ଅଧୀନରେ ୩୧ଟି ପଞ୍ଚାୟତରେ ମୋଟ ୩୧୧ଟି ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। ଏହି କେନ୍ଦ୍ରଗୁଡ଼ିକରେ ୮ ହଜାରରୁ ଅଧିକ ଶିଶୁ ଶିକ୍ଷା, ପୋଷଣ ଓ ଅନ୍ୟାନ୍ୟ ସେବା ପାଉଛନ୍ତି। କେନ୍ଦ୍ରଗୁଡ଼ିକର ସୁଚାରୁ ପରିଚାଳନା ଓ ନିୟମିତ ତଦାରଖ ପାଇଁ ୧୩ଟି ସେକ୍ଟରରେ ୧୩ ଜଣ ସୁପରଭାଇଜରଙ୍କ ପଦବୀ ରହିଥିବା ବେଳେ ବର୍ତ୍ତମାନ ମାତ୍ର ୪ ଜଣ କାର୍ଯ୍ୟରତ ଅଛନ୍ତି। ଫଳରେ ୯ଟି ପଦବୀ ଖାଲି ପଡ଼ିଛି। ଏତେ ସଂଖ୍ୟକ କେନ୍ଦ୍ର ଓ ଶିଶୁଙ୍କ ଦାୟିତ୍ୱ ମାତ୍ର ୪ ଜଣ ସୁପରଭାଇଜରଙ୍କ ଉପରେ ରହିଥିବାରୁ ତଦାରଖ ବ୍ୟବସ୍ଥା କେତେଦୂର ପ୍ରଭାବିତ ହେଉଛି, ତାହା ନେଇ ଅଭିଭାବକ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଛି।

ଅନ୍ୟପକ୍ଷରେ, ପୂର୍ବତନ ସିଡିପିଓ କବିତା ମଲ୍ଲିକ ଅବସର ନେବା ପରଠାରୁ ଏଯାଏଁ ସ୍ଥାୟୀ ସିଡିପିଓ ନିଯୁକ୍ତ ହୋଇ ନାହାନ୍ତି । ସ୍ଥାୟୀ ଅଧିକାରୀଙ୍କ ଅନୁପସ୍ଥିତିରେ କାର୍ଯ୍ୟାଳୟର ପ୍ରଶାସନିକ କାର୍ଯ୍ୟ ଓ ସାଧାରଣ ଲୋକଙ୍କ ସେବା ପ୍ରଦାନ ବ୍ୟବସ୍ଥାକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି। ଦାୟିତ୍ୱରେ ଥିବା ଅଧିକାରୀ ନିୟମିତ ଓ ଠିକ୍ ସମୟରେ କାର୍ଯ୍ୟାଳୟକୁ ଆସୁନଥିବାରୁ ଦୂରଦୂରାନ୍ତରୁ ବିଭିନ୍ନ କାମ ପାଇଁ ଆସୁଥିବା ଲୋକେ ନିରାଶ ହୋଇ ଫେରୁଥିବା ଅଭିଯୋଗ ମଧ୍ୟ ହୋଇଛି। ତେବେ ଏହି ଅଭିଯୋଗ ଉପରେ ସମ୍ପୃକ୍ତ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିନାହିଁ।

ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକ କେବଳ ଶିଶୁଙ୍କ ଶିକ୍ଷାର କେନ୍ଦ୍ର ନୁହେଁ; ଏଠାରେ ଶିଶୁଙ୍କ ପୋଷଣ, ସ୍ୱାସ୍ଥ୍ୟ ସଚେତନତା ଓ ମାତୃ-ଶିଶୁ ସେବା ସହ ଜଡ଼ିତ ଅନେକ କାର୍ଯ୍ୟ ସମ୍ପାଦିତ ହୁଏ। ତେଣୁ ଏତେ ବଡ଼ ଅଞ୍ଚଳରେ ଆବଶ୍ୟକ ସୁପରଭାଇଜର ଓ ସ୍ଥାୟୀ ସିଡିପିଓ ନଥିବା ସ୍ଥିତିରେ ଶିଶୁଙ୍କ ଗୁଣାତ୍ମକ ସେବା ଯୋଗାଣ ଓ ନିୟମିତ ତଦାରଖ କିପରି ସୁନିଶ୍ଚିତ ହେଉଛି, ତାହା ନେଇ ସ୍ପଷ୍ଟତା ଆବଶ୍ୟକ ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

# ମରଣଯନ୍ତା ପାଲଟିଛି ଗଣ୍ଡାଖିଆ ସାନ୍ତସାହି ରାସ୍ତା



କେନ୍ଦ୍ରାପଡ଼ା,୨୨।୯ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ସାନ୍ତସାହି ପୋଲଠାରୁ ବ୍ଲକ ଦେଇ ଚାରିଗୋଟି ପଂଚାୟତ ସହିତ ପଟ୍ଟାମୁଣ୍ଡାଇ, ରାଜନଗର, ମହାକାଳପଡା ପ୍ରତି ତିନିଗୋଟି ବ୍ଲକର ଜନସାଧାରଣ ଲୋକ ଯାତାୟତ କରୁଥିବା ଏହି ପ୍ରମୁଖ ରାସ୍ତାଟି ମରଣଯନ୍ତା ପାଲଟିଛି । ପ୍ରତ୍ୟେକ ବର୍ଷ ଏହି ରାସ୍ତା ନିର୍ମାଣ ପାଇଁ ୨୦ ରୁ ୨୫ ଲକ୍ଷ୍ୟ ଟଙ୍କା ଖର୍ଚ୍ଚ ହେଉଥିବାବେଳେ ରାସ୍ତାଟି ବର୍ଷ ଶେଷ ପୂର୍ବରୁ ପୁଣି ଖରାପ୍ ହୋଇଯାଉଛି ।

ବର୍ତ୍ତମାନ ଏହି ରାସ୍ତାଟି ଅତି ଶୋଚନୀୟ ହୋଇ ପଡିବାରୁ ଦୈନିକ ଯାତାୟତ କରୁଥିବା ସାଇକେଲ୍, ମଟର ସାଇକେଲ୍, ଚାରିଚକିଆ ଯାନ ଓ ଛଅ ଚକିଆ ଯାନ ଯାତାୟତ କରିପାରୁନଥିବାବେଳେ ଦୈନ୍ୟଦିନ ଯାତ୍ରୀମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି । ଏପରିକି ଜରୁରୀ ସେବା ଗାଡି ଗୁଡିକ ଆମ୍ବୁଲାନ୍ସ, ଦମକଳ ଗାଡି ଯାତାୟତ କରିପାରୁନାହିଁ । ସ୍କୁଲ୍ ଛାତ୍ରଛାତ୍ରୀ, ବରିଷ୍ଠ ନାଗରିକ, ଗର୍ଭବତୀ ମହିଳାମାନେ ଯାତାୟତରେ ଘୋର୍ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ରାସ୍ତା ନିର୍ମାଣରେ ବ୍ୟାପକ ଅନୀୟମିତତା ହେଉଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି ।

ରାସ୍ତାକୁ ସମ୍ପୂର୍ଣ୍ଣ ରୂପେ ମରାମତି କରିବା ସହ ଏହାକୁ ଉଚ୍ଚମାନର କରିବା ପାଇଁ ରାଜ୍ୟ ସରପଂଚ ସଂଘର ପୂର୍ବତନ ସଭାପତି ଓ କଂସାର ପଂଚାୟତର ପୂର୍ବତନ ସଭାପତି ପ୍ରଦ୍ୟୁମ୍ନ କୁମାର ଜେନା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

**ଭିନ୍ନକ୍ଷମ ଭୀମଭୋଇ ସାମର୍ଥ୍ୟ ଶିବିର**

## ପଞ୍ଜିକୃତ ହେଲା ୨୪୦ ଆବେଦନ




ମହାକାଳପଡ଼ା,୨୨।୯(ସଂଚାର ବ୍ୟୁରୋ): ମହାକାଳପଡ଼ା ବ୍ଲକ୍ ସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ପରୀକ୍ଷା, ପରାମର୍ଶ ସହ ବିଭିନ୍ନ ସରକାରୀ ସୁବିଧା ଓ ସହାୟତା ଯୋଗାଇଦେବା ଉଦ୍ଦେଶ୍ୟରେ ଏହି ଶିବିର ଆୟୋଜିତ ହୋଇଥିଲା। ବ୍ଲକର ବିଭିନ୍ନ ପଞ୍ଚାୟତରୁ ବହୁ ସଂଖ୍ୟକ ଭିନ୍ନକ୍ଷମ ବ୍ୟକ୍ତି ଶିବିରରେ ଯୋଗଦେଇଥିଲେ। ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରି ଶିବିରର ଉଦ୍‌ଘାଟନ କରିଥିଲେ। ବିଡିଓ ରବିନାରାୟଣ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାକୁ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ରଞ୍ଜନ ପରିଡ଼ା ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମୀରାରାଣୀ ମହାନ୍ତି, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ସଂଗ୍ରାମ କେଶରୀ ବେଉରା, ବିଧାୟକଙ୍କ ପ୍ରତିନିଧି ସରୋଜକାନ୍ତ ସାହୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ସହାୟକ ଉମାକାନ୍ତ ଜେନାଙ୍କ ଉପସ୍ଥିତିରେ ଶିବିରର ସମସ୍ତ କାର୍ଯ୍ୟକ୍ରମ ସୁଚାରୁ ରୂପେ ପରିଚାଳିତ ହୋଇଥିଲା।

ଶିବିରରେ ଅସ୍ଥିଶଲ୍ୟ, ଶ୍ରବଣବାଧିତ, ଦୃଷ୍ଟିବାଧିତ, ମାନସିକ ଅକ୍ଷମତା ଓ ଶିଶୁ ସମ୍ପର୍କିତ ବିଭାଗର ବିଶେଷଜ୍ଞମାନେ ଯୋଗଦେଇ ଆବଶ୍ୟକୀୟ ପରୀକ୍ଷା ଓ ପରାମର୍ଶ ପ୍ରଦାନ କରିଥିଲେ। ଏଥିସହ ନିଯୁକ୍ତିଭିତ୍ତିକ ତାଲିମ ଓ ବିଭିନ୍ନ ସରକାରୀ ସୁବିଧା ସମ୍ପର୍କରେ ମଧ୍ୟ ଭିନ୍ନକ୍ଷମ ବ୍ୟକ୍ତିଙ୍କୁ ସୂଚନା ଓ ପରାମର୍ଶ ଦିଆଯାଇଥିଲା। ଶିବିରରେ ମୋଟ ୨୪୦ ଜଣ ଭିନ୍ନକ୍ଷମ ବ୍ୟକ୍ତି ପଞ୍ଜିକରଣ କରିଥିବାବେଳେ ସମସ୍ତଙ୍କର ଡାକ୍ତରୀ ପରୀକ୍ଷା କରାଯାଇଥିଲା।

# ୫ଦିନ ହେବ ଅନେକ ସ୍କୁଲ୍‌ରେ ବିଦ୍ୟୁତ ନାହିଁ

**ଟାଟା ପାୱାରର ମନମାନି**

**ବିନା ନୋଟିସରେ କଟିଲା ବିଦ୍ୟୁତ, ଛାତ୍ରଛାତ୍ରୀ ହନ୍ତସନ୍ତ**

**ଦୁଇ ବିଭାଗ କୁମ୍ଭକର୍ଣ୍ଣ ନିଦ୍ରାରେ**

ଆଳି,୨୨।୯ (ସଂଚାର ବ୍ୟୁରୋ): ସମଗ୍ର ଓଡିଶାରେ ବିଦ୍ୟୁତ ବିଲ ପୈଠ କରି ନ ଥିବାରୁ ବିଦ୍ୟୁତ ବିଭାଗ ବିଦ୍ୟୁତ ସଂଯୋଗ କାଟି ଦେଇଥିବା ବେଳେ ଆଳି ବ୍ଲକର ୧୨ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟୁତ ସଂଯୋଗ କାଟି ଦିଆଯାଇଛି। ୫ ଦିନ ହେବ ହନ୍ତସନ୍ତ ହେଉଛନ୍ତି ଛାତ୍ରଛାତ୍ରୀ। ଶ୍ରେଣୀ ପ୍ରକୋଷ୍ଠ ଅନ୍ଧାର ସାଙ୍ଗକୁ ଅସହ୍ୟ ଗୁଳୁଗୁଳିରେ ଛାତ୍ର ଛାତ୍ରୀ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ସ୍ମାର୍ଟ କ୍ଲାସ ପାଠ ପଢ଼ା ଏବଂ ଅନ୍ୟାନ୍ୟ କାର୍ଯ୍ୟ କରିବା ଅସମ୍ଭବ ହୋଇପଡିଛି। ସବୁଠୁ ବଡ଼ ଅସୁବିଧା ଛାତ୍ର ଛାତ୍ରୀ ଓ ଶିକ୍ଷକ ସିକ୍ଷତ୍ରୀ ମାନେ ଶୌଚାଳୟ ବ୍ୟବହାର କରି ନପାରି ପଦାକୁ ଯାଉଥିବା ଦେଖା ଯାଇଛି। ବିଦ୍ୟାଳୟରେ ବିଦ୍ୟୁତ ଭଳି ମୌଳିକ ସୁବିଧା ବନ୍ଦ ହୋଇଯିବାରୁ ଅଭିଭାବକଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି।

ଅନ୍ୟପଟେ ଟାଟା ପାୱାର ବିନା ନୋଟିସରେ ବିଦ୍ୟୁତ ସଂଯୋଗ କାଟିବା କୋଉଠି ନା କୋଉଠି ଟାଟା ପାୱାର ମନ ମାନି ପ୍ରମାଣ କରୁଛି। ତୁରନ୍ତ ବକେୟା ବିଦ୍ୟୁତ ବିଲ ପୈଠ ନ ହେବା ପଛରେ ସମ୍ପୃକ୍ତ ଶକ୍ତି , ଶିକ୍ଷା ବିଭାଗ ଗୁଡିକର ସମ୍ବନ୍ନୟ ଅଭାବ ଥିବା ନେଇ ଅଭିଯୋଗ ହେଉଛି। ତୁରନ୍ତ ବକେୟା ବିଲ ପୈଠ କରି ପୁନଃ ସଂଯୋଗ ସହ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ନିରବଛିନ୍ନ ବିଦ୍ୟୁତ ବ୍ୟବସ୍ଥା ଯୋଗାଇ ଦେବାକୁ ଦାବି ହେଉଛି।

## ବେଟି ବଚାଓ, ବେଟି ପଢ଼ାଓ ଅଭିଯାନ



ପଟ୍ଟାମୁଣ୍ଡାଇ,୨୨।୯ (ସଂଚାର ବ୍ୟୁରୋ): ପଟ୍ଟାମୁଣ୍ଡାଇ ବ୍ଲକରେ ବେଟି ବଚାଓ ବେଟି ପଢ଼ାଓ ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ପଟ୍ଟାମୁଣ୍ଡାଇ ବ୍ଲକ ସି ଡି ପି ଓ ଲକ୍ଷ୍ମୀମଣି ସିଂଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକ ଅତିରିକ୍ତ ବି ଡି ଓ ନନ୍ଦିନୀ ଶତପଥୀ, ପଟ୍ଟାମୁଣ୍ଡାଇ ସବଡିଭିଜନ ହସ୍ପିଟାଲ ଚକ୍ଷୁ ରୋଗ ବିଶେଷଜ୍ଞ ଡା ସନ୍ତୋଷ ବିଶ୍ୱାଳ, ସହକାରୀ ବ୍ଲକ ଶିକ୍ଷାଧିକାରୀ ସୁନିତୀ ଦାଶ ସରକାରୀ ଓକିଲ ଧୀରେନ୍ଦ୍ର ନାଥ ସାହୁ ବ୍ଲକ ମିଶନଶକ୍ତି ସଂଯୋଜକ ପ୍ରଭୁ ଧବଳେଶ୍ୱର ବରାଳ ପ୍ରମୁଖ ଯୋଗ ଦେଇ ନାରୀ ଭୃଣ ହତ୍ୟା ଆଇନଗତ ଅପରାଧ । ଏଇ ପରିପ୍ରେକ୍ଷୀରେ ବେଟିକୁ ବଢ଼ିବାକୁ ଦେବା ସହିତ ବେଟିକୁ ପଢ଼ାଇ ଉଚ୍ଚଶିକ୍ଷିତ କରି ସମାଜରେ ପ୍ରତିଷ୍ଠିତ କରିବାକୁ ପରାମର୍ଶ ଦେଇଥିଲେ । ବେଟି ଉଚ୍ଚଶିକ୍ଷିତ ହେଲେ ସୁସ୍ଥ ବିକଶିତ ସମାଜ ଗଠନ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ମିଶନଶକ୍ତି ସଭାପତି ସମ୍ପାଦକ ଅଙ୍ଗନବାଡି, ଆଶା କର୍ମୀ, ମହିଳା ଓ କିଶୋର ବାଳିକାମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ପରିଦର୍ଶିକା ମଧୁସ୍ମିତା ବେହେରା, ହସ୍ପିଟାଲ ବି ପି ଏମ ଚିତ୍ତ ରଞ୍ଜନ ଚାନ୍ଦ, ପ୍ରମିଳା ଜେନା ଓ ସୋନାଲି ପରିଡା ପ୍ରମୁଖ ପରିଚାଳନା କରିଥିଲେ ।

## ୱାରସ ସଂଶୋଧନ (କଲମ-୨) ପଟ୍ଟାର ସାମୂହିକ ବିତରଣ




କେନ୍ଦ୍ରାପଡ଼ା,୨୨।୯ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ତହସିଲ ଅଧୀନରେ ୱାରସ ସଂଶୋଧନ (କଲମ-୨) ସମ୍ବନ୍ଧୀୟ ପଟ୍ଟାର ସାମୂହିକ ବିତରଣ କାର୍ଯ୍ୟକ୍ରମ ଆଜି କେନ୍ଦ୍ରାପଡ଼ା ତହସିଲ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାପାଳ ଶ୍ରୀ ରଘୁରାମ ଆର. ଆୟର ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀମାନଙ୍କୁ ପଟ୍ଟା ବଣ୍ଟନ କରିଥିଲେ। ୱାରସ ସଂଶୋଧନ ପ୍ରକ୍ରିୟା ମାଧ୍ୟମରେ ଜମିଜମା ସମ୍ବନ୍ଧୀୟ ଅଧିକାରକୁ ସୁନିଶ୍ଚିତ କରିବା ସହ ହିତାଧିକାରୀମାନଙ୍କୁ ସରକାରୀ ରେକର୍ଡରେ ସଠିକ୍ ଭାବେ ଅନ୍ତର୍ଭୁକ୍ତ କରିବା ଦିଗରେ ପ୍ରଶାସନ ପକ୍ଷରୁ ଗୁରୁତ୍ୱ ଦିଆଯାଉଥିବା ଜିଲ୍ଲାପାଳ ପ୍ରକାଶ କରିଥିଲେ।

ଆଜିର କାର୍ଯ୍ୟକ୍ରମରେ କେନ୍ଦ୍ରାପଡ଼ା ତହସିଲ ଅଧୀନରେ ପ୍ରାୟ ୩,୦୦୦ ହଜାରରୁ ଅଧିକ ପଟ୍ଟା ହିତାଧିକାରୀମାନଙ୍କୁ ବଣ୍ଟନ କରାଯାଇଛି। ଏହା ଫଳରେ ଦୀର୍ଘଦିନ ଧରି ୱାରସ ସଂଶୋଧନ ଓ ଜମି ରେକର୍ଡ ସମ୍ବନ୍ଧୀୟ ପ୍ରକ୍ରିୟାରେ ଥିବା ହିତାଧିକାରୀମାନେ ନିଜ ଅଧିକାରର ସ୍ୱୀକୃତି ପାଇପାରିଛନ୍ତି। ଜିଲ୍ଲାପାଳ ହିତାଧିକାରୀମାନଙ୍କ ସହ ଆଲୋଚନା କରି ପଟ୍ଟା ପାଇବା ପରେ ଜମି ସମ୍ବନ୍ଧୀୟ ରେକର୍ଡ, ଅଧିକାର ଓ ଅନ୍ୟାନ୍ୟ ଆବଶ୍ୟକୀୟ ଦସ୍ତାବିଜ ସୁରକ୍ଷିତ ରଖିବା ସହିତ ଆବଶ୍ୟକ ସରକାରୀ ସେବା ପାଇଁ ରାଜସ୍ୱ କାର୍ଯ୍ୟାଳୟ ସହ ଯୋଗାଯୋଗ କରିବାକୁ ପରାମର୍ଶ ଦେଇଥିଲେ।

କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ତହସିଲଦାର କୁଇନି ଜେନା, ଅତିରିକ୍ତ ତହସିଲଦାରଙ୍କ ସମେତ ତହସିଲ କାର୍ଯ୍ୟାଳୟର କର୍ମଚାରୀମାନେ ଉପସ୍ଥିତ ଥିଲେ। ପଟ୍ଟା ବଣ୍ଟନ ପ୍ରକ୍ରିୟାକୁ ସୁଚାରୁ ଓ ସ୍ୱଚ୍ଛ ଭାବେ ସମ୍ପନ୍ନ କରିବା ପାଇଁ ତହସିଲ ପ୍ରଶାସନ ପକ୍ଷରୁ ଆବଶ୍ୟକ ବ୍ୟବସ୍ଥା କରାଯାଇଥିଲା। ବହୁ ସଂଖ୍ୟକ ହିତାଧିକାରୀ ଏହି ସାମୂହିକ ପଟ୍ଟା ବିତରଣ କାର୍ଯ୍ୟକ୍ରମରୁ ଉପକୃତ ହୋଇଥିଲେ।

## କ୍ଲଷ୍ଟରସ୍ତରୀୟ ଚିତ୍ରାଙ୍କନ, ବକ୍ତୃତା ପ୍ରତିଯୋଗିତା




ମାର୍ଶାଘାଇ,୨୨।୯ (ସଂଚାର ବ୍ୟୁରୋ): ମାର୍ଶାଘାଇ ବ୍ଲକ ଦଶିପୁର ପଞ୍ଚାୟତ ଆଦମପୁର ବାଲଣା ନାରାୟଣୀ ଉଚ୍ଚ ବିଦ୍ୟାଳୟ ପରିସରରେ ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ କ୍ଲଷ୍ଟରସ୍ତରୀୟ ଚିତ୍ରାଙ୍କନ ଏବଂ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ବିଜେପି ପ୍ରବକ୍ତା ସଞ୍ଜୟ ରଥ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ଏବଂ ସମ୍ମାନିତ ଅତିଥି ଭାବରେ ବଟୀଘର ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନଶିକ୍ଷକ ଅଭୟ ଦାସ ଯୋଗଦେଇଥିଲେ। ନାରାୟଣୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କିରଣବାଳା ବେହେରା ସଭାପତିତ୍ୱ କରିଥିବା ବେଳେ ସିଆରସିସି ନିବେଦିତା ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ‘ବେଟି ବଚାଓ ବେଟି ପଢ଼ାଓ’ ଉପରେ ସମନ୍ୱୟ ବୈଠକ




ସୁନ୍ଦରଗଡ଼,୨୨।୯ (ସଂଚାର ବ୍ୟୁରୋ): ମଙ୍ଗଳବାର ଦିନ ସ୍ଥାନୀୟ ସଦଭାବନା ଭବନଠାରେ 'ବେଟି ବଚାଓ ବେଟି ପଢାଓ' ଅନ୍ତର୍ଭୁକ୍ତ ଜିଲ୍ଲା ସ୍ତରୀୟ ସମନ୍ୱୟ ବୈଠକ ଓ "ଶିଶୁ ପାଇ ଦିନ ଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୂରଜ କୁମାର ପଟ୍ଟନାୟକ ଏବଂ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଫିସର ଉପସ୍ଥିତ ରହି ପ୍ରାସଙ୍ଗିକ ବିଷୟ ଗୁଡ଼ିକ ଉପରେ ଆଲୋଚନା କରି ଥିଲେ। ସେହିଭଳି ବାଲ୍ୟ ବିବାହ ପ୍ରତିରୋଧ ପାଇଁ କି କି ପଦକ୍ଷେପ ଗ୍ରହଣ କରାଯାଇଛି ତା ଉପରେ ମଧ୍ୟ ଉପସ୍ଥାପନ କରାଯାଇଥିଲା। ଜିଲା ଶିକ୍ଷା ଅଧିକାରୀ ଛାତ୍ରୀ ମାନଙ୍କ ଶିକ୍ଷା ପାଇଁ କଣ କଣ ସୁବିଧା ସୁଯୋଗ ରହିଛି ତା ଉପରେ ଆଲୋଚନା କରିଥିଲେ। ସେହିପରି ସ୍ୱାସ୍ଥ୍ୟ ବିଭାଗ, ଜିଲ୍ଲା ପୋଲିସ ବିଭାଗ, ଶ୍ରମ ବିଭାଗ ନିଜ ନିଜ ବିଭାଗରେ ଶିଶୁ ମାନଙ୍କ ସୁରକ୍ଷା ନିମନ୍ତେ ଗ୍ରହଣ କରାଯାଇଥିବା ପଦକ୍ଷେପ ଗୁଡିକ ଉପରେ ଆଲୋକପାତ କରି ଥିଲେ।

ସାମ୍ପ୍ରତିକ ସମୟରେ ତୃଣମୂଳ ସ୍ତରରୁ ଉଦ୍ୟମ କରି ସଚେତନତା ର ଅଭିଯାନ ଆରମ୍ଭ କରି ଶିଶୁ ମାନଙ୍କ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱାରୋପ ପ୍ରଦାନ କରାଯିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା।

ବୈଠକରେ ବାଲ୍ୟ ବିବାହ ପ୍ରତିରୋଧ କରି ସିଡିପିଓମାନେ ପଦକ୍ଷେପ ଗ୍ରହଣ କଲା ପରେ ମଧ୍ୟ ପରବର୍ତୀ ସମୟରେ ବିଭିନ୍ନ ସମସ୍ୟା ଉପୁଜୁଥିବା ନେଇ ପୋଲିସ ବିଭାଗର ଦୃଷ୍ଟି ଆକର୍ଷଣ କରା ଯାଇଥିଲା। ଗ୍ରାମ ଶିଶୁ ସୁରକ୍ଷା କମିଟିର ନିୟମିତ ବୈଠକ, କିଶୋର ଟ୍ରାକିଙ୍ଗ ଖାତା ପୂରଣ, ବାଲ୍ୟ ବିବାହ ମୁକ୍ତ ଗ୍ରାମ ଓ ବାଲ୍ୟ ବିବାହ ମୁକ୍ତ ପଞ୍ଚାୟତ ଘୋଷଣା ପାଇଁ ବିହିତ ପଦକ୍ଷେପ ଗ୍ରହଣ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା।

## ସମର ଶିକ୍ଷାର୍ଥୀ ବାହିନୀରେ ଯୋଗଦେଲେ ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟର ଛାତ୍ରଛାତ୍ରୀ



କେନ୍ଦ୍ରାପଡା,୨୨।୯ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ସାନ୍ଧ୍ୟ ସ୍ନାତକ ମହାବିଦ୍ୟାଳୟର ଛାତ୍ର/ଛାତ୍ରୀମାନେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ -୧ ଓଡିଶା ବାଟାଲିଆନ୍ ଆର୍ମି ମେଡିକାଲ କର୍ପସ ବିଭାଗରେ ସଫଳଭାବେ ଯୋଗ ଦେଇଥିବା ଜଣାପଡିଛି । ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷା ଶ୍ରୀମତୀ ଆଦ୍ୟାରଶ୍ମି ମହାପାତ୍ରଙ୍କ ନିର୍ଦ୍ଦେଶ ଓ ଏନ୍‌ସିସି ଆର୍ମି ମେଡିକାଲ କର୍ପସ ତତ୍ୱାବଧାନରେ ପ୍ରାୟ ୮୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ଉଚ୍ଚତା ଓଜନମାପ ପରେ ଶାରିରୀକ ଦକ୍ଷତା ପ୍ରଦାନ କରାଯାଇଥିଲା। ଏଥିରେ ଏନ୍‌ସିସି ବରିଷ୍ଠ ଅଧିକାରୀଙ୍କ ସହିତ ପି.ଆଇ କର୍ମକର୍ତା ସ୍ୱତନ୍ତ୍ରଭାବେ ଚୟନ କରାଇଥିଲେ । ମହାବିଦ୍ୟାଳୟରେ ଏନ୍‌ସିସି ସେବା ଖୋଲିବାରେ ଅଧ୍ୟକ୍ଷା, ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀ, ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି । ବାସ୍ତବରେ ସେନାବାହିନୀରେ ସାନ୍ଧ୍ୟ ମହାବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀମାନେ ସ୍ଥାନ ପାଇଲେ ଏହା ଅତ୍ୟନ୍ତ ଗୌରବର କଥା ହେବ ବୋଲି ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଏନ୍‌ସିସି ଅଧିକାରୀ ଡଃ. ଗିରିଜାକାନ୍ତ ଦାସ ପରିଚାଳନା କରିଥିଲେ ।

# ଫିନାଇଲ ପିଇ ଛାତ୍ରୀ ଗୁରୁତର, ମେଡିକାଲରେ ଭର୍ତ୍ତି



ନୀଳଗିରି,୨୨।୯ (ସଂଚାର ବ୍ୟୁରୋ): ଧୋବଶିଳା ରେ ଥିବା ଏକ କନ୍ୟାଶ୍ରମରେ ଜୈନିକା ଷଷ୍ଠ ଶ୍ରେଣୀର ଛାତ୍ରୀ ମାମୁଁ ଘରକୁ ଯିବାକୁ ଜିଦ ଧରିଥିବା ବେଳେ ଆଶ୍ରମ କର୍ତ୍ତୃପକ୍ଷ ମନା କରିବାରୁ ରାଗରେ ଫିନାଇଲ ଖାଇ ଅସୁସ୍ଥ ହୋଇଥିବା ବେଳେ ନୀଳଗିରି ମେଡିକାଲରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି।

ସୂଚନା ଯୋଗ୍ୟ କେନ୍ଦୁଝର ଅଞ୍ଚଳ ରେ ସୁକ ସିଂ ଓ ଝୁନା ସିଂ ବାହାର ରାଜ୍ୟରେ ଦାଦନ ଶ୍ରମିକ ଭାବେ କାମ କରନ୍ତି। ତାଙ୍କ ଝିଅ ପିଙ୍କି ସିଂ (୧୧)କନ୍ୟାଶ୍ରମରେ ଗତ ୩ ବର୍ଷ ତଳେ ଅର୍ଥାତ୨୦୨୪ ମସିହାରେ ଚତୁର୍ଥ ଶ୍ରେଣୀରେ ନାମ ଲେଖାଇ ଥିଲେ। ସେ ବର୍ତ୍ତମାନ ଆଶ୍ରମରେ ଅନ୍ତେବାସୀ ଭାବରେ ରହି ପାଠ ପଢିଆସୁ ଅଛନ୍ତି। ଏବେ ସେ ଷଷ୍ଠ ଶ୍ରେଣୀର ଛାତ୍ରୀ। ତେବେ ଗଣେଶ ପୂଜାରେ ଆଈ ଘରକୁ ପିଙ୍କି ଯାଇ ଗତକାଲି କନ୍ୟାଶ୍ରମକୁ ଫେରିଥିଲେ। କିନ୍ତୁ ଆଜି ସକାଳେ ଆଈ ଘରକୁ ଯିବାକୁ ଜିଦ ଧରି ଆଉ କିଛି ଖିଆପିଆ କରିନଥିଲେ। ପିଙ୍କିର ଜିଦ ପାଇଁ ଆଶ୍ରମ କର୍ତ୍ତୃପକ୍ଷ ଆଈ ନିନିକୁ ଫୋନ କରି ନାତୁଣୀକୁ ଆସି ନେଇଯିବାକୁ କହିଥିଲେ। ଗତକାଲି ସୋମବାର ଆଈ ଘରୁ ପିଙ୍କି ଆସିଥିବାରୁ ଆଈ ଘରକୁ ଆସିବାକୁ ମନା କରିଥିଲେ। ପରେ ଅପରାହ୍ଣ ୪ଘଟିକା ସମୟରେ ଆଶ୍ରମ ରେ ଥିବା ଫିନାଇଲ କୁ ରାଗରେ ପିଇ ଦେଇ ଅସୁସ୍ଥ ହୋଇ ପଡ଼ି ବାନ୍ତି କରିଥିଲେ। ଆଶ୍ରମ କର୍ତ୍ତୃପକ୍ଷ ଘଟଣା ଜାଣିବାପରେ ସନ୍ଧ୍ୟା ୫,୩୦ମିନିଟ ସମୟରେ ପିଙ୍କି କୁ ନୀଳଗିରି ମେଡିକାଲରେ ଭର୍ତ୍ତି କରିଥିଲେ। ଏବେ ତାଙ୍କ ପାଖରେ ହାଉସ ମଦର ଗାୟତ୍ରୀ ପ୍ରଧାନ ଜଗି ରହିଥିବା ବେଳେ କାଉନସିଲର ସ୍ୱରୂପା ନାୟକ ଆଶ୍ରମକୁ ଫେରିଯାଇଥିବା ସୂଚନା ମିଳିଛି। ପିଙ୍କିର ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ଜଣା ପଡ଼ିଛି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଅନୁଭାବାତ୍ମକ ଶିକ୍ଷକ ବିକାଶ କାର୍ଯ୍ୟକ୍ରମ



ଫୁଲବାଣୀ,୨୨।୯ (ସଂଚାର ବ୍ୟୁରୋ):ଭାରତ ସରକାରଙ୍କ ଜାତୀୟ ଶିକ୍ଷକ ଶିକ୍ଷା ପରିଷଦ ନିର୍ଦ୍ଦେଶକ୍ରମେ ଅନୁଭାବାତ୍ମକ ଶିକ୍ଷକ ବିକାଶ କାର୍ଯ୍ୟକ୍ରମ ଅନ୍ତର୍ଗତ ୪ ଜଣ କାର୍ଯ୍ୟରତ ପ୍ରଫେସର ଫୁଲବାଣୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଯୋଗଦେଇଛନ୍ତି। ଏହି କାର୍ଯ୍ୟକ୍ରମ ଅବସରରେ ଡ. ଚିତ୍ରସେନ ସେଠୀ ସହକାରୀ ପ୍ରଫେସର (ଜିଓଲୋଜି), ନାଗେନ୍ଦ୍ର ରାୟ ଲେକଚର ଡି ଆଇ ଇ ଟି,ଏସ ଆଇ ଡବ୍ଲ୍ୟୁଏଏନ,ଡ଼ଃ ବିନୋଦ କୁମାର ସିଂ ଡିଆଇଇଟି, ଏସ ଆଇ ଡବ୍ଲ୍ୟୁ ଏ ଏନ,ଡ଼ଃ ଇନ୍ଦ୍ରାଦିପ ଘୋଷ ସହକାରୀ ପ୍ରଫେସର ଜିଓଗ୍ରାଫି ଏବଂ ସନ୍ତୋଷ କୁମାର ପାଢ଼ୀ ବିଭାଗ ନିରୀକ୍ଷକ ଫୁଲବାଣୀ ବିଭାଗ ବିଦ୍ୟାଳୟରେ ଯୋଗଦେଇଛନ୍ତି।

ଏହି ଚାରି ଜଣ ପ୍ରଫେସର ସେପ୍ଟେମ୍ବର ୧୯ ତାରିଖରୁ ସେପ୍ଟେମ୍ବର ୨୨ ତାରିଖ ମଧ୍ୟାହ୍ନ ପର୍ଯ୍ୟନ୍ତ ବିଦ୍ୟାଳୟରେ ରହି ଶିଶୁ ମନ୍ଦିରର ବିଭିନ୍ନ ବ୍ୟବସ୍ଥା, ଶୃଙ୍ଖଳା, ବିଭିନ୍ନ ବିଭାଗ ଓ ଦାୟିତ୍ୱର ପ୍ରତ୍ୟକ୍ଷ ଅନୁଭୂତି ହାସଲ କରିଥିଲେ । ଏହି ଅବସରରେ ପ୍ରଫେସରମାନେ ଶିଶୁ ଓ ଗୁରୁଜୀ-ଗୁରୁମା ମାନଙ୍କ ସହିତ ଜାତୀୟ ଶିକ୍ଷାନୀତି ୨୦୨୦ ସହ ଜଡ଼ିତ ବିଭିନ୍ନ ଶିକ୍ଷଣ କୌଶଳ ଓ ରଣକୌଶଳ ସମ୍ପର୍କରେ ମାର୍ଗଦର୍ଶନ କରିଥିଲ।



## ବିଧାନସଭା ଖବର

### ପ୍ରଧାନମନ୍ତ୍ରୀ ଆବାସ ଯୋଜନା

## ରାଜ୍ୟରେ ୨୮ ଲକ୍ଷରୁ ଅଧିକ ଯୋଗ୍ୟ ହିତାଧିକାରୀ



ଭୁବନେଶ୍ୱର,୨୨।୯(ସଂଚାର ବ୍ୟୁରୋ): ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ (ପିଏମଏୱାଇ-ଗ୍ରାମୀଣ) ଅଧୀନରେ ପକ୍କା ଘର ଖଣ୍ଡିଏ ପାଇବା ପାଇଁ ଏବେ ୨୮ ଲକ୍ଷରୁ ଊର୍ଦ୍ଧ୍ୱ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଛି। ବିଧାନସଭାରେ ଏକ ପ୍ରଶ୍ନର ଉତ୍ତର ଦେଇ ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଏହି ସୂଚନା ଦେଇଛନ୍ତି। ବିଧାୟକ ଗଣେଶ୍ୱର ବେହେରାଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି ଯେ, 'ଆୱାସପ୍ଲସ-୨୦୨୪' ସର୍ଭେ ମାଧ୍ୟମରେ ରାଜ୍ୟରେ ମୋଟ ୩୭ ଲକ୍ଷ ୮୯ ହଜାର ୨୩୪ ଗୋଟି ସମ୍ଭାବ୍ୟ ପରିବାରଙ୍କୁ ସର୍ଭେଭୁକ୍ତ କରାଯାଇଥିଲା। ଏହି ତାଲିକାରୁ ଜିଲ୍ଲା ସ୍ତରୀୟ ଆପିଲେଟ୍ କମିଟି ଦ୍ୱାରା ଯାଞ୍ଚ କରାଯାଇ ପ୍ରାରମ୍ଭିକ ପର୍ଯ୍ୟାୟରେ ୨୮ ଲକ୍ଷ ୪୨ ହଜାର ୦୨୦ ଗୋଟି ପରିବାରଙ୍କୁ ପକ୍କା ଘର ମଞ୍ଜୁର ନିମନ୍ତେ ଯୋଗ୍ୟ ବିବେଚିତ କରାଯାଇଛି। ତେବେ ଏହି ଯୋଗ୍ୟ ହିତାଧିକାରୀମାନଙ୍କୁ କେବେ ଘର ମିଳିବ ସେ ନେଇ ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, ବର୍ତ୍ତମାନ ସର୍ଭେଭୁକ୍ତ ହୋଇଥିବା ଏହି ପରିବାରଙ୍କ ଏକ ସ୍ଥାୟୀ ଅପେକ୍ଷା ତାଲିକା ପ୍ରସ୍ତୁତି କାର୍ଯ୍ୟ ଜାରି ରହିଛି। ଏହି ତାଲିକା ପ୍ରସ୍ତୁତି ଶେଷ ହେବା ପରେ କେନ୍ଦ୍ର ସରକାରଙ୍କ ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ଠାରୁ ଧାର୍ଯ୍ୟଲକ୍ଷ୍ୟ ପ୍ରାପ୍ତ ହେବ। କେନ୍ଦ୍ରରୁ ଟାର୍ଗେଟ ମିଳିବା ପରେ ହିଁ ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ ଅଧୀନରେ ହିତାଧିକାରୀଙ୍କୁ ଗୃହ ମଞ୍ଜୁର କରାଯିବ। ଅନ୍ୟପକ୍ଷରେ, ୨୦୨୫-୨୦୨୬ ଓ ୨୦୨୬-୨୦୨୭ ଆର୍ଥିକ ବର୍ଷ ପାଇଁ କେଉଁ ଜିଲ୍ଲାକୁ କେତେ ଟାର୍ଗେଟ ଦିଆଯାଇଛି ଏବଂ କେତେ ଘର ନିର୍ମାଣ ସରିଛି ବୋଲି ବିଧାୟକ ଶ୍ରୀ ବେହେରା କରିଥିବା ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, ଉକ୍ତ ଦୁଇ ଆର୍ଥିକ ବର୍ଷ ନିମନ୍ତେ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା କୌଣସି ଗୃହ ମଞ୍ଜୁର କରାଯାଇନାହିଁ। କେନ୍ଦ୍ରର ପରବର୍ତ୍ତୀ ନିର୍ଦ୍ଦେଶାବଳୀ ଓ ଟାର୍ଗେଟ ଆସିବା ପରେ ହିଁ ଘର ଆବଣ୍ଟନ ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜଣାପଡ଼ିଛି।

### ରାଜ୍ୟ ଓ ଦେଶ ବାହାରକୁ ଯାଇ ଦୁଇ ବର୍ଷରେ ୪୨୮ ଜଣଙ୍କ ମୃତ୍ୟୁ

## ପଶ୍ଚିମ ଓଡ଼ିଶାରୁ ସର୍ବାଧିକ ଶବ ହୋଇ ଫେରୁଛନ୍ତି



୨୦୨୪ ମସିହାରୁ ୨୦୨୬ ଅଗଷ୍ଟ ମାସ ପର୍ଯ୍ୟନ୍ତ ୨,୮୯୦ ଜଣ ପ୍ରବାସୀ ଶ୍ରମିକଙ୍କୁ ବାହାର ରାଜ୍ୟରୁ ଉଦ୍ଧାର କରାଯାଇଛି। ସେହିପରି ୩୮୮ ଜଣ ଜଣ ପ୍ରବାସୀ ଶ୍ରମିକଙ୍କ ମୃତ ଶରୀର ବାହାର ରାଜ୍ୟରୁ ସ୍ୱ-ଗ୍ରାମକୁ ଅଣାଯିବା ନିମନ୍ତେ ପଦକ୍ଷେପ ନିଆଯାଇଛି ବୋଲି ଆଜି ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ଶ୍ରମ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ। ବିଧାୟକ ପ୍ରତାପ କେଶରୀ ଦେବଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି ଯେ ଉଦ୍ଧାର ହୋଇଥିବା ଶ୍ରମିକଙ୍କ ମଧ୍ୟରୁ ବଲାଙ୍ଗୀରର ସର୍ବାଧିକ ୧୫୧୫ ଜଣ ରହିଛନ୍ତି। ନୂଆପଡ଼ାର ୫୦୩, କଳାହାଣ୍ଡିର ୧୭୮ ଏବଂ ବରଗଡ଼ର ୧୩୭ ଶ୍ରମିକଙ୍କୁ ଏହି ଅବଧି ମଧ୍ୟରେ ଉଦ୍ଧାର କରାଯାଇଛି। ସେହିପରି ଗଞ୍ଜାମ ଜିଲ୍ଲାର ୬୨, ମୟୂରଭଞ୍ଜର ୩୮ ଏବଂ କଳାହାଣ୍ଡିର ୩୨ ଜଣ ଶ୍ରମିକଙ୍କ ମୃତ ଦେହ ଏହି ଅବଧି ମଧ୍ୟରେ ରାଜ୍ୟ ବାହାରୁ ନିଜ ଗ୍ରାମକୁ ଅଣାଯାଇଛି। ବାହାର ରାଜ୍ୟରେ ମୃତ୍ୟୁବରଣ କରିଥିବା ୩୮୮ଜଣ ଶ୍ରମିକଙ୍କ ପରିବାରକୁ ସମୁଦାୟ ୩,୫୮,୩୪,୯୬୭ ଟଙ୍କାର ଅର୍ଥରାଶି ସହାୟତା ଯୋଗାଇ ଦିଆଯାଇଛି ବୋଲି ଶ୍ରମ ମନ୍ତ୍ରୀ କହିଛନ୍ତି। ଅପରପକ୍ଷେ ୨୦୨୪ ମସିହାରୁ ୨୦୨୬ ଅଗଷ୍ଟ ମାସ ପର୍ଯ୍ୟନ୍ତ ୨୦୩ ଜଣ ଶ୍ରମିକଙ୍କୁ ବାହାର ଦେଶରୁ ଉଦ୍ଧାର କରାଯିବା ସହ ୪୦ଟି ମୃତ ଶରୀରକୁ ସ୍ୱ-ଗ୍ରାମକୁ ଆଣିବା ନିମନ୍ତେ କେନ୍ଦ୍ର ସରକାରଙ୍କ ବୈଦେଶିକ ମନ୍ତ୍ରଣାଳୟର ସହଯୋଗରେ ପଦକ୍ଷେପ ନିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି।

## ଅନାସ୍ଥାରେ ଗଡ଼ିଛି ୯ ବ୍ଲକ୍ ଅଧ୍ୟକ୍ଷ, ୬୧ ସରପଞ୍ଚଙ୍କ ଗାଦି

ଗତ ଦୁଇ ବର୍ଷରେ ୬୧ ସରପଞ୍ଚ ଓ ୯ ପଞ୍ଚାୟତ ସମିତି ଅଧ୍ୟକ୍ଷ ଅନାସ୍ଥାରେ ପଦଚ୍ୟୁତ ହୋଇଛନ୍ତି। ଅନୁଗୁଳ, ବାଲେଶ୍ୱର, ବରଗଡ଼, ବଲାଙ୍ଗିର, ଢେଙ୍କାନାଳ, ଗଞ୍ଜାମ, ଯାଜପୁର, କଳାହାଣ୍ଡି, କନ୍ଧମାଳ, କେନ୍ଦ୍ରାପଡ଼ା ସମେତ ବିଭିନ୍ନ ଜିଲ୍ଲାର ତଥ୍ୟ ରହିଛି। ପଞ୍ଚାୟତିରାଜ ସଂସ୍ଥାର ପ୍ରତିନିଧିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଓ ଦୁର୍ନୀତି ମାମଲାକୁ ନେଇ ସରକାର ବିଧାନସଭାରେ ଏହି ତଥ୍ୟ ରଖିଛନ୍ତି। ଅନ୍ୟପକ୍ଷରେ, ଦୁର୍ନୀତି ଓ ସରକାରୀ ଅର୍ଥର ଅପବ୍ୟବହାର ସମ୍ପର୍କିତ ମାମଲାରେ ୧୫ ଜଣ ପଞ୍ଚାୟତିରାଜ ପ୍ରତିନିଧିଙ୍କୁ ନିଲମ୍ବିତ କରାଯାଇଛି। ଏହାସହିତ, ସମାନ ପ୍ରକାର ମାମଲାରେ ୪ ଜଣ ପ୍ରତିନିଧିଙ୍କ ବିରୋଧରେ ଅଭିଯୋଗ ପ୍ରମାଣ ପାଇଁ ନୁହେଁ, ବରଂ ଅଭିଯୋଗ ସମ୍ପର୍କିତ ଅଭିଯୋଜନ (ପ୍ରୋସିକ୍ୟୁସନ) ଆରମ୍ଭ ହୋଇଥିବା ସରକାର କହିଛନ୍ତି। ଦୁର୍ନୀତି ଓ ସରକାରୀ ଅର୍ଥର ଅପବ୍ୟବହାର ଅଭିଯୋଗରେ ୪ ଜଣ ପଞ୍ଚାୟତ ପ୍ରତିନିଧିଙ୍କ ବିରୋଧରେ ମାମଲା ସହ କାର୍ଯ୍ୟାନୁଷ୍ଠାନ ହୋଇଥିବା କୁହାଯାଇଛି। ବରଗଡ଼ରେ ସର୍ବାଧିକ ୩ ଜଣ ସରପଞ୍ଚ ନିଲମ୍ବିତ ହୋଇଛନ୍ତି। ଏହାପରେ ବଲାଙ୍ଗିର ଓ ନୂଆପଡ଼ାରେ ୨ ଜଣ ଲେଖାଏଁ ନିଲମ୍ବିତ ହୋଇଥିବା ବେଳେ ଅନୁଗୁଳ, ଭଦ୍ରକ, ଢେଙ୍କାନାଳ, ଗଜପତି, କଳାହାଣ୍ଡି, କୋରାପୁଟ, ମୟୂରଭଞ୍ଜ ଓ ସୁବର୍ଣ୍ଣପୁରରେ ମଧ୍ୟ ନିଲମ୍ବନ ହୋଇଛି। ଅନ୍ୟପକ୍ଷରେ, ଅନୁଗୁଳ ଓ ବାଲେଶ୍ୱର ସମେତ ଅନ୍ୟ କିଛି ଜିଲ୍ଲାରେ ସରକାରୀ ଅର୍ଥ ଦୁର୍ନୀତି ଓ ଅପବ୍ୟବହାର ମାମଲାରେ ପଞ୍ଚାୟତ ପ୍ରତିନିଧିଙ୍କ ବିରୋଧରେ ପ୍ରସିକ୍ୟୁସନ୍ ହୋଇଥିବା କୁହାଯାଇଛି। ବିଧାନସଭାରେ ବିଧାୟକ ପ୍ରତାପ ଦେବଙ୍କ ପ୍ରଶ୍ନରେ ପଞ୍ଚାୟତିରାଜ ମନ୍ତ୍ରୀ ଲିଖିତ ଉତ୍ତରରେ ଏହି ସୂଚନା ଦେଇଛନ୍ତି।

## ୨୦୭ ବୃହତ୍ ପାନୀୟଜଳ ପ୍ରକଳ୍ପରୁ ସରିଛି ୪୬

ରାଜ୍ୟର ୨୦୭ଟି ବୃହତ୍ ପାନୀୟଜଳ ପ୍ରକଳ୍ପ ମଧ୍ୟରୁ ମାତ୍ର ୪୬ଟି ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିବାବେଳେ ୧୬୧ଟି ନିର୍ମାଣ କାର୍ଯ୍ୟ ଜାରି ରହିଛି। ଏହା ସମ୍ପୂର୍ଣ୍ଣ ହେଲାପରେ ସେହିସବୁ ଅଞ୍ଚଳରେ ଲୋକଙ୍କୁ ପାଇପ୍ ଯୋଗେ ସ୍ୱଚ୍ଛ ପାନୀୟଜଳ ଯୋଗାଣ ହେବ। ରାଜ୍ୟରେ ପାନୀୟଜଳ ଯୋଗାଣ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ପଞ୍ଚାୟତିରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାଏକ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ସମସ୍ତ ଗ୍ରାମୀଣ ପରିବାରଙ୍କୁ ସ୍ୱଚ୍ଛ ଓ ପର୍ଯ୍ୟାପ୍ତ ପାନୀୟଜଳ ଯୋଗାଣ ସୁନିଶ୍ଚିତ କରିବା ନିମନ୍ତେ ରାଜ୍ୟର ୩୦ଟି ଜିଲ୍ଲାରେ ମୋଟ ୨୦୭ଟି ବୃହତ୍ ପାଇପ୍ ପାନୀୟଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟ ହାତକୁ ନିଆଯାଇଛି। ସେଥି ମଧ୍ୟରୁ ୪୬ଟି ବୃହତ୍ ପାନୀୟଜଳ ଯୋଗାଣ ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇ ଜନସାଧାରଣଙ୍କୁ ସ୍ୱଚ୍ଛ ପାନୀୟଜଳ ଯୋଗାଣ ଦିଆଯାଉଛି। ଅବଶିଷ୍ଟ ୧୬୧ଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଜାରି ରହିଛି। ମନ୍ତ୍ରୀ କହିଛନ୍ତି ଯେ ଭାରତ ସରକାରଙ୍କ ଦ୍ୱାରା ଜଳ ଜୀବନ ମିଶନ ୨.୦ ରୁ ଅବଧି ୨୦୨୮ ଡିସେମ୍ବର ସୁଦ୍ଧା ଧାର୍ଯ୍ୟ ହୋଇଥିବାବେଳେ ରାଜ୍ୟ ସରକାରଙ୍କ ଦ୍ୱାରା ମାର୍ଚ୍ଚ ୨୦୨୭ ସୁଦ୍ଧା ବୃହତ ପାନୀୟଜଳ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ସାରିବାପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

## ଏଲ୍-ନିନୋ ପ୍ରଭାବରେ ରାଜ୍ୟରେ ଅଧିକ ବର୍ଷା ଓ ବନ୍ୟା

ଜୁଲାଇ ପ୍ରଥମ ସପ୍ତାହରୁ ସେପ୍ଟେମ୍ବର ମଧ୍ୟଭାଗ ସୁଦ୍ଧା ରାଜ୍ୟରେ ହାରାହାରି ୧୨୬୪ ମିଲିମିଟର ବର୍ଷା ହୋଇଛି ଯାହାକି ସାଧାରଣ ବର୍ଷା ଠାରୁ ପ୍ରାୟ ୨୩ ପ୍ରତିଶତ ଅଧିକ। ଏହି ଅଧିକ ବର୍ଷା କାରଣରୁ ରାଜ୍ୟରେ ବନ୍ୟା ଆସି ୨୧ଟି ଜିଲ୍ଲାରେ ଫସଲ ପ୍ରଭାବିତ ହୋଇଛି। ଏଲନିନୋର ପ୍ରଭାବ ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ। ମନ୍ତ୍ରୀ କହିଛନ୍ତି ଯେ ଚଳିତ ବର୍ଷ ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଓଡ଼ିଶାର ଗ୍ରୀଷ୍ମକାଳୀନ ମୌସୁମୀ ବର୍ଷାରେ ଏଲନିନୋର ପ୍ରଭାବ ଗଭୀର ଭାବେ ପରିଲକ୍ଷିତ ହୋଇନାହିଁ। ତେବେ ଆଇଏମଡିର ପୂର୍ବାନୁମାନରେ ଦକ୍ଷିଣ-ପଶ୍ଚିମ ମୌସୁମୀ ଋତୁ ସମୟରେ ଏଲନିନୋ ସୃଷ୍ଟି ହେବାର ସମ୍ଭାବନା ଦର୍ଶାଯାଇ ଓଡ଼ିଶାରେ ସାଧାରଣରୁ କମ୍ ବର୍ଷା ହେବା ନେଇ ଆକଳନ କରାଯାଇଥିଲା। ତେବେ ଜୁନ୍ ମାସରେ କୌଣସି ଲଘୁଚାପ ସୃଷ୍ଟି ନହେବାରୁ ୧୧୦ ମିଲିମିଟର ବର୍ଷା ହୋଇଥିଲା। ପରବର୍ତ୍ତୀ ସମୟରେ ଲଘୁଚାପ ସୃଷ୍ଟି ଯୋଗୁଁ ଜୁଲାଇରେ ୬୬୬ ମିଲିମିଟର ଓ ଅଗଷ୍ଟରେ ୪୧୮ ମିଲିମିଟର ବର୍ଷା ହୋଇଛି। ସେପ୍ଟେମ୍ବର ୧୮ ତାରିଖ ସୁଦ୍ଧା ୧୨୬୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି। ରାଜ୍ୟର ଗୋଟିଏ ଜିଲ୍ଲା ବୌଦ୍ଧରେ ଅତ୍ୟଧିକ ବର୍ଷା ରେକର୍ଡ ହୋଇଥିବାବେଳେ ୧୬ଟି ଜିଲ୍ଲାରେ ଅଧିକ, ୧୨ଟି ଜିଲ୍ଲାରେ ସାଧାରଣ ବର୍ଷା ଏବଂ ଗୋଟିଏ ଜିଲ୍ଲା ଗଜପତିରେ ନିଅଣ୍ଟିଆ ବର୍ଷା ପରିଲକ୍ଷିତ ହୋଇଛି। ଜୁଲାଇ ପ୍ରଥମ ସପ୍ତାହରୁ ସେପ୍ଟେମ୍ବର ମଧ୍ୟଭାଗ ସୁଦ୍ଧା ରାଜ୍ୟରେ ହାରାହାରି ୧୨୬୪ ମିଲିମିଟର ବର୍ଷା ହୋଇଛି ଯାହାକି ସାଧାରଣ ବର୍ଷା ଠାରୁ ପ୍ରାୟ ୨୩ ପ୍ରତିଶତ ଅଧିକ। ଏହି ଅଧିକ ବର୍ଷା କାରଣରୁ ରାଜ୍ୟରେ ବନ୍ୟା ଆସି ୨୧ଟି ଜିଲ୍ଲାରେ ଫସଲ ପ୍ରଭାବିତ ହୋଇଛି।

## ଖଣି ଓ ଶିଳ୍ପ ପାଇଁ ଝାରସୁଗୁଡ଼ାରେ କଟିଛି ୭୪ ହଜାର ଗଛ

ଝାରସୁଗୁଡା ଜିଲ୍ଲାରେ ଖଣି ଓ ଶିଳ୍ପ ପାଇଁ କଟାଯାଇଛି ୭୪ହଜାରରୁ ଅଧିକ ଗଛ। ଏଥିସହ ଶହେରୁ ଅଧିକ ବାଉଁଶବୁଦା ବି କଟାଯାଇଛି। ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂଖୁଣ୍ଟିଆ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଝାରସୁଗୁଡା ଜିଲ୍ଲାରେ ଖଣି, କଳକାରଖାନା ଓ ଅନ୍ୟାନ୍ୟ କାର୍ଯ୍ୟ ନିମନ୍ତେ ଗତ ୬ବର୍ଷ ମଧ୍ୟରେ ମୋଟ ୭୪ ହଜାର ୨୭୩ଟି ଗଛ ଓ ୧୧୦ ଟି ବାଉଁଶବୁଦା କରାଯାଇଛି। ଏହି କ୍ଷତିର ଭରଣା ପାଇଁ କ୍ଷତିପୂରକ ବନୀକରଣ ଯୋଜନାରେ ୨୯୭ ହେକ୍ଟର ଜମିରେ ୨ଲକ୍ଷ ୧୭ ହଜାର ୯୦ ଟି ଚାରା ରୋପଣ କରାଯାଇଛି ଏବଂ ଏ ବାବଦରେ ୨କୋଟି ୭୪ଲକ୍ଷ ୧୭ହଜାର ୮୮ ଟଙ୍କା ବ୍ୟୟ କରାଯାଇଛି।

## ଝାରସୁଗୁଡ଼ାରେ ଗଡ଼ିବ ୨୫ଟି ଆମ ବସ୍

ଝାରସୁଗୁଡା ଜିଲ୍ଲାରେ ଆମ ଚଳାଚଳ ପାଇଁ ନିଷ୍ପତ୍ତି ହୋଇଥିବାବେଳେ ଖୁବ୍‌ଶୀଘ୍ର ୨୫ଟି ବସ୍ ସହରରେ ଚଳାଚଳ କରିବ। ଜିଲ୍ଲାରେ ମୋ ବସ୍ ଚଳାଚଳ ସଂକ୍ରାନ୍ତରେ ଶ୍ରୀ ତ୍ରିପାଠୀଙ୍କ ଏକ ପ୍ରଶ୍ନର ଉତ୍ତରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ଝାରସୁଗୁଡା ଜିଲ୍ଲାରେ ୨୫ଟି ଇ-ବସ୍ ଚଳାଇବା ପାଇଁ ସରକାରଙ୍କ ନିକଟରେ ଯୋଜନା ରହିଛି। ଏ ଦିଗରେ କାର୍ଯ୍ୟ ଜାରି ରହିଛି। ବସ୍‌ଷ୍ଟାଣ୍ଡ ଓ ଡିପୋର ଉନ୍ନତିକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବାପରେ ସହରରେ ଆମ ବସ୍ ଚଳଚାଳ ଆରମ୍ଭ କରାଯିବ।

### ବର୍ଷାକୁ ଦୃଷ୍ଟିରେ ରଖି ଯାତ୍ରୀ ସୁରକ୍ଷା ପାଇଁ ପରିବହନ ବିଭାଗର ସତର୍କତା

# ପରିବହନ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ହାଇ ଆଲର୍ଟରେ ଆରଟିଓ



### ପ୍ରଖର ସ୍ରୋତ ରାସ୍ତାରେ ଯାନ ଚଳାଚଳ ଉପରେ କଟକଣା

କଟକ,୨୨।୯(ସଂଚାର ବ୍ୟୁରୋ): ଆସନ୍ତାକାଲି ଓ ୨୪ ତାରିଖରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ପୂର୍ବାନୁମାନକୁ ଦୃଷ୍ଟିରେ ରଖି ସଡ଼କ ବ୍ୟବହାରକାରୀଙ୍କ ସୁରକ୍ଷା ପାଇଁ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ବ୍ୟାପକ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କ ନିର୍ଦ୍ଦେଶ କ୍ରମେ ସମସ୍ତ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆରଟିଓ)କୁ ହାଇ ଆଲର୍ଟରେ ରଖାଯାଇଛି। ଯେଉଁ ସ୍ଥାନରେ ପ୍ରଖର ଜଳ ପ୍ରବାହ କିମ୍ବା କୌଣସି କାରଣରୁ ଯାତାୟାତ ବିପଦପୂର୍ଣ୍ଣ ହୋଇପଡ଼ିବ, ସେଠାରେ ସୁରକ୍ଷା ଦୃଷ୍ଟିରୁ ଯାନବାହନ ଚଳାଚଳ ଉପରେ ତୁରନ୍ତ କଟକଣା ଲାଗୁ କରାଯିବ। ମନ୍ତ୍ରୀଙ୍କ ନିର୍ଦ୍ଦେଶ ଓ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ, ପରିବହନ କମିଶନର ଅମିତାଭ ଠାକୁର ସମସ୍ତ ଆରଟିଓଙ୍କ ସହ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆଲୋଚନା କରି ସଡ଼କ ସୁରକ୍ଷା ଓ ଜରୁରୀକାଳୀନ ପଦକ୍ଷେପ ସୁନିଶ୍ଚିତ କରିବାକୁ ଉପଯୁକ୍ତ ସମନ୍ୱୟ ରକ୍ଷା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ଆରଟିଓରେ କଣ୍ଟ୍ରୋଲ୍ ରୁମ୍ ସକ୍ରିୟ ରଖିବା ସହ ଜିଲ୍ଲାପାଳ, ପୁଲିସ, ରାସ୍ତା ନିର୍ମାଣକାରୀ ସଂସ୍ଥା ଓ ଅନ୍ୟାନ୍ୟ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ସହ ନିରନ୍ତର ସମନ୍ୱୟ ରକ୍ଷା କରିବାକୁ କୁହାଯାଇଛି। ପାଣିପାଗ ସୂଚନା ଓ ରାସ୍ତାର ସ୍ଥିତି ଉପରେ ନିରନ୍ତର ନଜର ରଖି ଆବଶ୍ୟକତା ଅନୁଯାୟୀ ତୁରନ୍ତ ପଦକ୍ଷେପ ନିଆଯିବ। ଜଳମଗ୍ନ ରାସ୍ତା, ତଳିଆ ପୋଲ, କଲଭର୍ଟ, ଅଣ୍ଡରପାସ୍, ଘାଟି ରାସ୍ତା, ଭୂସ୍ଖଳନ ପ୍ରବଣ ଅଞ୍ଚଳ ଓ ଅନ୍ୟାନ୍ୟ ସମ୍ବେଦନଶୀଳ ସ୍ଥାନର ସ୍ଥିତିକୁ ନିରନ୍ତର ଅନୁଧ୍ୟାନ କରାଯିବ। କୌଣସି ରାସ୍ତା ଅସୁରକ୍ଷିତ ହେଲେ ତୁରନ୍ତ ଯାତାୟାତ ଉପରେ କଟକଣା ଜାରି କରାଯିବ। ସୁରକ୍ଷିତ ବିକଳ୍ପ ମାର୍ଗ ଚିହ୍ନଟ କରି ଆବଶ୍ୟକ ସ୍ଥଳେ ଯାନବାହନକୁ ସେହି ମାର୍ଗରେ ଡାଇଭର୍ଟ କରାଯିବ।

ସମ୍ବେଦନଶୀଳ କରିଡରଗୁଡ଼ିକରେ ପୁଲିସ ଓ ରାଜପଥ ସଂସ୍ଥାଗୁଡ଼ିକ ସହ ସମନ୍ୱୟରେ ରାତ୍ରିକାଳୀନ ପାଟ୍ରୋଲିଂ ବୃଦ୍ଧି କରାଯିବ। ରାସ୍ତା, ପୋଲ କିମ୍ବା କଲଭର୍ଟର ସ୍ଥିତି ଅସୁରକ୍ଷିତ ହେଲେ ଯାତାୟାତ ପୁନର୍ବାର ଆରମ୍ଭ କରିବା ପୂର୍ବରୁ ସମ୍ପୃକ୍ତ ରାସ୍ତା ନିର୍ମାଣକାରୀ ସଂସ୍ଥା ଓ ପୁଲିସ ପକ୍ଷରୁ ସୁରକ୍ଷା ସୁନିଶ୍ଚିତ କରାଯିବ। ଜାତୀୟ ରାଜପଥର ସମ୍ବେଦନଶୀଳ ସ୍ଥାନଗୁଡ଼ିକ ନିକଟରେ କ୍ରେନ୍ ଓ ରିକଭରୀ ଯାନ ପ୍ରସ୍ତୁତ ରଖାଯିବ। ଆବଶ୍ୟକ ସ୍ଥଳେ ତୁରନ୍ତ ସହାୟତା ପାଇଁ ଅଗ୍ନିଶମ ସେବା, ଚିକିତ୍ସା ସେବା, ଏନଏଚଏଆଇ ରାସ୍ତା ନିର୍ମାଣକାରୀ ସଂସ୍ଥା ଓ ଅନ୍ୟାନ୍ୟ ଜରୁରୀକାଳୀନ ସଂସ୍ଥା ସହ ସମନ୍ୱୟ ରକ୍ଷା କରାଯିବ। ଟୋଲ୍ ପ୍ଲାଜାଗୁଡ଼ିକରେ ମଧ୍ୟ ଚାଳକ ଓ ଯାତ୍ରୀମାନଙ୍କୁ ସତର୍କତାମୂଳକ ସୂଚନା ପ୍ରଦାନ କରାଯିବ। ଆହୁରି ବର୍ଷା ସମୟରେ ବିଶେଷକରି ରାତିରେ ଚାଳକମାନଙ୍କୁ ସୁରକ୍ଷିତ ବେଗରେ ଯାନ ଚଳାଇବା, ଅନ୍ୟ ଗାଡ଼ିଠାରୁ ନିରାପଦ ଦୂରତା ବଜାୟ ରଖିବା ଓ ବିପଦପୂର୍ଣ୍ଣ ଓଭରଟେକିଂରୁ ବିରତ ରହିବାକୁ ପରାମର୍ଶ ଦିଆଯାଇଛି।

## ଦେବୀଗଡ଼ାରେ କେଏମସିର ସଫେଇ ଅଭିଯାନ




କଟକ,୨୨।୯(ସଂଚାର ବ୍ୟୁରୋ): ସ୍ୱଚ୍ଛତା ହିଁ ସେବା ପକ୍ଷ ଅବସରରେ କଟକ ମହାନଗର ନିଗମ (କେଏମସି) ପକ୍ଷରୁ ଦେବୀଗଡ଼ା ଘାଟ ପରିସରରେ ଏକ ବ୍ୟାପକ ସଫେଇ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କେଏମସି ମେୟର ସୁବାସ ସିଂହ, ଡେପୁଟି ମେୟର ଦମୟନ୍ତୀ ମାଝୀ, କମିଶନର କିରନଦୀପ କୌର ସହୋତା ପ୍ରମୁଖ ଯୋଗଦେଇ ହାତରେ ଝାଡୁ ଧରି ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ। ଭସାଣି ପରେ ଘାଟ ପରିସରକୁ ସ୍ୱଚ୍ଛ ରଖିବା ପାଇଁ କେଏମସି ପକ୍ଷରୁ ତୁରନ୍ତ ସଫେଇ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଆଜି ସକାଳେ ଦେବୀଗଡ଼ା ଘାଟରେ ଅସ୍ଥାୟୀ ପୋଖରୀ ଜଳରେ ଥିବା ମୂର୍ତ୍ତିଗୁଡ଼ିକର ଅବଶେଷକୁ ଜେସିବି ସାହାଯ୍ୟରେ ବାହାର କରାଯାଇ ସ୍ୱତନ୍ତ୍ର ଟ୍ରାକ୍ଟର ଯୋଗେ ସେଗୁଡ଼ିକୁ ନିର୍ଦ୍ଧାରିତ ସ୍ଥାନକୁ ନିଆଯାଇଥିଲା। ଏଥିସହ ଘାଟ ପରିସରରେ ପଡ଼ିଥିବା ବିଭିନ୍ନ ଅଳିଆ ଆବର୍ଜନାକୁ ମଧ୍ୟ ସଫା କରାଯାଇଥିଲା। ସହରର ସମସ୍ତ ୧୩ଟି ଅସ୍ଥାୟୀ ବିସର୍ଜନ ପୋଖରୀରେ ସଫେଇ ବ୍ୟବସ୍ଥାର ତଦାରଖ କରାଯାଇଥିଲା।

### ମତ୍ସ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ

## ୨୫ ଯାଏଁ ସମୁଦ୍ର ପ୍ରବେଶ ମନା

ଭୁବନେଶ୍ୱର,୨୨।୯(ସଂଚାର ବ୍ୟୁରୋ): ରାଜ୍ୟରେ ଲଗାଣ ବର୍ଷାର ଆଶଙ୍କାକୁ ଦୃଷ୍ଟିରେ ରଖି ମତ୍ସ୍ୟ ନିର୍ଦ୍ଦେଶାଳୟ ପକ୍ଷରୁ ବ୍ୟାପକ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ସମୁଦ୍ର ମଧ୍ୟକୁ ନ ଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ ସତର୍କ କରାଯାଇ ଦିଆଯାଇଛି। ଏଥିସହ ସମୁଦ୍ର ମଧ୍ୟରେ ଥିବା ମତ୍ସ୍ୟଜୀବୀମାନଙ୍କୁ ତୁରନ୍ତ କୂଳକୁ ଫେରି ଆସିବାକୁ ନିର୍ଦ୍ଦେଶ ଜାରି ହୋଇଛି। ଉପକୂଳବର୍ତ୍ତୀ ମତ୍ସ୍ୟଜୀବୀମାନଙ୍କୁ ସଚେତନ କରିବା ପାଇଁ ମାଇକ୍ ଯୋଗେ ପ୍ରଚାର ମଧ୍ୟ କରାଯାଉଛି। ଏଥିସହ ସମସ୍ତ ମତ୍ସ୍ୟ ଡଙ୍ଗା ଓ ଟ୍ରଲରଗୁଡ଼ିକୁ ସୁରକ୍ଷିତ ଭାବେ ନିକଟସ୍ଥ ମତ୍ସ୍ୟ ଅବତରଣ କେନ୍ଦ୍ର କିମ୍ବା ମତ୍ସ୍ୟ ବନ୍ଦରରେ ବାନ୍ଧି ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ମତ୍ସ୍ୟ ଅଧିକାରୀ ଓ ସାମୁଦ୍ରିକ ମତ୍ସ୍ୟ ଅଧିକାରୀମାନେ ସ୍ଥାନୀୟ ବୋଟ୍ ମାଲିକ ସଂଘ, ଟ୍ରଲର୍ ମାଲିକ ସଂଘ, ସାମୁଦ୍ରିକ ମତ୍ସ୍ୟ ସମବାୟ ସମିତିଗୁଡ଼ିକୁ ସମ୍ଭାବ୍ୟ ବର୍ଷା ସମ୍ପର୍କରେ ସୂଚନା ଦେଇ ସଚେତନ କରିଛନ୍ତି। ସମସ୍ତ ଜିଲ୍ଲା କାର୍ଯ୍ୟାଳୟରେ ମଧ୍ୟ ୨୪ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲାଯାଇଥିବା ବେଳେ କଟକ ମତ୍ସ୍ୟ ନିର୍ଦ୍ଦେଶାଳୟକୁ ନିୟମିତ ରିପୋର୍ଟ ପଠାଇବାକୁ ନିର୍ଦ୍ଦେଶ ରହିଛି। ଏହି ସମୟରେ କୌଣସି ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଛୁଟିରେ ରହିପାରିବେ ନାହିଁ କିମ୍ବା ହେଡକ୍ବାର୍ଟର୍ସ ଛାଡ଼ିପାରିବେ ନାହିଁ। ସାଗରମିତ୍ର ଓ ସହକାରୀ ମତ୍ସ୍ୟ ଅଧିକାରୀମାନେ ବିଭିନ୍ନ ବନ୍ଦରରେ ମୁତୟନ ରହିବା ସହ ସଚେତନତା ସୃଷ୍ଟି କରୁଛନ୍ତି। ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ପକ୍ଷରୁ ମତ୍ସ୍ୟଜୀବୀମାନଙ୍କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଉଛି।

### ତ୍ରୁଟିପୂର୍ଣ୍ଣ ପୁସ୍ତକ ପ୍ରସଙ୍ଗ

## ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିରେ ବିକ୍ଷୋଭ

- ଲୋୟର ପିଏମଜିରେ ଯୁବ ଓ ଛାତ୍ର ବିଜେଡିର ପ୍ରତିବାଦ
- ଆଜି ବିଧାନସଭା ଘେରାଉ ଯୋଜନା




ଭୁବନେଶ୍ୱର, ୨୨।୯ (ସଂଚାର ବ୍ୟୁରୋ): ଏନ୍ଇପି-୨୦୨୦ରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରକାଶ କରି ବିଜେପି ସରକାର ରାଜ୍ୟର ଭବିଷ୍ୟତ ପିଢ଼ିଙ୍କ ଶିକ୍ଷା ବ୍ୟବସ୍ଥାକୁ ନଷ୍ଟ କରିଛନ୍ତି, ଯାହାକୁ ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ଇସ୍ତଫା ଦାବିରେ ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ଜୋରଦାର ଆନ୍ଦୋଳନ ଆରମ୍ଭ ହୋଇଛି। ବିଜୁ ଯୁବ ଜନତା ଦଳର ରାଜ୍ୟ ସଭାପତି ଚିନ୍ମୟ ସାହୁ ଓ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାନେତ୍ରୀ ଈପ୍ସିତା ସାହୁଙ୍କ ନେତୃତ୍ୱରେ ହଜାର ହଜାର ଯୁବ ଓ ଛାତ୍ର ଜନତା ଦଳର କର୍ମୀମାନେ ସ୍ଥାନୀୟ ଲୋୟର ପିଏମଜିରେ ବର୍ଷାରେ ଭିଜି ଭିଜି ପ୍ରତିବାଦ କରିଛନ୍ତି। ସେହିପରି ବିଜେଡି ଯୁବ ଛାତ୍ର ସଂଗଠନର ନେତୃମଣ୍ଡଳୀ ଅହୋରାତ୍ର ଧାରଣାରେ ବସିଛନ୍ତି। ବିଜେଡି ପକ୍ଷରୁ ରାଜ୍ୟବ୍ୟାପୀ ଶିକ୍ଷା ବଞ୍ଚାଅ ଆନ୍ଦୋଳନ କରାଯିବା ସତ୍ତ୍ୱେ ଡବଲ ଇଞ୍ଜିନ ସରକାର ରାଜ୍ୟର ବିପର୍ଯ୍ୟସ୍ତ ତ୍ରୁଟିପୂର୍ଣ୍ଣ ପୁସ୍ତକରେ ସୁଧାର କଲେ ନାହିଁ। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ପାଠ୍ୟ ପୁସ୍ତକରେ ସାଙ୍ଘାତିକ ତ୍ରୁଟି ଥିବା ବେଳେ ତାହା ରାଜ୍ୟ ସରକାର ପ୍ରତ୍ୟାହାର କରିନାହାଁନ୍ତି। ଆସନ୍ତା କିଛି ଦିନ ମଧ୍ୟରେ ଛାତ୍ରଛାତ୍ରୀଙ୍କ ପରୀକ୍ଷା ହେବ। ତ୍ରୁଟିପୂର୍ଣ୍ଣ ପୁସ୍ତକ ପଢ଼ି ଛାତ୍ରଛାତ୍ରୀମାନେ କିପରି ପରୀକ୍ଷା ଦେବେ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ପୁସ୍ତକରେ ୧୬୭୮ରୁ ଅଧିକ ତ୍ରୁଟି ରହିଛି। ତ୍ରୁଟିପୂର୍ଣ୍ଣ ପୁସ୍ତକ ବାବଦରେ ରାଜ୍ୟ ସରକାର ସବୁ ଜାଣି ସୁଦ୍ଧା ମାଳ ମାଳ ତ୍ରୁଟି ଥିବା ପୁସ୍ତକ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରିଛନ୍ତି। ତ୍ରୁଟିପୂର୍ଣ୍ଣ ପୁସ୍ତକ ଛାପିଥିବା ପ୍ରକାଶନ ସଂସ୍ଥାକୁ ଟେଣ୍ଡର ଦେବା ପାଇଁ କେନ୍ଦ୍ରୀୟ ବିଜେପି ନେତାମାନେ ଚାପ ପ୍ରୟୋଗ କରି ନିଜ ପ୍ରକାଶନ ସଂସ୍ଥାକୁ ନେଇଥିଲେ। ଉକ୍ତ ପ୍ରକାଶନ ସଂସ୍ଥାକୁ ଟଙ୍କା ସୁରୁଖୁରୁରେ ପ୍ରଦାନ କରାଇବା ପାଇଁ ତ୍ରୁଟିଗୁଡ଼ିକ ପ୍ରତି ରାଜ୍ୟ ସରକାର ଆଖି ବୁଜି ଦେଇଥିଲେ। ପିଲାଙ୍କୁ ଅପାଠୁଆ କରିବା ପାଇଁ ପୁସ୍ତକଗୁଡ଼ିକରେ ମାଳ ମାଳ ତ୍ରୁଟି ରହିଛି। ପୁସ୍ତକ ପ୍ରକାଶନରେ ୩୮୦ କୋଟି ଟଙ୍କାର ଦୁର୍ନୀତି ହୋଇଛି। ଏହି ଦୁର୍ନୀତିରେ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମଧ୍ୟ ସାମିଲ୍ ରହିଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ରାଜ୍ୟର ଭବିଷ୍ୟତ ପିଢ଼ିର ଛାତ୍ରଛାତ୍ରୀ ମାନଙ୍କ ଅଧିକାର ପାଇଁ ବିଜେଡି ଲଢ଼େଇ ଆରମ୍ଭ କରିଛି। ବିଧାନସଭାର ମୌସୁମୀ ଅଧିବେଶନ ଆରମ୍ଭରୁ ପାଠ୍ୟପୁସ୍ତକରେ ବ୍ୟାପକ ତ୍ରୁଟି ପ୍ରସଙ୍ଗରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରି ବିଜେଡି ବିଧାନସଭା ଭିତରେ ଓ ବାହାରେ ପ୍ରବଳ ବିରୋଧ ପ୍ରଦର୍ଶନ କରିଛି। ଆସନ୍ତାକାଲି ବିଜୁ ଯୁବ ଓ ଛାତ୍ର ଜନତା ଦଳ ପକ୍ଷରୁ ବିଧାନସଭା ଘେରାଉ କରାଯିବ।

### ଓଡ଼ିଶା ପାଇଁ କାଳ ସାଜିଛି ଡବଲ୍-ଇଞ୍ଜିନ୍ ସରକାର

## ଏକାଠି ଲଢ଼ିଲେ କଂଗ୍ରେସକୁ କେହି ଅଟକାଇପାରିବେନି



ଭୁବନେଶ୍ୱର,୨୨।୯(ସଂଚାର ବ୍ୟୁରୋ): ଡବଲ ଇଞ୍ଜିନ ସରକାର ଓଡ଼ିଶାକୁ କେବଳ ପ୍ରତାରଣା କରିଚାଲିଛି। ଗୋଟିଏ ପରେ ଗୋଟିଏ ପ୍ରସଙ୍ଗରେ କେନ୍ଦ୍ର ଓଡ଼ିଶାର ସ୍ୱାର୍ଥକୁ ଅଣଦେଖା କରୁଥିବା ବେଳେ ସେହି ବିଜେପିର ରାଜ୍ୟ ସରକାର ସବୁ ଅନ୍ୟାୟକୁ ମୁଣ୍ଡପାତି ସହିଯାଉଛନ୍ତି। ବିଜେପିର ୨୦ ଲୋକସଭା ସାଂସଦ ନିର୍ବାଚିତ ହୋଇଥିଲେ ହେଁ ଖଣିଜ ସମ୍ପଦକୁ ଲୁଟ କରିବା ପାଇଁ ତରବରିଆ ଭାବେ ଏମଏମଡିଆର ସଂଶୋଧନ ଅଧିନିୟମ ପାରିତ ହୋଇଥିଲେ ମଧ୍ୟ କେହି ବି ମୁହଁ ଖୋଲିନାହାନ୍ତି। ମହାନଦୀ ପ୍ରସଙ୍ଗରେ ଛତିଶଗଡ଼ ଓ କେନ୍ଦ୍ରର ସରକାର ଓଡ଼ିଶାକୁ ସାବତ ପୁଅ ଭଳି ବ୍ୟବହାର କରୁଛନ୍ତି। ପୋଲାଭରମ ଓ ବଂଶଧାରା କ୍ଷେତ୍ରରେ ମଧ୍ୟ ସମଦଶା। ଆନ୍ଧ୍ରର ସ୍ୱାର୍ଥରକ୍ଷା ପାଇଁ ଇଚ୍ଛାପୁରମ ଓ ପଲାସା ସେକ୍ସନକୁ ରାୟଗଡ଼ା ଡିଭିଜନ ଓ ସର୍ବୋପରି ପୂର୍ବତଟ ରେଳପଥରୁ ଛଡ଼ାଇ ନେଇଥିଲେ ମଧ୍ୟ ଓଡ଼ିଶା ସରକାର ନିରବ। ୨୪ ବର୍ଷର ବିଜେଡି କୁଶାସନ ପରେ ଓଡ଼ିଶାବାସୀ ମହରଗରୁ ଯାଇ କାନ୍ତାରରେ ପଡ଼ିଥିବା ସ୍ପଷ୍ଟ ହୋଇଥିବା ସତ୍ତ୍ୱେ ଓଡ଼ିଶା ସରକାର ଆଦୌ ନ ହେଜିବା ପରିତାପର ବିଷୟ। ତେଣୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଆଗକୁ ଆନ୍ଦୋଳନକୁ ଆହୁରି ତୀବ୍ରତର କରିବା ପାଇଁ ଆଜି ନିଷ୍ପତ୍ତି ହୋଇଛି। ଆସନ୍ତା ୨୯ରେ ଇଣ୍ଡି-ମେଣ୍ଟର ବିଧାନସଭା ଘେରାଉକୁ ସଫଳ କରିବାକୁ ଆହ୍ୱାନ ଦିଆଯାଇଛି। ଆଜି ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସଭାପତିତ୍ୱରେ ନବଗଠିତ ପିସିସି କର୍ମକର୍ତ୍ତା ଓ କାର୍ଯ୍ୟକାରୀ କମିଟିର ପ୍ରଥମ ବୈଠକରେ ଦଳ ପକ୍ଷରୁ ନିଆଯାଇଥିବା ସଂକଳ୍ପରେ କୁହାଯାଇଛି। ବେପାରୀଙ୍କ ଦଳ ବିଜେପି ଯୁପିଆଇକୁ ଟିକସଯୁକ୍ତ କରିବା ଦେଶବାସୀଙ୍କ ସହ ପ୍ରତାରଣା। ରାଜ୍ୟର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ସହ ଖେଳାଯାଇ ପାଠ୍ୟପୁସ୍ତକରେ ୨୬୭୦ଟି ତ୍ରୁଟି ହୋଇଥିବା ସତ୍ତ୍ୱେ ଗଣଶିକ୍ଷାମନ୍ତ୍ରୀ ଇସ୍ତଫା ଦେଇନାହାନ୍ତି। ସାଧାରଣ ଲୋକେ ମହଙ୍ଗା ମାଡ଼ର ଶିକାର ହେଉଛନ୍ତି। ତେଣୁ ଡବଲ୍ ଇଞ୍ଜିନ୍ ସରକାର ବିରୋଧରେ ଆନ୍ଦୋଳନକୁ ଆହୁରି ତୀବ୍ର କରିବାକୁ ଆହ୍ୱାନ ଦିଆଯାଇଛି।

## ଧର୍ମପରାୟଣ ବ୍ୟକ୍ତିଙ୍କ ପରଲୋକ



କେନ୍ଦ୍ରାପଡ଼ା, ୨୨।୯ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ା ସହରର ମାଧିଆଳ ବଜାର ନିବାସୀ ଧର୍ମପରାୟଣ ବ୍ୟକ୍ତି ପ୍ରଭାତ କୁମାର ସାହୁଙ୍କର ଗତ ୧୭ ତାରିଖରେ ବାର୍ଦ୍ଧକ୍ୟ ଯୋଗୁଁ ପରଲୋକ ହୋଇଯାଇଛି। ମୃତ୍ୟୁ ବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା। ଶ୍ରୀ ସାହୁ ଜଣେ ଧର୍ମପରାୟଣ ବ୍ୟକ୍ତି ସହ ସରଳ, ନିଷ୍କପଟ, ମିଷ୍ଟଭାଷୀ ଓ ସ୍ନେହପୂର୍ଣ୍ଣ ବ୍ୟକ୍ତିତ୍ୱ ଥିଲେ। ଫଳତଃ ତାଙ୍କ ପରଲୋକରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଶ୍ରୀ ସାହୁଙ୍କୁ ଜଣାଶୁଣା ବ୍ୟକ୍ତିବିଶେଷ ଓ ତାଙ୍କୁ ଭଲ ପାଉଥିବା ଲୋକେ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ତାଙ୍କ ପରଲୋକରେ ବିଶିଷ୍ଟ ବ୍ୟକ୍ତିବିଶେଷ ଶୋକ ପ୍ରକାଶ କରିବା ସହ ପରିବାରକୁ ଏପରି ଏକ ଅପୂରଣୀୟ କ୍ଷତି ସହିବାକୁ ଶକ୍ତି ଦିଅନ୍ତୁ ବୋଲି ମହାପ୍ରଭୁଙ୍କ ନିକଟରେ କାମନା କରିଛନ୍ତି।

## ବାଲିଯାତ୍ରା ପାଇଁ ଆବେଦନ ଆହ୍ୱାନ



କଟକ,୨୨।୯(ସଂଚାର ବ୍ୟୁରୋ): ଚଳିତ ବର୍ଷର ଐତିହାସିକ ବାଲିଯାତ୍ରା ନଭେମ୍ବର ୨୪ ତାରିଖରୁ ଡିସେମ୍ବର ୧ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ଏହି ପରିପ୍ରେକ୍ଷୀରେ ବାଲିଯାତ୍ରାର ବିଭିନ୍ନ ମଞ୍ଚରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ନିମନ୍ତେ ଇଚ୍ଛୁକ ସାଂସ୍କୃତିକ ଅନୁଷ୍ଠାନମାନଙ୍କଠାରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆବେଦନ ଆହ୍ୱାନ କରାଯାଇଛି। ଆବେଦନ ଫର୍ମ ୱେବସାଇଟରୁ ଡାଉନଲୋଡ୍ କରାଯାଇପାରିବ। ଜାତୀୟ ଓ ଅନ୍ତର୍ଜାତୀୟସ୍ତରର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ଅନୁଷ୍ଠାନକୁ ଚୟନ ପ୍ରକ୍ରିୟାରେ ପ୍ରାଧାନ୍ୟ ଦିଆଯିବ। ଏଥିସହିତ ଅଂଶଗ୍ରହଣର ପ୍ରମାଣପତ୍ର ଓ ଭିଡିଓ ପ୍ରଦାନ କରିବାକୁ ଅନୁରୋଧ। ଅସମ୍ପୂର୍ଣ୍ଣ ଆବେଦନପତ୍ର ଗ୍ରହଣ କରାଯିବ ନାହିଁ। ପ୍ରତ୍ୟେକ ଅନୁଷ୍ଠାନକୁ ଗୋଟିଏ ଥର କାର୍ଯ୍ୟକ୍ରମ ପରିବେଷଣର ସୁଯୋଗ ମିଳିବ। ପ୍ରତ୍ୟେକ ସାଂସ୍କୃତିକ ଦଳରେ ସର୍ବନିମ୍ନ ୧୦ ଓ ସର୍ବାଧିକ ୨୫ ଜଣ କଳାକାର ରହିପାରିବେ କଳାକାରମାନଙ୍କ ଆଧାରକାର୍ଡ ଆବେଦନ ପତ୍ର ସହିତ ଦାଖଲ କରିବାକୁ ଅନୁରୋଧ କରାଯାଇଛି।

## ବସ୍ତି ଉଚ୍ଛେଦ ବନ୍ଦ ଦାବିରେ ବିକ୍ଷୋଭ




କଟକ,୨୨।୯(ସଂଚାର ବ୍ୟୁରୋ): ବସ୍ତି ବାସିନ୍ଦାଙ୍କୁ ଭୂମି ଅଧିକାର ଦେବା, ବିନା ଥଇଥାନରେ ଲଗାତାର ଚାଲିଥିବା ବସ୍ତି ଉଚ୍ଛେଦ ବନ୍ଦ କରିବା, ଜୀବିକା ସୁରକ୍ଷାର ଆବଶ୍ୟକତା ପାଇଁ କର୍ମସ୍ଥଳ ନିକଟରେ ଥଇଥାନ କରିବା, ସମ୍ବିଧାନ ଓ ଆଇନ ଅନୁସାରେ ବସ୍ତି ଗୁଡିକୁ ଓ ବସ୍ତି ବାସିନ୍ଦାଙ୍କୁ ମଣିଷ ରହିବା ଯୋଗ୍ୟ ପରିବେଶ ଯୋଗାଇ ଦେବା, କଟକ ମହାନଗରର ବସ୍ତି ଓ ବସ୍ତି ବାସିନ୍ଦାଙ୍କ ପୂର୍ଣ୍ଣ ତାଲିକା ସାର୍ବଜନୀନ କରିବା ଦାବିରେ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚ ପକ୍ଷରୁ ବସ୍ତି ବାସିନ୍ଦାଙ୍କ ଏକ ବିଶାଳ ଶୋଭାଯାତ୍ରା ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ପାଞ୍ଚ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଜିଲାପାଳଙ୍କ ଜରିଆରେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀଙ୍କ ଦିଆ ଯାଇଥିଲା। ବିକ୍ଷୋଭ ସ୍ଥଳରେ ବସ୍ତି ବାସିନ୍ଦାଙ୍କ ମିଳିତ ମଞ୍ଚର ଆବାହକ ଖଗେଶ୍ୱର ସେଠୀଙ୍କ ପରିଚାଳନାରେ ଓ ବସ୍ତି ବାସିନ୍ଦାଙ୍କ ଦାବିର ସମର୍ଥନରେ ବିଶ୍ୱାବସୁ ଦାସ, ରାଜକିଶୋର ମଲ୍ଲିକ, ବସନ୍ତ ନାୟକ ପ୍ରମୁଖ ବକ୍ତବ୍ୟ ଦେଇଥିଲେ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।


sanchar.live

ସମ୍ପାଦକୀୟ

SANCHAR
ସଂଚାର

୪

ବୁଧବାର ୨୩ ସେପ୍ଟେମ୍ବର ୨୦୨୬, ଭୁବନେଶ୍ୱର

Wednesday 23 September 2026, Bhubaneswar


# ଶକ୍ତି ସହ କୂଟନୀତି



ବର୍ତ୍ତମାନ ମଧ୍ୟପ୍ରାଚ୍ୟରେ ଚାଲିଥିବା ଆମେରିକା-ଇରାନ ସଂଘର୍ଷ ଏକ ବିଚିତ୍ର ଚିତ୍ର ଉପସ୍ଥାପନ କରୁଛି। ଗତ ତିନି ମାସ ଧରି ଆମେରିକା ଇରାନ ଉପରେ ବାରମ୍ବାର ବିମାନ ଆକ୍ରମଣ କରିଛି, ହର୍ମୁଜ୍ ପ୍ରଣାଳୀରେ ନୌସେନା ଅବରୋଧ ଜାରି ରଖିଛି ଏବଂ ଇରାନର ସାମରିକ ସ୍ଥାନଗୁଡ଼ିକୁ ଲକ୍ଷ୍ୟ କରିଛି। ତଥାପି ସେହି ସମୟରେ ଆମେରିକା ଇରାନ ସହିତ ଆଲୋଚନାର ଦ୍ୱାର ଖୋଲି ରଖିଛି। ଏହା କେବଳ କୂଟନୀତି ନୁହେଁ; ଏହା ହେଉଛି ଆମେରିକାର ଶକ୍ତି ପ୍ରଦର୍ଶନର ଏକ ସୁଚିନ୍ତିତ କୌଶଳ। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନେତୃତ୍ୱରେ ଆମେରିକା ଯୁଦ୍ଧ କରି ଶାନ୍ତି ଆଲୋଚନା କରୁଛି କାହିଁକି? ଉତ୍ତର ସ୍ପଷ୍ଟ: ନିଜର ଶ୍ରେଷ୍ଠତା ପ୍ରମାଣ କରିବା ପାଇଁ।

୨୦୨୬ ଫେବୃଆରୀରୁ ଆରମ୍ଭ ହୋଇଥିବା ଏହି ଯୁଦ୍ଧରେ ଆମେରିକା ଓ ଇସ୍ରାଏଲ ଇରାନର ପରମାଣୁ ଓ ମିସାଇଲ୍ କାର୍ଯ୍ୟକ୍ରମକୁ ଲକ୍ଷ୍ୟ କରି ବଡ଼ ଆକ୍ରମଣ କରିଥିଲେ। ଜୁନ୍ ମାସରେ ଏକ ସ୍ମାରକପତ୍ର (ଏମଓୟୁ) ସ୍ୱାକ୍ଷରିତ ହୋଇଥିଲା, ଯାହା ଦ୍ୱାରା ୬୦ ଦିନ ପାଇଁ ଯୁଦ୍ଧ ବନ୍ଦ ରଖି ଆଲୋଚନା ଆରମ୍ଭ ହେବାର କଥା ଥିଲା। କିନ୍ତୁ ସେହି ଚୁକ୍ତି ଶୀଘ୍ର ଭାଙ୍ଗିଗଲା। ଜୁଲାଇ, ଅଗଷ୍ଟ ଓ ସେପ୍ଟେମ୍ବରରେ ଆମେରିକା ପୁନର୍ବାର ଇରାନର ଉପକୂଳୀୟ ସ୍ଥାନ, ଏୟାର ଡିଫେନ୍ସ ଓ ଖଣି ରଖିବାର ସୁବିଧାଗୁଡ଼ିକୁ ଆକ୍ରମଣ କଲା। ଇରାନ ମଧ୍ୟ ପ୍ରତିଶୋଧ ନେଲା। ତଥାପି କତାର ଓ ପାକିସ୍ତାନ ମାଧ୍ୟମରେ ଆଲୋଚନା ଚାଲିଲା। ଏହା 'ଯୁଦ୍ଧ କରି ଆଲୋଚନା'ର କ୍ଲାସିକ୍ ଉଦାହରଣ।

ଆମେରିକା ଏପରି କାହିଁକି କରୁଛି? ପ୍ରଥମତଃ, ସାମରିକ ଶ୍ରେଷ୍ଠତା ଦେଖାଇବା ପାଇଁ। ଆମେରିକାର ବାୟୁ ଶକ୍ତି, ନୌସେନା ଓ ପ୍ରଯୁକ୍ତି ଇରାନଠାରୁ ବହୁଗୁଣ ଅଧିକ। ପ୍ରତି ଆକ୍ରମଣ ଦ୍ୱାରା ଆମେରିକା ଦେଖାଉଛି ଯେ ଇରାନ ଯଦି ହର୍ମୁଜ ପ୍ରଣାଳୀ ବନ୍ଦ କରେ କିମ୍ବା ଆମେରିକୀୟ ସେନାକୁ ଆକ୍ରମଣ କରେ, ତେବେ ପ୍ରତିଶୋଧ ନିଶ୍ଚିତ। ଏହି ଚାପ ଦ୍ୱାରା ଇରାନକୁ ଟେବୁଲ୍‌ରେ ବସିବାକୁ ବାଧ୍ୟ କରାଯାଉଛି। ଟ୍ରମ୍ପ ନିଜେ କହିଛନ୍ତି ଯେ ସେ ଇରାନକୁ ବାଧ୍ୟ କରିବାକୁ ଚାହୁଁନାହାନ୍ତି, କିନ୍ତୁ ତାଙ୍କର ସ୍ଥିତି ବର୍ତ୍ତମାନ ଅଧିକ ଶକ୍ତିଶାଳୀ। ହର୍ମୁଜ୍ ଉପରେ ନିୟନ୍ତ୍ରଣ ଓ ଇରାନର ଅର୍ଥନୀତିର ପତନ ଆମେରିକାକୁ ଲାଭଦାୟକ ଅବସ୍ଥାରେ ରଖିଛି।

ଦ୍ୱିତୀୟତଃ, ଅର୍ଥନୈତିକ ଓ ରାଜନୈତିକ ବାସ୍ତବତା। ଯୁଦ୍ଧ ଆମେରିକା ପାଇଁ ମହଙ୍ଗା। ମିସାଇଲ୍ ଓ ବିମାନ ଆକ୍ରମଣର ଖର୍ଚ୍ଚ ବଢ଼ୁଛି, ସେନାର ଗୋଳାବାରୁଦ କମିଯାଉଛି ଏବଂ ତେଲ ମୂଲ୍ୟ ବୃଦ୍ଧି ଘରୋଇ ରାଜନୀତିକୁ ପ୍ରଭାବିତ କରୁଛି। ଗଲ୍ଫ ମିତ୍ରଦେଶମାନେ ମଧ୍ୟ ଦୀର୍ଘକାଳୀନ ଯୁଦ୍ଧ ଚାହୁଁନାହାନ୍ତି। ଏହି ପରିସ୍ଥିତିରେ ଆଲୋଚନା ଏକ ବିକଳ୍ପ ହୋଇଛି। ଆମେରିକା ଇରାନର ପରମାଣୁ କାର୍ଯ୍ୟକ୍ରମ, ମିସାଇଲ୍ ଓ ହର୍ମୁଜ୍ ଖୋଲିବା ଉପରେ ଚାପ ପକାଉଛି। ସାଙ୍ଗେ ସାଙ୍ଗେ ଆକ୍ରମଣ ଜାରି ରଖି ଦେଖାଉଛି ଯେ ଯଦି ଆଲୋଚନା ବିଫଳ ହୁଏ, ତେବେ ଆଉ ଗୋଟିଏ ବଡ଼ ଆକ୍ରମଣ ଆସିପାରେ।

ତୃତୀୟତଃ, ଏହା ଇତିହାସର ପୁନରାବୃତ୍ତି। ଅନେକ ଯୁଦ୍ଧରେ ଶକ୍ତିଶାଳୀ ପକ୍ଷ ଆକ୍ରମଣ କରି ଆଲୋଚନା ଟେବୁଲକୁ ଆସନ୍ତି। ଏହାଦ୍ୱାରା ସେମାନେ ନିଜର ସର୍ତ୍ତ ଲାଦିବାକୁ ଚେଷ୍ଟା କରନ୍ତି। ଆମେରିକା ଇରାନକୁ ଦେଖାଉଛି ଯେ ତା'ର ସାମରିକ ଶକ୍ତି ଅକ୍ଷୁଣ୍ଣ ଅଛି ଏବଂ ସେ ଯେକୌଣସି ସମୟରେ ଆକ୍ରମଣ ବଢ଼ାଇ ପାରିବ। ଏହି "ଶକ୍ତି ସହିତ କୂଟନୀତି" ଦ୍ୱାରା ଆମେରିକା ନିଜର ସର୍ବୋଚ୍ଚତା ପ୍ରମାଣ କରିବାକୁ ଚାହୁଁଛି। ଇରାନ ଯଦି ଆତ୍ମସମର୍ପଣ କରେ ନାହିଁ, ତେବେ ମଧ୍ୟ ଆମେରିକା ଦେଖାଇଦେବ ଯେ ସେ ନିୟନ୍ତ୍ରଣରେ ଅଛି।

ଏହି ନୀତିର ବିପଦ ମଧ୍ୟ ଅଛି। ଯୁଦ୍ଧ ଦୀର୍ଘ ହେଲେ ଆଞ୍ଚଳିକ ଅସ୍ଥିରତା ବଢ଼ିବ, ତେଲ ମୂଲ୍ୟ ଆଉ ବଢ଼ିବ ଏବଂ ନିରୀହ ଲୋକଙ୍କ ଜୀବନ ନଷ୍ଟ ହେବ। କିନ୍ତୁ ଆମେରିକାର ଦୃଷ୍ଟିରୁ ଏହା ଏକ ଗଣନାଯୁକ୍ତ ବ୍ୟୂହ। ସେ ଆକ୍ରମଣ କରି ଶକ୍ତି ଦେଖାଉଛି ଏବଂ ଆଲୋଚନା କରି କୂଟନୀତିକୁ ବଞ୍ଚାଇ ରଖୁଛି। ଏହା ଦ୍ୱାରା ସେ ଦୁନିଆକୁ କହୁଛି: ଆମେରିକା ଯେତେବେଳେ ଚାହେଁ ଯୁଦ୍ଧ କରିପାରେ ଏବଂ ଯେତେବେଳେ ଚାହେଁ ଶାନ୍ତି କଥା କହିପାରେ। ଏହି ଦ୍ୱୈତ ନୀତି ହିଁ ତା'ର ଶ୍ରେଷ୍ଠତାର ପ୍ରମାଣ। ଶେଷରେ, ଏହି ସଂଘର୍ଷ କେବଳ ଦୁଇ ଦେଶର ନୁହେଁ। ଏହା ବିଶ୍ୱ ଅର୍ଥନୀତି, ଶକ୍ତି ସନ୍ତୁଳନ ଓ ମଧ୍ୟପ୍ରାଚ୍ୟର ଭବିଷ୍ୟତକୁ ପ୍ରଭାବିତ କରୁଛି। ଆମେରିକା ଯେପରି ଆକ୍ରମଣ କରି ଆଲୋଚନା କରୁଛି, ତାହା ଦେଖାଏ ଯେ ଶକ୍ତି ହିଁ କୂଟନୀତିର ମୂଳ। ଇରାନ ଯଦି ଏହି ଚାପକୁ ସହ୍ୟ କରିପାରେ, ତେବେ ଆଲୋଚନା ଆଗକୁ ବଢ଼ିବ। ନଚେତ ଆମେରିକା ପୁନର୍ବାର ନିଜର ସାମରିକ ଶ୍ରେଷ୍ଠତା ଦେଖାଇବ। ଏହି ଖେଳରେ ବିଜୟୀ କିଏ ହେବ, ତାହା ସମୟ ହିଁ କହିବ। କିନ୍ତୁ ଏକ କଥା ସ୍ପଷ୍ଟ: ଆମେରିକା ନିଜର ସ୍ଥାନ ବଜାୟ ରଖିବା ପାଇଁ ଯୁଦ୍ଧ ଓ କଥା ଦୁଇଟିକୁ ଏକାସାଙ୍ଗରେ ଚଳାଉଛି।

# ଓଡ଼ିଶାର ଦୁର୍ବିପାକ ପରିଚାଳନା:ଅନୁଭବରୁ ଆଗାମୀ ପ୍ରସ୍ତୁତି



**ଉତ୍ତମ କୁମାର ମହାନ୍ତି**

ଓଡ଼ିଶା ଏକ ଏମିତି ରାଜ୍ୟ, ଯେଉଁଠି ପ୍ରାକୃତିକ ଦୁର୍ବିପାକ ନୂଆ କଥା ନୁହେଁ। ବାତ୍ୟା, ବନ୍ୟା, ମରୁଡ଼ି, ବଜ୍ରପାତ ଓ ତାପପ୍ରବାହ ପ୍ରତିବର୍ଷ ରାଜ୍ୟର କୌଣସି ନା କୌଣସି ଅଞ୍ଚଳକୁ ପ୍ରଭାବିତ କରେ। ଏହି ଦୁର୍ବିପାକ ଓଡ଼ିଶାର ଲୋକଙ୍କ ଜୀବନ ଓ ଅର୍ଥନୀତିକୁ ବାରମ୍ବାର ପ୍ରଭାବିତ କରିଛି। କିନ୍ତୁ ଗତ ଦୁଇ ଦଶନ୍ଧିରେ ଦୁର୍ବିପାକକୁ ମୁକାବିଲା କରିବାରେ ଓଡ଼ିଶାର ପଦ୍ଧତିରେ ଏକ ବଡ଼ ପରିବର୍ତ୍ତନ ଆସିଛି। ଏହି ପରିବର୍ତ୍ତନର ସବୁଠାରୁ ବଡ଼ ମୋଡ଼ ଥିଲା ୧୯୯୯ ମସିହାର ମହାବାତ୍ୟା। ସେହି ମହାବାତ୍ୟା ଓଡ଼ିଶାର ଦୁର୍ବିପାକ ପରିଚାଳନାର ଅନେକ ଦୁର୍ବଳତାକୁ ସାମ୍ନାକୁ ଆଣିଥିଲା। ଯୋଗାଯୋଗ ବ୍ୟବସ୍ଥା ଭାଙ୍ଗିପଡ଼ିଥିଲା, ଅନେକ ଅଞ୍ଚଳ ବାହାର ଦୁନିଆଠାରୁ ବିଚ୍ଛିନ୍ନ ହୋଇଯାଇଥିଲା ଏବଂ ଲୋକଙ୍କୁ ଆଗୁଆ ସୁରକ୍ଷିତ ସ୍ଥାନକୁ ନେବାର ବ୍ୟବସ୍ଥା ସୀମିତ ଥିଲା। ସେହି ଅଭିଜ୍ଞତାରୁ ଏକ ମୁଖ୍ୟ ଶିକ୍ଷା ମିଳିଲା, ଦୁର୍ବିପାକ ପରେ ରିଲିଫ୍ ଦେବା ଯଥେଷ୍ଟ ନୁହେଁ; ଦୁର୍ବିପାକ ପୂର୍ବରୁ ପ୍ରସ୍ତୁତ ହେବା ଆବଶ୍ୟକ। ଏହା ପରେ ଓଡ଼ିଶା ରାଜ୍ୟ ଦୁର୍ବିପାକ ପରିଚାଳନା ପ୍ରାଧିକରଣ ଗଠନ କଲା। ଦୁର୍ବିପାକ ପରିଚାଳନାକୁ ଏକ ସ୍ଥାୟୀ ପ୍ରଶାସନିକ ବ୍ୟବସ୍ଥା ଭାବେ ଗଢ଼ିବାରେ ଏହା ଏକ ମୁଖ୍ୟ ପଦକ୍ଷେପ ଥିଲା। ଏହା ସହିତ ବାତ୍ୟା ଆଶ୍ରୟସ୍ଥଳ, ଆଗୁଆ ସତର୍କ ସୂଚନା ବ୍ୟବସ୍ଥା, ନିୟନ୍ତ୍ରଣ କକ୍ଷ, ଉଦ୍ଧାର ଦଳ ଓ ସ୍ୱେଚ୍ଛାସେବୀ ବ୍ୟବସ୍ଥାକୁ ଧୀରେ ଧୀରେ ସୁଦୃଢ଼ କରାଗଲା।

ଓଡ଼ିଶାର ସଫଳତାର ଏକ ବଡ଼ କାରଣ ହେଉଛି ଆଗୁଆ ସତର୍କତା ଓ ସମୟୋଚିତ ସ୍ଥାନାନ୍ତରଣ। ବାତ୍ୟାର ଗତିପଥ ଓ ତୀବ୍ରତା ସମ୍ପର୍କରେ ସୂଚନା ମିଳିବା ପରେ ତାହାକୁ ଜିଲ୍ଲା, ବ୍ଲକ ଓ ଗ୍ରାମସ୍ତରକୁ ପହଞ୍ଚାଇବାର ବ୍ୟବସ୍ଥା ହୋଇଛି। ମାଇକ୍, ସାଇରନ୍, ଦୂରଭାଷ, ବାର୍ତ୍ତା ଓ ଅନ୍ୟାନ୍ୟ ମାଧ୍ୟମରେ ଲୋକଙ୍କୁ ସତର୍କ କରାଯାଏ। ଆବଶ୍ୟକ ସ୍ଥାନରୁ ଲୋକଙ୍କୁ ବାତ୍ୟା ଆଶ୍ରୟସ୍ଥଳ ଓ ଅନ୍ୟ ସୁରକ୍ଷିତ ସ୍ଥାନକୁ ନେବା ପାଇଁ ପ୍ରଶାସନ ପୂର୍ବରୁ ପ୍ରସ୍ତୁତ ରହେ।

ଏହାର ଫଳ ୨୦୧୩ର ବାତ୍ୟା 'ଫାଇଲିନ୍' ଠାରୁ ସ୍ପଷ୍ଟ ହୋଇଥିଲା। ବହୁ ସଂଖ୍ୟକ ଲୋକଙ୍କୁ ବାତ୍ୟା ପୂର୍ବରୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା। ପରେ 'ହୁଦ୍ ହୁଦ୍', 'ତିତଲି', 'ଫାନି', 'ଅମ୍ଫାନ୍', 'ୟାସ୍' ଓ ଅନ୍ୟାନ୍ୟ ବାତ୍ୟା ସମୟରେ ମଧ୍ୟ ପୂର୍ବ ପ୍ରସ୍ତୁତି ଓ ଦ୍ରୁତ ପ୍ରତିକ୍ରିୟା ଦେଖିବାକୁ ମିଳିଛି। ଏଥିରୁ ଗୋଟିଏ କଥା ସ୍ପଷ୍ଟ; ବିପଦକୁ ରୋକିବା ସମ୍ଭବ ନୁହେଁ, କିନ୍ତୁ ବିପଦରେ ମାନବୀୟ କ୍ଷତିକୁ ଅନେକ ମାତ୍ରାରେ କମାଇପାରିବା।

ତଥାପି ଓଡ଼ିଶାର ଦୁର୍ବିପାକ ପରିଚାଳନାକୁ କେବଳ ସଫଳତାର କାହାଣୀ ଭାବେ ଦେଖିଲେ ଚିତ୍ରଟି ଅସମ୍ପୂର୍ଣ୍ଣ ରହିବ। ବାତ୍ୟାରେ ମୃତ୍ୟୁ କମିଥିଲେ ମଧ୍ୟ ଘର, ରାସ୍ତା, ବିଦ୍ୟୁତ୍ ବ୍ୟବସ୍ଥା, କୃଷି, ମତ୍ସ୍ୟଜୀବୀଙ୍କ ଜୀବିକା ଓ ସ୍ଥାନୀୟ ଅର୍ଥନୀତିରେ ବଡ଼ କ୍ଷତି ହେଉଛି। ବନ୍ୟା ଏବେ ମଧ୍ୟ ଅନେକ ଅଞ୍ଚଳର ନିୟମିତ ସମସ୍ୟା ହୋଇ ରହିଛି। ସହରଗୁଡ଼ିକରେ ଅତ୍ୟଧିକ ବର୍ଷା ପରେ ଜଳବନ୍ଦୀ ହେବା, ନଦୀ ଓ ନାଳର ଅବରୋଧ, ଅନିୟୋଜିତ ନିର୍ମାଣ ଭଳି ସମସ୍ୟା ମଧ୍ୟ ବଢ଼ୁଛି। ତାପପ୍ରବାହ ଓ ବଜ୍ରପାତ ଭଳି ବିପଦ ମଧ୍ୟ ଅବହେଳା କରିବା ଉଚିତ୍ ନୁହଁ। ତେଣୁ ଏବେ ଦୁର୍ବିପାକ ପରିଚାଳନାର ପରବର୍ତ୍ତୀ ପର୍ଯ୍ୟାୟ ହେବା ଦରକାର 'କ୍ଷତି ହେବା ପରେ ପୁନର୍ନିର୍ମାଣ'ରୁ 'କ୍ଷତି ହେବା ପୂର୍ବରୁ କ୍ଷତି କମାଇବା' ଦିଗକୁ ଯିବା। ପ୍ରତ୍ୟେକ ଗାଁ ଓ ସହର ପାଇଁ ବିପଦର ମାନଚିତ୍ର ପ୍ରସ୍ତୁତ ହେବା ଆବଶ୍ୟକ। କେଉଁ ଅଞ୍ଚଳ ବନ୍ୟାପ୍ରବଣ, କେଉଁ ରାସ୍ତା ବିଚ୍ଛିନ୍ନ ହୋଇପାରେ, କେଉଁଠି ଆଶ୍ରୟ ଆବଶ୍ୟକ, କେଉଁ ପରିବାରକୁ ପ୍ରଥମେ ସ୍ଥାନାନ୍ତର କରିବା ଦରକାର; ଏସବୁ ତଥ୍ୟ ନିୟମିତ ଭାବେ ଅଦ୍ୟତନ ହେବା ଦରକାର।

ଭବିଷ୍ୟତରେ ଉପଗ୍ରହ ଚିତ୍ର, ଭୌଗୋଳିକ ସୂଚନା ପ୍ରଣାଳୀ, ଡ୍ରୋନ୍, କୃତ୍ରିମ ବୁଦ୍ଧିମତ୍ତା ଓ ତଥ୍ୟ ବିଶ୍ଳେଷଣକୁ ଦୁର୍ବିପାକ ପରିଚାଳନାରେ ଆହୁରି ବ୍ୟାପକ ଭାବେ ବ୍ୟବହାର କରିବାକୁ ପଡ଼ିବ। ବିପଦ ଆସିବା ପୂର୍ବରୁ କେଉଁ ରାସ୍ତା ଜଳମଗ୍ନ ହେବ, କେଉଁ ଅଞ୍ଚଳରେ ଅଧିକ ଲୋକ ପ୍ରଭାବିତ ହେବେ, କେଉଁଠି ଖାଦ୍ୟ ଓ ଔଷଧ ପହଞ୍ଚାଇବା ଆବଶ୍ୟକ; ଏସବୁର ପୂର୍ବାନୁମାନ ଅଧିକ ସଠିକ୍ କରିବା ଦରକାର।



ଏହା ସହିତ ବିପଦ-ପ୍ରତିରୋଧୀ ଭିତ୍ତିଭୂମି ଉପରେ ଅଧିକ ଗୁରୁତ୍ୱ ଦରକାର। ନୂଆ ରାସ୍ତା, ସେତୁ, ବିଦ୍ୟାଳୟ, ଡାକ୍ତରଖାନା କିମ୍ବା ସରକାରୀ କୋଠା ନିର୍ମାଣ ସମୟରେ ଭବିଷ୍ୟତର ବିପଦକୁ ମଧ୍ୟ ଧ୍ୟାନରେ ରଖିବା ଦରକାର। କେବଳ ନୂଆ ଆଶ୍ରୟସ୍ଥଳ ତିଆରି କରିବା ନୁହେଁ, ପୁରୁଣା ଆଶ୍ରୟସ୍ଥଳର ନିୟମିତ ଯାଞ୍ଚ, ରକ୍ଷଣାବେକ୍ଷଣ ଓ ଅଭ୍ୟାସ ମଧ୍ୟ ଆବଶ୍ୟକ।

ସବୁଠାରୁ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ ଗ୍ରାମ ଓ ସ୍ଥାନୀୟ ପ୍ରଶାସନକୁ। ରାଜ୍ୟସ୍ତରରେ ଯେତେ ଭଲ ଯୋଜନା ହେଲେ ମଧ୍ୟ ତାହାର ପ୍ରକୃତ ପରୀକ୍ଷା ହୁଏ ଗାଁରେ। ତେଣୁ ସ୍ଥାନୀୟ କର୍ମଚାରୀ, ସ୍ୱେଚ୍ଛାସେବୀ ଓ ସାଧାରଣ ଲୋକଙ୍କୁ ନିୟମିତ ପ୍ରଶିକ୍ଷଣ ଦେବା ଆବଶ୍ୟକ। ପ୍ରତ୍ୟେକ ବିପଦ ପରେ କେବଳ କ୍ଷୟକ୍ଷତିର ହିସାବ ନୁହେଁ, କ'ଣ ଭୁଲ ହେଲା, କ'ଣ ଭଲ ହେଲା ଓ ପରବର୍ତ୍ତୀଥର କ'ଣ ବଦଳାଇବା ଦରକାର, ତାହାର ମଧ୍ୟ ନିରପେକ୍ଷ ସମୀକ୍ଷା ହେବା ଦରକାର।

ଓଡ଼ିଶା ନିଶ୍ଚିତ ଭାବେ ଦୁର୍ବିପାକ ପରିଚାଳନାରେ ଅନେକ ଦୂର ଆଗକୁ ଆସିଛି। କିନ୍ତୁ ଏହାକୁ ଶେଷ ସଫଳତା ଭାବେ ଦେଖିବା ଠିକ୍ ହେବ ନାହିଁ। ପ୍ରକୃତି ବଦଳୁଛି, ଜନସଂଖ୍ୟା ବଢ଼ୁଛି, ସହର ବଢ଼ୁଛି ଏବଂ ବିପଦର ରୂପ ମଧ୍ୟ ବଦଳୁଛି। ତେଣୁ ଆମର ପ୍ରସ୍ତୁତି ମଧ୍ୟ ସେହି ଅନୁପାତରେ ବଦଳିବାକୁ ପଡ଼ିବ।

୧୯୯୯ ଆମକୁ ଏକ କଠୋର ଶିକ୍ଷା ଦେଇଥିଲା। ପରବର୍ତ୍ତୀ ବାତ୍ୟାଗୁଡ଼ିକ ଆମକୁ ଦେଖାଇଛି ଯେ ପ୍ରସ୍ତୁତି ଜୀବନ ବଞ୍ଚାଇପାରେ। ଏବେ ଆମର ଲକ୍ଷ୍ୟ ହେବା ଉଚିତ; କେବଳ ଜୀବନ ନୁହେଁ, ଜୀବିକା, ଭିତ୍ତିଭୂମି ଓ ସମଗ୍ର ସମାଜକୁ ଦୁର୍ବିପାକ-ପ୍ରତିରୋଧୀ କରିବା। ଓଡ଼ିଶାର ଅନୁଭବ ତାହାର ଶକ୍ତି; କିନ୍ତୁ ଆଗାମୀ ଦିନରେ ସେହି ଅନୁଭବକୁ ନୂଆ ପ୍ରଯୁକ୍ତି, ଉତ୍ତମ ଯୋଜନା ଓ ଅଧିକ ଦାୟିତ୍ୱଶୀଳ ସ୍ଥାନୀୟ ପ୍ରଶାସନ ସହ ଯୋଡ଼ିବା ହିଁ ପରବର୍ତ୍ତୀ ପଦକ୍ଷେପ।


**ସହକାରୀ ରାଜସ୍ୱ ନିରୀକ୍ଷକ, ଗଜପତି ଜିଲ୍ଲା**
**ଜଳେଶ୍ୱର, ବାଲେଶ୍ୱର, ମୋବାଇଲ୍:୭୬୦୬୦୭୪୬୨୬**


# ଗଭୀର ଅବପାତ, ବର୍ଷା ଓ ଶିଶୁ ସ୍ୱାସ୍ଥ୍ୟ

**ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**



ବର୍ଷା ଆରମ୍ଭ ଭିତରେ ମଝିରେ ମଝିରେ ପବନ ଟିକିଏ ଟିକିଏ ବଢ଼ୁଛି। ପାଣିପାଗ ଗଭୀର ଅବପାତର ସୂଚନା ଦେବା ସହ ବାତ୍ୟା ସମ୍ଭାବନା ନାହିଁ ବୋଲି ଜଣାଇଛନ୍ତି। ଚଳିତ ଅବପାତର ନାମ ରହିଛି 'ଅର୍ଣ୍ଣବ'। ତେବେ ଏହି ଗଭୀର ବର୍ଷା ସମୟରେ ବିଶେଷକରି ପରବର୍ତ୍ତୀ ସମୟରେ ଶିଶୁ ମାନଙ୍କର ସ୍ୱାସ୍ଥ୍ୟ ଅନେକାଂଶରେ ଅସୁସ୍ଥ ରହିଥାଏ। ଋତୁକାଳୀନ ଭାବେ ଏପରି ଗଭୀର ଅବପାତ ବା ଲଗାଣ ବର୍ଷା ସମୟରେ ପିଲାମାନେ ଅନେକ ରୋଗକୁ ସାମ୍ନା କରିଥାନ୍ତି। ବାୟୁମଣ୍ଡଳରେ ଆର୍ଦ୍ରତା ବଢ଼ିଯାଏ, ଉତ୍ତାପ ଅଧିକ ଥାଏ। ଏହାଫଳରେ ଶରୀର ମଧ୍ୟରୁ ନିଷ୍କାସିତ ହେଉଥିବା ଝାଳ ବାୟୁମଣ୍ଡଳକୁ ପ୍ରବେଶ କରି ପାରେନାହିଁ। ଏହା ବାଷ୍ପୀଭୂତ ନହେବା ଫଳରେ ଶରୀରର ଶୀତଳ ହୁଏନାହିଁ ଓ ଅଧିକ ଗରମ ଅନୁଭୂତ ହୁଏ ଏହାକୁ ଗୁଲୁଗୁଲି କୁହାଯାଏ। ଏହାଫଳରେ ଅନେକ ଚର୍ମରୋଗ ଦେଖାଯାଏ। ଭୂତାଣୁ, ଜୀବାଣୁ, କୀଟାଣୁ, ପାରାସାଇଟ କୀଟ, ପତଙ୍ଗ ସମସ୍ତଙ୍କର ବଂଶ ବୃଦ୍ଧି ଆଶାତୀତ ବୃଦ୍ଧି ପାଏ, ଏହା ପ୍ରଜନନ ଋତୁ। ତେଣୁ ରୋଗ ମଧ୍ୟ ସେହି ଅନୁପାତରେ ବୃଦ୍ଧି ପାଇଥାଏ।

ବର୍ଷାଜଳ, ନଦୀ, ପୁଷ୍କରିଣୀ, ନାଳ, ନର୍ଦ୍ଦମା ସବୁକୁ ଏକାକାର କରିଦିଏ। ଏପରିକି ପ୍ରଥମ ହେଉଥିବା ବର୍ଷାଜଳ ଅମ୍ଳଯୁକ୍ତ ହୋଇ ଦୂଷିତ ଜଳ ବର୍ଷା ହୋଇଥାଏ। ସାପ, ବିଛା, ବିଷାକ୍ତ କୀଟ ଏମାନଙ୍କର ବିଲରେ ଜଳ ପ୍ରବେଶ ଫଳରେ ସେମାନେ ଗୃହ ମଧ୍ୟରେ ପ୍ରବେଶ କରନ୍ତି। ଓ ସର୍ପ ଦଂଶନ, କୀଟ ଦଂଶନ ଇତ୍ୟାଦିର ପ୍ରକୋପ ଦେଖାଦିଏ। ବର୍ଷା ହେତୁ ଭୂସ୍ଖଳନ, ବାଦଲଫଟା ବର୍ଷା ହେତୁ ଆକସ୍ମିକ ବନ୍ୟା। ଦୁର୍ବଳ ଗୃହ ଭୁଷୁଡ଼ି ପଡ଼ିବା, ଜଳରେ ସଳିଳ ସମାଧି ନେବା, ଅନେକ ଦୁର୍ଦ୍ଦଶା ଦେଖାଯାଏ। ବର୍ଷା ଋତୁର ଶିଶୁମାନଙ୍କ ପ୍ରଧାନ ରୋଗ ମାନଙ୍କ ମଧ୍ୟରୁ ଥଣ୍ଡା ବା ସର୍ଦ୍ଦି ରୋଗ ପ୍ରଧାନ। ଏହାପ୍ରାୟ ଦୁଇଶହ ପ୍ରକାରର ଭୂତାଣୁ ହେତୁ ହୋଇଥାଏ। ସେମାନଙ୍କ ମଧ୍ୟରୁ 'ରାଇନୋଭାଇରସ୍' ପ୍ରଧାନ। 'ଇନ୍‌ଫ୍ଲୁଏଞ୍ଜା ଭାଇରସ୍' ମଧ୍ୟ ଏହି ସମୟରେ ଦେଖାଯାଇଥାଏ। ଏହି ଭୂତାଣୁ ନିଶ୍ୱାସ ପ୍ରଶ୍ୱାସ, ଛିଙ୍କ, କାଶ ଓ ସ୍ପର୍ଶ ଦ୍ୱାରା ବ୍ୟାପିଥାଏ। ଗେହ୍ଲା କରିବା ଫଳରେ, ଏକା ରୁମାଲରେ ମୁହଁ ପୋଛିବା ଫଳରେ, ଗୋଟିଏ କୋଠରିରେ ରହିବା ଫଳରେ ଏହା ଜଣଙ୍କ ଠାରୁ ଅନ୍ୟଜଣଙ୍କୁ ଡେଇଁଥାଏ।

ଶରୀରରେ ରୋଗ ପ୍ରତିରୋଧ ଶକ୍ତି ନଥିବାରୁ ଶିଶୁମାନଙ୍କୁ ରୋଗ ଅଧିକ ଦିନ ରହିବା ସହିତ ଅନ୍ୟାନ୍ୟ ଉପସର୍ଗ ଦେଖାଦିଏ। ଥଣ୍ଡା ପରେ ଶ୍ୱାସ, କାନପଚା, ନିମୋନିଆ ଇତ୍ୟାଦି ବୃଦ୍ଧି ପାଇଥାଏ। ପ୍ରଥମେ ଥଣ୍ଡାରୋଗରେ ନାକରୁ ପାଣିବାହାରେ, କାଶ, ତଣ୍ଟିଘା, ଦେହ ହାତ ବ୍ୟଥା ଓ ଭୋକ ହୋଇନଥାଏ ଜ୍ୱର ମଧ୍ୟ ଶିଶୁମାନଙ୍କ ଠାରେ ଦେଖାଯାଇଥାଏ। ରୋଗ ସଂକ୍ରମଣର ୧୬ଘଣ୍ଟା ପରେ ଦେହ ହାତ ବିନ୍ଧା ହୋଇଥାଏ। ଦୁଇଦିନ ପରେ ନାକରୁ ପାଣି ବାହାରି ଛିଙ୍କ କାଶ ହୋଇଥାଏ। ସାତରୁ ଦଶ ଦିନ ମଧ୍ୟରେ ମନକୁ ମନ ରୋଗ ଭଲ ହୋଇଯାଏ। ସମୟ ସମୟରେ କାଶ ୨୧ରୁ ୨୫ ଦିନ ପର୍ଯ୍ୟନ୍ତ ରହିଥାଏ। ଯେହେତୁ ଥଣ୍ଡା ରୋଗଟି ଭୂତାଣୁ ଜନିତ କୌଣସି ଔଷଧ ଆବିଷ୍କୃତ ହୋଇନାହିଁ। ଜ୍ୱର, ଦେହ ବ୍ୟଥା ପାଇଁ, ଔଷଧ ଦେବା ଉଚିତ। ଭିଟାମିନ 'ସି'ର ବିଶେଷ ଭାବରେ ଉପକାରୀ। ଆଣ୍ଟିବାଓଟିକ୍‌ର ବ୍ୟବହାର ଫଳରେ କୌଣସି ଉପକାର ମିଳିନଥାଏ। ଇନ୍‌ଫ୍ଲୁଏଞ୍ଜା ରୋଗ ଫଳରେ ଅଧିକ ଜ୍ୱର ଓ ଶ୍ୱାସକଷ୍ଟ ଦୁର୍ବଳତା ଅନୁଭୂତ ହୋଇଥାଏ। ଯାହାକି ଜୀବନପ୍ରତି ବିପଦ ସୃଷ୍ଟି କରିଥାଏ।



ପ୍ରତିଷେଧକ ହେଉଛି : ଥଣ୍ଡା ଓ ଇନ୍‌ଫ୍ଲୁଏଞ୍ଜାରୁ ରକ୍ଷା ପାଇବା ପାଇଁ ଶିଶୁକୁ ଥଣ୍ଡା ରୋଗୀ ଠାରୁ ଦୂରେଇ ରଖନ୍ତୁ। ତାର ମୁଖରେ ଚୁମା ଦେବା, ଓ ତାର ମୁଖ, ଗାଲ ଇତ୍ୟାଦି ଛୁଇଁବା ଅନୁଚିତ, ମାଙ୍କୁ ଥଣ୍ଡା ହୋଇଥିଲେ ମା' ମାସ୍କ ବ୍ୟବହାର କରିବା ଉଚିତ। ଅବଶ୍ୟ ମାର କ୍ଷୀର ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ବର୍ଷାଋତୁରେ ମ୍ୟାଲେରିଆ ଓ ଡେଙ୍ଗୁ ରୋଗର ପ୍ରକୋପ ବୃଦ୍ଧି ହୋଇଥାଏ। ଔଷଧ ଛଡ଼ା ମଶାରୀର ବ୍ୟବହାର, ରକ୍ତ ପରୀକ୍ଷା ଓ ଠିକ୍ ସମୟରେ ଔଷଧ ବ୍ୟବହାର ମ୍ୟାଲେରିଆରୁ ରକ୍ଷା କରିଥାଏ। ମଶା ଧୂପ, ଓ ଲିକ୍ୟୁଏଡଟର ମଶାକ୍ରିମ ଓ ତେଲ ମଧ୍ୟ ବ୍ୟବହାର କରାଯାଇପାରେ। ଶିଶୁର ଅସୁସ୍ଥତା ପାଇଁ ଦୂଷିତ ଜଳ ଅନେକ ପରିମାଣରେ ଦାୟୀ। ଏହାଫଳରେ ତରଳ ଝାଡ଼ା, ଜଣ୍ଡିସ୍, କୃମୀ ରୋଗ, ଟାଇଫଏଡ୍, ଲେପ୍ଟୋସ୍ପାଇରୋସିସ୍ ଇତ୍ୟାଦି ରୋଗ ଦେଖାଦେଇଥାଏ।

ବର୍ଷା ଋତୁରେ ଶିଶୁମାନଙ୍କ ରୋଗରୁ ରକ୍ଷା ପାଇବା ପାଇଁ ପରିଷ୍କାର ପରିଚ୍ଛନ୍ନତା ଅତି ଦରକାର। ନିଜର ହାତ, ବାସନକୁସନ, ସାବୁନ ଦ୍ୱାରା ସଫା କରିବା ଉଚିତ। ବର୍ଷାରେ ଓଦା ହେବା ପରେ କିମ୍ବା ବାହାର ନର୍ଦ୍ଦମା ପାଣି ମଧ୍ୟରେ ଓଦା ହୋଇ ଆସିବାପରେ, ସଫା ହୋଇ ଗାଧୋଇବା ସଫାସୁତୁରା ରହିବା ଦରକାର, ଖାଇବାକୁ ଦେବା ପୂର୍ବରୁ ଗରମ ପାଣିରେ ବାସନ ଧୋଇବା ଉଚିତ। ମାଛି ପ୍ରତି ସତର୍କତା ଗ୍ରହଣ କରିବା ଉଚିତ। ମଶାରୀ ବ୍ୟବହାର, ଫୁଟା ପାଣି ବ୍ୟବହାର କରିବା ଜରୁରୀ। ସବୁଜ ପନିପରିବା ଖାଇବା ଓ ଅଧିକ ବିଶୁଦ୍ଧ ଜଳ ପାନ କରିବା ଉଚିତ। ବର୍ଷାକୁ ନେଇ, କିମ୍ବା କୌଣସି ଅବପାତକୁ ନେଇ ଗୁଜବକୁ ଆଦୌ ବିଶ୍ୱାସ କରନ୍ତୁ ନାହିଁ କିମ୍ବା ପ୍ରଚାର ପ୍ରସାର କରନ୍ତୁ ନାହିଁ। ସରକାରୀ ସ୍ୱାସ୍ଥ୍ୟସେବାର ସୁଯୋଗ ନିଅନ୍ତୁ ଏବଂ ପିଲାମାନଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହୁଅନ୍ତୁ।


**ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ, ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର**


# ଓଡ଼ିଆ ଭାଗବତ ଓ ଶ୍ରୀଜଗନ୍ନାଥ ସଂସ୍କୃତି

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**



ଉତ୍କଳୀୟ ପ୍ରାଣର ଆରାଧ୍ୟ ଦେବତା ଓ ଆମ ଆଧ୍ୟାତ୍ମିକ ଜୀବନ, ସମାଜ, ସଂସ୍କୃତି ସବୁକିଛିର ସେ ହେଉଛନ୍ତି ପ୍ରାଣବିନ୍ଦୁ। ସେ ହିଁ ପୂର୍ଣ୍ଣବ୍ରହ୍ମ, ପରମବ୍ରହ୍ମ ଶ୍ରୀଜଗନ୍ନାଥ। ସେ ସବୁବେଳେ ଭକ୍ତମାନଙ୍କର ନିଜର ହୋଇଥାନ୍ତି। ଭକ୍ତ ଦାସିଆ ବାଉରୀ ହାତରୁ ନଡ଼ିଆ ଗ୍ରହଣ କରନ୍ତି ଆଉ ବୁଭୁକ୍ଷୁ ଭକ୍ତ ବନ୍ଧୁ ମହାନ୍ତିଙ୍କୁ ରତ୍ନଥାଳିରେ ପ୍ରସାଦ ଦିଅନ୍ତି। ଏପରିକି ତାଙ୍କ ପ୍ରଥମ ଓ ମୁଖ୍ୟ ସେବକ ଠାକୁର ରାଜା ପୁରୁଷୋତ୍ତମ ଦେବଙ୍କୁ କାଞ୍ଚି ବିଜୟ ସମୟରେ ଘୋଡ଼ା ଚଢ଼ି ଯୁଦ୍ଧରେ କେବଳ ଅଂଶ ଗ୍ରହଣ କରିନଥିଲେ ବିଜୟର ବୈଜୟନ୍ତୀ ଉଡାଇଥିଲେ। ଅଷ୍ଟାଦଶ ପୁରାଣ ରଚନା ପରେ ବ୍ୟାସଦେବ 'ସଂସ୍କୃତ ଭାଗବତ' ଲେଖନୀ କରିଥିଲେ। ଲୋକକଥା ରହିଛି ଯେ, ପଣ୍ଡିତ ଜଗନ୍ନାଥ ଦାସଙ୍କ ମାତା ସଂସ୍କୃତରେ ଭାଗବତ ବୁଝି ପାରୁନଥିବାରୁ ଓଡ଼ିଆରେ ଜଗନ୍ନାଥ ଦାସ ଅତି ସରଳ, ମଧୁର ଓ ଭାବପୂର୍ଣ୍ଣ ଶବ୍ଦକୁ ଗୁନ୍ଥି ନବାକ୍ଷରୀ ବୃତରେ ଭାଗବତ ରଚିତ କଲେ। ଏହି ଭାଗବତ କାଳ କାଳ ପାଇଁ ଓଡ଼ିଆ ମାନଙ୍କ ପାଇଁ ମୁକ୍ତିର ପାଥେୟ ହୋଇପାରିଛି। ବିଶ୍ୱାସ ରହିଛି ମୃତ୍ୟୁକାଳରେ ଭାଗବତ କାନରେ ପଡ଼ିଲେ ଆତ୍ମା ମୁକ୍ତିଲାଭ କରି ବୈକୁଣ୍ଠ ପ୍ରାପ୍ତି ହୋଇଥାଏ। ଯେଉଁଘରେ ନିତିଦିନ ଭାଗବତ ପାଠ ହୁଏ ସେ ଗୃହରେ ଅକାଳ ମୃତ୍ୟୁ, ଦୁଃଖ, କଷ୍ଟ, ଗ୍ରହ ଦୋଷ, ବାସ୍ତୁ ଦୋଷ ଘଟେ ନାହିଁ ବୋଲି ବିଶ୍ୱାସ ରହିଛି।

ଅତିବଡ଼ୀ ଜଗନ୍ନାଥ ଦାସଙ୍କ କାଳଜୟୀ ରଚନା ନବାକ୍ଷରୀ ଭାଗବତ। ଭାଦ୍ରବ ମାସ ଇନ୍ଦୁ ପୂର୍ଣ୍ଣିମା ହୋଇଥିଲା ପବିତ୍ର ଭାଗବତ ପୁରାଣର ଜନ୍ମ ଦିନ। ତେଣୁ ଓଡ଼ିଶାର ଘରେ ଘରେ ଆଜି ପାଳିତ ହେଉଛି ଭାଗବତ ଜନ୍ମ ମହୋତ୍ସବ। ଭକ୍ତ ଜଗନ୍ନାଥ ଦାସଙ୍କ ଏହି ନବାକ୍ଷରୀ ଭାଗବତ ଓଡ଼ିଆ ଜାତି, ଭାଷା ଓ ସଂସ୍କୃତିର ସ୍ୱତନ୍ତ୍ର ପରିଚୟ। ଭାଗବତ ଟୁଙ୍ଗି ଓଡ଼ିଆ ଜାତିର ଭକ୍ତିଭାବର ପ୍ରତୀକ। ଓଡ଼ିଆ ଭାଷାର ଦୁର୍ଲ୍ଲଭ ଉପଦେଶ ଭଣ୍ଡାର ଭାଗବତ ଗ୍ରନ୍ଥରେ ଭରି ରହିଛି। ଓଡ଼ିଆ ଜାତିର ଆଧ୍ୟାତ୍ମିକ ଉତ୍‌ଥାନର ଏକମାତ୍ର ସମ୍ପତ୍ତି ହେଉଛି ପରମ ଶାସ୍ତ୍ର ଭାଗବତ। ସ୍ୱୟଂ ଭଗବାନ ଏହି ଦ୍ୱାଦଶ ସ୍କନ୍ଦ ବିଶିଷ୍ଟ ଭାଗବତରେ ରହିଛନ୍ତି। ସମ୍ପୂର୍ଣ୍ଣ ଭାଗବତ ପଢ଼ିଲେ ଆମେ ଭଗବାନଙ୍କ ଲୀଳା ଅନୁଭବ କରିପାରିବା।

ଓଡ଼ିଆ ଭାଗବତରେ ସମୁଦାୟ ବାରଟି ସ୍କନ୍ଦ ରହିଛି। ଏହାର ପ୍ରଥମ ଓ ଦ୍ୱିତୀୟ ସ୍କନ୍ଦରେ 'ଆଗମ ବାଣୀ', ତୃତୀୟ ସ୍କନ୍ଦରେ 'ବ୍ରହ୍ମାଣ୍ଡ ସର୍ଜନା', ଚତୁର୍ଥ ସ୍କନ୍ଦରେ 'ଧ୍ରୁବ ଚରିତ', ପଞ୍ଚମ ସ୍କନ୍ଦରେ 'ଭରତ ପୁତ୍ର ମାନଙ୍କୁ ସାତ ଭାଗ କରି ପୃଥ୍ୱୀ ବଣ୍ଟନ', ଷଷ୍ଠ ସ୍କନ୍ଦରେ 'ଅଜାମିଳ ଚରିତ', ସପ୍ତମ ସ୍କନ୍ଦରେ 'ପ୍ରହ୍ଲାଦ ଚରିତ', ଅଷ୍ଟମ ସ୍କନ୍ଦରେ 'ସମୁଦ୍ର ମନ୍ଥନ ଓ ଗଜୋଦ୍ଧାର', ନବମ ସ୍କନ୍ଦରେ 'ବଂଶାନୁଚରିତ', ଦଶମ ସ୍କନ୍ଦରେ 'ଶ୍ରୀକୃଷ୍ଣଙ୍କ ଗୋପ, ବୃନ୍ଦାବନ, ମଥୁରା ଓ ଦ୍ୱାରିକାର ମାଧୁର୍ଯ୍ୟ ଲୀଳା', ଏକାଦଶ ସ୍କନ୍ଦରେ 'ଏକାକ୍ଷର ବ୍ରହ୍ମତତ୍ତ୍ୱ' ଓ ଶେଷ ଅର୍ଥାତ୍ ଦ୍ୱାଦଶ ସ୍କନ୍ଦରେ 'ଆଗତ ଭବିଷ୍ୟ' ଇତ୍ୟାଦି ସମ୍ପର୍କରେ ହୃଦୟପୂର୍ଣ୍ଣ ଚେତନାଦାୟୀ ବାଣୀ ଗୁଡ଼ିକ ରହିଛି। ଶୁକମୁନି ମାତ୍ର ସାତ ଦିନ ଭିତରେ ଅଭିଶାପ ପାଇଥିବା ରାଜା ପରିକ୍ଷିତଙ୍କୁ ଭକ୍ତିମାର୍ଗରେ ଏହି ମହାନ ତତ୍ତ୍ୱକୁ ବୁଝାଇବାରେ ସମର୍ଥ ହୋଇଥିଲେ ଯାହାଫଳରେ ରାଜା ପରିକ୍ଷିତଙ୍କର ସ୍ୱର୍ଗପ୍ରାପ୍ତି ହୋଇଥିଲା।

ଜଗନ୍ନାଥ ଦାସ ଓଡ଼ିଆ ଭାଗବତ ଲେଖନୀ ଆରମ୍ଭ କରିବାବେଳେ ପ୍ରଭୁ ନୃସିଂହଙ୍କୁ ପ୍ରାର୍ଥନା ପୂର୍ବକ ଆଶୀର୍ବାଦ ଭିକ୍ଷା କରି ଉଲ୍ଲେଖ କରିଛନ୍ତି - 'ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ'। ପୂର୍ଣ୍ଣବ୍ରହ୍ମ ଶ୍ରୀଜଗନ୍ନାଥଙ୍କୁ ସାକ୍ଷାତ ବିଷ୍ଣୁ ରୂପରେ ଗୋଲକ ବିହାରୀ ଭାବେ ବର୍ଣ୍ଣନା କରି ଉଲ୍ଲେଖ କରିଛନ୍ତି-'ସେହୁ ଗୋଲକ ନିତ୍ୟ ସ୍ଥଳ, ସେହିଟି ଗିରି ନୀଳାଚଳ। କୋଟିଏ ଯୁଗ ଯେବେ ଯାଇ, ଏଥିରେ ଲୀଳା ନସରଇ'। ବ୍ରହ୍ମରୂପୀ ଜଗନ୍ନାଥ ହେଉଛନ୍ତି ସର୍ବଧର୍ମ ସମନ୍ୱୟର ଦେବତା। ଜଗନ୍ନାଥ ଶବ୍ଦର ଅର୍ଥ ଜଗତ୍ ରୂପ ନାଥ ବା ପୁରୁଷ। ସେ ପୁରୁଷୋତ୍ତମ, ସେ ସର୍ବଜ୍ଞାତା ଅବତାରୀ ପୁରୁଷ। ପରମପ୍ରେମମୟ ଶ୍ରୀକୃଷ୍ଣଙ୍କ ଜନ୍ମର ଅଲୌକିକ ଘଟଣାବଳୀକୁ ଜଗନ୍ନାଥ ଦାସ ଉଲ୍ଲେଖ କରିଛନ୍ତି - 'ଛିଣ୍ଡିଲା ପାଦର ଶିକୁଳି, ବାଟ କଢ଼ାଇଲା ବିଜୁଳି। ତିନ୍ତିବା ଦେଖି ଜଗନ୍ନାଥ, ଫଣାରେ ଢ଼ାଙ୍କିଲା ଅନନ୍ତ।' କର୍ମ ଅନୁଯାୟୀ ମଣିଷକୁ ଫଳପ୍ରାପ୍ତି ହୋଇଥାଏ। ଜଣଙ୍କର ଜୀବନର ଭଲମନ୍ଦ ଦିଗ ମରଣ ସମୟରେ ଜଣା ପଡ଼େ ବୋଲି ଭାଗବତରେ ଯାହା ଉଲ୍ଲେଖ ରହିଛି - 'କର୍ମ ଅନୁସାରେ ଫଳ ପାଇ, ପ୍ରାଣୀତା ଅବଶ୍ୟ ଭୁଞ୍ଜଇ। ପ୍ରାଣୀର ଭଲମନ୍ଦ ବାଣୀ, ମରଣ କାଳେ ତାହା ଜାଣି।' ଜୀବନରେ ନିତିଦିନିଆ ସମୟ ଭିତରେ ଅନ୍ୟ ପାଇଁ ଉପକାର କରୁଥିବା ବ୍ୟକ୍ତିଚେତନା ପାଇଁ ତାଙ୍କ ଆବେଗପୂର୍ଣ୍ଣ ଲେଖନୀ ଭାଗବତରେ ରହିଛି- 'ଧନ୍ୟ ଏ ଜୀବନ ଜଗତେ, ଯେ ପ୍ରାଣୀ ଧରେ ପରହିତେ। ସର୍ବେ ଚଳିବେ କାଳବଳେ, ଯଶ ରହିବ ମହୀତଳେ।' ଅନେକ ସମୟରେ ଅନେକଙ୍କ ଭିତରେ ନିଜ ଲୋକଟି ହେଉ ବା ଅପର ଲୋକଟି ସେମାନଙ୍କର କ୍ଷତି କରିବା ସର୍ବୋପରି ଅନ୍ୟକୁ କଷ୍ଟ, ଦୁଃଖ ଓ ଯନ୍ତ୍ରଣା ଦେଇ ଧନ ଉପାର୍ଜନ କରିବା ଆଦୌ ସୁଖଦାୟକ ନୁହାଁ ଏ ସମ୍ପର୍କରେ ଭାଗବତରେ ଉଲ୍ଲେଖ ରହିଛି-'କଷ୍ଟେ ଅର୍ଜିତ ଯେତେ ଧନ, ସେ ନୁହେଁ ସୁଖେ ପ୍ରୟୋଜନ।' ଜୀବନ ଚକ୍ରରେ ମୋହ, ମାୟା, ବସ୍ତୁବାଦୀ, ସଂସାରରେ ମାନବୀୟ ମୂଲ୍ୟବୋଧ ପ୍ରତିଷ୍ଠା କରିବା ସହ କାମ, କ୍ରୋଧ, ମୋହ, ଲୋଭ ଓ ଅହଂକାର ଏ ସବୁଠୁ ଦୂରେଇ ଜୀବନକୁ ଆଧ୍ୟାତ୍ମିକମୟ କରିବା ପାଇଁ ଅତି ଶିକ୍ଷଣୀୟ ପଂକ୍ତି ଭାଗବତରେ ଉଲ୍ଲେଖ ରହିଛି-'ବୃକ୍ଷର ତଳେ ଯେହ୍ନେ ଆସି, ପଥିକ ବିଶ୍ରାମନ୍ତି ବସି। ତେମନ୍ତ ମାୟା ଏ ସଂସାର, କେ ପିତା କେ କାହା କୁମର। ନୁହଁନ୍ତି ମାୟାରେ ମୋହିତ, ସେ ପ୍ରାଣୀ ମହା ଭାଗ୍ୟବନ୍ତ।' ଭାଗବତ କର୍ମମୟ ଜୀବନ ଭିତରେ ଇଷ୍ଟଙ୍କ ପାଖରେ ସମର୍ପଣ କରି ଜୀବନ ନିର୍ବାହ ଯେ ଆନନ୍ଦପୂର୍ଣ୍ଣ ଏହା ହିଁ ଅନନ୍ତ କାଳ ପାଇଁ ଶିକ୍ଷା ଦେଇ ଆସିଛି।


**ପ୍ରତିରତ୍ନିକ ଓ ଅବସରପ୍ରାପ୍ତ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ:୯୪୩୭୦୫୧୯୫୭**




ସୁପ୍ରିମକୋର୍ଟରେ ବନ୍ଦେ ମାତରମ୍ ମାମଲା

# ଧାର୍ମିକ ସ୍ୱାଧୀନତା ଓ ଦଣ୍ଡବିଧାନକୁ ନେଇ ପ୍ରଶ୍ନ

## ବିବେକ ବଳରେ ବନ୍ଦେ ମାତରମ୍ ନ ଗାଇଲେ ଦଣ୍ଡ ମିଳିବ କି: କର୍ଣ୍ଣାଟକୀ ସଙ୍ଗୀତଜ୍ଞ



ନୂଆଦିଲ୍ଲୀ, ୨୨।୯: ସୁପ୍ରିମକୋର୍ଟରେ 'ବନ୍ଦେ ମାତରମ୍' ଗାନ ଓ ଏହାର ଅମାନ୍ୟତା ପାଇଁ ଦଣ୍ଡବିଧାନ ପ୍ରସଙ୍ଗକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ଆଇନଗତ ଶୁଣାଣି ଅନୁଷ୍ଠିତ ହୋଇଛି। ପ୍ରସିଦ୍ଧ କର୍ଣ୍ଣାଟକ ସଙ୍ଗୀତଜ୍ଞ ଟି.ଏମ୍. କ୍ରିଷ୍ଣାଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ଆବେଦନକୁ ଗ୍ରହଣ କରି ସୁପ୍ରିମକୋର୍ଟ ଏହି ମାମଲାର ଗଭୀର ପରୀକ୍ଷା କରିବାକୁ ରାଜି ହୋଇଛନ୍ତି। ଆବେଦନରେ ମୁଖ୍ୟତଃ ଏହି ଆଇନଗତ ପ୍ରଶ୍ନ ଉଠାଯାଇଛି ଯେ, ଯଦି କୌଣସି ବ୍ୟକ୍ତି ନିଜର ବିବେକ ବା ବିଶ୍ୱାସ ବଳରେ 'ବନ୍ଦେ ମାତରମ୍' ଗାନ କରିବାକୁ ମନା କରନ୍ତି, ତେବେ ତାଙ୍କୁ କୌଣସି ପ୍ରକାରର ଦଣ୍ଡବିଧାନ ବା ଦଣ୍ଡର ସମ୍ମୁଖୀନ କରାଯାଇପାରିବ କି ନାହିଁ।

ମୁଖ୍ୟ ବିଚାରପତି ସୂର୍ଯ୍ୟ କାନ୍ତ ଓ ବିଚାରପତି ଜୟମାଲ୍ୟ ବାଗଚୀଙ୍କୁ ନେଇ ଗଠିତ ଏକ ତିନିଜଣିଆ ଖଣ୍ଡପୀଠ ଏହି ମାମଲାର ବିଚାର କରୁଛନ୍ତି। ଖଣ୍ଡପୀଠ ମତ ଦେଇଛନ୍ତି ଯେ ଏକ ଜାତୀୟ ଗୀତରେ କୌଣସି ନିର୍ଦ୍ଦିଷ୍ଟ ଭଗବାନ କିମ୍ବା ଈଶ୍ୱରଙ୍କର କୌଣସି ରୂପକୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ମାତ୍ରକେ ତାହା ସମ୍ବିଧାନର ଧର୍ମନିରପେକ୍ଷତା ନୀତିକୁ କ୍ଷୁଣ୍ଣ କରେନାହିଁ। ଏହି ପ୍ରସଙ୍ଗରେ ଆମେରିକାର ଜାତୀୟ ସଙ୍ଗୀତର ଉଦାହରଣ ଦେଇ କୋର୍ଟ କହିଛନ୍ତି ଯେ ସେଠାରେ ମଧ୍ୟ 'ଇନ୍ ଗଡ୍ ୱି ଟ୍ରଷ୍ଟ' ଭଳି ଶବ୍ଦ ରହିଛି ଏବଂ ତାହା ସତ୍ତ୍ୱେ ଆମେରିକାକୁ ଏକ ସକାରାତ୍ମକ ଧର୍ମନିରପେକ୍ଷ ରାଷ୍ଟ୍ର ଭାବେ ଗ୍ରହଣ କରାଯାଇଥାଏ।

ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ଏସ୍. ମୁରଲୀଧର ଯୁକ୍ତି ବାଢ଼ି କହିଛନ୍ତି ଯେ ସରକାରଙ୍କ ପକ୍ଷରୁ ସମସ୍ତ ଛଅଟି ପଦ ଗାନ କରିବାକୁ ଯାହା ନିର୍ଦ୍ଦେଶ ଦିଆଯାଇଛି, ତାହାର ଶେଷ ଚାରୋଟି ପଦରେ ସ୍ପଷ୍ଟ ଭାବରେ ହିନ୍ଦୁ ଧାର୍ମିକ ପ୍ରତିଛବି ରହିଛି। ତେଣୁ ଅନ୍ୟ ଧର୍ମର ଲୋକଙ୍କୁ ଏହା ଗାନ କରିବା ପାଇଁ ବାଧ୍ୟ କରାଗଲେ ତାହା ଦେଶର ଧର୍ମନିରପେକ୍ଷତା ଉପରେ ଏକ ଗମ୍ଭୀର ପ୍ରଶ୍ନଚିହ୍ନ ସୃଷ୍ଟି କରୁଛି। ଏଥିସହ ସେ ଯୁକ୍ତି ଦର୍ଶାଇଥିଲେ ଯେ ଯେଉଁ ଆଇନ ବା ସରକାରୀ ବିଜ୍ଞପ୍ତିରେ କୌଣସି ଦଣ୍ଡବିଧାନର ବ୍ୟବସ୍ଥା ରହିଛି, ସେଥିରେ 'ଜାତୀୟ ଗୀତ'ର କୌଣସି ସ୍ପଷ୍ଟ ଏବଂ ନିର୍ଦ୍ଦିଷ୍ଟ ସଜ୍ଞା ନାହିଁ। ଏପରି ଏକ ଅସ୍ପଷ୍ଟ ଆଇନ ବଳରେ ସାଧାରଣ ଲୋକଙ୍କୁ ଦଣ୍ଡିତ କରାଯିବା ଅନୁଚିତ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଶୁଣାଣି ସମୟରେ ବିଚାରପତି ଜୟମାଲ୍ୟ ବାଗଚୀ ୧୯୮୬ ମସିହାର ଐତିହାସିକ 'ବିଜୋଏ ଏମାନୁଏଲ୍' ମାମଲାର ରାୟକୁ ସ୍ମରଣ କରିଥିଲେ। ସେ ସ୍ପଷ୍ଟ କରିଥିଲେ ଯେ ସେହି ମାମଲାରେ ସୁପ୍ରିମକୋର୍ଟ ପୂର୍ବରୁ ହିଁ ନିଷ୍ପତ୍ତି ଦେଇସାରିଛନ୍ତି ଯେ କୌଣସି ବ୍ୟକ୍ତିଙ୍କୁ ତାଙ୍କର ଧାର୍ମିକ ବିବେକ ବିରୁଦ୍ଧରେ ଜାତୀୟ ସଙ୍ଗୀତ ବା ଗୀତ ଗାନ କରିବାକୁ ବାଧ୍ୟ କରାଯାଇପାରିବ ନାହିଁ ଏବଂ ଏହି ଆଇନ 'ବନ୍ଦେ ମାତରମ୍' କ୍ଷେତ୍ରରେ ମଧ୍ୟ ପ୍ରଯୁଜ୍ୟ ହେବ। କୋର୍ଟ କହିଛନ୍ତି ଯେ ଜାତୀୟ ଗୀତ କ'ଣ ହେବା ଉଚିତ, ତାହା ସ୍ଥିର କରିବା ରାଷ୍ଟ୍ରର କାମ। କିନ୍ତୁ ଯଦି କୌଣସି ବ୍ୟକ୍ତି ନିଜର ମୌଳିକ ଅଧିକାର ବା ଧାର୍ମିକ ବିଶ୍ୱାସ ବଳରେ ଏହାକୁ ଗାନ ନ କରନ୍ତି, ତେବେ ତାଙ୍କୁ ଅପରାଧିକ ବା ଦଣ୍ଡବିଧାନର ସମ୍ମୁଖୀନ କରାଯାଇପାରିବ ନାହିଁ ବୋଲି କୋର୍ଟ ବିଚାର କରିବେ।

ଏହି ସମୟରେ କୋର୍ଟରେ ସରକାରୀ ପକ୍ଷରୁ ଉପସ୍ଥିତ ଥିବା ସଲିସିଟର ଜେନେରାଲ ତୁଷାର ମେହେତା ଓ ଆଇନଜୀବୀ ଏସ୍. ମୁରଲୀଧରଙ୍କ ମଧ୍ୟରେ ଏକ ତୀବ୍ର ଯୁକ୍ତିତର୍କ ଦେଖିବାକୁ ମିଳିଥିଲା।

# ବହୁପାକ୍ଷିକତା ମଜବୁତ କରିବାକୁ ଜୟଶଙ୍କରଙ୍କ ଆହ୍ୱାନ



ଜାତିସଂଘ ସାଧାରଣ ସଭା

ନ୍ୟୁୟର୍କ, ୨୨।୯: ଜାତିସଂଘ ସାଧାରଣ ସଭାର ୮୧ତମ ଅଧିବେଶନରେ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ବିଶ୍ୱ ବ୍ୟବସ୍ଥାରେ ବଢୁଥିବା ଉତ୍ତେଜନା ଓ ଭୂରାଜନୈତିକ ପ୍ରତିଯୋଗିତା ମଧ୍ୟରେ ବହୁପାକ୍ଷିକତାକୁ ମଜବୁତ କରିବା ପାଇଁ ଦୃଢ଼ ସମର୍ଥନ କରିଛନ୍ତି।

'ପାର୍ଟନର୍ସ ଫର୍ ମଲ୍ଟିଲାଟ୍ରାଜିମ୍' ସମ୍ମିଳନୀରେ ଜୟଶଙ୍କର କହିଛନ୍ତି, ବିଶ୍ୱ ଶାନ୍ତି, ସୁରକ୍ଷା, ଜଳବାୟୁ, ଆତଙ୍କବାଦ, ନୂତନ ପ୍ରଯୁକ୍ତିବିଦ୍ୟା ଓ ବିଶ୍ୱ ଯୋଗାଣ ଶୃଙ୍ଖଳ ଭଳି ପ୍ରମୁଖ ଚ୍ୟାଲେଞ୍ଜର ସମ୍ମୁଖୀନ ହେଉଛି, ଯାହାକୁ କେବଳ ମିଳିତ ଭାବରେ କାମ କରି ସମାଧାନ କରାଯାଇପାରିବ। ସେ ଜାତିସଂଘ ସମେତ ଅନ୍ତର୍ଜାତୀୟ ପ୍ରତିଷ୍ଠାନଗୁଡ଼ିକରେ ଅଧିକ ଅଂଶଗ୍ରହଣ ଏବଂ ସ୍ୱଚ୍ଛ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟା ସହିତ ସଂଶୋଧିତ ବହୁପାକ୍ଷିକତାର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି। ଜୟଶଙ୍କର କହିଛନ୍ତି ଯେ ବିଶ୍ୱ ବର୍ତ୍ତମାନ ବଡ଼ ସାଂରଚନିକ ପରିବର୍ତ୍ତନ ଦେଇ ଗତି କରୁଛି। ଗତ କିଛି ଦଶନ୍ଧି ଧରି, ବିଶ୍ୱ କ୍ଷମତା ସନ୍ତୁଳନ ଧୀରେ ଧୀରେ ପରିବର୍ତ୍ତନ ହେଉଛି। ତୀବ୍ର ପ୍ରତିଯୋଗିତା, ଭୂରାଜନୈତିକ ଉତ୍ତେଜନା ଓ ସଂଘର୍ଷ ଏହି ପରିବର୍ତ୍ତନକୁ ଆହୁରି ତୀବ୍ର କରିଛି। ଯଦି ଏହି ପରିସ୍ଥିତିର ସମାଧାନ କରାନଯାଏ, ତେବେ ଅନ୍ତର୍ଜାତୀୟ ସହଯୋଗର ଭାବନା ଉପରେ ପ୍ରଶ୍ନ ଉଠିପାରେ। ତେଣୁ, ବର୍ତ୍ତମାନର ଯୁଗରେ ବହୁପାକ୍ଷିକତାକୁ ଦୃଢ଼ ଭାବରେ ନିଜର ଭୂମିକା ଗ୍ରହଣ କରିବାକୁ ପଡ଼ିବ।

ଚାଲିଥିବା ସଂଘର୍ଷ ଓ ବିଶ୍ୱ ସଙ୍କଟର ସମାଧାନ ପାଇଁ ବ୍ୟବହାରିକ ଏବଂ ଲକ୍ଷ୍ୟଭେଦୀ ପଦକ୍ଷେପର ଆବଶ୍ୟକତା ରହିଛି। ଏକ ବ୍ୟାପକ ଶାନ୍ତି ଚୁକ୍ତିନାମା ପାଇଁ ପ୍ରୟାସ ଜାରି ରହିଥିଲେ ମଧ୍ୟ, ସଂଘର୍ଷର ନିର୍ଦ୍ଦିଷ୍ଟ ଦିଗଗୁଡ଼ିକୁ ଗୁରୁତ୍ୱ ପ୍ରଦାନ କରି ତୁରନ୍ତ ଏହାର ସମାଧାନ କରାଯାଇପାରିବ ବୋଲି ସେ କହିଛନ୍ତି।

## ବିବାହ ସାରି ଫେରୁଥିବା ବେଳେ ଖାଇକୁ ଖସିଲା କାର୍, ୪ ମୃତ



କୁଲ୍ଲୁ, ୨୨।୯: ହିମାଚଳ ପ୍ରଦେଶର କୁଲ୍ଲୁ ଜିଲ୍ଲା ଅନ୍ତର୍ଗତ ଆନି ଉପଖଣ୍ଡରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ବିବାହ ଉତ୍ସବ ସାରି ଖୁସିରେ ଘରକୁ ଫେରୁଥିବା ସମୟରେ ଏକ କାର୍ ପ୍ରାୟ ୩୫୦ ମିଟର ଗଭୀର ଖାଇକୁ ଖସିପଡ଼ିବାରୁ ଚାରି ଜଣଙ୍କର ମୃତ୍ୟୁ ହୋଇଛି ଓ ଜଣେ ଯୁବକ ଗୁରୁତର ଅବସ୍ଥାରେ ମୃତ୍ୟୁ ସହ ସଂଘର୍ଷ କରୁଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ଗତକାଲି ଭୋର ପ୍ରାୟ ସାଢ଼େ ୩ଟା ସମୟରେ ହରିପୁର ନିକଟରେ କାର୍‌ଟି ହଠାତ୍ ଭାରସାମ୍ୟ ହରାଇ ଏକ ଗଭୀର ଖାଇକୁ ଖସିପଡ଼ିଥିଲା। ଘଟଣାସ୍ଥଳରେ ହିଁ ଚାରି ଜଣଙ୍କର ପ୍ରାଣହାନି ଘଟିଥିଲା। ମଙ୍ଗଳବାର ସକାଳେ ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇବା ପରେ ପୁଲିସ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇଥିବା ଆହତ ଯୁବକଙ୍କୁ ଚିକିତ୍ସା ନିମନ୍ତେ ଅନ୍ୟ ଏକ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

## ଜାମୁଇ ନାବାଳିକା ନିର୍ଯାତନା ମାମଲା
## ମୁଖ୍ୟ ଅଭିଯୁକ୍ତକୁ ପୁଲିସ୍‌ର ଏନକାଉଣ୍ଟର



ଜାମୁଇ, ୨୨।୯: ବିହାରର ଜମୁଇ ଜିଲ୍ଲାରେ ଦଶମ ଶ୍ରେଣୀର ଜଣେ ନାବାଳିକା ଛାତ୍ରୀ ଓ ତାଙ୍କ ବନ୍ଧୁଙ୍କୁ ନିର୍ଜନ ରାସ୍ତାରେ ଅଟକାଇ ନିଷ୍ଠୁର ଭାବେ ଆକ୍ରମଣ ଓ ଅତ୍ୟାଚାର କରିବା ମାମଲାରେ ମୁଖ୍ୟ ଅଭିଯୁକ୍ତ ନନ୍ଦନ ଯାଦବକୁ ପୁଲିସ ଏନକାଉଣ୍ଟର ପରେ ଗିରଫ କରାଯାଇଛି। ମଙ୍ଗଳବାର ଅଭିଯୁକ୍ତ ନନ୍ଦନକୁ କାବୁ କରିବା ପାଇଁ ପୁଲିସ ପିଛା କରିବା ସହ ଗୁଳିଚାଳନା କରିଥିଲା। ଗୁଳି ବିନିମୟରେ ଅଭିଯୁକ୍ତର ଗୋଡ଼ରେ ଗୁଳି ବାଜିବାରୁ ତାକୁ ଚିକିତ୍ସା ପାଇଁ ଜାମୁଇ ସଦର ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଏହି ସମ୍ବେଦନଶୀଳ ଅପରାଧିକ ଘଟଣାରେ ଜମୁଇ ପୁଲିସ ପୋକ୍ସୋ ଆକ୍ଟ ଏବଂ ବିଏନଏସର ବିଭିନ୍ନ ସଂଗୀନ୍ ଧାରା ଆଧାରରେ ଏଫଆଇଆର୍ ରୁଜୁ କରିଛି। ଏସଡିପିଓ ଦୀପ୍ତି ମୋନାଲିଙ୍କ ନେତୃତ୍ୱରେ ଗଠିତ ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ ପୂର୍ବରୁ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିସାରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ନନ୍ଦନକୁ ଗୁଳିବିଦ୍ଧ କରି କାବୁ କରାଯାଇଛି। ଅନ୍ୟପଟେ, ସୋସିଆଲ ମିଡିଆରୁ ଏହି ଅପରାଧର ଭିଡିଓ ହଟାଇବା ପାଇଁ ଆଇନଗତ ପ୍ରକ୍ରିୟା ଜାରି ରହିଛି।

## ତଳେ ବସି ଜଳଖିଆ ଖାଇଲେ ବିଜୟ



ଚେନ୍ନାଇ, ୨୨।୯: ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଜୋସେଫ ବିଜୟ ପୁଣି ଥରେ ତାଙ୍କର ସରଳ ଶୈଳୀରେ ଲୋକଙ୍କ ହୃଦୟ ଜିତିଛନ୍ତି। ତିରୁବନମିୟୁରର ଗାନ୍ଧୀ ଗ୍ରାମମ୍‌ରେ ସରକାରୀ ମାଧ୍ୟମିକ ବିଦ୍ୟାଳୟ ପରିଦର୍ଶନ କରି ମୁଖ୍ୟମନ୍ତ୍ରୀ ବିଜୟ ସ୍କୁଲ ପିଲାମାନଙ୍କ ପାଇଁ ମାଗଣା ଜଳଖିଆ ଯୋଜନାର ବିସ୍ତାର କରିବା ସହ ପିଲାମାନଙ୍କ ସାଙ୍ଗରେ ତଳେ ବସି ଜଳଖିଆ ଖାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଏହି ଆଚରଣ ସୋସିଆଲ ମିଡିଆରେ ଦ୍ରୁତ ଗତିରେ ଭାଇରାଲ ହେଉଛି ଏବଂ ଲୋକମାନେ ତାଙ୍କର ସମ୍ପୃକ୍ତିକୁ ପ୍ରଶଂସା କରୁଛନ୍ତି। ମୁଖ୍ୟମନ୍ତ୍ରୀ ବିଜୟ ତିରୁବନମିୟୁରର ଏକ ସରକାରୀ ସ୍କୁଲରେ ପେରୁନ୍ତଲାଇଭର କାମରାଜର ମାଗଣା ଜଳଖିଆ ଯୋଜନାର ବିସ୍ତାରିତ ପର୍ଯ୍ୟାୟ ଆରମ୍ଭ କରିଛନ୍ତି।

## ନିଜ ନାଁର ସିମ୍ ଅନ୍ୟକୁ ଦେଲେ ହେବ ଜେଲ୍ !

ନୂଆଦିଲ୍ଲୀ, ୨୨।୯: ଅନେକ କ୍ଷେତ୍ରରେ ଆମେ ନିଜ ନାଁରେ ସିମ କାର୍ଡ ନେଇ ପରିବାର ବର୍ଗ ଓ ସାଙ୍ଗସାଥୀଙ୍କୁ ବ୍ୟବହାର କରିବାକୁ ଦେଇଥାଉ। ହେଲେ ଏବେ ଆଉ ସେସବୁ ଚଳିବନି। ନିଜ ଡକ୍ୟୁମେଣ୍ଟରେ ସିମ୍ କାର୍ଡ ନେଇ ଅନ୍ୟ କାହାକୁ ବ୍ୟବହାର କରିବାକୁ ଦେଲେ କଡ଼ା କାର୍ଯ୍ୟାନୁଷ୍ଠାନ ହୋଇପାରେ। କେବଳ ସେତିକି ନୁହେଁ ନିଜ ନାଁରେ ସିମ୍ ନେଇ କାହାକୁ ବିକ୍ରି କରିବା, ଭଡ଼ାରେ ଦେବା କିମ୍ବା ସାଇବର ଠକେଇ ପାଇଁ ବ୍ୟବହାର କରିବା ଏଣିକି ମହଙ୍ଗା ପଡ଼ିପାରେ। ଦୂରସଂଚାର ବିଭାଗ ଗତ ୨୧ ସେପ୍ଟେମ୍ବରରେ ଏନେଇ ନୂଆ ଆଡଭାଇଜରି ଜାରି କରିଛି। ନକଲି ପରିଚୟପତ୍ରରେ ସିମ୍ କିଣିବା କିମ୍ବା ବିକ୍ରି କରିବା, ହେରଫେର କରିବା ଭଳି କାର୍ଯ୍ୟ ପାଇଁ ୩ ବର୍ଷ ପର୍ଯ୍ୟନ୍ତ ଜେଲ୍ ଓ ୫୦ ଲକ୍ଷ ଟଙ୍କା ଯାଏ ଜରିମାନା ହୋଇପାରେ।

## ଦିଲ୍ଲୀରେ ପହଞ୍ଚିଲେ ବିଜ୍ଜୁ ତବାହି
## ପ୍ରଥମ ଦିନରେ ବାହାରିଲା ୫୮୫ କିଲୋ ଅଳିଆ

ନୂଆଦିଲ୍ଲୀ, ୨୨।୯: ମଧ୍ୟପ୍ରଦେଶର ଅଜନାର ନଦୀକୁ ସଫା କରି ପୂର୍ବରୁ ଆସିଥିବା ବିଜ୍ଜୁ ଏବେ ଦିଲ୍ଲୀର ଯମୁନା କୂଳରେ ପହଞ୍ଚି ନଦୀ ସଫେଇ ଅଭିଯାନ ଆରମ୍ଭ କରିଛନ୍ତି। ତାଙ୍କର ଏହି ପ୍ରୟାସର ମୁଖ୍ୟ ଲକ୍ଷ୍ୟ ହେଉଛି ଯମୁନାକୁ ସଫା କରିବା ସହିତ ସାଧାରଣ ଲୋକଙ୍କ ମନରେ ସ୍ୱଚ୍ଛତା ପ୍ରତି ସଚେତନତା ଜାଗ୍ରତ କରିବା।

## ହ୍ୱାଇଟ୍ ହାଉସ୍ ଆରମ୍ଭ କଲା ଟ୍ରମ୍ପ୍ ଟିଭି
### ୨୪ ଘଣ୍ଟା ମିଳିବ ରାଷ୍ଟ୍ରପତିଙ୍କ ସମସ୍ତ ଅପଡେଟ୍



ୱାଶିଂଟନ୍, ୨୨।୯: ଆମେରିକା ଶାସନମୁଖ୍ୟଙ୍କ କାର୍ଯ୍ୟାଳୟ ହ୍ୱାଇଟ୍ ହାଉସ୍ ପକ୍ଷରୁ ସୋମବାର ସ୍ୱତନ୍ତ୍ର ୨୪/୭ ଷ୍ଟ୍ରିମିଂ ପ୍ଲାଟଫର୍ମ 'ଟ୍ରମ୍ପ୍ ଟିଭି'ର ଶୁଭାରମ୍ଭ କରାଯାଇଛି। ଏହି ପ୍ଲାଟଫର୍ମ ମାଧ୍ୟମରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପୂର୍ବ ପ୍ରଭାବଶାଳୀ ଭାଷଣ, ସରକାରୀ ଘୋଷଣା ଓ ପ୍ରଶାସନିକ କାର୍ଯ୍ୟକ୍ରମଗୁଡ଼ିକର ସିଧାପ୍ରସାରଣ ତଥା ଅପଡେଟ୍ ଚବିଶ ଘଣ୍ଟା ଉପଲବ୍ଧ ହେବ। ହ୍ୱାଇଟ୍ ହାଉସ୍ ଏହାର ଅଫିସିଆଲ୍ 'ଏକ୍ସ' ଆକାଉଣ୍ଟରେ ଏହି ସୂଚନା ଦେଇ ଲେଖିଛି ଯେ, ଟ୍ରମ୍ପ୍ ଟିଭି ଏବେ ଲାଇଭ୍ ଷ୍ଟ୍ରିମ୍ ହେଉଛି। ପ୍ରଶାସନର ପ୍ରମୁଖ ମୁହୂର୍ତ୍ତ, ଗୁରୁତ୍ୱପୂର୍ଣ୍ଣ ଘୋଷଣା ଏବଂ ସମସ୍ତ ଅପଡେଟ୍ ଏବେ ଗୋଟିଏ ସ୍ଥାନରେ ମିଳିପାରିବ। ଶୁଭାରମ୍ଭ ସମୟରେ ଟ୍ରମ୍ପଙ୍କ ୪୭ତମ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ ଉତ୍ସବ ଏବଂ ପ୍ରମୁଖ ଜନସଭାର ଦୃଶ୍ୟ ସମ୍ପ୍ରସାରିତ କରାଯାଇଥିଲା।

ଗଣମାଧ୍ୟମ ପ୍ରତିନିଧିଙ୍କ ହ୍ୱାଇଟ୍ ହାଉସ୍ ପ୍ରବେଶ ଉପରେ କଟକଣାକୁ ନେଇ ସୃଷ୍ଟ ବିବାଦ ମଧ୍ୟରେ ଏହି ନୂତନ ପ୍ଲାଟଫର୍ମ ସାମ୍ନାକୁ ଆସିଛି। ପ୍ରମୁଖ ସମ୍ବାଦ ସଂସ୍ଥାଗୁଡ଼ିକର ସାମ୍ବାଦିକଙ୍କୁ ହ୍ୱାଇଟ୍ ହାଉସରେ ପ୍ରବେଶ ବାରଣ କରାଯିବା ପରେ ସେମାନେ ଆଦାଲତର ଦ୍ୱାରସ୍ଥ ହୋଇଛନ୍ତି। ଏହି କଟକଣାକୁ ଯୁକ୍ତିଯୁକ୍ତ ଦର୍ଶାଇ ଟ୍ରମ୍ପ୍ କହିଛନ୍ତି ଯେ, ସମ୍ବାଦ ପରିବେଷଣରେ ନିରପେକ୍ଷତା ରହିବା ଉଚିତ୍ ଓ ଫେକ୍ ନ୍ୟୁଜ୍ ପ୍ରସାରଣ କରୁଥିବା ସଂସ୍ଥାକୁ ହ୍ୱାଇଟ୍ ହାଉସକୁ ଛଡ଼ାଯିବ ନାହିଁ।

ରେଟିଂ ଏଜେନ୍ସି କ୍ରିସିଲ୍‌ର ଆକଳନ

# ୧୧% ଯାଏ ବଢ଼ିବ ରାଜ୍ୟଗୁଡ଼ିକର ରାଜସ୍ୱ



ମୁମ୍ବାଇ, ୨୨।୯: ଦେଶର ୧୮ଟି ବଡ଼ ରାଜ୍ୟର ରାଜସ୍ୱ ଆୟ ଚଳିତ ଆର୍ଥିକ ବର୍ଷରେ ୯ରୁ ୧୧ ପ୍ରତିଶତ ବଢ଼ିପାରେ। ଅଧିକ ଜିଏସ୍‌ଟି ଆଦାୟ ଓ କେନ୍ଦ୍ରରୁ ଟିକସ ବାବଦରେ ଅଧିକ ରାଜସ୍ୱ ପାଇବା କାରଣରୁ ଏହା ହେବ। ୧୮ଟି ବଡ଼ ରାଜ୍ୟ ଯେଉଁମାନଙ୍କର ଜିଏସ୍‌ଡିପିର ଅଂଶ ପ୍ରାୟ ୯୦ ପ୍ରତିଶତ ସେମାନଙ୍କର ମିଳିତ ରାଜସ୍ୱ ଚଳିତ ଆର୍ଥିକବର୍ଷରେ ୪୪ ଲକ୍ଷ କୋଟି ଟଙ୍କା ଟପିବ ବୋଲି ରେଟିଂ ଏଜେନ୍ସି କ୍ରିସିଲ୍ ଆକଳନ କରିଛି। ଗତ ଆର୍ଥିକ ବର୍ଷରେ ଏହି ରାଜ୍ୟଗୁଡ଼ିକର ରାଜସ୍ୱ ବୃଦ୍ଧି ପ୍ରାୟ ୮ ପ୍ରତିଶତ ଥିଲା।

ରାଜ୍ୟଗୁଡ଼ିକର ରାଜସ୍ୱ ବୃଦ୍ଧିର ମୁଖ୍ୟ ଆଧାର ହେବ ଜିଏସ୍‌ଟି ଆଦାୟ। କ୍ରିସିଲ୍ ଅନୁସାରେ, ଚଳିତ ଆର୍ଥିକ ବର୍ଷରେ ରାଜ୍ୟଗୁଡ଼ିକର ଜିଏସ୍‌ଟି ରାଜସ୍ୱ ୧୨ରୁ ୧୩ ପ୍ରତିଶତ ବଢ଼ିପାରେ। ଦେଶରେ ଘରୋଇ ଚାହିଦା ଭଲ ରହିବା ସହ ଆମଦାନି ବାବଦ ଜିଏସ୍‌ଟି ଆଦାୟ ବଢ଼ିବା ଏହାର ମୁଖ୍ୟ କାରଣ। ୨୦୨୬ ଅଗଷ୍ଟ ୩୧ ସୁଦ୍ଧା ପ୍ରଥମ ପାଞ୍ଚ ମାସରେ ରାଜ୍ୟଗୁଡ଼ିକର ଜିଏସ୍‌ଟି ରାଜସ୍ୱ ୧୬ ପ୍ରତିଶତ ବଢ଼ିଛି। ଏହି ସମୟରେ ଆମଦାନିରୁ ସମନ୍ୱିତ ଜିଏସ୍‌ଟି (ଆଇଜିଏସ୍‌ଟି) ପ୍ରାୟ ୩୦ ପ୍ରତିଶତ ବଢ଼ିଛି। ଇଲେକ୍ଟ୍ରୋନିକ୍ସ, ଯନ୍ତ୍ରପାତି, ସୁନା, ସାର ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀର ଆମଦାନି ବଢ଼ିବା ଏହାର ଏକ କାରଣ। ତେବେ ସାମଗ୍ରୀ ଦର ସ୍ଥିର ହେବା ଓ ମୁଦ୍ରା ବଜାରରେ ଅସ୍ଥିରତା କମିବା ପରେ ବର୍ଷର ଦ୍ୱିତୀୟାର୍ଦ୍ଧରେ ଜିଏସ୍‌ଟି ବୃଦ୍ଧିର ଗତି କିଛିଟା କମିପାରେ। କେନ୍ଦ୍ରରୁ ରାଜ୍ୟଗୁଡ଼ିକୁ ମିଳୁଥିବା ଟିକସ ୧୧ରୁ ୧୨ ପ୍ରତିଶତ ବଢ଼ିବ ବୋଲି କ୍ରିସିଲ୍ ଆକଳନ କରିଛି।

## ପଶ୍ଚିମବଙ୍ଗରେ ବନ୍ଦ ହେଲା ୯୩୩ଟି ସରକାରୀ ସ୍କୁଲ



କୋଲକାତା, ୨୨।୯: ପଶ୍ଚିମବଙ୍ଗରେ ରାଜ୍ୟ ସରକାରଙ୍କ ପକ୍ଷରୁ ଶିକ୍ଷା କ୍ଷେତ୍ରରେ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ଗ୍ରହଣ କରାଯାଉଥିବାବେଳେ ରାଜ୍ୟରେ ଏକାଥରକେ ୯୩୩ଟି ସ୍କୁଲ ବନ୍ଦ କରାଯାଇଛି। ଏକ ଦୁର୍ନୀତିମୁକ୍ତ ବ୍ୟବସ୍ଥା ଗଠନ ଏବଂ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ଲକ୍ଷ୍ୟରେ କାର୍ଯ୍ୟ କରୁଥିବା ସରକାରଙ୍କ ଶିକ୍ଷା ବିଭାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ବନ୍ଦ ହୋଇଥିବା ସ୍କୁଲଗୁଡ଼ିକ ମଧ୍ୟରେ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଏବଂ ମାଧ୍ୟମିକ ସ୍କୁଲ ଅନ୍ତର୍ଭୁକ୍ତ ରହିଛି। ଗତ ୫ ରୁ ୧୨ ବର୍ଷ ମଧ୍ୟରେ ଏହି ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ନାମଲେଖା ସମ୍ପୂର୍ଣ୍ଣ ଶୂନ୍ୟ ରହିଥିଲା। ତେଣୁ ସରକାରୀ ସମ୍ବଳର ଅପଚୟକୁ ଏଡ଼ାଇବା ପାଇଁ ସରକାର ଏହି ସ୍କୁଲଗୁଡ଼ିକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ପ୍ରସଙ୍ଗରେ ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ, ଯେହେତୁ ଏହି ବିଦ୍ୟାଳୟଗୁଡ଼ିକରେ କୌଣସି ଛାତ୍ରଛାତ୍ରୀ ପଢୁନାହାନ୍ତି ଏବଂ ରକ୍ଷଣାବେକ୍ଷଣ ଅଭାବରୁ କୋଠାଗୁଡ଼ିକର ଅବସ୍ଥା ମଧ୍ୟ କ୍ରମଶଃ ଖରାପ ହେବାରେ ଲାଗିଛି, ତେଣୁ ସେଗୁଡ଼ିକୁ ବନ୍ଦ କରିବା ଅପରିହାର୍ଯ୍ୟ ଥିଲା। ସରକାର ଏକ ସ୍ୱତନ୍ତ୍ର କମିଟି ଜରିଆରେ ବନ୍ଦ ସ୍କୁଲଗୁଡ଼ିକର କୋଠା, ଖେଳପଡ଼ିଆ, ଜମି ଏବଂ ଅନ୍ୟାନ୍ୟ ସମ୍ବଳର ମୂଲ୍ୟାଙ୍କନ କରିବେ। ସମ୍ପୂର୍ଣ୍ଣ ମୂଲ୍ୟାଙ୍କନ ପ୍ରକ୍ରିୟା ଶେଷ ହେବା ପରେ ଏହିସବୁ ସରକାରୀ ସମ୍ପତ୍ତିକୁ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରାଯିବ।

## ବନ୍ଦ ହେବ ଇରାନର ଅନ୍ତର୍ଜାତୀୟ ବିମାନ ସେବା!




ୱାଶିଂଟନ, ୨୨।୯: ଆମେରିକା ଓ ଇରାନ ମଧ୍ୟରେ ବଢୁଥିବା ଉତ୍ତେଜନା ମଧ୍ୟରେ ୱାଶିଂଟନ ପକ୍ଷରୁ ଇରାନ ବିମାନ ଚଳାଚଳ ଉପରେ ବିଶ୍ୱବ୍ୟାପୀ ପ୍ରତିବନ୍ଧକ ଲଗାଇବାକୁ ନିଷ୍ପତ୍ତି ନିଆଯାଇଛି। ଆମେରିକାର ଅର୍ଥ ସଚିବ ସ୍କଟ ବେସେଣ୍ଟଙ୍କ ଚେତାବନୀ ଅନୁଯାୟୀ, ଆସନ୍ତା ସେପ୍ଟେମ୍ବର ୨୩ରୁ ଇରାନ ବିମାନ କମ୍ପାନୀଗୁଡ଼ିକର ଆନ୍ତର୍ଜାତୀୟ ଯାତ୍ରା ପ୍ରଭାବଶାଳୀ ଭାବରେ ବନ୍ଦ ହୋଇପାରେ। ଟ୍ରମ୍ପ ପ୍ରଶାସନ ତେହରାନ ଉପରେ ଆର୍ଥିକ ଚାପ ବୃଦ୍ଧି କରିବା ପାଇଁ ଏହି କଡ଼ା ପଦକ୍ଷେପ ନେଇଛି। ଏହି ନିୟମ ଅନୁଯାୟୀ, ଇରାନ ବିମାନଗୁଡ଼ିକୁ ସେବା ଯୋଗାଉଥିବା ବିଦେଶୀ ବିମାନବନ୍ଦର, ଇନ୍ଧନ ଯୋଗାଣକାରୀ ଏବଂ ଟିକେଟିଂ ଏଜେନ୍ସି ଆଦି ଯେକୌଣସି ସଂସ୍ଥା ଯଦି ସେମାନଙ୍କୁ ସହଯୋଗ କରେ, ତେବେ ସେହି କମ୍ପାନୀଗୁଡ଼ିକ ବିରୋଧରେ ମଧ୍ୟ ଦ୍ୱିତୀୟ ପର୍ଯ୍ୟାୟ ପ୍ରତିବନ୍ଧକ ଲଗାଯିବ। ଏପରିକି ଆମେରିକୀୟ ଆର୍ଥିକ ବ୍ୟବସ୍ଥାରୁ ମଧ୍ୟ ସେମାନଙ୍କୁ ବାହାର କରାଯାଇପାରେ ବୋଲି ଚେତାବନୀ ଦିଆଯାଇଛି।

## ଧର୍ମଘଟକୁ ନ ଓହ୍ଲାଇବା ପାଇଁ ବ୍ୟାଙ୍କ ସଂଘଗୁଡ଼ିକୁ ସରକାରଙ୍କ ନିବେଦନ

ନୂଆଦିଲ୍ଲୀ, ୨୨।୯: ବିଭିନ୍ନ ଦାବି ପୂରଣ ପାଇଁ ବ୍ୟାଙ୍କ ସଂଘଗୁଡ଼ିକ ଆସନ୍ତା ୨୮ ତାରିଖରୁ ୩ ଦିନିଆ ଦେଶବ୍ୟାପୀ ଧର୍ମଘଟ ଡାକରା ଦେଇଛନ୍ତି। ଧର୍ମଘଟକୁ ନ ଓହ୍ଲାଇ ଆଲୋଚନା ମାଧ୍ୟମରେ ସମସ୍ୟା ସମାଧାନ ପାଇଁ ଅର୍ଥ ମନ୍ତ୍ରାଳୟ ପକ୍ଷରୁ ଗତକାଲି ବ୍ୟାଙ୍କ ସଂଘଗୁଡ଼ିକୁ ପରାମର୍ଶ ଦିଆଯାଇଛି।

ବ୍ୟାଙ୍କ ସଂଘର ଦାବିଗୁଡ଼ିକ ମଧ୍ୟରେ ସପ୍ତାହକୁ ୫ ଦିନିଆ କାର୍ଯ୍ୟଦିବସକୁ ଲାଗୁ କରିବା ଏବଂ ପ୍ରଦର୍ଶନଭିତ୍ତିକ ପ୍ରୋତ୍ସାହନ (ପିଏଲ୍ଆଇ) ଯୋଜନାକୁ ପ୍ରତ୍ୟାହାର ରହିଛି। ଅର୍ଥ ମନ୍ତ୍ରଣାଳୟ କହିଛି, ସଂଘଗୁଡ଼ିକ ସହ ଆଲୋଚନା ପରେ ପିଏଲ୍ଆଇ ଯୋଜନାକୁ ଚଳିତମାସରେ ସ୍ଥଗିତ ରଖାଯାଇଛି। ସପ୍ତାହକୁ ୫ ଦିନିଆ କାର୍ଯ୍ୟଦିବସ ଦାବି ଉପରେ ଆଲୋଚନା ଜାରି ରହିଛି। ତେଣୁ କର୍ମଚାରୀମାନେ ଆନ୍ଦୋଳନକୁ ନ ଓହ୍ଲାଇ ଆଲୋଚନା ମାଧ୍ୟମରେ ଦାବି ସମାଧାନ କରନ୍ତୁ। ଦାବି ପୂରଣ ପାଇଁ ଚଳିତମାସ ୧୧ ତାରିଖରେ ବ୍ୟାଙ୍କ ସଂଘଗୁଡ଼ିକ ଦେଶବ୍ୟାପୀ ଦିନିକିଆ ଧର୍ମଘଟ କରିସାରିଛନ୍ତି। ବ୍ୟାଙ୍କଗୁଡ଼ିକର ଅର୍ଦ୍ଧବାର୍ଷିକ କ୍ଲୋଜିଂ ସେପ୍ଟେମ୍ବର ୩୦ ତାରିଖରେ ରହିଛି। କିନ୍ତୁ ଏହା ପୂର୍ବରୁ ସେପ୍ଟେମ୍ବର ୨୮ ଓ ୨୯ରେ ବ୍ୟାଙ୍କ ଧର୍ମଘଟ ଡାକରା ସରକାରଙ୍କ ଚିନ୍ତା ବଢ଼ାଇଛି।

## ୪ଟି ରାଜ୍ୟରେ ଏମଏଲସି ନିର୍ବାଚନ ଘୋଷଣା

ଅକ୍ଟୋବର ୨୩ରେ ମତଦାନ

ନୂଆଦିଲ୍ଲୀ, ୨୨।୯: ନିର୍ବାଚନ କମିସନ ବିହାର, କର୍ଣ୍ଣାଟକ, ମହାରାଷ୍ଟ୍ର ଏବଂ ଉତ୍ତର ପ୍ରଦେଶରେ ୨୮ ବିଧାନ ପରିଷଦ(ଏମଏଲସି) ଆସନରେ ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ଘୋଷଣା କରିଛନ୍ତି। ଏହି ଆସନଗୁଡ଼ିକ ପାଇଁ ମତଦାନ ଅକ୍ଟୋବର ୨୩ ତାରିଖରେ ହେବ। ଭୋଟ୍ ଗଣତି ଅକ୍ଟୋବର ୨୭ ତାରିଖରେ ହେବ। ଏମଏଲସି ଆସନରେ ସ୍ନାତକ ଏବଂ ଚାରିଟି ଶିକ୍ଷକ ନିର୍ବାଚନ ମଣ୍ଡଳୀରେ ନିର୍ବାଚନ କରାଯିବ। ସେଥିମଧ୍ୟରେ ଉତ୍ତର ପ୍ରଦେଶର ୧୧ ବିହାରର ୮, ମହାରାଷ୍ଟ୍ରର ୫ ଏବଂ କର୍ଣ୍ଣାଟକର ୪ ଆସନ ରହିଛି। ଏହା ସହିତ ନିର୍ବାଚନ କମିସନ ଉତ୍ତର ପ୍ରଦେଶର ୧୦, ଉତ୍ତରାଖଣ୍ଡର ଗୋଟିଏ ରାଜ୍ୟସଭା ଆସନ ପାଇଁ ନିର୍ବାଚନ ଘୋଷଣା କରିଛନ୍ତି। ସେହପରି ପଶ୍ଚିମବଙ୍ଗରେ ଖାଲି ପଡ଼ିଥିବା ଗୋଟିଏ ଆସନ ପାଇଁ ଉପନିର୍ବାଚନ ହେବ। ଏହି ସମସ୍ତ ଆସନ ପାଇଁ ମତଦାନ ୧୬ ଅକ୍ଟୋବରରେ ହେବ ଏବଂ ସେହି ଦିନ ଭୋଟ୍ ଗଣତି କରାଯିବ।

# ଇରାନ ଆକାଶରେ ରହସ୍ୟମୟ ବସ୍ତୁ



## ଚର୍ଚ୍ଚାକୁ ଆସିଲା ଆମେରିକାର ଗୁପ୍ତ 'ବ୍ଲାକ୍ ମାଣ୍ଟା'

ତେହରାନ, ୨୨।୯: ଆମେରିକା ଓ ଇରାନ ମଧ୍ୟରେ ଚାଲିଥିବା ଉତ୍ତେଜନା ମଧ୍ୟରେ ଇରାନର ରାଜଧାନୀ ତେହରାନ ଆକାଶରେ ଏକ ରହସ୍ୟମୟ ବସ୍ତୁ ଦୃଶ୍ୟମାନ ହେବା ପରେ ସାରା ବିଶ୍ୱରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଛି। ଏହି ବସ୍ତୁଟିରେ ଉଜ୍ଜ୍ୱଳ ଓ ବହୁ-ବର୍ଣ୍ଣର ଆଲୋକ ଦେଖିବାକୁ ମିଳିଥିଲା, ଯାହାକି କୌଣସି ସ୍ପେସ୍ ଫିଲ୍ମର ଦୃଶ୍ୟ ଭଳି ପ୍ରତୀୟମାନ ହେଉଥିଲା। ଏହି ଘଟଣା ପରେ ଆମେରିକାର ଏକ ଅତ୍ୟନ୍ତ ଗୁପ୍ତ ତଥା ରହସ୍ୟମୟ ଯୁଦ୍ଧବିମାନ ତଥା 'ବ୍ଲାକ୍ ମାଣ୍ଟା' କୁ ନେଇ ପୁଣିଥରେ ଚର୍ଚ୍ଚା ଜୋର୍ ଧରିଛି। ଯଦିଓ ଆମେରିକା ସରକାର କେବେବି ଏପରି କୌଣସି ଜାହାଜର ଅସ୍ତିତ୍ୱକୁ ସ୍ୱୀକାର କରିନାହାନ୍ତି, କିନ୍ତୁ ଏହାର ରୂପ ଏକ ବଡ଼ ତ୍ରିକୋଣୀୟ ବିମାନ ସଦୃଶ ବୋଲି କୁହାଯାଉଛି।

ପ୍ରାପ୍ତ ସୂଚନା ଅନୁଯାୟୀ, ଗତ ସେପ୍ଟେମ୍ବର ୨୦ ତାରିଖରେ ତେହରାନର ଆଜାଦେଗାନ୍ ଏକ୍ସପ୍ରେସୱେ ନିକଟରେ ଏହି ରହସ୍ୟମୟ ବସ୍ତୁଟିକୁ ପ୍ରଥମେ ଦେଖିବାକୁ ମିଳିଥିଲା। ଭିଡିଓଗୁଡ଼ିକରେ ଏହା ଏକ ବଡ଼, ଚନ୍ଦ୍ରାକୃତିର ବିମାନ ପରି ଦୃଶ୍ୟମାନ ହୋଇଥିଲା ଯେଉଁଥିରେ ଅନେକ ରଙ୍ଗୀନ ଆଲୋକ ଜଳୁଥିଲା। ଏହାର ପରଦିନ ଅର୍ଥାତ୍ ସେପ୍ଟେମ୍ବର ୨୧ ତାରିଖରେ ଇରାନର ଜାହେଦାନ୍ ସହରରେ ମଧ୍ୟ ଆକାଶରେ ଆଲୋକର ଏକ ଅଜବ ଗୋଷ୍ଠୀ ଗତି କରୁଥିବାର ଅନ୍ୟ ଏକ ଭିଡିଓ ସାମ୍ନାକୁ ଆସିଥିଲା।

ଏହି ରହସ୍ୟମୟ ବସ୍ତୁଗୁଡ଼ିକର ଆବିର୍ଭାବ ପରେ ବିଭିନ୍ନ ମହଲରୁ ଭିନ୍ନ ଭିନ୍ନ ମତ ପ୍ରକାଶ ପାଇଛି। କିଛି ଲୋକ ଏହାକୁ ଏକ ଆଲୋକିତ ଘୁଡ଼ି ବୋଲି କହିଥିବାବେଳେ ଆଉ କେତେକ ଏହାକୁ ଏକ ରହସ୍ୟମୟ ଡ୍ରୋନ୍ କିମ୍ବା ପୃଥିବୀ ବାହାରର ବସ୍ତୁ ବୋଲି ମଧ୍ୟ ସନ୍ଦେହ କରିଛନ୍ତି। ତେବେ, ଏସବୁ ଭିତରେ ବିଶେଷଜ୍ଞମାନେ ଆମେରିକାର ସବୁଠାରୁ ଗୁପ୍ତ ତଥା ରହସ୍ୟମୟ ଜାହାଜ 'ବ୍ଲାକ୍ ମାଣ୍ଟା'ର ଥିଓରୀକୁ ପୁଣିଥରେ ଆଲୋଚନାକୁ ଆଣିଛନ୍ତି।

ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିକଟରେ ଦେଇଥିବା ଏକ ବିବୃତ୍ତିରେ ଆମେରିକା ପାଖରେ ଏପରି ଅସ୍ତ୍ରଶସ୍ତ୍ର ଅଛି ଯାହା କେହି କେବେ ଦେଖି ନାହାନ୍ତି ଏବଂ ଯାହା କେବଳ କିଛି ବଛାବଛା ଲୋକଙ୍କ ଜ୍ଞାତସାରରେ ଅଛି ବୋଲି ଦାବି କରିବା ପରେ ଏହି ଚର୍ଚ୍ଚା ଅଧିକ ଜୋର୍ ଧରିଛି। ଦଶନ୍ଧି ଧରି ପ୍ରତ୍ୟକ୍ଷଦର୍ଶୀମାନେ ଏହାକୁ ଏକ କଳା, ତ୍ରିକୋଣୀୟ ଆକୃତିର ୟୁଏଫ୍‌ଓ ଭାବରେ ବର୍ଣ୍ଣନା କରିଆସିଛନ୍ତି, ଯେଉଁଥିରେ ଏକ ଉଜ୍ଜ୍ୱଳ କେନ୍ଦ୍ରୀୟ ଆଲୋକ ଥାଏ ଏବଂ ଯାହା ଅତ୍ୟନ୍ତ ଦ୍ରୁତ ଗତିରେ ଉଡ଼ିବାର କ୍ଷମତା ରଖେ। ୨୦୨୧ ମସିହାରେ ମଧ୍ୟ ଇରାନର ଗଣମାଧ୍ୟମ ଜରିଆରେ ମେଡିଟେରାନିଆ ସାଗରରେ ଥିବା ଏକ ଆମେରିକୀୟ ବିମାନବାହୀ ପୋତରେ ଏଭଳି ଏକ ତ୍ରିକୋଣୀୟ ବସ୍ତୁର ଛବି ସାମ୍ନାକୁ ଆସିଥିଲା।

## ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର

# ଅନନ୍ତ ନାଗଙ୍କୁ ଦାଦାସାହେବ ଫାଲ୍‌କେ




**ମାମୁଟି ଓ କାର୍ତ୍ତିକ ଆର୍ଯ୍ୟନ୍ ଶ୍ରେଷ୍ଠ ଅଭିନେତା, ଯାମୀ ଶ୍ରେଷ୍ଠ ଅଭିନେତ୍ରୀ**

ଏକତା ନଗର,୨୨।୯: ଦେଶର ସିନେମା ଜଗତର ସବୁଠାରୁ ପ୍ରତିଷ୍ଠିତ ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଉତ୍ସବ ପ୍ରଥମ ଥର ପାଇଁ ଜାତୀୟ ରାଜଧାନୀ ବାହାରେ ଗୁଜରାଟରେ ଏକତା ନଗରସ୍ଥିତ ଷ୍ଟାଚ୍ୟୁ ଅଫ୍ ୟୁନିଟିରେ ଅନୁଷ୍ଠିତ ହୋଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ସମାରୋହରେ ଯୋଗଦେଇ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି। ଚଳିତ ବର୍ଷ ଭାରତୀୟ ସିନେମାର ସର୍ବୋଚ୍ଚ ସମ୍ମାନ 'ଦାଦାସାହେବ ଫାଲକେ ପୁରସ୍କାର'ରେ କନ୍ନଡ଼ ସିନେମାର ସୁପ୍ରସିଦ୍ଧ ଅଭିନେତା ଅନନ୍ତ ନାଗ ସମ୍ମାନିତ ହୋଇଛନ୍ତି। ପାଞ୍ଚ ଦଶନ୍ଧିର ଅଭିନୟ ଯାତ୍ରା ମଧ୍ୟରେ ୩୦୦ରୁ ଅଧିକ ଚଳଚ୍ଚିତ୍ରରେ ଅଭିନୟ କରିଥିବା ଅନନ୍ତଙ୍କର କନ୍ନଡ଼ ତଥା ଭାରତୀୟ ସିନେମାକୁ ଅତୁଳନୀୟ ଅବଦାନ ଦେଇଛନ୍ତି। ୨୦୨୪ ବର୍ଷ ପାଇଁ ପ୍ରଶଂସିତ ଚଳଚ୍ଚିତ୍ରଗୁଡ଼ିକ ମଧ୍ୟରୁ ମାଲାୟାଲମ୍ ମେଗାଷ୍ଟାର ମାମୁଟି 'ବ୍ରହ୍ମଯୁଗମ୍' ଚଳଚ୍ଚିତ୍ର ପାଇଁ ଚତୁର୍ଥ ଥର ପାଇଁ ଶ୍ରେଷ୍ଠ ଅଭିନେତା ଜାତୀୟ ପୁରସ୍କାର ଅର୍ଜନ କରି ଅମିତାଭ ବଚ୍ଚନଙ୍କ ସହ ସର୍ବାଧିକ ସମ୍ମାନିତ ହୋଇଥିବା ଅଭିନେତାଙ୍କ ସମକକ୍ଷ ହୋଇଛନ୍ତି। ତାଙ୍କ ସହ କାର୍ତ୍ତିକ ଆର୍ଯ୍ୟନ 'ଚନ୍ଦୁ ଚାମ୍ପିୟନ' ଚଳଚ୍ଚିତ୍ର ପାଇଁ ମଧ୍ୟ ଶ୍ରେଷ୍ଠ ଅଭିନେତା ଭାବେ ମନୋନୀତ ହୋଇଛନ୍ତି। ଆଦିତ୍ୟ ସୁହାସ ଜାମ୍ଭାଲେଙ୍କ ନିର୍ଦ୍ଦେଶିତ 'ଆର୍ଟିକିଲ୍ ୩୭୦' ଶ୍ରେଷ୍ଠ ଫିଚର୍ ସିନେମା ବିବେଚିତ ହୋଇଥିବା ବେଳେ ଏଥିରେ ଅଭିନୟ ପାଇଁ ଯାମୀ ଗୌତମ ଶ୍ରେଷ୍ଠ ଅଭିନେତ୍ରୀ ପୁରସ୍କାର ଲାଭ କରିଛନ୍ତି।

ଏହା ବ୍ୟତୀତ ରାଜକୁମାର ପେରିଆସାମୀ 'ଅମରନ୍' ପାଇଁ ଶ୍ରେଷ୍ଠ ନିର୍ଦ୍ଦେଶକ ସମ୍ମାନ ପାଇଥିବା ବେଳେ ସଞ୍ଜୟ ମିଶ୍ର, ସବନା ନାମିଦାସ ଓ ରୂପଶ୍ରୀ ବରକଡ଼ି ଶ୍ରେଷ୍ଠ ସହ-ଅଭିନେତା ଓ ଅଭିନେତ୍ରୀ ଭାବେ ପୁରସ୍କୃତ ହୋଇଛନ୍ତି। ଅରୁଣ ମାଥେଶ୍ୱରନ୍‌ଙ୍କ 'କ୍ୟାପ୍ଟେନ୍ ମିଲର୍' ଜାତୀୟ, ସାମାଜିକ ଓ ପରିବେଶଗତ ମୂଲ୍ୟବୋଧ ପ୍ରଚାର କରୁଥିବା ଶ୍ରେଷ୍ଠ ଚଳଚ୍ଚିତ୍ର ଓ ନାଗ ଅଶ୍ୱିନଙ୍କ 'କଲ୍କୀ ୨୮୯୮ ଏଡି' ଶ୍ରେଷ୍ଠ ମନୋରଞ୍ଜନଧର୍ମୀ ଲୋକପ୍ରିୟ ଚଳଚ୍ଚିତ୍ର ବିବେଚିତ ହୋଇଛି। ସେହିପରି ରଣଦୀପ ହୁଡ଼ା 'ସ୍ୱାତନ୍ତ୍ର୍ୟ ବୀର ସଭରକର' ପାଇଁ ଶ୍ରେଷ୍ଠ ନବନିର୍ଦ୍ଦେଶକ ଡେବ୍ୟୁ ଫିଲ୍ମ ପୁରସ୍କାର ପାଇଥିବା ବେଳେ ନନ୍-ଫିଚର୍ ବିଭାଗରେ 'ଭଙ୍ଗାର୍' ଶ୍ରେଷ୍ଠ ଫିଲ୍ମ ଓ ଆନନ୍ଦ ଏଲ୍. ରାୟ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ସମ୍ମାନିତ ହୋଇଛନ୍ତି।

# ମାସେ ପରେ ଜେଲ୍‌ରୁ ମୁକୁଳିଲେ ଅଟୋ ଚାଳକ

● ୩୩ ଦିନ ପରେ ମିଳିଲା ଜାମିନ

ଭୁବନେଶ୍ୱର,୨୨।୯(ସଂଚାର ବ୍ୟୁରୋ): ମାସେ ପରେ ଜେଲ୍‌ରୁ ମୁକୁଳିଲେ ଗିରଫ ଅଟୋ ଚାଳକ। ଝାରପଡ଼ା ଜେଲ୍‌ରୁ ମୁକୁଳିଲେ। ଦୀର୍ଘ ୩୩ ଦିନ ଧରି ଜେଲରେ ରହିବା ପରେ ଏବେ ଏହି



ଅଟୋ ଚାଳକମାନେ ଜାମିନରେ ମୁକୁଳିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଆଜି ୨୭ ଜଣ ଅଟୋ ଚାଳକ ମୁକୁଳିଛନ୍ତି। ଦୀର୍ଘ ଦିନ ଧରି ଝାରପଡ଼ା ଜେଲରେ ରହିବା ପରେ ସେମାନଙ୍କ ପରିବାର ବେସାହାରା ହୋଇପଡ଼ିଥିଲେ। ତେବେ ମୁକୁଳିବା ପରେ ଜେଲ ସାମ୍ନାରେ ପରିବାର ଲୋକେ ଖୁସିରେ ବିହ୍ୱଳିତ ହୋଇଛନ୍ତି। ପାଖାପାଖି ମାସେ ତଳେ ପିଏମଜିରେ ଆନ୍ଦୋଳନ ବେଳେ ବିଶୃଙ୍ଖଳା ଘଟିଥିଲା। ପରେ ଆମ ବସ ଓ ପୁଲିସ୍ ଗାଡ଼ି ସହ ସାଧାରଣ ଲୋକଙ୍କ ଗାଡ଼ିକୁ ଭଙ୍ଗାରୁଜା କରିଥିଲେ। ଘଟଣାରେ ପୁଲିସ ୧୧୫ ଜଣଙ୍କୁ ଗିରଫ କରିଥିଲା। ଗିରଫ ହୋଇଥିବା ଅଟୋ ଚାଳକଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୨୭ ଜଣ ଜାମିନ ପାଇ ଜେଲ୍‌ରୁ ମୁକୁଳିଛନ୍ତି। ଅନ୍ୟମାନଙ୍କ ଜାମିନ ଆବେଦନ କେଉଁ ଆଇନଗତ ପ୍ରକ୍ରିୟା ଜାରି ରହିଛି। ଏହି ଘଟଣା ପରେ ଆନ୍ଦୋଳନ ସମୟରେ ଆଇନଶୃଙ୍ଖଳା ରକ୍ଷା ଏବଂ ସାଧାରଣ ଲୋକଙ୍କ ସୁରକ୍ଷାକୁ ନେଇ ପୁଣିଥରେ ଆଲୋଚନା ଆରମ୍ଭ ହୋଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଜି ରାତିରେ...

କମିଯାଇବା ପରେ ଏହାର ପ୍ରଭାବ ଆଭ୍ୟନ୍ତରୀଣ ଓଡ଼ିଶା ଉପରେ ପଡ଼ିବ ଓ ସେଠାରେ ବର୍ଷାର ମାତ୍ରା ବୃଦ୍ଧି ପାଇବ। ପରବର୍ତ୍ତୀ ସମୟରେ ଏହି ଲଘୁଚାପ କ୍ଷେତ୍ରଟି କ୍ରମଶଃ ଉତ୍ତର ଏବଂ ଉତ୍ତର-ପଶ୍ଚିମ ଦିଗକୁ ଗତି କରି ଛତିଶଗଡ଼ ଅଭିମୁଖେ ଅଗ୍ରସର ହେବ ବୋଲି ପାଣିପାଗ ବିଭାଗ ସ୍ପଷ୍ଟ କରିଛି। ଯେତେବେଳେ ଏହି ଗଭୀର ଅବପାତ ସ୍ଥଳଭାଗ ଅତିକ୍ରମ କରିବ, ସେହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୫୫ରୁ ୬୫ କିମି ପର୍ଯ୍ୟନ୍ତ ରହିବାର ଆଶଙ୍କା କରାଯାଉଛି। ଲଗାଣ ବର୍ଷା ଓ ପବନ ଯୋଗୁଁ ରାଜ୍ୟର ପାହାଡ଼ିଆ ଅଞ୍ଚଳଗୁଡ଼ିକରେ ବ୍ୟାପକ ଭୂସ୍ଖଳନ ଓ ମାଟି ଅତଡ଼ା ଖସିବାର ବିପଦ ରହିଛି। ସେହିପରି ପ୍ରବଳ ପବନ ଯୋଗୁଁ ଛୋଟ ଛୋଟ ଗଛ ଓ ଡାଳ ଭାଙ୍ଗି ରାସ୍ତା ଅବରୋଧ ହୋଇପାରେ। ସବୁଠାରୁ ବଡ଼ ଚିନ୍ତାର ବିଷୟ ହେଉଛି କୃଷି କ୍ଷେତ୍ର। ଏହି ଅଦିନିଆ ଝଡ଼ ଓ ବର୍ଷା କାରଣରୁ କ୍ଷେତରେ ଠିଆ ଧାନ ସମେତ ଅନ୍ୟାନ୍ୟ ଫସଲ ବ୍ୟାପକ ମାତ୍ରାରେ ନଷ୍ଟ ହେବାର ସମ୍ଭାବନା ଥିବାରୁ ଚାଷୀକୁଳ ଆତଙ୍କିତ ଅଛନ୍ତି। ଅଞ୍ଚଳିତ ଆଗାମୀ ଗଭୀର ଅବପାତ ପାଇଁ ମୋଟ ୩୩ଟି ଓଡ୍ରାଫ୍ ଟିମ୍ ନିୟୋଜିତ କରାଯାଇଛି। ଏଥିମଧ୍ୟରୁ ୨୪ଟି ଟିମ୍ ସମ୍ବେଦନଶୀଳ ଜିଲ୍ଲାଗୁଡ଼ିକରେ ମୁତୟନ କରାଯାଇଛି।

### ମୀନାଙ୍କ ସ୍ଥାନ...

ନୂଆ ଡିସିପି ଭାବେ ଅବସ୍ଥାପିତ କରାଯାଇଛି। ସେ ବର୍ତ୍ତମାନର ଡିସିପି ଜଗମୋହନ ମୀନାଙ୍କ ସ୍ଥାନ ନେବେ। ସୁନେମାଯୋଗ ସେ ଜଗମୋହନ ମୀନା ନିକଟରେ ନିଜ ପଦଭାର ଗ୍ରହଣ କରିବେ। ଏଭଳି ପରିସ୍ଥିତିରେ ରାଜଧାନୀର ଆଇନଶୃଙ୍ଖଳା ବଜାୟ ରଖିବା ସହ ପାର୍ବଣ ଋତୁରେ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ତାଙ୍କର ସରବଶାଙ୍କ ଉପରେ ଏକ ବଡ଼ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ଅନ୍ୟପକ୍ଷରେ ଡକ୍ଟର ସରବଶା ବିବେକଙ୍କ ବଦଳି ପରେ ଖାଲି ପଡ଼ିଥିବା ବ୍ରହ୍ମପୁର ଏସପି ପଦବୀରେ ୨୦୧୯ ବ୍ୟାଚ୍‌ର ଯୁବ ଆଇପିଏସ୍ ଅଧିକାରୀ ଅଭିନବ ସୋନକରଙ୍କୁ ନିଯୁକ୍ତି ଦିଆଯାଇଛି। ସୋନକର ବର୍ତ୍ତମାନ ଢେଙ୍କାନାଳ ଜିଲ୍ଲାର ଏସପି ଭାବେ କାର୍ଯ୍ୟ କରୁଛନ୍ତି। ସେହିପରି ଢେଙ୍କାନାଳ ଏସପି ଭାବେ ୨୦୨୨ ବ୍ୟାଚ୍‌ର ଆଇପିଏସ୍ ଅଜିଙ୍କ୍ୟ ବି ମାନେଙ୍କୁ ବଦଳି କରାଯାଇଛି। ଅଜିଙ୍କ୍ୟ ଏବେ ପାରାଦୀପରେ ଅତିରିକ୍ତ ଏସପି ଦାୟିତ୍ୱରେ ଅଛନ୍ତି। ଏହା ବ୍ୟତୀତ ରାଜ୍ୟ ପୁଲିସ ମୁଖ୍ୟାଳୟରେ ସହକାରୀ ଏସପି ଭାବେ କାର୍ଯ୍ୟରତ ଥିବା ୨୦୨୧ ବ୍ୟାଚ୍‌ର ଆଇପିଏସ୍ ଅଧିକାରୀ ଏବି ଶିଲ୍ପାଙ୍କୁ ମଧ୍ୟ ବଦଳି କରାଯାଇଛି। ତାଙ୍କୁ ବରଗଡ଼ ଜିଲ୍ଲାର ଏସଡିପିଓ ଭାବେ ଅବସ୍ଥାପିତ କରାଯାଇଛି। ଏହି ବଦଳି ପ୍ରକ୍ରିୟାକୁ ତୁରନ୍ତ ଲାଗୁ କରିବା ସକାଶେ ବିଜ୍ଞପ୍ତିରେ ନିର୍ଦ୍ଦେଶ ଦିଆଯାଇଛି।

### ଆରମ୍ଭରୁ ହଙ୍ଗୋଳ...

ବିଜେପି ସରକାରଙ୍କୁ ଘେରିବାକୁ ଉଦ୍ୟମ କରିଛନ୍ତି। ସପ୍ତଦଶ ବିଧାନସଭାର ସପ୍ତମ ଅଧିବେଶନ ଆଜି ପୂର୍ବାହ୍ନ ୧୧ଟାରେ ବାଚସ୍ପତି ସୁରମା ପାଢ଼ୀ ଗୃହରେ ପହଞ୍ଚିବା ପରେ ବନ୍ଦେ ମାତରମ୍ ଓ ଜାତୀୟ ସଙ୍ଗୀତ ଗାନ ସହ ଆରମ୍ଭ ହୋଇଥିଲା। ଗୃହର ନେତା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିବଂଗତ ସଦସ୍ୟଙ୍କ ସମେତ ନେପାଳ ଜଳପ୍ରଳୟରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କ ସମ୍ମାନରେ ଶୋକ ପ୍ରସ୍ତାବ ଆଗତ କରିଥିଲେ। ସେହି ଦିବଂଗତଙ୍କ ଆତ୍ମାର ସଦଗତି ପାଇଁ ଶ୍ରଦ୍ଧାଞ୍ଜଳି ଜଣାଇବା ପରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ସିପିଆଇ ନେତା ଲକ୍ଷ୍ମଣ ମୁଣ୍ଡା ଓ ବାଚସ୍ପତି ଶୋକ ବ୍ୟକ୍ତ କରିଥିଲେ। ପରେ ଗୃହରେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା। ଶୋକ ପ୍ରସ୍ତାବ ଶେଷ ହେବା ମାତ୍ରେ ଗୃହର ବାତାବରଣ ସରଗରମ ହୋଇପଡ଼ିଥିଲା। ପ୍ରଶ୍ନକାଳ ଆରମ୍ଭ ହେବାମାତ୍ରେ ବିରୋଧୀ ବିଜେଡି ଓ କଂଗ୍ରେସ ସଦସ୍ୟମାନେ ଗୃହରେ ହଙ୍ଗୋଳ କରିଥିଲେ। କଂଗ୍ରେସ ବିଧାୟକମାନେ ଏମ୍‌ଏମ୍‌ଡିଆର୍ ଆକ୍ଟ ଓ ବିଜେଡି ବିଧାୟକମାନେ ପାଠ୍ୟପୁସ୍ତକ ତ୍ରୁଟି ପ୍ରସଙ୍ଗରେ ଗଣଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରି ହଙ୍ଗୋଳ କରିଥିଲେ। ଫଳରେ ବାଚସ୍ପତି ଗୃହକୁ ୧୧.୩୮ ମିନିଟରେ ଦିନ ୧ଟା ୧୦ ମିନିଟ୍ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ତେବେ ଗୃହ ପୁଣିଥରେ ୧ଟା ୧୦ ମିନିଟରେ ଆରମ୍ଭ ହେବା ମାତ୍ରେ ବିଜେଡି ଓ କଂଗ୍ରେସ ବିଧାୟକମାନେ ପ୍ଲାକାର୍ଡ ଧରି ବାଚସ୍ପତିଙ୍କ ପୋଡ଼ିୟମ ସମ୍ମୁଖରେ ପ୍ରବଳ ହଙ୍ଗୋଳ କରିଥିଲେ। ଗୃହ ପରିଚାଳନା ସମ୍ଭବପର ନ ହେବାରୁ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଗୃହକୁ ୧ଟା ୧୧ ମିନିଟରେ ପୁଣିଥରେ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରି କହିଥିଲେ ଯେ ବିଜେପି ସରକାରର ମନ୍ତ୍ରୀମାନେ ଅନ୍ଧ, ମୂକ ଓ ବଧିର ସାଜିଛନ୍ତି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପାଠ୍ୟପୁସ୍ତକରେ ୧୬୭୮ଟି ସାଂଘାତିକ ଭୁଲ ରହିବା, ଓଡ଼ିଶା ବିଧାନସଭାର ଭୁଲ ଫଟୋ ଛାପିବା ଓ ଓଡ଼ିଆ ବର୍ଣ୍ଣମାଳା ବିଭ୍ରାଟ ଯୋଗୁଁ କୋଟି କୋଟି ଟଙ୍କା ପାଣିରେ ପଡ଼ିଥିଲେ ମଧ୍ୟ ସରକାର କେବଳ ଅଫିସରଙ୍କ ଉପରେ ଦୋଷ ଲଦି ଖସିଯିବାକୁ ଚେଷ୍ଟା କରୁଛନ୍ତି। ଏହାର ନୈତିକ ଉତ୍ତରଦାୟିତ୍ୱ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ନିଅନ୍ତୁ ଓ ସେ ଇସ୍ତଫା ନ ଦେବା ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି ଯେ ସରକାର ସମସ୍ତ ବିଷୟରେ ଗୃହରେ ଆଲୋଚନା ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ତ୍ରୁଟିପୂର୍ଣ୍ଣ ବହି ପାଇଁ ଦାୟୀ ଥିବା ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏଥିସହ ପ୍ରାୟ ୫୦ ହଜାରରୁ ଊର୍ଦ୍ଧ୍ୱ ସଂଶୋଧିତ ପୁସ୍ତକ ବଣ୍ଟନ କରାଯାଇସାରିଛି ଓ କୌଣସି ପିଲା ସଠିକ୍ ପାଠରୁ ବଞ୍ଚିତ ହେବେନାହିଁ।

### 'ଜୋନ୍ ଅଫ୍...

କୋର୍ଟ କହିଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି.ମୋହନଙ୍କୁ ନେଇ ଗଠିତ ୩ଜଣିଆ ଖଣ୍ଡପୀଠ ଆଗରେ ଆଜି ରାଜ୍ୟର ଡିଜିପି ନିଯୁକ୍ତି ପ୍ରକ୍ରିୟାକୁ ନେଇ ଆଗତ ମାମଲାର ପ୍ରାଥମିକ ଶୁଣାଣି ଆରମ୍ଭ ହୋଇଛି। ଶୁଣାଣିବେଳେ ସରକାରୀ କଳର କାର୍ଯ୍ୟଶୈଳୀକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବରିଷ୍ଠ ଓକିଲ ଚିଦାମ୍ବରମ୍। ଖଣ୍ଡପୀଠଙ୍କ ସମ୍ମୁଖରେ ସେ ଯୁକ୍ତି ବାଢ଼ି କହିଛନ୍ତି ଯେ, ଡିଜିପି ପାହ୍ୟାରେ ଉପଲବ୍ଧ ଶୀର୍ଷ ତିନିଜଣ ଅଧିକାରୀଙ୍କ ମଧ୍ୟରୁ ଜଣଙ୍କୁ ଅଯୋଗ୍ୟ ଦର୍ଶାଇ ପ୍ରକ୍ରିୟାରୁ ବାହାର କରିବା ଓ ତାଲିକାର ନିମ୍ନକ୍ରମରେ ଥିବା ଚତୁର୍ଥ କିମ୍ବା ପଂଚମ ସ୍ଥାନର ପସନ୍ଦର ଏଡିଜି ପାହ୍ୟାର ଅଫିସରଙ୍କୁ ପଦୋନ୍ନତି ଦେଇ 'ଜୋନ୍ ଅଫ କନ୍ସିଡରେସନ'କୁ ଆଣିବା ଉଦ୍ଦେଶ୍ୟରେ ସୁଚିନ୍ତିତ ଢଙ୍ଗରେ ବରିଷ୍ଠ ଆଇପିଏସ୍ ଅଫିସର ସୁଶାନ୍ତ ନାଥଙ୍କ ସଚ୍ଚୋଟତା ପ୍ରମାଣପତ୍ର (ଇଣ୍ଟିଗ୍ରିଟି ସାର୍ଟିଫିକେଟ୍) ରୋକିବା ସହ ଓ ଦୁଇଟି ଏକ୍ସ-କ୍ୟାଡ଼ର ପଦବୀ ସୃଷ୍ଟି କରାଯାଇଛି। ଶ୍ରୀ ଚିଦାମ୍ବରମ ଆହୁରି ଦର୍ଶାଇଥିଲେ ଯେ, ନାଗାଲାଣ୍ଡ ମାମଲାର ରାୟ ଆଧାରରେ ଯଦି ତିନିଜଣ ଡିଜିପି ପାହ୍ୟା ଅଧିକାରୀଙ୍କ ଅଭାବ ଥାଏ ତେବେ ଯାଇ ନିମ୍ନ ପାହ୍ୟାର ଅଫିସରଙ୍କ ନାମ ବିଚାରକୁ ନିଆଯାଇପାରେ, କିନ୍ତୁ ଏଠାରେ ସଂଶୋଧିତ ତାଲିକାରେ ଡିଜିପି ପାହ୍ୟାର ତିନି ଜଣ ଅଫିସର ଉପଲବ୍ଧ ଥାଇ ମଧ୍ୟ ସିବିଆଇର ଚିଠିକୁ ଆଧାର କରି ସୁଶାନ୍ତ ନାଥଙ୍କ ସଚ୍ଚୋଟତା ପ୍ରମାଣପତ୍ରକୁ ରୋକି ଦିଆଯାଇଛି। ଅଗଷ୍ଟ ୭ରେ ରାଜ୍ୟ ସରକାର ୟୁପିଏସସି ବୈଠକ ଘୁଂଚାଇବାକୁ କହିବା, ଅଗଷ୍ଟ ୮ରେ ଏକ୍ସକ୍ୟାଡ଼ର ଡିଜିପି ପଦବୀ ସୃଷ୍ଟି ପାଇଁ କେନ୍ଦ୍ରକୁ ପ୍ରସ୍ତାବ ପଠାଇବା, ଅଗଷ୍ଟ ୯ରେ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ସମ୍ମତି ଦେବା ଓ ସେହିଦିନ ହିଁ ସଞ୍ଜିବ ପଣ୍ଡା ଓ ଯଶବନ୍ତ ଜେଠୁୱାଙ୍କୁ ପଦୋନ୍ନତି ପ୍ରଦାନ କରାଯିବା ଏକ ସୁଚିନ୍ତିତ ଚକ୍ରାନ୍ତ ବୋଲି ସେ ଅଭିଯୋଗ କରିଥିଲେ। ଏହି ସମୟରେ ଖଣ୍ଡପୀଠ ଘଟଣାକ୍ରମ ଓ ଏଡିଜି ପାହ୍ୟାରୁ ଡିଜିପି ପାହ୍ୟାକୁ ପଦୋନ୍ନତି ଦିଆଯାଇଥିବା ଅଫିସରଙ୍କ ଯୋଗ୍ୟତା ସମ୍ପର୍କରେ ପଚାରି ବୁଝିଥିଲେ। ଜଣେ ବରିଷ୍ଠ ଅଫିସରଙ୍କୁ ଏକ ସନ୍ଦେହଜନକ ପ୍ରତିକୂଳ ରିପୋର୍ଟ ଦେଖାଇ ତାଲିକାରୁ ହଟାଯିବା ନେଇ ଚିଦାମ୍ବରମ କହିବା ପରେ ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ ସିବିଆଇର ପତ୍ର ଦେଖାଇବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସୁଶାନ୍ତ ନାଥଙ୍କ ପକ୍ଷରୁ ହାଜର ହୋଇ ବରିଷ୍ଠ ଓକିଲ କରୁଣା ନନ୍ଦୀ ଯୁକ୍ତି ବାଢ଼ିଥିଲେ ଯେ, ଦୀର୍ଘ ୩୨ ବର୍ଷର କ୍ଲିନ୍ ସର୍ଭିସ ରେକର୍ଡ, ରାଷ୍ଟ୍ରପତି ମେଡାଲ୍ ପାଇଥିବା ଓ ବାର୍ଷିକ ଚରିତ୍ର ପଞ୍ଜିକାରେ ଉଲ୍ଲେଖନୀୟ ରେକର୍ଡ ଥାଇ ମଧ୍ୟ କୌଣସି ଚାର୍ଜସିଟ୍ କିମ୍ବା ବିଭାଗୀୟ ତଦନ୍ତ ବିନା ତାଙ୍କର ଇଣ୍ଟିଗ୍ରିଟି ସାର୍ଟିଫିକେଟକୁ ରୋକାଯିବା ନ୍ୟାୟସଙ୍ଗତ ନୁହେଁ। ବରିଷ୍ଠତା ତାଲିକାର ଦ୍ୱିତୀୟ ସ୍ଥାନରେ ଥିବା ଏହି ଡିଜିପି ପାହ୍ୟାର ଅଫିସରଙ୍କୁ ନ୍ୟାୟ ଦେବା ପାଇଁ ସେ କୋର୍ଟଙ୍କ ହସ୍ତକ୍ଷେପ ଲୋଡ଼ିଥିଲେ।

### ପ୍ଲାଷ୍ଟିକ୍ ବ୍ୟବସାୟ...

ଆମଦାନୀ, ପ୍ଲାଷ୍ଟିକ୍ ସାମଗ୍ରୀ ନିର୍ମାଣ, ବ୍ରାଣ୍ଡ ମାଲିକାନା, ବିକ୍ରୟ ଓ ପ୍ଲାଷ୍ଟିକ୍ ବର୍ଜ୍ୟ ପ୍ରକ୍ରିୟାକରଣ ସହ ଜଡ଼ିତ ସଂସ୍ଥାଗୁଡ଼ିକ ନିୟମ ଅନୁଯାୟୀ ପଞ୍ଜୀକରଣ କରିବାକୁ ପଡ଼ିବ। ପ୍ଲାଷ୍ଟିକ୍ ବର୍ଜ୍ୟର ସଠିକ୍ ପରିଚାଳନା ସହ ଏହାର ସଂଗ୍ରହ, ପୁନଃବ୍ୟବହାର ଓ ପ୍ରକ୍ରିୟାକରଣକୁ ନିୟମିତ କରିବା ଏହି ବ୍ୟବସ୍ଥାର ମୁଖ୍ୟ ଉଦ୍ଦେଶ୍ୟ। ଏହାବ୍ୟତୀତ ପ୍ଲାଷ୍ଟିକ୍ ବର୍ଜ୍ୟ ସଂଗ୍ରହ, ପ୍ରକ୍ରିୟାକରଣ ଓ ପରିଚାଳନା ସହ ଜଡ଼ିତ ସଂସ୍ଥାଗୁଡ଼ିକ ମଧ୍ୟ ଏହି ପଞ୍ଜୀକରଣ ବ୍ୟବସ୍ଥା ଅଧୀନରେ ଆସିବେ। ଅର୍ଥାତ୍ ପ୍ଲାଷ୍ଟିକ୍ ଉତ୍ପାଦନରୁ ଆରମ୍ଭ କରି ଏହାର ବର୍ଜ୍ୟ ପରିଚାଳନା ପର୍ଯ୍ୟନ୍ତ ଶୃଙ୍ଖଳାରେ ଜଡ଼ିତ ସଂସ୍ଥାଗୁଡ଼ିକୁ ନିୟମ ପାଳନ କରିବାକୁ ହେବ। ବୋର୍ଡ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ଆବଶ୍ୟକ ପଞ୍ଜୀକରଣ ବିନା ସମ୍ପୃକ୍ତ ସଂସ୍ଥା ପ୍ଲାଷ୍ଟିକ୍ ସମ୍ପର୍କିତ ବ୍ୟବସାୟ କରିପାରିବେ ନାହିଁ। କେବଳ ନିଜ ସଂସ୍ଥାର ପଞ୍ଜୀକରଣ ନୁହେଁ, ଅନ୍ୟ ପଞ୍ଜୀକୃତ ନଥିବା ସଂସ୍ଥା ସହ ପ୍ଲାଷ୍ଟିକ୍ ପ୍ୟାକେଜିଂ କିମ୍ବା ପ୍ଲାଷ୍ଟିକ୍ ବର୍ଜ୍ୟ ସମ୍ପର୍କିତ କାରବାର ନକରିବାକୁ ମଧ୍ୟ ନୋଟିସରେ କୁହାଯାଇଛି। ଏହା ଫଳରେ ପ୍ଲାଷ୍ଟିକ୍ ବ୍ୟବସାୟ କ୍ଷେତ୍ରରେ ନିୟମ ପାଳନକୁ ଗୁରୁତ୍ୱ ଦେବା ସହ ପଞ୍ଜୀକୃତ ସଂସ୍ଥା ମଧ୍ୟରେ ହିଁ ବ୍ୟବସାୟିକ କାରବାରକୁ ସୀମିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ସମ୍ପୃକ୍ତ ବ୍ୟବସାୟୀ ଓ ସଂସ୍ଥାଗୁଡ଼ିକ ନିଜର ପଞ୍ଜୀକରଣ ସ୍ଥିତି ଯାଞ୍ଚ କରି ନିୟମ ଅନୁଯାୟୀ କାର୍ଯ୍ୟ କରିବାକୁ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ, ପ୍ଲାଷ୍ଟିକ୍ ପ୍ୟାକେଜିଂ ସମ୍ପର୍କିତ ପଞ୍ଜୀକରଣ ପାଇଁ ପୂର୍ବରୁ ଚାଲୁଥିବା ଇପିଆର୍ ପୋର୍ଟାଲକୁ ୨୮ ଜୁନ୍ ୨୦୨୬ରୁ ବନ୍ଦ କରାଯାଇଛି।

### ଭାରତୀୟ କ୍ରିକେଟ୍...

ଓ ୭ଟି ଛକା ସହ ୭୯, ୱିକେଟ୍‌କିପର୍-ବ୍ୟାଟ୍ସୱମ୍ୟାନ୍ ରୀଚା ଘୋଷ ମାତ୍ର ୨୨ ବଲ୍‌ରେ ୬ ଚୌକା ଓ ୩ଟି ଛକା ଜରିଆରେ ଅପରାଜିତ ୪୯, ଅନ୍ୟତମ ଓପନର ଶେଫାଳୀ ବର୍ମା ୩ଟି ଲେଖାଏଁ ଚୌକା ଓ ଛକା ମାଧ୍ୟମରେ ୪୮ ରନ୍ କରିଥିଲେ। ଶ୍ରୀଲଙ୍କା ପାଇଁ ଏସ. କୁମାରୀ, କେ. ଦିଲହାରି ଓ ସି. ପ୍ରବୋଦା ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ବ୍ୟାଟିଂରେ ଦଳ ବିପର୍ଯ୍ୟୟର ଶିକାର ହୋଇ ୧୫.୪ ଓଭର୍‌ରେ ମାତ୍ର ୬୯ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା।

# ଦୁର୍ଗାପୂଜା ପ୍ରସ୍ତୁତି ବୈଠକ ଅନୁଷ୍ଠିତ

କଟକ,୨୨।୯ (ସଂଚାର ବ୍ୟୁରୋ): ଆଠଗଡ଼ ବିଜ୍ଞାପିତ ଅଞ୍ଚଳରେ ଚଳିତ ବର୍ଷର ଶାରଦୀୟ ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳା, ସୁରକ୍ଷିତ ଓ ଆଡ଼ମ୍ବରପୂର୍ଣ୍ଣ ପରିବେଶରେ ସମ୍ପନ୍ନ କରିବା ଲକ୍ଷ୍ୟରେ ଆଜି ଆଠଗଡ଼ ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀ, ପୁଲିସ ବିଭାଗ, ଆଠଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସ୍‌ଆଇ), ବିଦ୍ୟୁତ ବିଭାଗ, ଅଗ୍ନିଶମ ବାହିନୀ, ଜନସ୍ୱାସ୍ଥ୍ୟ ବିଭାଗର ପ୍ରତିନିଧିଙ୍କ ସମେତ ସହରର ସମସ୍ତ ପୂଜା କମିଟିର କର୍ମକର୍ତ୍ତା, ଶାନ୍ତି କମିଟିର ସଦସ୍ୟ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ରହି ନିଜ ନିଜର ଦାୟିତ୍ୱ ଗ୍ରହଣ କରିଥିଲେ। ପୂଜା ସମୟରେ ଆଇନ ଶୃଙ୍ଖଳା ପରିସ୍ଥିତି ବଜାୟ ରଖିବା ସହ ଶ୍ରଦ୍ଧାଳୁଙ୍କ ସୁବିଧା ପାଇଁ ବୈଠକରେ ବିଭିନ୍ନ ବିଭାଗକୁ ପୃଥକ୍ ପୃଥକ୍ ଦାୟିତ୍ୱ ବଣ୍ଟନ କରାଯାଇଛି। ଚଳିତ ବର୍ଷ ପୂଜା ମଣ୍ଡପଗୁଡ଼ିକରେ ଶାନ୍ତିପୂର୍ଣ୍ଣ ଭାବେ ପୂଜାର୍ଚ୍ଚନା କରିବା ଏବଂ ଶୃଙ୍ଖଳା ରକ୍ଷା କରିବା ପାଇଁ ପୂଜା କମିଟିଗୁଡ଼ିକୁ ପରାମର୍ଶ ଦିଆଯାଇଛି।

## କଲେଜ ଗଭର୍ଣ୍ଣିଂ ବଡି ସଭାପତିଙ୍କ ନେଇ କର୍ମଶାଳା

କୋଲକାତା, ୨୨।୯(ସଂଚାର ବ୍ୟୁରୋ): କଲେଜର ଗଭର୍ଣ୍ଣିଂ ବଡିର ସଭାପତିମାନଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ବିଜେପିର ରାଜ୍ୟସ୍ତରୀୟ ନେତୃତ୍ୱ ଅଂଶଗ୍ରହଣ କରିଥିଲେ। ଏହି ବୈଠକରେ ବିଜେପି ରାଜ୍ୟ ସଭାପତି ଶମିକ ଭଟ୍ଟାଚାର୍ଯ୍ୟ, ଉଚ୍ଚଶିକ୍ଷା ମନ୍ତ୍ରୀ ଜଗନ୍ନାଥ ଚଟ୍ଟୋପାଧ୍ୟାୟ, ବଙ୍ଗଳା ପାଇଁ ଦଳର କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ସୁନୀଲ ବଂଶଲ ଏବଂ ଅନ୍ୟାନ୍ୟ ନେତାମାନେ ଉପସ୍ଥିତ ଥିଲେ। ସୂତ୍ର ଅନୁଯାୟୀ, ତୃଣମୂଳ ଶାସନ କାଳରେ ହୋଇଥିବା ଦୁର୍ନୀତିକୁ ପଦାକୁ ଆଣିବା ପାଇଁ ପ୍ରତ୍ୟେକ କଲେଜରେ ଅଡିଟ୍ (ହିସାବ ଯାଞ୍ଚ) କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କ୍ୟାମ୍ପସରେ ଶିକ୍ଷାଗତ ପରିବେଶକୁ ପୁନଃସ୍ଥାପିତ କରିବା ଏବଂ ଆଇନ ଅନୁଯାୟୀ ନିଯୁକ୍ତି ପ୍ରକ୍ରିୟା ସମ୍ପାଦନ କରିବା ଆବଶ୍ୟକ। ଗଭର୍ଣ୍ଣିଂ ବଡି ମଧ୍ୟରେ କୌଣସି ଜଣେ ବ୍ୟକ୍ତି ଏକାକୀ ନିଷ୍ପତ୍ତି ନେଇପାରିବେ ନାହିଁ ଏବଂ ଆବଶ୍ୟକ ସଂଖ୍ୟକ ସଦସ୍ୟଙ୍କ ଉପସ୍ଥିତି (କୋରମ୍) ବିନା ବୈଠକ ଅନୁଷ୍ଠିତ ହୋଇପାରିବ ନାହିଁ।

## ତୃଣମୂଳ ନେତାଙ୍କ ଘରୁ ପତ୍ନୀଙ୍କ ଶବ ଉଦ୍ଧାର, ସ୍ୱାମୀ ଗିରଫ

କୋଲକାତା,୨୨।୯(ସଂଚାର ବ୍ୟୁରୋ): ତୃଣମୂଳ କଂଗ୍ରେସର ଜଣେ ଯୁବ ନେତାଙ୍କ ଘରୁ ଜଣେ ମହିଳାଙ୍କ ପୋଡ଼ିଯାଇଥିବା ମୃତଦେହ ଉଦ୍ଧାର କରାଯାଇଛି। ପାଣ୍ଡବେଶ୍ୱରର ପୂର୍ବତନ ବିଧାୟକ ନରେନ୍ଦ୍ରନାଥ ଚକ୍ରବର୍ତ୍ତୀଙ୍କ ଘନିଷ୍ଠ ସହଯୋଗୀ ତଥା ଯୁବ ତୃଣମୂଳ ନେତା ନରୋତ୍ତମ ମଣ୍ଡଳ (ଯିଏ ନିତାଇ ନାମରେ ମଧ୍ୟ ପରିଚିତ)ଙ୍କୁ ଗିରଫ କରାଯାଇଛି। ମଙ୍ଗଳବାର ସକାଳେ ପାଣ୍ଡବେଶ୍ୱର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ସୋନାରପୁର ଗ୍ରାମରେ ଥିବା ନିତାଇଙ୍କ ବାସଭବନରୁ ତାଙ୍କ ପତ୍ନୀ ପମ୍ପା ମଣ୍ଡଳଙ୍କ ପୋଡ଼ିଯାଇଥିବା ମୃତଦେହ ମିଳିଥିଲା। କେନ୍ଦା ଫାଣ୍ଡିର ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ନିତାଇଙ୍କୁ ଗିରଫ କରିଛି।

## ଟିଏମସି କର୍ମୀଙ୍କ ଆକ୍ରମଣରେ ୪ ବିଜେପି କର୍ମୀ ଆହତ

● ୬ ମହିଳାଙ୍କ ସମେତ ୧୨ ଗିରଫ

କୋଲକାତା,୨୨।୯(ସଂଚାର ବ୍ୟୁରୋ): ପଶ୍ଚିମବଙ୍ଗର ମାଲଦା ଜିଲ୍ଲାରେ ପୁଣିଥରେ ରାଜନୈତିକ ହିଂସା ଦେଖାଯାଇଛି। ପୁରୁଣା ମାଲଦାର ମଙ୍ଗଳବାଡ଼ି ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନାଲଡୁବି ଅଞ୍ଚଳରେ ତୃଣମୂଳ କଂଗ୍ରେସ ସମର୍ଥିତ ଦୁର୍ବୃତ୍ତଙ୍କ ଆକ୍ରମଣରେ ଚାରି ଜଣ ବିଜେପି କର୍ମୀ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଟିଏମସି ନେତା ରିପନ୍ ବର୍ମନ୍‌ଙ୍କ ନେତୃତ୍ୱରେ ଦୁର୍ବୃତ୍ତମାନେ ପ୍ରସନଜିତ୍ ଘୋଷ, ଶିଖିଲ ଘୋଷ, ମିଳନ ଘୋଷ ଏବଂ ପବନ ଘୋଷଙ୍କୁ ଦା'ରେ ଆକ୍ରମଣ କରିଥିଲେ। ଆହତମାନଙ୍କୁ ଗୁରୁତର ଅବସ୍ଥାରେ ମାଲଦା ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ଏହି ଆକ୍ରମଣକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇବା ସହ ଉତ୍ୟକ୍ତ ଗ୍ରାମବାସୀମାନେ ଅଭିଯୁକ୍ତ ନେତା ରିପନ୍ ବର୍ମନ୍‌ଙ୍କ ଘର ଉପରେ ଚଢ଼ାଉ କରି ଭଙ୍ଗାରୁଜା କରିଥିଲେ। ପୀଡ଼ିତଙ୍କ ପରିବାର ପକ୍ଷରୁ ମାଲଦା ଥାନାରେ ଅଭିଯୋଗ ହେବା ପରେ ପୋଲିସ ତତ୍ପରତା ପ୍ରକାଶ କରି ମୁଖ୍ୟ ଅଭିଯୁକ୍ତ ରିପନ୍ ବର୍ମନ୍ ଏବଂ ଛଅ ଜଣ ମହିଳାଙ୍କ ସମେତ ମୋଟ୍ ୧୨ ଜଣଙ୍କୁ ଗିରଫ କରିଛି।

# ଫାରୋସ୍ କପ୍ ୨୦୨୬ରେ କରିସ୍ମା ଜିତିଲେ ରୌପ୍ୟ

ଭୁବନେଶ୍ୱର,୨୨।୯(ସଂଚାର ବ୍ୟୁରୋ): ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର (ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିଏଚପିସି) ଆଥଲେଟ୍ କରିସ୍ମା ଗତ ୧୭ରୁ ୨୦ ତାରିଖ ପର୍ଯ୍ୟନ୍ତ ମିଶରର କାଇରୋ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଅନୁଷ୍ଠିତ ଫାରୋସ୍ କପ୍-୨୦୨୬ରେ ମହିଳା କଳାତ୍ମକ ଜିମ୍ନାଷ୍ଟିକ୍ସ ବର୍ଗର ଫ୍ଲୋର୍ ଏକ୍ସରସାଇଜ୍‌ରେ ରୌପ୍ୟ ପଦକ ଜିତିଛନ୍ତି। ଅନ୍ତର୍ଜାତୀୟ ଜିମ୍ନାଷ୍ଟିକ୍ସ ଫେଡେରେସନ (ଏଫଆଇଜି) ଦ୍ୱାରା ସ୍ୱୀକୃତିପ୍ରାପ୍ତ ଓ ଇଜିପ୍ଟ ଜିମ୍ନାଷ୍ଟିକ୍ସ ଫେଡେରେସନ (ଇଜିଏଫ) ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତାରେ ୩୦ଟି କ୍ରୀଡ଼ା ସଂସ୍ଥା ଓ ଭାରତ ସମେତ ୧୩ଟି ଦେଶର ୧୬୦ ଜଣ ଜିମ୍ନାଷ୍ଟ ଅଂଶଗ୍ରହଣ କରିଥିଲେ। ଏହି ସମ୍ମାନଜନକ ଇଭେଣ୍ଟରେ ଦୁଇ ମହିଳା ଆଥଲେଟ୍, କରିସ୍ମା ଓ ତନୁ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିଏଚପିସି ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ଯୁବ ଖେଳାଳିମାନଙ୍କ ପାଇଁ ଫାରୋସ୍ କପ୍ ଜିମ୍ନାଷ୍ଟିକ୍ସର ବିଭିନ୍ନ ଶୈଳୀକୁ ଅନୁଭବ କରିବା ଓ ବିଶ୍ୱର ବିଭିନ୍ନ ଖେଳାଳିଙ୍କ ବିପକ୍ଷରେ ସେମାନଙ୍କର ପ୍ରସ୍ତୁତିକୁ ଆକଳନ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ପ୍ରଦାନ କରିଥିଲା।

କରିଶ୍ମା ଫ୍ଲୋର୍ ଏକ୍ସରସାଇଜରେ ପ୍ରଭାବୀ ପ୍ରଦର୍ଶନ କରିବା ସହ ୧୨.୧୦୦ ସ୍କୋର ସହ ଫାଇନାଲ୍‌ରେ ପହଞ୍ଚିଥିଲେ ଓ ଫାଇନାଲରେ ୧୨.୦୬୬ ସ୍କୋର ସହ ରୌପ୍ୟ ପଦକ ସୁନିଶ୍ଚିତ କରିଥିଲେ। ଏହି ପୋଡିୟମ ଫିନିଶ ତାଙ୍କର ଅନ୍ତର୍ଜାତୀୟ



ଯାତ୍ରାରେ ଏକ ପ୍ରମୁଖ ସଫଳତା। ଏହା ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିଏଚପିସିରେ ନିରନ୍ତର ତାଲିମ ଏବଂ ଅଭିଜ୍ଞତା ମାଧ୍ୟମରେ ହାସଲ ହୋଇଥିବା ପ୍ରଗତିକୁ ପ୍ରତିଫଳିତ କରୁଛି। ସେ ବାଲାନ୍ସ ବିମ୍ ଫାଇନାଲରେଯୋଗ୍ୟତା ଅର୍ଜନ କରିବା ସହ ଏଥିରେ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟ କରିଥିଲେ। କରିସ୍ମା ଓ ତନୁ ଉଭୟ ଏକ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ନିଜ ଦୃଢ଼ତାର ପରିଚୟ ଦେଇ ଅନଇଭେନ୍ ବାର୍ସ ଫାଇନାଲରେ ମଧ୍ୟ ଅଂଶଗ୍ରହଣ କରିଥିଲ। ଅନଇଭେନ୍ ବାର୍ସର ଯୋଗ୍ୟତା ପର୍ଯ୍ୟାୟରେ ତନୁ ୧୦.୦୫୦ ଓ କରିଶ୍ମା ୮.୯୦୦ ସ୍କୋର କରିଥିଲେ। ଉଭୟ ଆଥଲେଟ୍ ଫାଇନାଲରେ ସେମାନଙ୍କ ପ୍ରଦର୍ଶନରେ ଉନ୍ନତି ଆଣିଥିବା ବେଳେ କରିସ୍ମା ୧୦.୬୬୬ ଓ ତନୁ ୧୦.୦୬୬ ସ୍କୋର କରିଥିଲେ। ସେମାନଙ୍କ ପ୍ରଦର୍ଶନ

**ବଢ଼ାଇଲେ ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଜିଏଚ୍‌ପିସିର ଗୌରବ**

ନେଇ ଏଏମ୍/ଏନ୍‌ଏସ୍ ଇଣ୍ଡିଆର ମାନବ ସମ୍ବଳ ଓ ପ୍ରଶାସନ ବିଭାଗ ନିର୍ଦ୍ଦେଶକ ଓ ଭାଇସ ପ୍ରେସିଡେଣ୍ଟ ଆଶୁତୋଷ ତେଲାଙ୍ଗ କହିଛନ୍ତି ଯେ ଫାରୋସ୍ କପରେ କରିସ୍ମାଙ୍କ ରୌପ୍ୟ ପଦକ ଆମ ପାଇଁ ଏକ ଗୌରବମୟ ସଫଳତା। ଏହା ଓଡ଼ିଶା ଏଏମ୍/ଏନ୍‌ଏସ୍ ଇଣ୍ଡିଆଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟରର ବର୍ଦ୍ଧିତ ଶକ୍ତି ଏବଂ ଅନ୍ତର୍ଜାତୀୟ ସ୍ତରରେ ଉତ୍କର୍ଷ ହାସଲ କରିବା ପାଇଁ ଖେଳାଳିଙ୍କ ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

## ଐତିହାସିକ ଟି-୨୦

# ଲଢ଼ିଲା ଜାପାନ, ଜିତିଲା ଭାରତ

କାଣ୍ଟୋ,୨୨।୯: ଆଜି ଏଠାରେ ଭାରତ ଓ ଜାପାନ ମଧ୍ୟରେ ଐତିହାସିକ ଟି-୨୦ ମ୍ୟାଚ୍ ଖେଳାଯାଇଥିବା ବେଳେ ଏଥିରେ ଭ୍ରମଣକାରୀ ଭାରତ କଷ୍ଟସାଧ୍ୟ ବିଜୟ ହାସଲ କରିଛି। କ୍ରିକେଟ୍‌ରେ



ନୂଆ ଦଳ ଭାବେ ଜାପାନ ଏହି ବର୍ଷା ପ୍ରଭାବିତ ମ୍ୟାଚ୍‌ରେ ଭାରତ ପରି ଏକ ଟାଣୁଆ ଟିମ୍‌କୁ କଡ଼ା ଟକ୍କର ଦେବାରେ ସକ୍ଷମ ହୋଇଛି। ବର୍ଷା ଯୋଗୁଁ ମ୍ୟାଚ୍‌କୁ ୫ ଓଭର୍ ବିଶିଷ୍ଟ କରାଯାଇଥିବା ବେଳେ ପ୍ରଥମେ ବ୍ୟାଟିଂ କରି ଭାରତ ୪ ୱିକେଟ୍‌ରେ ମାତ୍ର ୩୨ ରନ୍ କରିଥିଲା। ଦଳ ପକ୍ଷରୁ ଅଧିନାୟକ ଶ୍ରେୟସ୍ ଆୟର୍ ସର୍ବାଧିକ ୧୬ ରନ୍ କରିଥିଲେ। ଜାପାନ ପକ୍ଷରୁ ଚାର୍ଲି ହାରା-ହିଞ୍ଜ ୨ଟି ୱିକେଟ୍ ନେଇଥିଲେ। ବ୍ୟାଟିଂରେ ଦଳ ଅନ୍ତିମ ବଲ୍ ପର୍ଯ୍ୟନ୍ତ ଲଢ଼େଇ କରିଥିଲା।

ଏକଦା ଦଳ ବଡ଼ ବିପର୍ଯ୍ୟୟର ସମ୍ଭାବନା ସୃଷ୍ଟି କରିଥିଲା। କିନ୍ତୁ ଅନ୍ତିମ ୬ ବଲ୍‌ରେ ୮ ରନ୍ କରୁଥିବା ଜାପାନକୁ ଭାରତୀୟ ସ୍ପିନର୍ ଅକ୍ଷର ପଟେଲ୍ ମାତ୍ର ମାତ୍ର ୫ ରନ୍ ଦେବା ଫଳରେ ଭାରତ ୨ ରନ୍‌ରେ ବିଜୟୀ ହୋଇଥିଲା। ଜାପାନ ପକ୍ଷରୁ ଓପନର ତଥା ଅଧିନାୟକ କେକେ ଫ୍ଲେମିଂ ୧୨ ରନ୍ କରିଥିଲେ। ଦଳ ୩୦ ରନ୍‌ରେ ୩ଟି ୱିକେଟ୍ ହରାଇଥିବା ବେଳେ ଭାରତ ପକ୍ଷରୁ ୱାଶିଂଟନ୍ ସୁନ୍ଦର ୨ଟି ୱିକେଟ୍ ଦଖଲ କରିଥିଲେ। ଶ୍ରେୟସ୍ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଏହି ଗସ୍ତରେ ଭାରତ ଆସନ୍ତା ୨୮ରେ ସିଧାସଳଖ କ୍ୱାର୍ଟର୍ ଫାଇନାଲ୍ ଖେଳିବ।

## ଷଷ୍ଠ ଶ୍ରେଣୀ ଛାତ୍ରୀଙ୍କୁ ଯୌନ ନିର୍ଯାତନା, ବ୍ୟବସାୟୀ ଗିରଫ

ନୂଆଦିଲ୍ଲୀ,୨୨।୯: ଦିଲ୍ଲୀର ସଦର ବଜାର ଅଞ୍ଚଳରେ ଜଣେ ଷଷ୍ଠ ଶ୍ରେଣୀର ନାବାଳିକାଙ୍କୁ ଯୌନ ନିର୍ଯାତନା ଅଭିଯୋଗ ହୋଇଛି। ୧୬ ତାରିଖ ରାତିରେ ପୀଡ଼ିତା ଜଣକ ଷ୍ଟେସନାରୀ କିଣିବାକୁ ଯାଇଥିବାବେଳେ ଜଣେ ୫୬ ବର୍ଷୀୟ ଦୋକାନୀ ତାଙ୍କୁ ନିଜ ଦୋକାନକୁ ଡାକି ନେଇଥିଲେ। ଦୋକାନ ଭିତରେ ନାବାଳିକାଙ୍କୁ ଅଟକ ରଖି ହାତଗୋଡ଼ ବାନ୍ଧିଦେବା ପରେ ତାଙ୍କୁ ଯୌନ ନିର୍ଯାତନା ଦେଇଥିଲେ। ସେହି ରାତିରେ ପୁଲିସକୁ ସୂଚନା ମିଳିବା ପରେ ଟିମ୍ ଘଟଣାସ୍ଥଳରେ ପହଞ୍ଚିଥିଲା। ପୀଡ଼ିତାଙ୍କ ଅଭିଯୋଗ ଆଧାରରେ ଉତ୍ତର ଜିଲ୍ଲା ମହିଳା ଥାନାରେ ଦୁଷ୍କର୍ମ, ପକ୍ସୋ ଆଇନ ଏବଂ ବେଆଇନ ଭାବେ ଅଟକ ରଖିବା ଧାରାରେ ମାମଲା ରୁଜୁ କରାଯାଇଛି। ପୁଲିସ ଏହି ଘଟଣାରେ ସଂପୃକ୍ତ ୫୬ ବର୍ଷୀୟ ଅଭିଯୁକ୍ତ ମକସୁଦଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଜିପିଏଫ୍ ଦାବିରେ ସମାବେଶ

କୋଲକାତା, ୨୨।୯ (ସଂଚାର ବ୍ୟୁରୋ): ବିଦ୍ୟୁତ୍ କର୍ମଚାରୀ ସଂଘ (ଫୋରମ୍ ଅଫ୍ ଇଲେକ୍ଟ୍ରିସିଟି ଏମ୍ପ୍ଲୟିଜ୍) ପକ୍ଷରୁ କର୍ମଚାରୀମାନଙ୍କୁ ସିପିଏଫ୍/ଇପିଏଫ୍ ବ୍ୟବସ୍ଥାରୁ ଜିପିଏଫ୍-କମ୍-ପେନସନ୍ ଯୋଜନା ଅନ୍ତର୍ଭୁକ୍ତ କରିବା ଦାବିରେ ଏକ ସମାବେଶ ଆୟୋଜନ କରାଯାଇଥିଲା। ସୋମବାର ଅପରାହ୍ଣରେ କୋଲକାତାସ୍ଥିତ ବିଦ୍ୟୁତ୍ ଭବନର ୧ ନମ୍ବର ଗେଟ୍ ବାହାରେ ଏହି ସଂଘର ସଦସ୍ୟମାନେ ଏକତ୍ରିତ ହୋଇଥିଲେ। ଏହି ସମାବେଶରେ ଡବ୍ଲୁବିଏସ୍‌ଇଡିସିଏଲ୍, ଡବ୍ଲୁବିଏସ୍‌ଇଟିସିଏଲ୍, ଡବ୍ଲୁବିପିଡିସିଏଲ୍ ଓ ଡିପିଏଲ୍‌ର ବହୁ ସଂଖ୍ୟକ ଅଧିକାରୀ ଓ ଯନ୍ତ୍ରୀ ଅଂଶଗ୍ରହଣ କରିଥିଲେ।

# ଗରିବଙ୍କ ସଂଖ୍ୟା, ଭୋଟରଙ୍କଠାରୁ ଅଧିକ

ଭୁବନେଶ୍ୱର,୨୨।୯: ଓଡ଼ିଶାରେ ଭୋଟରଙ୍କ ଅପେକ୍ଷା ଗରିବ ଲୋକଙ୍କ ସଂଖ୍ୟା ବେଶୀ। ବିଭିନ୍ନ ସମୟରେ ରାଜ୍ୟର ପ୍ରଗତି ସଂକ୍ରାନ୍ତରେ ବହୁ ପ୍ରଚାର ହେଉଥିବାବେଳେ ଏଥିରୁ ଓଡ଼ିଶାର ବାସ୍ତବ ସ୍ଥିତି ଅନୁମେୟ ବୋଲି ଅର୍ଥନୀତି ବିଶାରଦମାନେ କହୁଛନ୍ତି।

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଏବେ ଯେଉଁ ହିସାବ ଦେଇଛନ୍ତି, ତଦନୁଯାୟୀ ପ୍ରକାଶିତ ଚୂଡ଼ାନ୍ତ ଭୋଟର ତାଲିକାରେ ଓଡ଼ିଶାର ମୋଟ ଭୋଟରଙ୍କ ସଂଖ୍ୟା ହେଉଛି ୩,୧୬,୩୨,୭୫୪। ଏଥି ମଧ୍ୟରୁ ୧,୬୧,୩୦,୩୧୯ ପୁରୁଷ ଭୋଟର ଥିବାବେଳେ ୧,୫୪,୯୯,୬୬୧ ଜଣ ମହିଳା ଓ ୨୭୭୪ ହେଉଛନ୍ତି ତୃତୀୟଲିଙ୍ଗୀ ଭୋଟର।

ଅନ୍ୟ ପକ୍ଷରେ ସଂସଦର ଗତ ମୌସୁମୀ ଅଧିବେଶନ ସମୟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଯେଉଁ ସୂଚନା ଦିଆଯାଇଛି ସେଥିରେ ଓଡ଼ିଶାର ୩,୨୧,୯୩,୦୫୯ ହେଉଛନ୍ତି ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାର ହିତାଧିକାରୀ। ଗରିବମାନଙ୍କ କଲ୍ୟାଣ କଳ୍ପେ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀଙ୍କ ନାମରେ ଯେଉଁ ଅନ୍ନ ଯୋଜନା ପ୍ରଚଳନ କରିଛନ୍ତି ସେଥିରେ ପ୍ରତି ହିତାଧିକାରୀଙ୍କୁ ମାସିକ ମୁଣ୍ଡପିଛା ୫ କିଲୋ କରି ଚାଉଳ ମାଗଣାରେ ଦିଆଯାଉଛି। ଏହାଛଡ଼ା ଏହି ହିତାଧିକାରୀଙ୍କ ଲାଗି ରାଜ୍ୟ ସରକାର ମୁଣ୍ଡପିଛା ଆଉ ୫କିଲୋ କରି ମାଗଣା ଚାଉଳ ବାଣ୍ଟୁଛନ୍ତି।

ତେବେ ବିଶ୍ଳେଷକମାନଙ୍କ ମତରେ ରାଜ୍ୟର ବୈଧ ଭୋଟରଙ୍କ ଠାରୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ହିତାଧିକାରୀଙ୍କ ସଂଖ୍ୟା ପ୍ରାୟ ୫ଲକ୍ଷ ଅଧିକ। ୧୮ବର୍ଷରୁ ଊର୍ଦ୍ଧ୍ୱ ଲୋକମାନଙ୍କ ନାମ ଭୋଟର ତାଲିକାରେ ରହୁଥିବାବେଳେ ବୟସ ନିର୍ବିଶେଷରେ ୧୮ବର୍ଷରୁ କମ୍ ଓ ଅଧିକ ବୟସର ଗରିବ ଲୋକମାନଙ୍କୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମାଗଣା ଚାଉଳ ବଣ୍ଟାଯାଉଛି। ଏହାଛଡ଼ା ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ବି ଓଡ଼ିଶା ସରକାର ଆଉ ପ୍ରାୟ ୧୦ଲକ୍ଷ ଲୋକଙ୍କୁ ଚାଉଳ ଯୋଗାଉଛନ୍ତି।

ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଓଡ଼ିଶା ବର୍ଷକୁ ୧,୮୭,୬୫୨ ମେଟ୍ରିକ ଟନ୍ ଚାଉଳ କେନ୍ଦ୍ର ସରକାରଙ୍କଠାରୁ ପାଉଛି। ପୂର୍ବରୁ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଓଡ଼ିଶାର ହିତାଧିକାରୀମାନଙ୍କୁ ଉଭୟ ଚାଉଳ ଓ ଗହମ ଦିଆଯାଉଥିବାବେଳେ ଏବେ କିନ୍ତୁ କେବଳ ଚାଉଳ ମିଳୁଛି। ବିହାର, ଗୁଜୁରାଟ, ଝାଡଖଣ୍ଡ, କେରଳ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ତେଲେଙ୍ଗାନା, ତାମିଲନାଡୁ, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ଜାମ୍ମୁକାଶ୍ମୀର ଭଳି ରାଜ୍ୟ ଏହି ଯୋଜନାରେ ଉଭୟ ଚାଉଳ ଓ ଗହମ ପାଉଥିବାବେଳେ ଓଡ଼ିଶାକୁ କିନ୍ତୁ ଆଉ ଗହମ ଯୋଗାଯାଉନାହିଁ। ଫଳରେ ମଧୁମେହ ଓ ଅନ୍ୟାନ୍ୟ ରୋଗରେ ପଡୁଥିବା ଗରିବ ଲୋକମାନଙ୍କୁ ଡାକ୍ତର ଭାତ ବଦଳରେ ରୁଟି ଖାଇବାକୁ ସୁପାରିଶ୍ କରୁଥିବାବେଳେ ଅର୍ଥାଭାବରୁ ସେମାନେ ଅଟା କିଣିପାରୁ ନାହାନ୍ତି। ଏ ପରିପ୍ରେକ୍ଷୀରେ ଅନ୍ୟ ରାଜ୍ୟ ଭଳି ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଉଭୟ ଚାଉଳ ଓ ଗହମ ଯୋଗାଇ ଦିଆଗଲେ ଯେଉଁମାନଙ୍କର ଅଟା ଆବଶ୍ୟକ ସେମାନେ ଗହମ ପାଇ ଉପକୃତ ହୋଇପାରନ୍ତେ। (ତଥ୍ୟ)

## ଦୁଷ୍କର୍ମରେ ବାଧା ଦେବାରୁ ମହିଳାଙ୍କୁ ହତ୍ୟା ଉଦ୍ୟମ

କୋଲକାତା,୨୨।୯(ସଂଚାର ବ୍ୟୁରୋ): ମାଲଦାର ମୋଥାବାଡ଼ି ଥାନା ଅଞ୍ଚଳରେ ଜଣେ ମହିଳା ଦୁଷ୍କର୍ମ ଉଦ୍ୟମର ପ୍ରତିରୋଧ କରିବାରୁ ତାଙ୍କୁ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ହତ୍ୟା କରିବାକୁ ଉଦ୍ୟମ କରାଯାଇଛି। ଘଟଣାଟି ମଙ୍ଗଳବାର ଭୋର ସମୟରେ ଘଟଣା ଘଟିଛି। ଅଭିଯୋଗ ଅନୁଯାୟୀ, ମହିଳା ଜଣକ ଯେତେବେଳେ ଧାନ ସିଝାଉଥିଲେ, ସେତେବେଳେ ପଡ଼ୋଶୀର ଜଣେ ଯୁବକ ତାଙ୍କୁ ଦୁଷ୍କର୍ମ କରିବାକୁ ଉଦ୍ୟମ କରିଥିଲେ। ମହିଳା ଜଣକ ଏହାର ପ୍ରତିରୋଧ କରିବାରୁ ଅଭିଯୁକ୍ତ ଜଣକ ଏକ ଧାରୁଆ ଅସ୍ତ୍ର ସାହାଯ୍ୟରେ ତାଙ୍କ ବେକ ଓ ପିଠିରେ ଆଘାତ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ବର୍ତ୍ତମାନ ମହିଳା ଜଣକ ମାଲଦା ମେଡିକାଲ କଲେଜରେ ଚିକିତ୍ସିତ ହେଉଛନ୍ତି।

## ପୁଣି ୨ ଏଜେୟୁପି ନେତା ଗିରଫ

କୋଲକାତା, ୨୨।୯(ସଂଚାର ବ୍ୟୁରୋ): ରେଜିନଗର ଉପ-ନିର୍ବାଚନ ପୂର୍ବରୁ ଏକ ପୁରୁଣା ମାମଲାରେ ଏଜେୟୁପିର ଦୁଇଜଣ ନେତାଙ୍କୁ ଗିରଫ କରାଯାଇଛି। ସୋମବାର ରାତିରେ ପୁଲିସ ଦଳର ମୁଖ୍ୟ କମିଟି ସଦସ୍ୟ ଅନିସୁର ରହମାନ ଓ ଯୁବ ଶାଖାର ଉପ-ସଭାପତି ସୋହେଲ ମଣ୍ଡଳଙ୍କୁ ଗିରଫ କରିଛି। ନିର୍ବାଚନ ପୂର୍ବରୁ ଦଳର ନେତା ଓ କର୍ମୀମାନଙ୍କୁ ଟାର୍ଗେଟ୍ କରି କ୍ରମାଗତ ଭାବେ ଗିରଫ କରାଯାଉଥିବା ନେଇ ଅଭିଯୋଗ କରି ହୁମାୟୁନ କବୀର ବର୍ତ୍ତମାନ ନିର୍ବାଚନ ଆୟୋଗଙ୍କ ଦ୍ୱାରସ୍ଥ ହୋଇଛନ୍ତି ଏବଂ ସେଠାରେ ଏକ ଚିଠି ଦାଖଲ କରିଛନ୍ତି।

## ସୋଆ ଯୁକ୍ତ ୨ରେ ନବାଗତ ଛାତ୍ରଛାତ୍ରୀଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା




ଭୁବନେଶ୍ୱର,୨୨।୯ (ସଂଚାର ବ୍ୟୁରୋ): ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ ପରିଚାଳିତ ଯୁକ୍ତ ଦୁଇ ବିଦ୍ୟାଳୟ ଇନଷ୍ଟିଚ୍ୟୁଟ୍ ଅଫ୍ ହାୟର ସେକେଣ୍ଡାରୀ ଏଜୁକେସନ (ଆଇଏଚଏସଇ) ପରିସରରେ ଗତ ଶନିବାର ଦିନ ନବାଗତ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ, ଆୟୋଜିତ ହୋଇଯାଇଥିଲା।

ବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ଆଶାବରୀ ମହାନ୍ତି କାର୍ଯ୍ୟକ୍ରମରେ ସଭାପତିତ୍ୱ କରିବା ଅବସରରେ ଅଧ୍ୟକ୍ଷା ଓ ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇ କହିଥିଲେ ଯେ କଲେଜ ଜୀବନ ହେଉଛି ଜୀବନର ସୁବର୍ଣ୍ଣ ସମୟ। ଏହି ସମୟକୁ ପାଠପଢ଼ା ସହ ଶୃଙ୍ଖଳା ଓ ସଂସ୍କାର ସହିତ ବିତାଇଲେ ଭବିଷ୍ୟତ ଉଜ୍ଜ୍ୱଳ ହେବ।

ଏହି ଅବସରରେ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀମାନେ ଦେଶର କୋଣ ଅନୁକୋଣ ଓ ବିଦେଶରୁ ମଧ୍ୟ ସେମାନଙ୍କର ବାର୍ତ୍ତା ଅନଲାଇନ ମାଧ୍ୟମରେ ପଠାଇ ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଉତ୍ସବରେ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଏକାଦଶ ଶ୍ରେଣୀର ନବାଗତଙ୍କୁ ଫୁଲ ଓ ଚନ୍ଦନ ଲଗାଇ ଓ ଉପହାର ଦେଇ ଭବ୍ୟ ସ୍ୱାଗତ କରାଯାଇଥିଲା। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ମନୋରମ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଯୁବତୀଙ୍କ ଦୁର୍ବ୍ୟବହାର ଭିଡିଓ ଭାଇରାଲ୍ ଅଭିଯୋଗରେ ୩ ଗିରଫ



ଢେଙ୍କାନାଳ,୨୨।୯ (ସଂଚାର ବ୍ୟୁରୋ): କପିଳାସରୁ ଫେରୁଥିବା ଯୁବତୀ ଓ ତାଙ୍କ ସାଙ୍ଗମାନଙ୍କୁ ରାସ୍ତାରେ ଅଟକାଇ ଦୁର୍ବ୍ୟବହାର, ମାଡ଼ପିଟ୍ ଏବଂ ଭିଡିଓ ପ୍ରସ୍ତୁତ କରି ସୋସିଆଲ୍ ମିଡିଆରେ ଭାଇରାଲ୍ କରିବା ଅଭିଯୋଗରେ ଗଣ୍ଡିଆ ପୁଲିସ ୩ ଜଣଙ୍କୁ ଗିରଫ କରିଛି।

ପୁଲିସ ସୂଚନା ଅନୁଯାୟୀ, ଗତ ୧୮ ତାରିଖରେ ଯୁବତୀ ଓ ତାଙ୍କ ସାଙ୍ଗମାନେ କପିଳାସରୁ ଫେରୁଥିବା ସମୟରେ ବଣିଆ ଗ୍ରାମ ନିକଟରେ କିଛି ଯୁବକ ସେମାନଙ୍କୁ ଅଟକାଇଥିଲେ। ଅଭିଯୋଗ ଅନୁସାରେ, ଯୁବକମାନେ ମଦ୍ୟପାନ କରି ଗାଳିଗୁଲଜ କରିବା ସହ ମାଡ଼ପିଟ୍ କରିଥିଲେ। ଏହାସହ ଘଟଣାର ଭିଡିଓ ପ୍ରସ୍ତୁତ କରିଥିବା ଏବଂ ପରଦିନ ତାହା ସୋସିଆଲ୍ ମିଡିଆରେ ଭାଇରାଲ୍ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ପୀଡ଼ିତା ଚୌଦ୍ୱାର ଥାନାରେ ଅଭିଯୋଗ କରିଥିଲେ। ପରେ ଜିରୋ ଏଫଆଇଆର୍ ଜରିଆରେ ମାମଲାଟି ଗଣ୍ଡିଆ ଥାନାକୁ ହସ୍ତାନ୍ତର ହୋଇଥିଲା। ଗଣ୍ଡିଆ ପୁଲିସ କେସ୍ ନମ୍ବର ୪୨୦/୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ପରେ ବଣିଆ ଗ୍ରାମର ସରୋଜ ନାୟକ ଓ ସମୀର ନାୟକ ଏବଂ ରାୟପୁର ଗ୍ରାମର ସଂଗ୍ରାମ ରଥ ଓରଫ ଦୁର୍ଗାଙ୍କୁ ପୁଲିସ ଗିରଫ କରିଛି। ପରେ ସେମାନଙ୍କୁ କୋର୍ଟଚାଲାଣ କରାଯାଇଛି। ଘଟଣାରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ ଏବଂ ଭାଇରାଲ୍ ଭିଡିଓ ସମ୍ପର୍କିତ ଅନ୍ୟାନ୍ୟ ଦିଗ ନେଇ ତଦନ୍ତ ଜାରି ରହିଥିବା ଗଣ୍ଡିଆ ଥାନା ଅଧିକାରୀ ପ୍ରତାପ ଚନ୍ଦ୍ର ଦଳେଇ ସୂଚନା ଦେଇଛନ୍ତି।

## ମୃଣ୍ମୟୀ ଦୁର୍ଗାଦେବୀଙ୍କ ନିମନ୍ତେ ମୃତ୍ତିକା ଅନୁକୂଳ



ଖୋର୍ଦ୍ଧା,୨୨।୯ (ସଂଚାର ବ୍ୟୁରୋ): ପାର୍ବଣ ଋତୁର ଶାରଦୀୟ ପୂଜା ଆଗମନରେ କାଶତଣ୍ଡୀ ଫୁଲର ଆବରଣରେ ମା' ଦୁର୍ଗାଦେବୀଙ୍କ ଧରାପୃଷ୍ଠ ଅବତରଣକୁ ସ୍ୱାଗତ ଜଣାଇବା ପାଇଁ ସମସ୍ତ ସହର, ବଜାର ଓ ପୁରପଲ୍ଲୀର ଦୁର୍ଗାମଣ୍ଡପ ଗୁଡ଼ିକ ଚଳଚଞ୍ଚଳ ହୋଇଉଠିଲାଣି | ଏହି ଅବସରରେ ବିଭିନ୍ନ ଦୁର୍ଗା ମଣ୍ଡପ ଗୁଡ଼ିକରେ ପଣ୍ଡିତ ମାନଙ୍କ ପଞ୍ଜିକା ଗଣନା ଅନୁସାରେ ଶୁଭଲଗ୍ନ ସମୟରେ ମୃତ୍ତିକା ଅନୁକୂଳ କରାଗଲାଣି। ଏହି ପରିପ୍ରେକ୍ଷୀରେ ଖୋର୍ଦ୍ଧା ଜିଲ୍ଲା ଚିଲିକା ବ୍ଲକ ଅନ୍ତର୍ଗତ ହରିପୁର ଗ୍ରାମର ଦୁର୍ଗାପୂଜା ନିମନ୍ତେ ଆଜି ପବିତ୍ର ତିଥି ଓ ଲଗ୍ନରେ ୪୭ ତମ ମୃତ୍ତିକା ଅନୁକୂଳ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ବରିଷ୍ଠ ବ୍ରାହ୍ମଣ ପଣ୍ଡିତ ଦିଲୀପ କୁମାର ସାମନ୍ତରାୟଙ୍କ ପୌରାହିତ୍ୟରେ ଅନୁଷ୍ଠାନର କର୍ତ୍ତା ପ୍ରଭାସ ଚନ୍ଦ୍ର ବାରିକ ସହାୟତାରେ ସମ୍ପୂର୍ଣ୍ଣ ବିଧିବିଧାନ ଅନୁଯାୟୀ ଆୟୋଜିତ କରାଯାଇଥିଲା | ବ୍ରାହ୍ମମୁହୂର୍ତ୍ତରୁ ବର୍ଷତମାମ ଘରେ ପୂଜା ପାଉଥିବା ମା'ଦୁର୍ଗା ଦେବୀଙ୍କ ଫୋଟୋଚିତ୍ରରେ ମାଜଣା, ଭୋଗ, ଆଳତୀ ଓ ପୁଷ୍ପାଞ୍ଜଳି ଅନୁଷ୍ଠିତ କରାଯାଇଥିଲା | ଏହା ପରେ ମୃଣ୍ମୟୀ ମୂର୍ତ୍ତୀ ଗଠନ ନିମନ୍ତେ ନିର୍ଦ୍ଧାରିତ ମେଢ଼ ଉପରେ ଆବାହନ କରାଯାଇଥିବା ମୃତ୍ତିକା ସ୍ଥାପିତ କରାଯାଇ ପୂଜାର୍ଚ୍ଚନା, ଆରତୀ ଓ ସମୂହ ପୁଷ୍ପାଞ୍ଜଳି ଅର୍ପଣ କରାଯାଇଥିଲା।

# ମିଳୁନି ଭତ୍ତା ଟଙ୍କା, ହିତାଧିକାରୀ ହତାଶ

### ୭ ମାସ ହେଲା ବୃଦ୍ଧବୃଦ୍ଧାଙ୍କ ଭତ୍ତା ବନ୍ଦ

### କାହାକୁ କହିବେ ଦୁଃଖ?



ଆନନ୍ଦପୁର,୨୨।୯ (ସଂଚାର ବ୍ୟୁରୋ): ସରକାରୀ ଯୋଜନା ଗରିବ, ଅସହାୟ ଓ ବୃଦ୍ଧ ବୃଦ୍ଧାଙ୍କ ପାଇଁ ସାହାରା। କିନ୍ତୁ ସେହି ଯୋଜନାର ଟଙ୍କା ଯଦି ମାସ ମାସ ଧରି ବନ୍ଦ ହୋଇଯାଏ, ତେବେ ଏହି ବୟସରେ ଅସହାୟ ଲୋକେ ନିଜ ଦୁଃଖ କାହାକୁ କହିବେ? କେନ୍ଦୁଝର ଜିଲ୍ଲା ଘଷିପୁରା ବ୍ଲକ ବରିପାଳ ପଞ୍ଚାୟତର ୧୫ ନମ୍ବର ୱାର୍ଡରୁ ଆସିଛି ଏଭଳି ଅଭିଯୋଗ।

ରଥ ପାତ୍ର, ଗୁଣର ପାତ୍ର, କୁନି ଜେନା, ଅଇଲା ଜେନା ଓ ମେଙ୍କି ଜେନାଙ୍କ ଭଳି ହିତାଧିକାରୀମାନେ ମଧୁବାବୁ ପେନସନ୍ ଯୋଜନାରେ ପ୍ରତିମାସ ଭତ୍ତା ପାଉଥିଲେ। ହେଲେ ଗତ ସାତ ମାସ ହେଲା ସେମାନଙ୍କୁ ଭତ୍ତା ମିଳୁନଥିବା ଅଭିଯୋଗ ହୋଇଛି। ବୃଦ୍ଧ ବୟସରେ ହାତ ଖର୍ଚ୍ଚ ପାଇଁ ସରକାର ଦେଉଥିବା ଏହି ଭତ୍ତା ହିଁ ସେମାନଙ୍କ ପାଇଁ ଏକ ବଡ଼ ସାହାରା। ତେବେ ସାତ ମାସ ଧରି ଭତ୍ତା ବନ୍ଦ ରହିବାରୁ ଏବେ ଅସନ୍ତୋଷ ପ୍ରକାଶ କରିଛନ୍ତି ହିତାଧିକାରୀ। ଏହାସହ ଆଉ ଏକ ସମସ୍ୟା ମଧ୍ୟ ରହିଛି। ପୂର୍ବରୁ ହାତକୁ ହାତ ଭତ୍ତା ଟଙ୍କା ମିଳୁଥିବା ବେଳେ ଏବେ ବ୍ୟାଙ୍କ ଯାଇ ଟଙ୍କା ଉଠାଇବାକୁ ପଡୁଛି। ପରିଣତ ବୟସରେ ବ୍ୟାଙ୍କ ଯିବା ପାଇଁ ଯେତେ ଭଡ଼ା ଦେବାକୁ ପଡୁଛି ଆଉ ବାଇକ୍‌ରେ ଯିବାକୁ ହେଲେ କାହାର ସାହାଯ୍ୟ ନେବାକୁ ପଡୁଛି।

ବୃଦ୍ଧ ବୟସରେ ଯାତାୟାତର ଏହି ସମସ୍ୟା ଯୋଗୁଁ ଭତ୍ତା ଟଙ୍କା ପାଇବା ପାଇଁ ମଧ୍ୟ ହିତାଧିକାରୀଙ୍କୁ ଅତିରିକ୍ତ ଖର୍ଚ୍ଚ ଓ କଷ୍ଟ ସହିବାକୁ ପଡୁଛି। ତେଣୁ ସରକାରଙ୍କ ନିକଟରେ ହିତାଧିକାରୀଙ୍କ ଦାବି ସାତ ମାସର ବକେୟା ଭତ୍ତା ଶୀଘ୍ର ପ୍ରଦାନ କରାଯାଉ। ଏଥିସହ ପରିଣତ ବୟସର ବୃଦ୍ଧ ବୃଦ୍ଧାଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ପୂର୍ବପରି ସୁବିଧାଜନକ ଭାବେ ହାତକୁ ଭତ୍ତା ଟଙ୍କା ପହଞ୍ଚାଇବାର ବ୍ୟବସ୍ଥା କରାଯାଉ।

ଏବେ ପ୍ରଶ୍ନ ଉଠୁଛି, ସାତ ମାସ ଧରି କାହିଁକି ମିଳୁନି ଭତ୍ତା? କେଉଁଠି ଅଟକିଛି ହିତାଧିକାରୀଙ୍କ ଟଙ୍କା? ଏହାର ତଦନ୍ତ କରି ପ୍ରଶାସନ କେବେ ଦେବ ଉତ୍ତର, ତାହାକୁ ଅପେକ୍ଷା କରିଛନ୍ତି ବୃଦ୍ଧ ବୃଦ୍ଧା।

## ଏସବିଆଇ ପକ୍ଷରୁ ଏସଏଚଜି ମେଳା



କୋରାପୁଟ,୨୨।୯ (ସଂଚାର ବ୍ୟୁରୋ): କୋରାପୁଟ ସଦର ମହକୁମାରେ ଜୟପୁର ଏସବିଆଇ ଆଞ୍ଚଳିକ କାର୍ଯ୍ୟାଳୟ ପକ୍ଷରୁ ଏସଏଚଜି ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ଡିଜିଏମ(ଏବିୟୁ) ମନମୟ ପାଣ୍ଡବ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଆଞ୍ଚଳିକ ମ୍ୟାନେଜର ପ୍ରକାଶ ଚନ୍ଦ୍ର ଗାର୍ଗବାର୍ଯ୍ୟ, କ୍ରେଡିଟ ସିଏମ ବିପିନ ଦଳପତି,କୋରାପୁଟ ଶାଖାର ମୁଖ୍ୟ ମ୍ୟାନେଜର ଜ୍ୟୋତି ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲାର ପ୍ରାୟ ୧୫ଟି ଶାଖାର ସ୍ୱୟଂ ସହାୟିକା ମହିଳା ଗୋଷ୍ଠୀ ସଦସ୍ୟ ମାନଙ୍କୁ ୧୫ କୋଟି ୩୦ ଲକ୍ଷ ଟଙ୍କାର ଋଣ ମଞ୍ଜୁରୀ ପତ୍ର ଅତିଥି ମାନଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା।

## ସମ୍ଭାବ୍ୟ ବାତ୍ୟାକୁ ନେଇ ହିଞ୍ଜିଳି ପ୍ରଶାସନର ପ୍ରସ୍ତୁତି



ହିଞ୍ଜିଳିକାଟୁ,୨୨।୯ (ସଂଚାର ବ୍ୟୁରୋ): ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ ସହିତ ସମ୍ଭାବ୍ୟ ବାତ୍ୟା 'ଅର୍ଣ୍ଣବ'କୁ ନେଇ ହିଞ୍ଜିଳି ବ୍ଲକ ପ୍ରଶାସନ ପକ୍ଷରୁ ଆଗୁଆ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲ୍ଲାକୁ ବର୍ତ୍ତମାନ ଅରେଞ୍ଜ୍ ୱାର୍ଣ୍ଣିଂ ଥିବାବେଳେ ଆଜି ଓ କାଲି ରେଡ୍ ୱାର୍ଣ୍ଣିଂ ଜାରି ହୋଇଛି। ଏହି ସମୟରେ ପ୍ରବଳ ବର୍ଷା ସହ ଘଣ୍ଟାପ୍ରତି ୫୦ରୁ ୬୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି |

ଏହାକୁ ଦୃଷ୍ଟିରେ ରଖି ହିଞ୍ଜିଳି ବିଡ଼ିଓ ସୁଶ୍ରୀ ସାଗରିକା ଷଡ଼ଙ୍ଗୀ, ତହସିଲଦାର ତପନ କୁମାର ମହାପାତ୍ର, ବ୍ଲକର ଆସିଷ୍ଟାଣ୍ଟ ଇଞ୍ଜିନିଅର ଦୀପକ କୁମାର ରଥ ଗ୍ରାଉଣ୍ଡ ଜିରୋରେ ପ୍ରସ୍ତୁତି ଜୋରଦାର କରିବା ସହ ବ୍ଲକର କିଛି ଅଂଚଳ ପରିଦର୍ଶନ କରି ସ୍କୁଲ ଓ ବାତ୍ୟା ଆଶ୍ରୟସ୍ଥଳୀର ପ୍ରସ୍ତୁତି ଓ ଆବଶ୍ୟକ ମୌଳିକ ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି।

ହିଞ୍ଜିଳି ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକର ବିଭିନ୍ନ ପଂଚାୟତରେ ସଫେଇ ଗାଡିର ଡ଼ାକବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ ମଧ୍ୟ ସତର୍କ କରାଯାଉଛି । ଏହାଛଡା ଗର୍ଭବତୀ ମହିଳା, ଛୋଟପିଲାମାନେ କିପରି ସୁରକ୍ଷିତ ଭାବେ ସ୍ଥାନାନ୍ତର ହେବେ ସେ ଦିଗରେ ଅଙ୍ଗନୱାଡି କର୍ମୀ ଓ ଆଶାକର୍ମୀଙ୍କୁ ଦାୟିତ୍ୱ ଦିଆଯାଇଛି। ଲୋକେ ଯଦି ସ୍ଥାନାନ୍ତର ହୁଅନ୍ତି ଆଶ୍ରୟସ୍ଥଳୀରେ ଆଲୋକ ବ୍ୟବସ୍ଥା ଓ ଶୁଖିଲା ଖାଦ୍ୟ ବନ୍ଦୋବସ୍ତ କରାଯାଇଛି ନେଇ ସୂଚନା ମିଳିଛି |

# ଗାଲିପେଣ୍ଡିଲି-ଫୁଲକଣା ରାସ୍ତା ପାଲଟିଛି ମରଣଯନ୍ତା

### ମେଟାଲ ବିଛାଇ ଚୁପ୍ ଠିକାଦାର, ଯନ୍ତ୍ରୀଙ୍କ ନଜର ନାହିଁ

### ବର୍ଷାରେ ମେଟାଲ ଧୋଇଯାଇ ରାସ୍ତା ଖାଲଖମାରେ ଭର୍ତ୍ତି

### ଯାତ୍ରୀ ହନ୍ତସନ୍ତ



ବନ୍ଧୁଗାଁ,୨୨।୯ (ସଂଚାର ବ୍ୟୁରୋ): କେଉଁଠି ମେଟାଲ ଉଠିଯାଇଛି, ତ କେଉଁଠି ବଡ଼ବଡ଼ ଗାତ। ବର୍ଷାରେ ରାସ୍ତା ଅବସ୍ଥା ଆହୁରି ଦୟନୀୟ ହୋଇପଡ଼ିଛି। ରାସ୍ତା ନିର୍ମାଣ ପାଇଁ ମେଟାଲ ବିଛାଇ ଦିଆଯାଇଥିଲେ ମଧ୍ୟ ଦୀର୍ଘଦିନ ଧରି ପରବର୍ତ୍ତୀ କାମ ଆଗେଇ ନଥିବାରୁ ଯାତାୟାତ କରୁଥିବା ଲୋକେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି।

କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ୍ ସୀମାନ୍ତ ଗାଲିପେଣ୍ଡିଲିଠାରୁ ଫୁଲକଣା ଛକ ପର୍ଯ୍ୟନ୍ତ ରାସ୍ତାର ଏଭଳି ଅବ୍ୟବସ୍ଥା ଯାତ୍ରୀଙ୍କ ଚିନ୍ତା ବଢ଼ାଇଛି। ରାସ୍ତା ଉପରେ ମେଟାଲ ବିଛାଇ ଦିଆଯିବା ପରେ ନିର୍ମାଣ କାମ ଆଗକୁ ବଢୁନଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ଲଗାଣ ବର୍ଷାରେ ମେଟାଲ ଧୋଇଯାଇ ବିଭିନ୍ନ ସ୍ଥାନରେ ବଡ଼ବଡ଼ ଗାତ ସୃଷ୍ଟି ହୋଇଛି।

ଏହି ରାସ୍ତା ଦେଇ ରାୟଗଡ଼ା ଜିଲ୍ଲାକୁ ଯାତାୟାତ କରନ୍ତି ନାରାୟଣପାଟଣା ଓ ବନ୍ଧୁଗାଁ ଅଞ୍ଚଳର ହଜାରହଜାର ଲୋକ। ରାସ୍ତାର ଦୟନୀୟ ଅବସ୍ଥା ଯୋଗୁଁ ଦୁଇଚକିଆ ଯାନଠାରୁ ଆରମ୍ଭ କରି ଯାତ୍ରୀବାହୀ ଯାନ ଚଳାଚଳରେ ମଧ୍ୟ ସମସ୍ୟା ସୃଷ୍ଟି ହେଉଛି। ବର୍ଷା ସମୟରେ ଗାତଗୁଡ଼ିକରେ ପାଣି ଜମି ରହୁଥିବାରୁ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢ଼ିଛି।

ରାସ୍ତା କାମ ଅଧାରେ ଅଟକି ରହିବାର କାରଣ କ'ଣ ଏବଂ ଦାୟିତ୍ୱରେ ଥିବା ବିଭାଗୀୟ ଅଧିକାରୀ ଏ ଦିଗରେ କି ପଦକ୍ଷେପ ନେଇଛନ୍ତି, ତାହା ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ପ୍ରଶ୍ନ ଉଠିଛି। ତୁରନ୍ତ ରାସ୍ତା ନିର୍ମାଣ କାମ ଆରମ୍ଭ କରି ଯାତାୟାତ ଉପଯୋଗୀ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ଗଭୀର ଅବପାତ ଓ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଜରୁରୀ ସମୀକ୍ଷା ବୈଠକ

### ୨୪ରେ ବନ୍ଦ ରହିବ ମଦ ଦୋକାନ, ଶିକ୍ଷାନୁଷ୍ଠାନ ଛୁଟି ଘୋଷଣା



ମାଲକାନଗିରି,୨୨।୯ (ସଂଚାର ବ୍ୟୁରୋ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗଭୀର ଅବପାତ ଯୋଗୁଁ ୨୩ରୁ ୨୫ ସେପ୍ଟେମ୍ବର ପର୍ଯ୍ୟନ୍ତ ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଆଜି ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ଜରୁରୀ ଆଭାସୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ଭାବ୍ୟ ବନ୍ୟା ଓ ଜରୁରୀ ପରିସ୍ଥିତିର ମୁକାବିଲା, ସମ୍ବେଦନଶୀଳ ଅଞ୍ଚଳରୁ ଲୋକଙ୍କ ସୁରକ୍ଷିତ ସ୍ଥାନାନ୍ତରଣ, ଆଶ୍ରୟସ୍ଥଳୀର ପ୍ରସ୍ତୁତି ଏବଂ ଉଦ୍ଧାରକାରୀ ଦଳର ମୁତୟନ ନେଇ ଜିଲ୍ଲାପାଳ ବ୍ୟାପକ ସମୀକ୍ଷା କରିବା ସହ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର ଓ ପ୍ରଶାସନିକ କର୍ମଚାରୀଙ୍କୁ ୨୪ ଘଣ୍ଟିଆ ଦାୟିତ୍ୱ ସହ ସମ୍ପୂର୍ଣ୍ଣ ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୁରକ୍ଷା ଦୃଷ୍ଟିରୁ ଜିଲ୍ଲାର ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ବନ୍ଦ ରଖିବା ପାଇଁ ଛୁଟି ଘୋଷଣା କରାଯାଇଥିବା ବେଳେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଆସନ୍ତା ୨୪ ତାରିଖ ଦିନ ସମସ୍ତ ମଦ ଦୋକାନ ବନ୍ଦ ରଖିବାକୁ ଆଦେଶ ଦିଆଯାଇଛି। ସ୍ଥାନାନ୍ତରିତ ଲୋକଙ୍କ ପାଇଁ ମାଲକାନଗିରି ଏବଂ ବାଲିମେଳା ପୌରାଞ୍ଚଳର କଲ୍ୟାଣ ମଣ୍ଡପଗୁଡ଼ିକୁ ଅସ୍ଥାୟୀ ଆଶ୍ରୟସ୍ଥଳୀ ଭାବେ ପ୍ରସ୍ତୁତ ରଖାଯାଇଛି, ଯେଉଁଠାରେ ଶୁଖିଲା ଖାଦ୍ୟ ସହ ଗରମ ମଧ୍ୟାହ୍ନ ଓ ରାତ୍ରି ଭୋଜନର ସମ୍ପୂର୍ଣ୍ଣ ବ୍ୟବସ୍ଥା କରାଯାଇଛି। ତଳିଆ ଅଞ୍ଚଳରୁ ଲୋକଙ୍କୁ ନିରାପଦ ସ୍ଥାନକୁ ଘୁଞ୍ଚାଇବା ପାଇଁ ପୌରାଞ୍ଚଳର ପରିମଳ ଗାଡ଼ି ଏବଂ ଶବ୍ଦବିସ୍ତାରକ ଯନ୍ତ୍ର ମାଧ୍ୟମରେ ବ୍ୟାପକ ସଚେତନତା ବାର୍ତ୍ତା ପ୍ରଚାର କରାଯାଉଛି।

ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ଜିଲ୍ଲାରେ ମୋଟ ୩୭ଟି ବିପର୍ଯ୍ୟୟ ପ୍ରଶମନ ଦଳକୁ ସଜାଗ ରଖାଯାଇଛି, ଯାହା ମଧ୍ୟରୁ ମାଥିଲି ଅଞ୍ଚଳ ପାଇଁ ୧୨ଟି ଏବଂ କାଲିମେଳା ପାଇଁ ୨୫ଟି ଦଳ ନିୟୋଜିତ କରାଯାଇଛି। ପାଙ୍ଗାମ, କନ୍ୟାଶ୍ରମ ପୋଲ ସମେତ ସମସ୍ତ ଜଳମଗ୍ନ ଓ ବିପଜ୍ଜନକ ଅଞ୍ଚଳରେ ଆରକ୍ଷୀ ପ୍ରହରା କଡ଼ାକଡ଼ି କରାଯାଇଛି। ବନ୍ୟା ପାଣି କିମ୍ବା ବିପଜ୍ଜନକ ସ୍ଥାନକୁ ଯାଇ ଚଳଚ୍ଚିତ୍ର କିମ୍ବା ଭିଡିଓ ବନାଇବା ଉପରେ ଜିଲ୍ଲାପାଳ କଟକଣା ଜାରି କରିଛନ୍ତି ଏବଂ ନିୟମ ଭଙ୍ଗ କଲେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## କଅଁସର ସରସ୍ୱତୀ କଳା ପରିଷଦ ପକ୍ଷରୁ ନୂଆଖାଇ ଭେଟଘାଟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ



ସଇଁତଲା,୨୨।୯ (ସଂଚାର ବ୍ୟୁରୋ): ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ କଅଁସର ଠାରେ ଓଡିଶା ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓଡିଶା ଆନୁକୂଲ୍ୟରେ କଅଁସର ସରସ୍ୱତୀ ନୃତ୍ୟ କଳା ପରିଷଦ ପକ୍ଷରୁ ନୂଆଖାଇ ଭେଟଘାଟ ଉପଲକ୍ଷେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଅନୁଷ୍ଠାନର ସଭାପତି ସନ୍ତୋଷ ରଣା ଓ ସମ୍ପାଦକ ଅର୍ଜୁନ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୁବ ବିଜେପି ନେତା ଡୋଳାମଣି ବସ୍ତିଆ ମୁଖ୍ୟ ଅତିଥି ଏବଂ ବେଲଗାଁ ଜୋନ ବିଜେପି ମଣ୍ଡଳ ସଭାପତି ବିରଞ୍ଚି ପୁଟେଲ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ସେହିପରି ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ହେମନ୍ତ ସାହୁ, ସମିତି ସଭ୍ୟାଙ୍କ ପ୍ରତିନିଧି ଦେବରାଜ ସାହୁ ଓ ଘୁନସର ସମବାୟ ସମିତି ର ସଭାପତି ଭଇରବ ସାହୁ ଓ ଅଞ୍ଚଳର ବିଭିନ୍ନ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ।

କାର୍ଯ୍ୟକ୍ରମରେ ନୂଆଖାଇ ପରମ୍ପରା, ଭାଇଚାରା ଓ ଓଡ଼ିଆ ସଂସ୍କୃତିର ସୁରକ୍ଷା ନେଇ ଆଲୋଚନା କରାଯାଇଥିଲା। ପରେ ବିଭିନ୍ନ ସାଂସ୍କୃତିକ ଦଳ ପକ୍ଷରୁ ଗୀତ, ନୃତ୍ୟ ଓ ଲୋକକଳା ପରିବେଷଣ କରାଯାଇଥିଲା। ପରେ କୃତି କଳାକାର ମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଏହାକୁ ଦେଖିବା ପାଇଁ କଅଁସର ସମେତ ଆଖପାଖ ଅଞ୍ଚଳର ବହୁ ଲୋକଙ୍କ ସମାଗମ ହୋଇଥିଲା।

# କୋରାପୁଟ ଜିଲ୍ଲାରେ ପ୍ରବଳ ବର୍ଷା ଜାରି

### ୬ ଘଣ୍ଟା ମଧ୍ୟରେ ୯୩୦.୩ ମିମି ବର୍ଷା ରେକର୍ଡ

### ସମ୍ଭାବ୍ୟ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଦୁଇ ଦିନ ସ୍କୁଲ ଛୁଟି

### କୋଟପାଡରେ ଗୋଟିଏ ଓଡ୍ରାଫ ୟୁନିଟ ନିୟୋଜିତ

କୋରାପୁଟ,୨୨।୯ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲାରେ ପ୍ରବଳ ବର୍ଷା ଜାରି ରହିଛି।ଜିଲ୍ଲାରେ ଗତ ୬ ଘଣ୍ଟା ମଧ୍ୟରେ ସମୁଦାୟ ୯୩୦.୩ ମିମି ବର୍ଷା ରେକର୍ଡ କରାଯାଇଛି।ସେମିଳିଗୁଡା ବ୍ଲକରେ ସର୍ବାଧିକ ୧୮୦.୨ ମିମି ବର୍ଷା ହୋଇଥିବା ବେଳେ କୋରାପୁଟ ବ୍ଲକରେ ୮୨.୨ ମିମି, ଲମତାପୁଟରେ ୫୮.୧ ମିମି, ପଟ୍ଟାଙ୍ଗୀରେ ୪୭.୨ମିମି , ବନ୍ଧୁଗାଁରେ ୨୩ ମିମି ନନ୍ଦପୁରର ୧୧୦ ମିମି, ଦଶମନ୍ତପୁରରେ ୩୨ ମିମି, ନାରାୟଣପାଟଣାରେ ୩୪.୬ ମିମି, ଲକ୍ଷ୍ମୀପୁରରେ ୩୩.୬ ମିମି, ଜୟପୁରରେ ୧୦୪ ମିମି, କୋଟପାଡରେ ୧୫ ମିମି, କୁନ୍ଦୁରାରେ ୪୧.୨ ମିମି ବୋରିଗୁମ୍ମାରେ ୧୦୩.୨ ମିମି ଏବଂ ବୈପାରିଗୁଡାରେ ୬୬ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି।

କୋରାପୁଟ ଜିଲ୍ଲାରେ ଆସନ୍ତା ୨୩ ଏବଂ ୨୪ତାରିଖ ଦିନ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ପ୍ରାଥମିକ ବିଦ୍ୟାଳୟସ୍ତରରୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପର୍ଯ୍ୟନ୍ତ ସମସ୍ତ ବିଦ୍ୟାଳୟ ଛୁଟି ଘୋଷଣା କରାଯାଇଛି। ସାମ୍ଭାବ୍ୟ ବର୍ଷାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ସମସ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥି ନିମନ୍ତେ ୨୫ ତାରିଖ ଯାଏଁ କୌଣସି ଅଧିକାରୀ ସଦର ମହକୁମା ନ ଛାଡ଼ିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ଗୋଟିଏ ଓଡ୍ରାଫ ୟୁନିଟ କୋଟପାଡରେ ନିୟୋଜିତ କରାଯାଇଥିବା ଅତିରିକ୍ତ ଜିଲ୍ଲପାଳ ତପନ କୁମାର ନାୟକ କହିଛନ୍ତି।

ପ୍ରସବ ଆସନ୍ନ ଥିବା ଗର୍ଭବତୀ ମହିଳାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ମା ଗୃହକୁ ସ୍ଥାନାନ୍ତରିତ କରିବାକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।କୋରାପୁଟ ଜିଲ୍ଲାରେ ଏ ପର୍ଯ୍ୟନ୍ତ ୬୬ ଜଣ ପ୍ରସବ ଆସନ୍ନ ଗର୍ଭବତୀ ମହିଳାଙ୍କୁ ବିଭିନ୍ନ ସ୍ୱାସ୍ଥ୍ଯ କେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ଡାକ୍ତର ମୁକ୍ତିକାନ୍ତ ଖଟୁଆ କହିଛନ୍ତି।

## କୁଲଡିହା ମାଖନା ଅନ୍ଧ ହାତୀର ଉପଦ୍ରବ

### ଭାଙ୍ଗିଲା ଭୋଗ ଦୋକାନ ସଟର, ଜଗନ୍ନାଥ ମନ୍ଦିର କାନ୍ଥ ଓ ଫାଟକ, ଅଞ୍ଚଳବାସୀ ଆତଙ୍କିତ



ନୀଳଗିରି,୨୨।୯ (ସଂଚାର ବ୍ୟୁରୋ): କୁଲଡିହା ଜଙ୍ଗଲରେ ଥିବା ଏକ ଅନ୍ଧ ମାଖନା ହାତୀ ଆଜି ଭୋର ସମୟରେ ଦେବଗିରି ପାହାଡ଼ ପାଦଦେଶ ଜଙ୍ଗଲ ରୁ ଓହ୍ଲାଇ ଆସି ବାବା ପଞ୍ଚଲିଙ୍ଗେଶ୍ୱର ଶୈବପୀଠର ପାଦଦେଶ ପାନ୍ଥ ନିବାସ ନିକଟ ଶ୍ରୀ ଜଗନ୍ନାଥ ମନ୍ଦିରର ଫାଟକ ଓ କାନ୍ଥ ଭାଙ୍ଗିଥିଲା। ପରେ ଉପରକୁ ଯାଇ ପୂର୍ବରୁ ଥିବା ପୁରୁଣା ପାର୍କିଂ ଷ୍ଟାଣ୍ଡ ମାର୍କେଟ କମ୍ପ୍ଲେକ୍ସ ରେ ଗୋପସାହି ଗ୍ରାମର ଅବିନାଶ ପତିଙ୍କ ଭୋଗ ଦୋକାନ ସଟର ଭାଙ୍ଗି ନଷ୍ଟ କରି ଭୋଗ ଖାଇଥିଲା। ପରେ ପାନ୍ଥ ନିବାସ ଠାରେ ଥିବା ଏକ ଧାନ କ୍ଷେତ ଭିତରେ ପସି ଦଳି ଚକଟି ବ୍ୟାପକ କ୍ଷୟକ୍ଷତି କରି ଜଙ୍ଗଲ ଭିତରକୁ ପଳାଇ ଯାଇଥିଲା। ଦୈନନ୍ଦିନ ବାରମ୍ବାର ଏହି ଅନ୍ଧ ମାଖନା ହାତୀ ଉପଦ୍ରବ ଅସହିଷ୍ଣୁ ହେବାରେ ଲାଗିଲାଣି। ହାତୀ ର ଏଭଳି ଉପଦ୍ରବ ପାଇଁ ଅଞ୍ଚଳବାସୀ ଏବଂ ଦୋକାନୀ ମାନେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ବନବିଭାଗ ପକ୍ଷରୁ ପଦକ୍ଷେପ ନେବାପାଇଁ ଦାବୀ ହେଉଛି।

**AFFIDAVIT**

I, Swati Chandan Kundu(40) S/o Trilochan Kundu, resident of At-Baghra Road, W.No.10, PO-Baripada, PS-Baripada Town, Dist.-Mayurbhanj, Pin-No-757001 declared by this affidavit No-353, dated. 21-09-2026 that my name unfortunately mentioned as Chandan Kumar Kundu S/o of Trilochan Kundu instead of Swati Chandan Kundu in my ROR in Mouza Astia under PS-Morada, PS.No-228 vide Khata No-124/5.

Henceforth, I shall be known as Swati Chandan Kundu for all future proposes.

# କାକଟପୁରରେ ବାହାର ନେତାଙ୍କୁ ହଟାଇବାକୁ ଦାବି

### ଭୋଟର ଲିଷ୍ଟରେ ନାଁ ନାହିଁ, ପୁରୁଣା କର୍ମୀଙ୍କୁ ଅଣଦେଖା



କାକଟପୁର/ଅସ୍ତରଙ୍ଗ,୨୨।୯ (ସଂଚାର ବ୍ୟୁରୋ): ରାଜ୍ୟରେ ବିଜେପି ସରକାର କ୍ଷମତାରେ, ହେଲେ ପୁରୀ ଜିଲ୍ଲା କାକଟପୁର ନିର୍ବାଚନ ମଣ୍ଡଳୀରେ ସଂଗଠନ ଭିତରେ ଭୂମିକମ୍ପ। ରବିବାର କୁଆଁମଚଣ୍ଡୀ ନିକଟରେ ହୋଇଥିବା ବୈଠକ କେବଳ ବୈଠକ ନଥିଲା, ଏହା ଥିଲା ବାଇଧର ମଲ୍ଲିକଙ୍କ ବିରୋଧରେ ସିଧା ଯୁଦ୍ଧ ଘୋଷଣା।

କାକଟପୁର ନିର୍ବାଚନ ମଣ୍ଡଳୀ କାକଟପୁର, ଅସ୍ତରଙ୍ଗ, କୋଣାର୍କ, ଗୋପ - ଏହି ୪ ଅଞ୍ଚଳର ପ୍ରତି ପଞ୍ଚାୟତରୁ ୧୫-୨୦ ଜଣ ମୁଖ୍ୟ କାର୍ଯ୍ୟକର୍ତ୍ତା ଆସିଥିଲେ। ବରିଷ୍ଠଙ୍କଠାରୁ ଯୁବ ପର୍ଯ୍ୟନ୍ତ ସମସ୍ତେ ଏକାଠି ହୋଇ ଗୋଟିଏ ସ୍ୱରରେ କହିଲେ - ବାହାର ନେତା ଚଳିବେନି, କାକଟପୁର ମାଟିର ପୁଅକୁ ନେତୃତ୍ୱ ଦିଅ। କର୍ମୀଙ୍କ ସିଧା ଅଭିଯୋଗ - ବାଇଧର ମଲ୍ଲିକ ନିମାପଡାର ପୂର୍ବତନ ବିଧାୟକ। କାକଟପୁର ଭୋଟର ଲିଷ୍ଟରେ ତାଙ୍କ ନାଁ ନାହିଁ। ଯିଏ ଏ ମଣ୍ଡଳୀର ଭୋଟର ନୁହେଁ, ସେ ଏ ମାଟିର ଦୁଃଖ କଣ ବୁଝିବ? ତେଣୁ ତୁରନ୍ତ ଯାଞ୍ଚ ହେଉ - ସେ କଣ ସତରେ କାକଟପୁର ନେତୃତ୍ୱ ନେଇଛନ୍ତି, ନା ନିଜେ ନିଜକୁ ନେତା ସଜାଇ ହୋଇଛନ୍ତି। ଯୋଗ୍ୟ ସ୍ଥାନୀୟ ଚେହେରାକୁ ସାମ୍ନାକୁ ଆଣ। ବହୁ ବର୍ଷ ଧରି ବିଜେପି ପତାକା ଧରି, ମାଡ ଖାଇ ଦଳକୁ ବଞ୍ଚାଇଥିବା ପୁରୁଖା କର୍ମୀଙ୍କୁ ବାଇଧର ବାବୁ ହତାଦର କରୁଛନ୍ତି। ବରଂ ଅନ୍ୟ ଦଳରୁ ଆସିଥିବା ବିଦେଶୀ ପକ୍ଷୀଙ୍କୁ ମାଳପିନ୍ଧାଇ ମଞ୍ଚର ଆଗରେ ବସାଉଛନ୍ତି। ଏହା କଣ ବିଜେପି ସଂସ୍କାର?

ପାଟସୁନ୍ଦରପୁରର ସନ୍ତୋଷ କୁମାର ସ୍ୱାଇଁ କହିଛନ୍ତି "ଆଗକୁ ପଞ୍ଚାୟତ ଭୋଟ। ଏମିତି ନେତା ରହିଲେ ସେ ନିଜ ମନ ମୁତାବକ ପ୍ରାର୍ଥୀ ଦେବେ। ପ୍ରତି ପଞ୍ଚାୟତରେ ବିଜେପି ହାରିବ। ରାଜ୍ୟ ନେତୃତ୍ୱ ତୁରନ୍ତ ବଦଳାନ୍ତୁ, ନଚେତ ଅସନ୍ତୁଷ୍ଟ କର୍ମୀ ପ୍ରତି ପଞ୍ଚାୟତରେ ନିଜେ ପ୍ରାର୍ଥୀ ଛିଡା କରିବେ।" ଯୁବ ନେତା ବିଶ୍ୱରଞ୍ଜନ ଦଳାଇ ଚେତାବନୀ ଦେଇ କହିଛନ୍ତି , "ସ୍ୱର ଏବେ ଧୀରେ ଉଠୁଛି, ଆଗକୁ ସୁନାମୀ ହେବ। କାକଟପୁର ମାଟିର ପୁଅକୁ ଦାୟିତ୍ୱ ଦିଅ। ବାହାର ନେତାଙ୍କୁ ଆମେ ମାନୁନାହୁଁ।"

ଏହି ବୈଠକ ଗୋଟିଏ କଥା ସ୍ପଷ୍ଟ କରିଦେଲା - କାକଟପୁରରେ ବାଇଧର ମଲ୍ଲିକଙ୍କ ବିରୋଧରେ ନିଆଁ ଲାଗିଛି। ଯଦି ରାଜ୍ୟ ବିଜେପି ଏବେ ବି ଚୁପ ରହିବ, ତେବେ ପଞ୍ଚାୟତ ଭୋଟରେ ପଦ୍ମ ଫୁଟିବା ବଦଳରେ ମଉଳି ଯିବ।

## ଏନଆଇଏନଏଲର ଜରୁରୀକାଳୀନ ସୁରକ୍ଷା ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମ




ଯାଜପୁର ରୋଡ଼,୨୨।୯ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲାର କଳିଙ୍ଗନଗର ଶିଳ୍ପାଞ୍ଚଳ ସ୍ଥିତ ନୀଳାଚଳ ଇସ୍ପାତ ନିଗମ ପକ୍ଷରୁ ଶିଳ୍ପ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବା ପାଇଁ ଆଜି ଏକ ଜରୁରୀକାଳୀନ ମକ୍‌ଡ୍ରିଲ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାରଖାନା ପରିସରରେ ଥିବା ଅକ୍ସିଜେନ୍ କାରଖାନାର ଲିକ୍ୱିଡ୍ ଅକ୍ସିଜେନ୍ ଟ୍ୟାଙ୍କରୁ ଗ୍ୟାସ୍ ଲିକ୍ ହେବାର କୃତ୍ରିମ ପରିସ୍ଥିତି ସୃଷ୍ଟି କରି ଏହି ଅଭ୍ୟାସ କରାଯାଇଥିଲା। ଏହି ସମୟରେ ଜରୁରୀକାଳୀନ ଟିମ୍‌ର ପ୍ରସ୍ତୁତି, ଘଟଣାସ୍ଥଳରେ ପହଂଚିବା ସମୟ, ସୁରକ୍ଷା ଉପକରଣ ଓ ଯୋଗାଯୋଗ ବ୍ୟବସ୍ଥାକୁ ପରୀକ୍ଷା କରାଯାଇଥିଲା। ଏହି ମକ୍‌ଡ୍ରିଲ୍‌ରେ ଯାଜପୁର କାରଖାନା ଓ ବଏଲର ବିଭାଗ ଉପ-ନିର୍ଦ୍ଦେଶକ ଉମେଶ ଚନ୍ଦ୍ର ସୁତାର, ସହକାରୀ ନିର୍ଦ୍ଦେଶକ ଦେବାଶିଷ ନାୟକ, କଳିଙ୍ଗନଗର ପୋଲିସ୍ ଓ ଦାନଗଦି ଅଗ୍ନିଶମ ବିଭାଗ ସହ ଏନଆଇଏନଏଲ'ର ସୁରକ୍ଷା ଟିମ୍ ସାମିଲ ହୋଇଥିଲେ। କର୍ମଚାରୀଙ୍କ ସୁରକ୍ଷା ଓ ବିପଦ ପରିଚାଳନା ଦିଗରେ ଏନଆଇଏନଏଲ'ର ପ୍ରତିବଦ୍ଧତାକୁ ଏହି ଅଭ୍ୟାସ ପ୍ରମାଣିତ କରିଛି।

### ୯ମ ଭାରତ ଅନ୍ତର୍ଜାତୀୟ ଜଳ ସପ୍ତାହ-୨୦୨୬

# ଓଡ଼ିଶାର ସମନ୍ୱିତ ଜଳ ସମ୍ପଦ ପରିଚାଳନା ମଡେଲ୍ ପ୍ରଦର୍ଶିତ

ଭୁବନେଶ୍ୱର,୨୨।୯(ସଂଚାର ବ୍ୟୁରୋ): ନୂଆଦିଲ୍ଲୀରେ ଆୟୋଜିତ ନବମ ଭାରତ ଅନ୍ତର୍ଜାତୀୟ ଜଳ ସପ୍ତାହ (ଆଇଆଇଡବ୍ଲ୍ୟୁଡବ୍ଲ୍ୟୁ)-୨୦୨୬ରେ ଓଡ଼ିଶା ନିଜର ସମନ୍ୱିତ ଜଳ ସମ୍ପଦ ପରିଚାଳନା ମଡେଲ୍ ପ୍ରଦର୍ଶନ କରିଛି। ଆଜିଠାରୁ ୨୬ ତାରିଖ ପର୍ଯ୍ୟନ୍ତ ଭାରତ ମଣ୍ଡପମ୍‌ଠାରେ ଆୟୋଜିତ ଏହି ଅନ୍ତର୍ଜାତୀୟ ସମ୍ମିଳନୀରେ ଓଡ଼ିଶା ସହଭାଗୀ ରାଜ୍ୟ ଭାବେ ଅଂଶଗ୍ରହଣ କରିଛି। ଚଳିତବର୍ଷର ବିଷୟବସ୍ତୁ 'ଜଳବାୟୁ ସହନଶୀଳ ଜଳ ପରିଚାଳନା'। କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସିଆର୍ ପାଟିଲ୍ ଓଡ଼ିଶା ପ୍ୟାଭିଲିୟନ୍‌ର ଉଦ୍‌ଘାଟନ କରିଛନ୍ତି। ଆଇଆଇଡବ୍ଲ୍ୟୁଡବ୍ଲ୍ୟୁ-୨୦୨୬ର ବିଭିନ୍ନ ଆଲୋଚନା ମଧ୍ୟରେ ଜଳ ସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା 'ସ୍ଥାୟୀ ଜଳ ସମ୍ପଦ ପରିଚାଳନା ପାଇଁ ଭାରତ-ଡେନମାର୍କର ମିଳିତ ସମାଧାନ' ଶୀର୍ଷକ ସ୍ୱତନ୍ତ୍ର ଅଧିବେଶନର ସହ-ଅଧ୍ୟକ୍ଷତା କରିଥିଲେ।




ଭାରତରେ ଡେନମାର୍କର ରାଷ୍ଟ୍ରଦୂତ ରାସମୁସ୍ ଆବିଲ୍ଡଗାର୍ଡ କ୍ରିଷ୍ଟେନ୍‌ସେନ୍‌ଙ୍କ ସହ ସେ ଏହି ଅଧିବେଶନରେ ଅଂଶଗ୍ରହଣ କରି ଉପକୂଳ କ୍ଷୟର ମୁକାବିଲା, ଉପକୂଳୀୟ ସହନଶୀଳତା ବୃଦ୍ଧି ଓ ସ୍ଥାୟୀ ଜଳ ପରିଚାଳନା କ୍ଷେତ୍ରରେ ଡେନମାର୍କର ବିଶେଷଜ୍ଞତା ଓ ପ୍ରଯୁକ୍ତିର ଉପଯୋଗ ସମ୍ପର୍କରେ ଓଡ଼ିଶା-ଡେନମାର୍କ ସହଯୋଗର ସମ୍ଭାବନା ଉପରେ ଆଲୋକପାତ କରିଥିଲେ। ଓଡ଼ିଶା ପ୍ୟାଭିଲିୟନ୍‌ରେ ରାଜ୍ୟର ଜଳସେଚନ ଭିତ୍ତିଭୂମି, ଜଳର ଦକ୍ଷ ଉପଯୋଗ ସହ ଜଳ ସୁରକ୍ଷା ଓ ଜଳବାୟୁ ସହନଶୀଳତା ବୃଦ୍ଧି ପାଇଁ ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପ ପ୍ରଦର୍ଶିତ

- କେନ୍ଦ୍ର ଜଳଶକ୍ତି ମନ୍ତ୍ରୀଙ୍କ ଦ୍ୱାରା ଓଡ଼ିଶା ପ୍ୟାଭିଲିୟନ୍ ଉଦ୍‌ଘାଟିତ
- କାନୁପୁର ଜଳସେଚନ ପ୍ରକଳ୍ପର ମଡେଲ୍ ପ୍ରଦର୍ଶିତ

ହେଉଛି। ଏଥିରେ ମୃତ୍ତିକା ଆର୍ଦ୍ରତା ସେନ୍‌ସର୍, ସମନ୍ୱିତ ଧାନ-ମାଛ ଚାଷ ମଡେଲ୍, ସ୍ୱୟଂଚାଳିତ ଓଦା-ଶୁଖିଲା ପ୍ରଣାଳୀ ଏବଂ ଡାଲି ଓ ଧାନର ବିଭିନ୍ନ ବିହନ କିସମ ଆଦି ପ୍ରଦର୍ଶିତ ହୋଇଛି। ଏହି ପଦକ୍ଷେପଗୁଡ଼ିକ ଜଳବାୟୁ ସହନଶୀଳ କୃଷିକୁ ପ୍ରୋତ୍ସାହିତ କରିବା ସହ ଜଳର ଦକ୍ଷ ଉପଯୋଗରେ ସହାୟକ ହେଉଛି। 'ଜଳବାୟୁ ସହନଶୀଳ ଜଳ ପରିଚାଳନା' ବିଷୟବସ୍ତୁ ସହ ସମନ୍ୱୟ ରଖି 'ଓଡ଼ିଶା ଜଳବାୟୁ ସହନଶୀଳ କୃଷି ପାଇଁ ସମନ୍ୱିତ ଜଳସେଚନ ପ୍ରକଳ୍ପ (ଓଆଇଆଇପିସିଆରଏ)'ର ଏକ ସ୍ୱତନ୍ତ୍ର ମଡେଲ୍ ମାଧ୍ୟମରେ ଜଳ ସମ୍ପଦ ବିଭାଗ ଦ୍ୱାରା ରାଜ୍ୟରେ ଗ୍ରହଣ କରାଯାଉଥିବା ଜଳବାୟୁ ସହନଶୀଳ ପଦକ୍ଷେପଗୁଡ଼ିକ ପ୍ରଦର୍ଶିତ ହେଉଛି। ଏହି ପ୍ରକଳ୍ପ ଅଧୀନରେ ୧୫ଟି ଜିଲ୍ଲାର ୫୩୮ଟି କ୍ଷୁଦ୍ର ଜଳସେଚନ ଟ୍ୟାଙ୍କର ପୁନରୁଦ୍ଧାର, ଉନ୍ନତ ଜଳସେଚନ ବ୍ୟବସ୍ଥା, ଜଳବାୟୁ ସହନଶୀଳ ଓ ବୈଜ୍ଞାନିକ କୃଷି, ମତ୍ସ୍ୟଚାଷ ବିକାଶ ଓ ଜୀବିକା ସହାୟତା ଭଳି ବିଭିନ୍ନ ପଦକ୍ଷେପକୁ ସମନ୍ୱିତ କରାଯାଇଛି। ଓଡ଼ିଶାର ପ୍ରଦର୍ଶନୀର ଅନ୍ୟତମ ପ୍ରମୁଖ ଆକର୍ଷଣ ହେଉଛି କାନୁପୁର ଜଳସେଚନ ପ୍ରକଳ୍ପର ମଡେଲ୍। ଏହି ମଡେଲ୍‌ରେ ଜଳ ସଂରକ୍ଷଣ, ଉପ-ଅବବାହିକା ମଧ୍ୟରେ ଜଳ ସ୍ଥାନାନ୍ତରଣ ଏବଂ ଆଧୁନିକ ଜଳ ପରିବହନ ବ୍ୟବସ୍ଥା ପ୍ରଦର୍ଶିତ ହୋଇଛି। ଉପଲବ୍ଧ ଜଳ ସମ୍ପଦର ସର୍ବାଧିକ ଦକ୍ଷ ଉପଯୋଗ ଏବଂ ଭବିଷ୍ୟତ ଜଳ ସୁରକ୍ଷା ସୁଦୃଢ଼ କରିବା ଦିଗରେ ଓଡ଼ିଶାର ଆଭିମୁଖ୍ୟକୁ ମଧ୍ୟ ଏହି ମଡେଲ୍ ଉପସ୍ଥାପନ କରୁଛି।

## ଦରମା ୫୨ ହଜାର, ସମ୍ପତ୍ତି ୫୨ କୋଟିରୁ ଊର୍ଦ୍ଧ୍ୱ



ବରଗଡ଼,୨୨।୯ (ସଂଚାର ବ୍ୟୁରୋ): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମଙ୍ଗଳବାର ବରଗଡ଼ ଜିଲ୍ଲା କଟାଭାଲ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) କାର୍ତ୍ତିକେଶ୍ୱର ବେହେରାଙ୍କ ବାସଭବନ ସମେତ ୬ଟି ଠିକଣାରେ ଚଢ଼ାଉ କରିଛି ଭିଜିଲାନ୍ସ। ଚଢ଼ାଉ ଜାରି ରହିଥିବା ବେଳେ ତାଙ୍କଠାରୁ ପୁଳା ପୁଳା ସମ୍ପତ୍ତି ଠାବ କରିଛି

- ପିଇଓଙ୍କ ନାଁରେ ୩୦ ପ୍ଲଟ ଆଉ ୨ଟି କୋଠା
- ମାର୍କେଟ୍ କଂପ୍ଲେକ୍ସ ଓ ଗୋଦାମ ଠାବ, ୩ ଲକ୍ଷ ଜବତ

ଭିଜିଲାନ୍ସ। ତାଙ୍କ ସମ୍ପତ୍ତି ମଧ୍ୟରେ ରହିଛି ୩୦ଟି ପ୍ଲଟ୍, ଦୁଇଟି ବହୁତଳ କୋଠା, ଗୋଟିଏ ମାର୍କେଟ କମ୍ପ୍ଲେକ୍ସ ଓ ଗୋଟିଏ ଗୋଦାମ। ସେହିପରି ତାଙ୍କ ଘରୁ ନଗଦ ୨ ଲକ୍ଷ ୯୮ ହଜାର ୧୭୭ ଟଙ୍କା ଜବତ କରାଯାଇଛି। ପିଇଓ ଶ୍ରୀ ବେହେରାଙ୍କ ଦୁଇଟି ବହୁତଳ କୋଠା ମଧ୍ୟରୁ ଗୋଟିଏ ଗାଇସିଲେଟ ନିକଟସ୍ଥ କନ୍ଦାଗାଡ଼ରେ ଅଛି, ଯାହା ପ୍ରାୟ ୪୮୦୦ ବର୍ଗଫୁଟ ଜାଗା ଉପରେ ନିର୍ମାଣ ହୋଇଛି। ସେହିପରି ଗାଇସିଲେଟରେ ତାଙ୍କର ଏକ ୪ ମହଲା କୋଠା ନିର୍ମାଣାଧୀନ ରହିଛି। କନ୍ଦାଗାଡ଼ରେ ତାଙ୍କର ଏକ ମାର୍କେଟ୍ କମ୍ପ୍ଲେକ୍ସ ରହିଛି। ଏହା ୨୪୦୦ ବର୍ଗଫୁଟ ଜାଗାରେ ତିଆରି ହୋଇଛି। ସେହିପରି ସେଠାରେ ତାଙ୍କ ଏକ ଗୋଦାମ ରହିଛି, ଯାହା ୧୫୦୦ ବର୍ଗଫୁଟ ଜାଗାରେ ନିର୍ମାଣ ହୋଇଛି।

ତାଙ୍କର ପ୍ଲଟଗୁଡ଼ିକ ଗାଇସିଲେଟ ଓ କନ୍ଦାଗାଡ଼ରେ ରହିଛି। ଏଗୁଡ଼ିକର ମୂଲ୍ୟ ଜାଣିବା ପାଇଁ ଭିଜିଲାନ୍ସର ବୈଷୟିକ ଶାଖା ପକ୍ଷରୁ ମାପଚୁପ ଜାରି ରହିଛି। ଏସବୁ ବାଦ୍ ତାଙ୍କର ଅନ୍ୟାନ୍ୟ ଜମା ଓ ନିବେଶ ରହିଛି। ସେଗୁଡ଼ିକର ଯାଞ୍ଚ ଜାରି ରହିଛି। ବର୍ତ୍ତମାନ ମାସିକ ୫୨ ହଜାର ୩୨୦ ଟଙ୍କା ବେତନ ପାଉଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ଶ୍ରୀ ବେହେରା ଗାଇସିଲେଟ ପଞ୍ଚାୟତର ସେକ୍ରେଟାରୀ ଭାବେ ସରକାରୀ ଚାକିରି ଜୀବନ ଆରମ୍ଭ କରିଥିଲେ। ସେତେବେଳେ ତାଙ୍କର ପ୍ରାରମ୍ଭିକ ଦରମା ଥିଲା ମାତ୍ର ୫୦୦ ଟଙ୍କା। ୨୦୦୯ରେ ସେ ଭିଏଲଡବ୍ଲ୍ୟୁ ପଦକୁ ଉନ୍ନୀତ ହୋଇଥିଲେ। ୨୦୧୨ରେ ସେ ପିଇଓ ହେଲେ। ୨୦୨୪ରୁ ସେ କଟାଭାଲରେ ପଞ୍ଚାୟତ ନିର୍ବାହୀ ଅଧିକାରୀ (ପିଇଓ) ଭାବେ କାର୍ଯ୍ୟ କରିଆସୁଛନ୍ତି। ଏଥିସହ ତାଙ୍କୁ ଗାଇସିଲେଟ ବ୍ଲକ୍‌ର ଫିରିଙ୍ଗମାଲ ସମେତ ଆଉ ଏକ ଗ୍ରାମ ପଞ୍ଚାୟତର ଦାୟିତ୍ୱ ମଧ୍ୟ ଦିଆଯାଇଛି। ସେ ବରଗଡ଼ ଜିଲ୍ଲାରେ ୩୦ରୁ ଅଧିକ ବର୍ଷ ହେଲା କାର୍ଯ୍ୟ କରୁଛନ୍ତି। ବର୍ତ୍ତମାନ ଯେତିକି ସମ୍ପତ୍ତି ଠାବ ହୋଇଛି, ତାହା ୫୨ କୋଟିରୁ ଅଧିକ ହେବ ବୋଲି ଆକଳନ କରାଯାଉଛି।

## ଭିଜିଲାନ୍ସ ଫରେଷ୍ଟ ୱିଙ୍ଗ୍‌ର ଚଢ଼ାଉ, ଚିତାବାଘ ଛାଲ ଜବତ

କଟକ,୨୨।୯(ସଂଚାର ବ୍ୟୁରୋ): ନୂଆପଡ଼ା ଖରିଆର ବନଖଣ୍ଡ ଅନ୍ତର୍ଗତ ଉଦ୍ୟାନବନ୍ଧ ଫରେଷ୍ଟ ରେଞ୍ଜରେ ଚଢ଼ାଉ। ଓଡ଼ିଶା ଭିଜିଲାନ୍ସର ଫରେଷ୍ଟ ୱିଙ୍ଗ ପକ୍ଷରୁ ଏହି ଚଢ଼ାଉ କରାଯାଇଥିବା ବେଳେ ଗୋଟିଏ ଚିତାବାଘ ଛାଲ ଜବତ ହୋଇଛି। ଏହି ଘଟଣାରେ ଜଣେ ବ୍ୟକ୍ତିଙ୍କୁ ଘଟଣାସ୍ଥଳରୁ ଗିରଫ କରାଯାଇଛି।



ଗିରଫ ବ୍ୟକ୍ତି ହେଉଛନ୍ତି କୁମନା ଥାନା ଅନ୍ତର୍ଗତ କୁମୁଣ୍ଡିମୁଣ୍ଡା ଗାଁର ଇନାୟତ ଅଲ୍ଲୀ। ଚିତାବାଘ ଛାଲ କାରବାର କିମ୍ବା ଶିକାର ସମ୍ପର୍କିତ ତଥ୍ୟ ମିଳିବା ପରେ ଭିଜିଲାନ୍ସ ଫରେଷ୍ଟ ୱିଙ୍ଗ ପକ୍ଷରୁ ଏହି ଚଢ଼ାଉ କରାଯାଇଥିବା ସୂଚନା ମିଳିଛି। ବନ୍ୟଜନ୍ତୁ ସୁରକ୍ଷା ଆଇନ, ୧୯୭୨ର ଧାରା ୯ ଉଲ୍ଲଂଘନ ଏବଂ ଧାରା ୫୧ ଅନୁଯାୟୀ ଦଣ୍ଡନୀୟ ଅପରାଧ ଅଭିଯୋଗରେ ଅଭିଯୁକ୍ତଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଜବତ ହୋଇଥିବା ଚିତାବାଘ ଛାଲକୁ ଯାଞ୍ଚ ପାଇଁ ପଠାଯିବା ସହ ଏହାର ଉତ୍ସ ଓ ଘଟଣା ସହ ଜଡ଼ିତ ଅନ୍ୟ ବ୍ୟକ୍ତିଙ୍କ ସମ୍ପର୍କରେ ତଦନ୍ତ କରାଯାଉଛି। ଏହି ଘଟଣାରେ ଆଉ କେହି ସାମିଲ ଅଛନ୍ତି କି ନାହିଁ, ସେନେଇ ମଧ୍ୟ ଭିଜିଲାନ୍ସ ଫରେଷ୍ଟ ୱିଙ୍ଗ ପକ୍ଷରୁ ଖୋଳତାଡ଼ ଜାରି ରହିଛି। ବନ୍ୟଜନ୍ତୁ ସୁରକ୍ଷା ଓ ଅବୈଧ ଶିକାର ରୋକିବା ଦିଗରେ ଏଭଳି ଚଢ଼ାଉ ଆଗକୁ ମଧ୍ୟ ଜାରି ରହିବ ବୋଲି ୱିଙ୍ଗ୍ ପକ୍ଷରୁ କୁହାଯାଇଛି।

## ସ୍କୁଲ୍‌ରେ ବିଦ୍ୟୁତ୍ କାଟ, ଛାତ୍ରଛାତ୍ରୀ ଅସୁସ୍ଥ

### ରାସ୍ତାକୁ ଓହ୍ଲାଇଲେ ଉତ୍ତ୍ୟକ୍ତ ଛାତ୍ରଛାତ୍ରୀ



ସମ୍ବଲପୁର,୨୨।୯ (ସଂଚାର ବ୍ୟୁରୋ): ବିଦ୍ୟାଳୟରେ ବିଦ୍ୟୁତ ସରବରାହ ବନ୍ଦ ହେବାରୁ ତାତିଲେ ଛାତ୍ରଛାତ୍ରୀ। ସମ୍ବଲପୁର ଧନୁପାଲିସ୍ଥିତ ଶ୍ରୀଗଣେଶ ସରକାରୀ ଉଚ୍ଚ ବିଦ୍ୟାଳୟରେ ଦେଖିବାକୁ ମିଳିଛି ଏଭଳି ଅଭାବନୀୟ ଘଟଣା। ବିଦ୍ୟୁତ ସରବରାହ ଠପ୍ ହେବା ଯୋଗୁଁ ବିଦ୍ୟାଳୟରେ ଛାତ୍ରଛାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବିଗତ ୪-୫ ଦିନ ଧରି ବିଦ୍ୟୁତ ସେବା ବନ୍ଦ ରହିଥିବାରୁ ପ୍ରବଳ ଗରମ ଓ ଗୁଳୁଗୁଳିରେ ପିଲାମାନେ ଏକରକମ ଅଣନିଃଶ୍ୱାସୀ ହୋଇପଡ଼ିଛନ୍ତି। ଅନେକ ଥର କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କୌଣସି ସୁଫଳ ମିଳିପାରିନାହିଁ। ଏହାକୁ ନେଇ ଆଜି ବିଦ୍ୟାଳୟର ଛାତ୍ରୀଛାତ୍ର ବାଧ୍ୟ ହୋଇ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିଛନ୍ତି।

ଫଳରେ ସମ୍ବଲପୁର- ସୁବର୍ଣ୍ଣପୁର ରାସ୍ତାରେ ଯାତାୟାତ ଠପ୍ ହୋଇଛି। ପରୀକ୍ଷା ଚାଲୁଥିବା ସମୟରେ ଅସହ୍ୟ ଗରମ ସହି ନ ପାରି ୨-୩ ଜଣ ଛାତ୍ରଛାତ୍ରୀ ଶ୍ରେଣୀଗୃହ ଭିତରେ ଚେତାଶୂନ୍ୟ ହୋଇ ପଡ଼ିଯାଇଥିଲେ। ଏନେଇ ବିଦ୍ୟୁତ ବିଭାଗ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ବାରମ୍ବାର ଲିଖିତ ଓ ମୌଖିକ ଭାବେ ଜଣାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। କୌଣସି ସୁଫଳ ନ ମିଳିବାରୁ ଶେଷରେ ଉତ୍ତ୍ୟକ୍ତ ଛାତ୍ରଛାତ୍ରୀ ଓ ଅଭିଭାବକ ରାସ୍ତାକୁ ଓହ୍ଲାଇ ରାସ୍ତାରୋକ କରି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଛାତ୍ରଛାତ୍ରୀଙ୍କ ଜୀବନ ସହ ଖେଳ ଖେଳୁଥିବା ପ୍ରଶାସନ ଓ ବିଦ୍ୟୁତ କମ୍ପାନୀ ବିରୋଧରେ ସେମାନେ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ତୁରନ୍ତ ସମାଧାନ ଦାବି କରିଛନ୍ତି। ସେପଟେ ଡିଇଓ କହିଛନ୍ତି ଆସନ୍ତାକାଲି ସମସ୍ୟା ଦୂର ହେବ ଓ ବିଦ୍ୟୁତ୍ ସରବରାହ ସ୍ୱାଭାବିକ ହେବ। ସମସ୍ତ ବିଦ୍ୟୁତ୍ ବିଲ୍ ପୈଠ କରାଯାଇଛି। କିଛିଟା ଭୁଲ ବୁଝାମୁଣା ଯୋଗୁଁ ଲାଇନ କଟିଥିବା ସେ କହିଛନ୍ତି।

## ଟ୍ରେନ୍ ଧକ୍କାରେ ଯୁବ ଡାକ୍ତରଙ୍କ ମୃତ୍ୟୁ

ଭୁବନେଶ୍ୱର,୨୨।୯(ସଂଚାର ବ୍ୟୁରୋ): ଟ୍ରେନ୍ ଧକ୍କାରେ ଚାଲିଗଲା ଯୁବ ଡାକ୍ତରଙ୍କ ଜୀବନ। ମୃତକ ଡାକ୍ତର ଜଣଙ୍କ ହେଲେ ଡେଣ୍ଟିଷ୍ଟ ଡାକ୍ତର ଅମୃତ ଜେନା। କଳାରାହାଙ୍ଗ ଲେଭଲ୍ କ୍ରସିଂ ନିକଟରେ ତାଙ୍କ ସହ ଏପରି ଅଘଟଣ ଘଟିଛି। ମଞ୍ଚେଶ୍ୱର ଥାନାଞ୍ଚଳରେ ରହୁଥିବା ଡାକ୍ତର ଜେନା ଆଜି ରେଳ ଲାଇନ୍ ପାର୍ ହେଉଥିବା ସମୟରେ ତାଙ୍କୁ ଟ୍ରେନ୍ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ଘଟଣାସ୍ଥଳରେ ଜିଆରପି ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ୍ ହସ୍ପିଟାଲରେ ଭର୍ତ୍ତି କରିଛି। ଏଥିସହ ଡାକ୍ତରଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଛି। କ୍ୟାପିଟାଲ୍ ହସ୍ପିଟାଲରେ ମୃତଦେହର ପୋଷ୍ଟମର୍ଟମ୍ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରାଥମିକ ତଦନ୍ତରେ ଦୁର୍ଘଟଣା ହୋଇଥିବା ପୁଲିସ ଅନୁମାନ କରୁଛି। ତେବେ ପୋଷ୍ଟମର୍ଟମ୍ ରିପୋର୍ଟ ପରେ ମୃତ୍ୟୁର ଅସଲ କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

## ପ୍ରବଳ ବର୍ଷାରେ ଅଶାନ୍ତ ସମୁଦ୍ର, ପୁରୀ ବେଳାଭୂମିରେ ରେଡ୍ ଫ୍ଲାଗ୍

ପୁରୀ,୨୨।୯(ସଂଚାର ବ୍ୟୁରୋ): ପୁରୀ ସମୁଦ୍ର କୂଳରେ ଲାଗିଛି ରେଡ୍ ଫ୍ଲାଗ୍। ପ୍ରବଳ ବର୍ଷା ଯୋଗୁଁ ସମୁଦ୍ର ଅଶାନ୍ତ ହୋଇପଡ଼ିଥିବାରୁ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ସମୁଦ୍ର ସ୍ନାନ ଉପରେ କଟକଣା ଲଗାଯାଇଛି। ସମୁଦ୍ର କୂଳରେ ଅଗ୍ନିଶମ ବାହିନୀ ଓ ଲାଇଫ୍ ଗାର୍ଡମାନେ ମୁତୟନ ରହି ପର୍ଯ୍ୟଟକମାନଙ୍କୁ ସଚେତନ କରୁଛନ୍ତି। ଏଥିସହ ଅଶାନ୍ତ ସମୁଦ୍ର ଭିତରକୁ ନ ଯିବା ପାଇଁ ପର୍ଯ୍ୟଟକମାନଙ୍କୁ ବାରମ୍ବାର ନିବେଦନ କରାଯାଉଛି। ପାଗରେ ସୁଧାର ନ ଆସିବା ପର୍ଯ୍ୟନ୍ତ ସମୁଦ୍ରରେ ସ୍ନାନ ନ



କରିବାକୁ ମଧ୍ୟ ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ସେପଟେ ପ୍ରବଳ ବର୍ଷାକୁ ନଜରରେ ରଖି ପୁରୀ ଜିଲ୍ଲାର ତଳିଆ ଅଞ୍ଚଳର ଲୋକଙ୍କୁ ଆଲର୍ଟ କରାଯାଇଛି। ଯେକୌଣସି ଆପଦକାଳୀନ ପରିସ୍ଥିତି ପାଇଁ ଜିଲ୍ଲାର ବିଭିନ୍ନ ବାତ୍ୟା ଆଶ୍ରୟସ୍ଥଳୀକୁ ସକ୍ରିୟ ରଖାଯାଇଛି। ଆଶ୍ରୟସ୍ଥଳୀଗୁଡ଼ିକରେ ଶୁଖିଲା ଖାଦ୍ୟ ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିବା ବେଳେ ଜଳ ନିଷ୍କାସନ ପାଇଁ ମଧ୍ୟ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ଆହୁରି ପ୍ରବଳ ବର୍ଷା ଯୋଗୁଁ ଆଜି ପୁରୀ ଜିଲ୍ଲାର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ର ବନ୍ଦ ରଖାଯାଇଛି। ପାଗର ସ୍ଥିତି ଉପରେ ପ୍ରଶାସନ ନଜର ରଖିଥିବା ବେଳେ ଲୋକଙ୍କୁ ସତର୍କ ରହିବା ସହ ସମସ୍ତ ସୁରକ୍ଷା ନିର୍ଦ୍ଦେଶ ପାଳନ କରିବାକୁ ମଧ୍ୟ କୁହାଯାଇଛି।

## ୪୫ ହଜାର ଟଙ୍କାର ନକଲି ନୋଟ୍ ଜବତ

ବରଗଡ଼,୨୨।୯(ସଂଚାର ବ୍ୟୁରୋ): ବରଗଡ଼ରେ ଧରାପଡ଼ିଛି ୪୫ ହଜାର ଟଙ୍କାର ନକଲି ନୋଟ୍। ଏହି ମାମଲାରେ ଜଣେ ନାବାଳକକୁ ପୁଲିସ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି। ବରଗଡ଼ ସହରର ସ୍ୱାଗତ ସାହୁ ନାମକ ଜଣେ ଯୁବକ ନିଜ ଓଲା ସ୍କୁଟି ବିକ୍ରି କରିବା ସକାଶେ ଓଏଲ୍‌ଏକ୍ସରେ ବିଜ୍ଞାପନ ଦେଇଥିଲେ। ଏହାପରେ ପ୍ରାୟ ୪୫ ହଜାର ଟଙ୍କାରେ ସ୍କୁଟି ବିକ୍ରି ପାଇଁ ଡିଲ୍ ଫାଇନାଲ ହୋଇଥିଲା। ତେବେ ଏହି ଟଙ୍କାକୁ ଗଣିବା ବେଳେ ସବୁ ନୋଟ୍ ନକଲି ହୋଇଥିବା ସନ୍ଦେହ ହେବାରୁ ସେ ପ୍ରଥମେ ବ୍ୟାଙ୍କ ଓ ପରେ ଟାଉନ ଥାନା ଦ୍ୱାରସ୍ଥ ହୋଇ ଘଟଣା ସମ୍ପର୍କରେ ଜଣାଇଥିଲେ। ଏନେଇ ବରଗଡ଼ ପୁଲିସ ତଦନ୍ତ ଆରମ୍ଭ କରିବା ସହ ଜଣେ ନାବାଳକକୁ ଅଟକ ରଖି ଅଧିକ ତଦନ୍ତ ଜାରି ରଖିଛି।

## ୫.୪ କ୍ୱିଣ୍ଟାଲ ଗଞ୍ଜେଇ ସହ କାର ଓ ବାଇକ୍ ଜବତ: ୩ ଗିରଫ

ସୁବର୍ଣ୍ଣପୁର,୨୨।୯(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ପୁଲିସକୁ ମିଳିଛି ବଡ଼ ସଫଳତା। ନିଶାମୁକ୍ତ ଓଡ଼ିଶା ସ୍ୱତନ୍ତ୍ର ଅଭିଯାନ କ୍ରମେ ଗତକାଲି ଏସପି ନାରାୟଣ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜିଲ୍ଲାର ବିଭିନ୍ନ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯିବ ସହ ପ୍ରାୟ ୫୪୦ କେଜି ଓଜନର ଗଞ୍ଜେଇ ଜବତ କରାଯିବା ସହ ଏଥିରେ ସମ୍ପୃକ୍ତ ୩ ଜଣଙ୍କୁ ଗିରଫ କରାଯାଇଛି। ଏଥିସହ ଏହି ଘଟଣାରେ ୩ ଅଭିଯୁକ୍ତଙ୍କ ନିକଟରୁ ୨ଟି ଦାମୀ କାର ଓ ଗୋଟିଏ ବାଇକ୍ ମଧ୍ୟ ଜବତ କରାଯାଇଛି। ଜବତ ଗଞ୍ଜେଇର ବଜାର ମୂଲ୍ୟ ୫ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ସୂଚନା ମିଳିଛି। ଏନେଇ ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଏସ୍‌ପି ନାରାୟଣ ନାୟକ।



ଗୁଇନ୍ଦା ସୂଚନା ଆଧାରରେ ବୌଦ୍ଧ ଜିଲ୍ଲାରୁ କାର ଯୋଗେ ସୁବଳୟା ରାସ୍ତା ଦେଇ ବିପୁଳ ପରିମାଣର ଗଞ୍ଜେଇ ସମ୍ବଲପୁର ପଟକୁ ଚୋରାଚାଲାଣ ହେଉଥିବା ସୂଚନା ମିଳିଥିଲା। ଏସପି ଶ୍ରୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୀରମହାରାଜପୁର ଥାନା ପୁଲିସ କାର୍ (ନଂ.ଓଡି୧୭ଏଫ୍ ୭୭୧୭)କୁ ଅଟକ ରଖି ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଯାଞ୍ଚ କରିବାରୁ ସେଥିରୁ ୩ କ୍ୱିଣ୍ଟାଲ ଗଞ୍ଜେଇ ମିଳିଥିଲା। ସେହିପରି ୨ ଗଞ୍ଜେଇ ଚୋରା ଚାଲାଣକାରୀ ସୁନ୍ଦରଗଡ଼ ଜିଲ୍ଲା କୁଆଁରମୁଣ୍ଡାର ପିଣ୍ଟୁ ସାହୁ (୩୩) ଓ ଅଭିଜିତ ସିଂହ (୨୮)ଙ୍କୁ ଗିରଫ କରାଯାଇଛି। ଏହାଛଡ଼ା ସୁବଳୟା ଥାନା ପୁଲିସ ଟିମ୍ କାର (ନଂ. ଓଡି୦୨ବିଏମ୍ ୫୪୪୯)ରୁ ୨ କ୍ୱିଣ୍ଟାଲ ୩୭ କିଲୋ ଗଞ୍ଜେଇ ଜବତ କରିଥିବା ବେଳେ ବେପାରୀମାନେ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ। ସେହିପରି ରାମପୁର ଥାନାଞ୍ଚଳରେ ଏକ ବାଇକ୍ (ନଂ. ଓଡି୨୭ଡି ୯୧୪୬)ରୁ ୩ କିଲୋ ୪୭୦ ଗ୍ରାମ ଗଞ୍ଜେଇ ଜବତ କରାଯିବା ସହ ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ତିଲପଙ୍ଗା ଅଞ୍ଚଳର ଶିବ ରଣା (୩୨)ଙ୍କୁ ଗିରଫ କରାଯାଇଛି।

### ଗ୍ରୀଷ୍ମ ପ୍ରବାହ, ବନ୍ୟା ମୁକାବିଲା ଓ ବର୍ଷାଜଳ ନିଷ୍କାସନ ସଂକ୍ରାନ୍ତ ବୈଠକ

## ଦୀର୍ଘମିଆଦୀ ପଦକ୍ଷେପ ସହ ସମନ୍ୱିତ କାର୍ଯ୍ୟାନୁଷ୍ଠାନକୁ ଗୁରୁତ୍ୱ

ଭୁବନେଶ୍ୱର,୨୨।୯(ସଂଚାର ବ୍ୟୁରୋ): ସହରାଞ୍ଚଳରେ ଗ୍ରୀଷ୍ମ ପ୍ରବାହ ଓ ବନ୍ୟାର ମୁକାବିଲା ପାଇଁ ପ୍ରସ୍ତୁତି ଓ ପ୍ରଶମନ ରଣନୀତି ସହ ବର୍ଷାଜଳ ନିଷ୍କାସନ ବ୍ୟବସ୍ଥାର ଆଧୁନିକୀକରଣ ନେଇ ଆଜି ଗୃହ ଓ ନଗର ଉନ୍ନୟନ ବିଭାଗର ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି। ଖାରବେଳ ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଅଧ୍ୟକ୍ଷତା କରିଥିଲେ। ବୈଠକରେ ରାଜ୍ୟ ରିଲିଫ୍ କମିଶନର ରାଜେଶ ପ୍ରଭାକର ପାଟିଲ, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ବିଏମ୍‌ସି କମିଶନର ଚଞ୍ଚଳ ରାଣା, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ରବୀନ୍ଦ୍ର ସାହୁ, ଇଆଇସି , ପିଏଚ୍‌ଇଓ ବିଳାସ ବେହେରା, ଓ ଓଡବ୍ଲ୍ୟୁଏସ୍‌ଏସବି ଇଆଇସି ଭାଗ୍ୟଧର ମହାନ୍ତିଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ଡିପିଆର ପ୍ରସ୍ତୁତି, ଅର୍ଥ ବ୍ୟବସ୍ଥା, ଦକ୍ଷତା ବିକାଶ,




ବୈଷୟିକ ସହାୟତା ଓ କାର୍ଯ୍ୟାନ୍ୱୟନ ବ୍ୟବସ୍ଥା ଉପରେ ଆଲୋଚନା ହୋଇଥିଲା। ରାଜ୍ୟର ୬ଟି ମହାନଗର ନିଗମ ସହ ଅନ୍ୟ ପୌରାଞ୍ଚଳଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ପ୍ରମୁଖ ସହରଗୁଡ଼ିକୁ ଏଥିରେ ପ୍ରାଥମିକତା ଦିଆଯାଇଥିଲା। ସମ୍ପୃକ୍ତ ସମସ୍ତ ଅଂଶୀଦାରଙ୍କୁ ସାମିଲ କରି ଏକ ସ୍ପଷ୍ଟ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ଶ୍ରୀମତୀ ପାଢ଼ୀ ଗୁରୁତ୍ୱ ଦେଇଥିଲେ। ଆଗାମୀ ଅର୍ବାନ କନକ୍ଲେଭରେ ଏହି ବିଷୟକୁ ଆନୁଷ୍ଠାନିକ ଭାବେ ଆଲୋଚନାକୁ ନେଇ ବିଭିନ୍ନ ସଂସ୍ଥା ଓ ବିଭାଗ ମଧ୍ୟରେ ସମନ୍ୱିତ କାର୍ଯ୍ୟାନୁଷ୍ଠାନ ପାଇଁ ସ୍ପଷ୍ଟ କାର୍ଯ୍ୟଯୋଜନା ପ୍ରସ୍ତୁତ କରାଯିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ସହରାଞ୍ଚଳରେ ଗ୍ରୀଷ୍ମ ପ୍ରବାହର ଅଧିକ ପ୍ରଭାବିତ ଅଞ୍ଚଳ ବା ହଟସ୍ପଟ୍‌ଗୁଡ଼ିକୁ ଚିହ୍ନଟ କରି ତୁରନ୍ତ ପଦକ୍ଷେପ ନେବା ସହ ସମସ୍ତ ପୌରାଞ୍ଚଳ ପାଇଁ କିଛି ପଦକ୍ଷେପ ଚିହ୍ନଟ କରିବାକୁ ସେ କହିଥିଲେ। ଆସନ୍ତା ଖରାଦିନ ପୂର୍ବରୁ ଏହା ମାଧ୍ୟମରେ ଜନସାଧାରଣଙ୍କୁ ଦୃଶ୍ୟମାନ ଆଶ୍ୱସ୍ତି ପ୍ରଦାନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।

### ଇନଫୋସିଟି ଛକରେ ସିରିଜ ଦୁର୍ଘଟଣା

## ଏକକାଳୀନ ୫ ଗାଡ଼ିକୁ ଧକ୍କା, ୨ ଆହତ

ଭୁବନେଶ୍ୱର, ୨୨।୯(ସଂଚାର ବ୍ୟୁରୋ): ଭୁବନେଶ୍ୱର ଇନଫୋସିଟି ଛକ ନିକଟରେ ସିରିଜ ଦୁର୍ଘଟଣା। ଦୁର୍ଘଟଣା ଘଟାଇଛି ଏକ ୪ ଚକିଆ ମିନି ଟ୍ରକ। ଏକକାଳୀନ ୫ଟି ଗାଡ଼ିକୁ ଧକ୍କା ଦେଇଛି ଏହି ମିନି ଟ୍ରକ୍‌ଟି। ଏଥିରେ ଜଣେ ଡେଲିଭରୀ ବୟ ସହ ମୋଟ ୨ ଜଣ ଆହତ ହୋଇଛନ୍ତି। ଏଥିସହ ଏଥିରେ ଗୋଟିଏ ଅଟୋ ଓ ୨ଟି ବାଇକ କ୍ଷତିଗ୍ରସ୍ତ ହୋଇଛି। ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ଯେ ମିନି ଟ୍ରକ ଡ୍ରାଇଭର ଜଣକ ମଦ ପିଇ ଗାଡ଼ି ଚଳାଇ ଏପରି ଅଘଟଣ ଘଟାଇଛନ୍ତି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଲୋକଙ୍କ ଭିଡ଼ ଜମିଥିଲା। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ମିନିଟ୍ରକ୍ ଚାଳକ ମଦ୍ୟପାନ କରି ଗାଡ଼ି ଚଳାଉଥିଲେ। ତେବେ ଏହି ଅଭିଯୋଗର ସତ୍ୟତା ନେଇ ଅଧିକାରିକ ଭାବେ କିଛି ସ୍ପଷ୍ଟ ହୋଇନାହିଁ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ମିନି ଟ୍ରକ୍ ଓ ଏହାର ଚାଳକଙ୍କୁ ନେଇ ତଦନ୍ତ ଆରମ୍ଭ କରିଛି। ସିରିଜ୍ ଦୁର୍ଘଟଣା ପରେ ଇନଫୋସିଟି ଛକ ନିକଟରେ କିଛି ସମୟ ପାଇଁ ଯାତାୟାତ ପ୍ରଭାବିତ ହୋଇଥିଲା। ପୁଲିସ ଘଟଣାର ସମସ୍ତ ଦିଗରୁ ତଦନ୍ତ କରୁଛି। ମିନି ଟ୍ରକ୍ ଚାଳକଙ୍କ ଗାଡ଼ି ଚଳାଇବା ସମୟର ଅବସ୍ଥା ଓ ଦୁର୍ଘଟଣାର ପ୍ରକୃତ କାରଣ ତଦନ୍ତ ପରେ ହିଁ ସ୍ପଷ୍ଟ ହେବ ବୋଲି ପୁଲିସ୍ କହିଛି।



### ଧଳା ଜହର, ଗଞ୍ଜେଇ ପରେ ପୁଲିସ ସ୍କାନରରେ ଗୁଟ୍‌ଖା କାରବାର

## ବ୍ରହ୍ମପୁରରୁ କୋଲକାତା ଯାଉଥିବା ଗୁଟ୍‌ଖା ବୋଝେଇ ଟ୍ରକ୍ ଜବତ

ଖୋର୍ଦ୍ଧା,୨୨।୯(ସଂଚାର ବ୍ୟୁରୋ): ନିଶାମୁକ୍ତ ଭାରତ ଅଭିଯାନରେ ସାମିଲ ହୋଇ ଖୋର୍ଦ୍ଧା ଜିଲ୍ଲା ପୁଲିସ ବ୍ରାଉନସୁଗାର, ଗଞ୍ଜେଇ, କଫ ସିରପ ପରେ ଏବେ ଗୁଟ୍‌ଖା ଉପରେ ଚଢ଼ାଉ କରିଛି। ପୁଲିସ ସ୍କାନରରେ ସମ୍ପୂର୍ଣ୍ଣ ଗୁଟ୍‌ଖା ରାକେଟ ଧରାପଡ଼ିଛି। ଅବୈଧ ଭାବେ ତମାଖୁ ଉତ୍ପାଦ ପରିବହନ ଓ ଉତ୍ପାଦନ ଅଭିଯୋଗରେ ଖୋର୍ଦ୍ଧା ସଦର ଥାନା ପୁଲିସ ବଡ଼ ଧରଣର ଚଢ଼ାଉ କରିଛି।




### ୩୦ ହଜାର ପ୍ୟାକେଟ ଜବତ, ମାଲିକ ଫେରାର୍

ଖୋର୍ଦ୍ଧା ଏସପି ପରମାର ସ୍ମିଥ ପୁରୁଷୋତ୍ତମ ଦାସ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ଯେ ଏହି ଚଢ଼ାଉରେ ପ୍ରାୟ ୪୫ ଲକ୍ଷ ଟଙ୍କା ମୂଲ୍ୟର ୧ ହଜାର ଜରି ବସ୍ତାରେ ଥିବା ୩୦ ହଜାର ତମାଖୁ/ ଗୁଟ୍‌ଖା ପ୍ୟାକେଟ୍, ୨.୯୪ ଲକ୍ଷ ଟଙ୍କା ନଗଦ, ଦୁଇଟି ମିନି ଟ୍ରକ୍, କଞ୍ଚାମାଲ ଓ ୩ଟି ସିଲେଇ ମେସିନ୍ ଜବତ କରାଯାଇଛି। ପୁଲିସ ଦେଇଥିବା ସୂଚନାନୁସାରେ, ପଶ୍ଚିମବଙ୍ଗ ଯାଉଥିବା ନମ୍ବର ଟ୍ରକକୁ ଗତ ୨୧ ତାରିଖ ଅପରାହ୍ନ ପ୍ରାୟ ୩ଟା ୫୫ ମିନିଟ୍‌ରେ ତାପଙ୍ଗ ଛକ ନିକଟରେ ସଦର ଥାନା ପୁଲିସ ସନ୍ଦେହଜନକ ଭାବେ ଅଟକାଇ ଯାଞ୍ଚ କରିଥିଲା। ଟ୍ରକ୍‌ରୁ ୬୦୦ଟି ଧଳା ଜରି ବସ୍ତାରେ ତମାଖୁ ପ୍ୟାକେଟ୍ ମିଳିଥିବା ପୁଲିସ ସୂଚନା ଦେଇଛି। ଗାଡ଼ିର ଚାଳକ ସନ୍ତୋଷ କୁମାର ରଣାଙ୍କୁ ପୁଲିସ ଅଟକ ରଖି ପଚରାଉଚରା କରିଥିଲା। ଏହି ଟ୍ରକ୍‌ରେ ବିପୁଳ ପରିମାଣର ଗୁଟ୍‌ଖା ବ୍ରହ୍ମପୁରରୁ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିଲା। ପଚରାଉଚରା ସମୟରେ ସନ୍ତୋଷ ତମାଖୁ ପ୍ୟାକେଟ୍‌ର ଉତ୍ପାଦନ ଯୋଗାଣ ସହ ଜଡ଼ିତ ଏକ ସ୍ଥାନ ବ୍ରହ୍ମପୁରର ବାଉଁଶପଲ୍ଲୀରେ ଥିବା ସୂଚନା ଦେଇଥିଲେ। ପରେ ସ୍ଥାନୀୟ ପୁଲିସ ସହାୟତାରେ ସେଠାରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ସେଠାରେ ଦୀପକ ସାହୁ ଓ ନରେନ୍ଦ୍ର ସାହୁ ଉପସ୍ଥିତ ଥିଲେ। ଏହି ଗୁଟ୍‌ଖା କାରବାରରେ ପାଇଥିବା ୨.୯୪ ଲକ୍ଷ ଟଙ୍କା, କେତେକ ରାସାୟନିକ କଞ୍ଚାମାଲ ମଧ୍ୟ ଜବତ କରାଯାଇଛି। ତେବେ ମାଲିକ ଫେରାର୍ ହୋଇଯାଇଛନ୍ତି।

## ଇନ୍ଦ୍ରାବତୀରେ ଗାଧୋଇବାକୁ ଯାଇ ଜଣେ ନିଖୋଜ

ନବରଙ୍ଗପୁର,୨୨।୯(ସଂଚାର ବ୍ୟୁରୋ): ଇନ୍ଦ୍ରାବତୀ ନଦୀରେ ଗାଧୋଇବାକୁ ଯାଇ ଘଟିଛି ଅଘଟଣ। ଜନୈକ ୬୨ ବର୍ଷୀୟ ବ୍ୟକ୍ତି ନିଖୋଜ ହୋଇଯାଇଛନ୍ତି।



ଘଟଣାଟି ନବରଙ୍ଗପୁର ସଦର ବ୍ଲକ୍ ସିନ୍ଧିଗାଁ ପଞ୍ଚାୟତ ଅନ୍ତର୍ଗତ ଖଣ୍ଡିଗୁଡ଼ା ଗାଁରେ ଘଟିଛି। ନିଖୋଜ ବ୍ୟକ୍ତି ଜଣଙ୍କ ହେଲେ ମଧୁ ଗମାଟିଆ। ସୂଚନାନୁସାରେ, ଆଜି ଦିନ ପ୍ରାୟ ୧୨ଟା ସମୟରେ ସେ ଗାଁ ନିକଟସ୍ଥ ଇନ୍ଦ୍ରାବତୀ ନଦୀକୁ ଗାଧୋଇବାକୁ ଯାଇଥିଲେ। ହେଲେ ଦୀର୍ଘ ସମୟ ପରେ ଘରକୁ ନ ଫେରିବାରୁ ପରିବାର ଲୋକେ ସନ୍ଦେହ କରି ନବରଙ୍ଗପୁର ଟାଉନ ଥାନା ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନଦୀରେ ବହୁ ସମୟ ଧରି ଖୋଜାଖୋଜି କରିଥିଲେ। ତେବେ ସନ୍ଧ୍ୟା ହୋଇଯିବାରୁ ଉଦ୍ଧାର କାର୍ଯ୍ୟ ବନ୍ଦ ରହିଛି। ଆସନ୍ତାକାଲି ପୁଣି ଖୋଜାଖୋଜି ଓ ଉଦ୍ଧାର କାର୍ଯ୍ୟ ଜାରି ରହିବ ବୋଲି ଅଗ୍ନିଶମ ବିଭାଗ ପକ୍ଷରୁ ସୂଚନା ମିଳିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

## ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୫, ୮୪୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୨,୮୫୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୫, ୮୪୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ୧,୪୨,୮୫୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୫, ୮୪୦ ଟଙ୍କା ଓ ୨୨ କ୍ୟାରଟେ ମୂଲ୍ୟ ୧,୪୨,୮୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ ୧,୫୫,୯୯୦ ଟଙ୍କା ଓ ୨୨ କ୍ୟାରଟେ ୧,୪୩,୦୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୫,୮୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୨,୮୫୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୫, ୮୪୦ ଓ ୨୨ କ୍ୟାରେଟ ମୂଲ୍ୟ ୧,୪୨,୮୫୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୨,୫୫,୦୦୦ ଟଙ୍କା ହୋଇଛି ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୮.୯୭ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୧୦୦.୬୮ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୧୦୨ ଟଙ୍କା ୧୨ ପଇସା ଓ ଡିଜେଲ ଦର ୯୫ ଟଙ୍କା ୨୦ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୧୮ଟଙ୍କା ୧୮ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୭.୮୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୧୩. ୫୧ ଟଙ୍କା ଥିବାବେଳେ ଡିଜେଲ ଦର ୯୯ ଟଙ୍କା ୮୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୭ ଟଙ୍କା ୭୬ ପଇସା ଥିବା ବେଳେ ଡିଜେଲ ଦାମ ୯୯ ଟଙ୍କା ୫୫ ପଇସା ରହିଛି ।

# ଲଞ୍ଚ ହେଲା ହୋଣ୍ଡା କ୍ୟୁସିୱାନ ଇଲେକ୍ଟ୍ରିକ୍ ସ୍କୁଟର



ନୂଆଦିଲ୍ଲୀ,୨୨।୯: ଖାଲି ପେଟ୍ରୋଲ ମୋଟରସାଇକେଲ ନୁହେଁ, ଜବରଦସ୍ତ ଇ-ସ୍କୁଟର ଲଞ୍ଚ କରିଛି ହୋଣ୍ଡା । ନିଜର ଇଲେକ୍ଟ୍ରିକ୍ ସ୍କୁଟର ପୋର୍ଟଫୋଲିଓକୁ ଆଉଟିକେ ମଜଭୁତ କରିବ କମ୍ପାନୀ ଭାରତରେ ନିଜର ତୃତୀୟ ଇଲେକ୍ଟ୍ରିକ୍ ଦୁଇଚକିଆ ଭାବେ ହୋଣ୍ଡା କ୍ୟୁସିୱାନକୁ ଲଞ୍ଚ କରିଛି। ଏହାର ଏକ୍ସ-ଶୋରୁମ୍ ଦିଲ୍ଲୀ ଦାମ ୧.୩୫ ଲକ୍ଷ ଟଙ୍କା ରହିଛି। କ୍ୟୁସିୱାନ ସହ ହୋଣ୍ଡାର ଇଲେକ୍ଟ୍ରିକ୍ ସ୍କୁଟର ରଣନୀତିରେ ମଧ୍ୟ ପରିବର୍ତ୍ତନ ଦେଖିବାକୁ ମିଳିଛି। ପୂର୍ବରୁ ଲଞ୍ଚ ହୋଇଥିବା Activa e ଠାରୁ ଭିନ୍ନ ବ୍ୟାଟେରୀ ଟେକ୍ନୋଲୋଜି କ୍ୟୁସିୱାନରେ ବ୍ୟବହାର କରାଯାଇଛି। ଏହି ମଡେଲ୍ ମାଧ୍ୟମରେ ହୋଣ୍ଡା ଦ୍ରୁତ ବଢ଼ୁଥିବା ଇଲେକ୍ଟ୍ରିକ୍ ସ୍କୁଟର ବଜାରରେ ନିଜର ଉପସ୍ଥିତି ବଢ଼ାଇବାକୁ ଲକ୍ଷ୍ୟ ରଖିଛି। ହୋଣ୍ଡା କ୍ୟୁସିୱାନକୁ ଏକ ଫ୍ୟାମିଲି ଓରିଏଣ୍ଟେଡ୍ ଇଲେକ୍ଟ୍ରିକ୍ ସ୍କୁଟର ଭାବେ ପ୍ରସ୍ତୁତ କରାଯାଇଛି। ଏହାର ସାର୍ଟିଫାଏଡ୍ ଆଇଡିସି ରେଞ୍ଜ ୧୪୫ କିଲୋମିଟର। ଦୈନନ୍ଦିନ ସହରୀ ଯାତାୟାତକୁ ଧ୍ୟାନରେ ରଖି ସ୍କୁଟରରେ ୩୨ ଲିଟରର ଅଣ୍ଡରସିଟ୍ ଷ୍ଟୋରେଜ୍ ଦିଆଯାଇଛି।

ପ୍ରଥମ ପର୍ଯ୍ୟାୟରେ କ୍ୟୁସିୱାନକୁ ଦିଲ୍ଲୀ, ଆଗ୍ରା, କଟକ, ସୁରତ ଏବଂ କୋଲ୍ଲମ୍ର ଚୟନିତ ହୋଣ୍ଡା RedWing ଡିଲର୍ଶିପ୍ ମାଧ୍ୟମରେ ବିକ୍ରି କରାଯିବ। ଅର୍ଥାତ୍ ପ୍ରାରମ୍ଭିକ ଭାବେ ଦେଶର ସମସ୍ତ ସହରରେ ଏହି ସ୍କୁଟର ଉପଲବ୍ଧ ହେବ ନାହିଁ।

ହୋଣ୍ଡା କ୍ୟୁସିୱାନକୁ ଚାରିଟି କଲର ଅପସନରେ ଲଞ୍ଚ କରାଯାଇଛି। ମ୍ୟାଟ୍ ଫୋଟନ୍ ଗ୍ରେ ମେଟାଲିକ୍, ପର୍ଲ ପ୍ରେସିଅସ୍ ହ୍ୱାଇଟ୍, ପର୍ଲ ସାଲୋ ବ୍ଲୁ ଏବଂ ପର୍ଲ ସାଇରନ୍ ବ୍ଲୁ କଲରେ ଇ-ସ୍କୁଟରକୁ ଲଞ୍ଚ କରାଯାଇଛି। ଫିଚର୍ ଦୃଷ୍ଟିରୁ କ୍ୟୁସିୱାନରେ ୫ ଇଞ୍ଚର TFT ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର୍ ରହିଛି। ଏଥିରେ କନେକ୍ଟେଡ୍ ଫିଚର୍ ଦିଆଯାଇଛି। ହୋଣ୍ଡା RoadSync କନେକ୍ଟିଭିଟି ସହିତ ଟର୍ଣ୍ଣ-ବାଏ-ଟର୍ଣ୍ଣ ନାଭିଗେସନ୍ ସୁବିଧା ମଧ୍ୟ ରହିଛି। ଏହା ଦୈନନ୍ଦିନ ଯାତାୟାତ ସମୟରେ ରାଇଡର୍ଙ୍କୁ ନାଭିଗେସନ୍ ଏବଂ ସ୍ମାର୍ଟ କନେକ୍ଟିଭିଟିର ସୁବିଧା ଦେବ। ହୋଣ୍ଡାର ଇଲେକ୍ଟ୍ରିକ୍ ସ୍କୁଟର ପୋର୍ଟଫୋଲିଓରେ ଏବେ QC1, Activa e: ଏବଂ କ୍ୟୁସିୱାନ ରହିଛି। ତିନୋଟି ମଡେଲ୍ରେ ଭିନ୍ନ ବ୍ୟାଟେରୀ ଟେକ୍ନୋଲୋଜି ଓ ବ୍ୟବହାରିକ ଉଦ୍ଦେଶ୍ୟ ଦେଖିବାକୁ ମିଳୁଛି। ହୋଣ୍ଡା QC1 କମ୍ପାନୀର ସବୁଠାରୁ ସୁଲଭ EV। ଏହାର ଦାମ ୯୦,୭୦୮ ଟଙ୍କାରୁ ଆରମ୍ଭ ହେଉଛି। ଏଥିରେ ୧.୫kWhର ଫିକ୍ସଡ୍ ବ୍ୟାଟେରୀ ପ୍ୟାକ୍ ରହିଛି। ଏହାର ଦାବି କରାଯାଇଥିବା IDC ରେଞ୍ଜ ୮୦ କିମି ଏବଂ ଟପ୍ ସ୍ପିଡ୍ ୫୦ କିମି ପ୍ରତି ଘଣ୍ଟା।

ଅନ୍ୟପଟେ Activa e:ରେ ଦୁଇଟି ୧.୫kWh ସ୍ୱାପେବଲ୍ ବ୍ୟାଟେରୀ ରହିଛି। ଦୁଇଟି ବ୍ୟାଟେରୀ ମିଶି ମୋଟ କ୍ଷମତା ୩kWh ହେଉଛି। ଏହାର IDC ରେଞ୍ଜ ୧୦୨ କିମି ଏବଂ ଦାମ ୧.୨୦ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି। ନୂଆ କ୍ୟୁସିୱାନରେ ଫିକ୍ସଡ୍ ୩kWh ବ୍ୟାଟେରୀ ଦିଆଯାଇଛି। ୧୪୫ କିମିର ଦାବି କରାଯାଇଥିବା IDC ରେଞ୍ଜ ସହ ଏହା ବର୍ତ୍ତମାନ ହୋଣ୍ଡାର ଭାରତୀୟ ବଜାରରେ ସବୁଠାରୁ ଅଧିକ ରେଞ୍ଜ ଦେଉଥିବା ଇଲେକ୍ଟ୍ରିକ୍ ସ୍କୁଟର ହୋଇଛି। ହୋଣ୍ଡା ଏପର୍ଯ୍ୟନ୍ତ କ୍ୟୁସିୱାନର ମୋଟର ଆଉଟପୁଟ୍ ସମ୍ପର୍କରେ ସବିଶେଷ ତଥ୍ୟ ପ୍ରକାଶ କରିନାହିଁ। କମ୍ପାନୀ ଅନୁସାରେ, ବ୍ୟାଟେରୀକୁ ୦ରୁ ୮୦ ପ୍ରତିଶତ ଚାର୍ଜ କରିବା ପାଇଁ ୨ ଘଣ୍ଟା ୪୦ ମିନିଟ୍ ସମୟ ଲାଗିବ। ସମ୍ପୂର୍ଣ୍ଣ ଚାର୍ଜ ପାଇଁ ପ୍ରାୟ ୪ ଘଣ୍ଟା ସମୟ ଆବଶ୍ୟକ। ହୋଣ୍ଡା କ୍ୟୁସିୱାନ ଭାରତର ଫ୍ୟାମିଲି ଇଲେକ୍ଟ୍ରିକ୍ ସ୍କୁଟର ବଜାରରେ ପ୍ରବେଶ କରିଛି। ଏହି ସେଗମେଣ୍ଟରେ କ୍ୟୁସିୱାନର ମୁକାବିଲା TVS iQube, Bajaj Chetak, Ather Rizta ସିରିଜ୍ ଏବଂ Vida V2 ଭଳି ମଡେଲ୍ ସହ ହେବ।

ହଣ୍ଡାର ନୂଆ ପ୍ରଡକ୍ଟ ଲଞ୍ଚ କେବଳ ଇଲେକ୍ଟ୍ରିକ୍ ସେଗମେଣ୍ଟରେ ସୀମିତ ନାହିଁ। କ୍ୟୁସିୱାନ ଲଞ୍ଚ ସହିତ ହୋଣ୍ଡା CB500 ନାମକ ରେଟ୍ରୋ ମୋଟରସାଇକେଲ୍କୁ ମଧ୍ୟ ଲଞ୍ଚ କରିଛି କମ୍ପାନୀ। ଏହାର ଏକ୍ସ-ଶୋରୁମ୍ ଦାମ ୨.୭୫ ଲକ୍ଷ ଟଙ୍କା ରଖାଯାଇଛି। ଏହାଛଡ଼ା ଗତ କିଛି ସପ୍ତାହ ମଧ୍ୟରେ କମ୍ପାନୀ Rebel 300, Rebel 300 e-Clutch ଏବଂ ADV 160 maxi-scooter ଭଳି ମଡେଲ୍ ମଧ୍ୟ ଭାରତୀୟ ବଜାରରେ ଲଞ୍ଚ କରି ସାରିଛି। କ୍ୟୁସିୱାନ ଲଞ୍ଚ ମାଧ୍ୟମରେ ହଣ୍ଡା ଏକପଟେ ନିଜର ଇଭି ପୋର୍ଟଫୋଲିଓକୁ ବଢ଼ାଇଛି, ଅନ୍ୟପଟେ ଫ୍ୟାମିଲି ଇଲେକ୍ଟ୍ରିକ୍ ସ୍କୁଟର ସେଗମେଣ୍ଟରେ ଅଧିକ ଗ୍ରାହକଙ୍କୁ ଆକର୍ଷିତ କରିବାକୁ ପ୍ରୟାସ କରିଛି।

# ୟୁପିଆଇକୁ ନେଇ ଅର୍ଥମନ୍ତ୍ରୀ ସୀତାରାମଣଙ୍କ ବଡ଼ ବାର୍ତ୍ତା




ନୂଆଦିଲ୍ଲୀ,୨୨।୯: କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମଣ ୟୁପିଆଇ ପାଇଁ ଲାଗୁ ହେବାକୁ ଥିବା ନୂତନ 'ମର୍ଚ୍ଚାଣ୍ଟ ଡିସକାଉଣ୍ଟ ରେଟ' (MDR) ସମ୍ବନ୍ଧୀୟ ସ୍ଥିତିକୁ ସ୍ପଷ୍ଟ କରିଛନ୍ତି। ସେ କହିଛନ୍ତି ଯେ ୟୁପିଆଇ ମାଧ୍ୟମରେ ଦେୟ ପ୍ରଦାନ କରୁଥିବା ଗ୍ରାହକଙ୍କ ଉପରେ ଏହି ଶୁଳ୍କର ବୋଝ ପଡ଼ିବ ନାହିଁ। ତାଙ୍କ ଅନୁଯାୟୀ, MDR କୌଣସି ଟିକସ କିମ୍ବା ସେସ (cess) ନୁହେଁ, ବରଂ ଏହା ପେମେଣ୍ଟ ସିଷ୍ଟମ ଇକୋସିଷ୍ଟମ ମଧ୍ୟରେ ଥିବା ସେବା ପ୍ରଦାନକାରୀଙ୍କ ମଧ୍ୟରେ ଲାଗୁ ହେଉଥିବା ଏକ ଶୁଳ୍କ ଅଟେ। ସରକାରଙ୍କ ନୂତନ ବ୍ୟବସ୍ଥା ଅନୁଯାୟୀ, ୨,୦୦୦ ଟଙ୍କା ପର୍ଯ୍ୟନ୍ତ ମର୍ଚ୍ଚାଣ୍ଟ ପେମେଣ୍ଟ (ବ୍ୟବସାୟୀଙ୍କୁ ଦିଆଯାଉଥିବା ଦେୟ) ଉପରେ କୌଣସି MDR ଲାଗୁ ହେବ ନାହିଁ। ଏହା ବ୍ୟତୀତ, ପରିମାଣ ଯାହା ହେଉନା କାହିଁକି, ବ୍ୟକ୍ତି-ରୁ-ବ୍ୟକ୍ତି (P2P) ୟୁପିଆଇ କାରବାର ମାଗଣା ରହିବ। କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ 'ଶୂନ୍ୟ-MDR' ବ୍ୟବସ୍ଥା ଅଧୀନରେ ଆସୁଥିବା ଦେୟଗୁଡ଼ିକ ମଧ୍ୟ ଶୁଳ୍କ ମୁକ୍ତ ରହିବ। ସରକାର କହିଛନ୍ତି ଯେ ଏହି ବ୍ୟବସ୍ଥା ଯୋଗୁ, ପ୍ରାୟ ୯୬ ପ୍ରତିଶତ ବ୍ୟକ୍ତି-ରୁ-ବ୍ୟବସାୟୀ (P2M) ୟୁପିଆଇ କାରବାର ନୂତନ MDR ଦ୍ୱାରା ପ୍ରଭାବିତ ହେବ ନାହିଁ। ୧୫ ଅକ୍ଟୋବର ୨୦୨୬ ଠାରୁ, ନିର୍ଦ୍ଦିଷ୍ଟ ବର୍ଗରେ ୨,୦୦୦ ଟଙ୍କାରୁ ଅଧିକ P2M ୟୁପିଆଇ ପେମେଣ୍ଟ ଉପରେ ୦.୪ ପ୍ରତିଶତ MDR ଲାଗୁ ହେବ। ୭୫,୦୦୦ ଟଙ୍କା ବା ତଦୁର୍ଦ୍ଧ୍ୱ କାରବାର ପାଇଁ ସର୍ବାଧିକ ୩୦୦ ଟଙ୍କାର ସୀମା (cap) ଧାର୍ଯ୍ୟ କରାଯାଇଛି। ଇନ୍ଧନ ଏବଂ ରେଳ ଟିକେଟ ଭଳି ନିର୍ଦ୍ଦିଷ୍ଟ କ୍ଷେତ୍ର ପାଇଁ ପୃଥକ ସ୍ଥିର ଶୁଳ୍କ (flat fee) ବ୍ୟବସ୍ଥା ରହିଛି। ଏହି ଶୁଳ୍କ ସିଧାସଳଖ ଗ୍ରାହକଙ୍କ ଠାରୁ ଆଦାୟ କରିବାର ଉଦ୍ଦେଶ୍ୟ ନାହିଁ; ଅର୍ଥମନ୍ତ୍ରୀ କହିଛନ୍ତି ଯେ ଏହି ଖର୍ଚ୍ଚ ସମ୍ପୃକ୍ତ ସେବା ପ୍ରଦାନକାରୀ ଏବଂ ପେମେଣ୍ଟ ସିଷ୍ଟମର ଅନ୍ୟ ଅଂଶୀଦାରମାନଙ୍କ ଦ୍ୱାରା ବହନ କରାଯିବ।

### ଦୀପାବଳି ପୂର୍ବରୁ ମଧ୍ୟବିତ୍ତଙ୍କୁ ବଡ଼ ଝଟ୍କା

# ଖାଇବା ତେଲ ୭-୮% ମହଙ୍ଗା

ନୂଆଦିଲ୍ଲୀ,୨୨।୯: ଆଗକୁ ଆସୁଛି ଦଶହରା, ଛଠ ପୂଜା ଓ ଦୀପାବଳି ଭଳି ବଡ଼ ପାର୍ବଣ। ପାର୍ବଣ ପାଇଁ ଲୋକେ ପ୍ରସ୍ତୁତିରେ ବ୍ୟସ୍ତ ଥିବା ବେଳେ ବଢ଼ୁଥିବା ମହଙ୍ଗା ଚିନ୍ତା ବଢ଼ାଇଛି। ପିଆଜ, ଚିନି ଓ ଲେମ୍ବୁ ପରେ ଏବେ ରୋଷେଇରେ ବ୍ୟବହୃତ ଖାଇବା ତେଲର ଦର ମଧ୍ୟ ବଢ଼ିବା ଆଶଙ୍କା କରାଯାଉଛି। ଭାରତ ନିଜ ଆବଶ୍ୟକତାର ପ୍ରାୟ ୫୮ ପ୍ରତିଶତ ଖାଇବା ତେଲ ଆମଦାନୀ କରିଥାଏ। ତେଣୁ ବିଶ୍ୱ ବଜାରରେ ତେଲ ଦରରେ ହେଉଥିବା ପରିବର୍ତ୍ତନର ସିଧାସଳଖ ପ୍ରଭାବ ଭାରତୀୟ ବଜାର ଉପରେ ପଡ଼ିଥାଏ।

ସୂଚନା ଅନୁସାରେ, ମାର୍ଚ୍ଚ ପରଠାରୁ ଖାଇବା ତେଲ ଦରରେ ଦୁଇ ଦଫା ବୃଦ୍ଧି ହୋଇସାରିଛି। ଏହି ସମୟରେ କମ୍ପାନୀଗୁଡ଼ିକ ପ୍ରାୟ ୫-୬ ପ୍ରତିଶତ ଲେଖାଏଁ ଦର ବଢ଼ାଇଛନ୍ତି। ଫଳରେ ମାର୍ଚ୍ଚରୁ ଜୁନ ମଧ୍ୟରେ ଖାଇବା ତେଲର ମୋଟ ଦର ପ୍ରାୟ ୧୦-୧୨ ପ୍ରତିଶତ ବଢ଼ିଛି। ଏବେ ବିଶ୍ୱ ବଜାରର ପରିସ୍ଥିତି ଓ କଞ୍ଚାମାଲ ଯୋଗାଣରେ ହ୍ରାସ ଯୋଗୁ ଖାଇବା ତେଲ ଦରରେ ଆଉ ୭-୮ ପ୍ରତିଶତ ବୃଦ୍ଧିର ଆଶଙ୍କା ରହିଛି। ଏପରି ହେଲେ ମାର୍ଚ୍ଚରୁ ଏପର୍ଯ୍ୟନ୍ତ ଖାଇବା ତେଲର ଦର ପ୍ରାୟ ୧୮-୨୦ ପ୍ରତିଶତ ପର୍ଯ୍ୟନ୍ତ ବଢ଼ିପାରେ।



ଖାଇବା ତେଲର ଦର ଉପରେ ନୂଆ ଚାପର ପ୍ରମୁଖ କାରଣ ହେଉଛି କଞ୍ଚା ଖାଇବା ତେଲର ଆମଦାନୀ ଖର୍ଚ୍ଚ ବୃଦ୍ଧି। ସଲଭେଣ୍ଟ ଏକ୍ସଟ୍ରାକ୍ଟର୍ସ ଆସୋସିଏସନ ଅଫ ଇଣ୍ଡିଆ (SEA)ର ତଥ୍ୟ ଅନୁସାରେ, ସେପ୍ଟେମ୍ବର ୧୮ରେ ମୁମ୍ବାଇ ବନ୍ଦରରେ କଞ୍ଚା ପାମ, ସୋୟାବିନ ଓ ସୂର୍ଯ୍ୟମୁଖୀ ତେଲର ମୂଲ୍ୟ କ୍ରମଶଃ ୧,୨୬୫ ଡଲାର, ୧,୩୧୪ ଡଲାର ଓ ୧,୩୮୦ ଡଲାର ପ୍ରତି ଟନ ଥିଲା। ଗତବର୍ଷ ତୁଳନାରେ ପାମ ଓ ସୋୟାବିନ ତେଲର ମୂଲ୍ୟ ପ୍ରାୟ ୧୧ ପ୍ରତିଶତ ଅଧିକ ରହିଥିବା ବେଳେ ସୂର୍ଯ୍ୟମୁଖୀ ତେଲର ମୂଲ୍ୟ ପ୍ରାୟ ୭ ପ୍ରତିଶତ ବଢ଼ିଛି। ଦୁର୍ବଳ ଟଙ୍କା, ବଢ଼ିଥିବା ପରିବହନ ଖର୍ଚ୍ଚ ଓ ଇନ୍ସ୍ୟୁରାନ୍ସ ପ୍ରିମିୟମ ବୃଦ୍ଧି ମଧ୍ୟ ବିଶ୍ୱ ବଜାରରେ ଭେଜିଟେବଲ ଅଏଲର ଦର ବଢ଼ାଇଛି। ଏହାର ପ୍ରଭାବ ରିଫାଇନର୍ ଓ ପ୍ରୋସେସର୍ଙ୍କ ଉପରେ ପଡୁଛି। ଇମାମି ଗ୍ରୁପ୍ର ନିର୍ଦ୍ଦେଶକ ଆଦିତ୍ୟ ଅଗ୍ରୱାଲଙ୍କ କହିବା ଅନୁସାରେ, କଞ୍ଚା ଖାଇବା ତେଲର ଲ୍ୟାଣ୍ଡେଡ କଷ୍ଟ ପ୍ରାୟ ୮-୧୧ ପ୍ରତିଶତ ବଢ଼ିଛି। ଏହି ବର୍ଦ୍ଧିତ ଖର୍ଚ୍ଚର କିଛି ଅଂଶ ଗ୍ରାହକଙ୍କ ଉପରେ ପକାଇବାକୁ କମ୍ପାନୀମାନେ ବାଧ୍ୟ ହୋଇପାରନ୍ତି। ଇମାମି ଏଗ୍ରୋଟେକ ପକ୍ଷରୁ 'ହେଲ୍ଦି ଆଣ୍ଡ ଟେଷ୍ଟି' ଓ 'ବେଷ୍ଟ ଚଏସ' ଭଳି ଖାଇବା ତେଲ ବ୍ରାଣ୍ଡ ବଜାରକୁ ଆସୁଛି। ପାର୍ବଣ ଋତୁ ପୂର୍ବରୁ ତେଲ ଦର ବଢ଼ିଲେ ଏହାର ପ୍ରଭାବ ସିଧାସଳଖ ଭାବେ ସାଧାରଣ ଗ୍ରାହକଙ୍କ ଘରୋଇ ବଜେଟ ଉପରେ ପଡ଼ିପାରେ।

# ଅକ୍ଟୋବର ୧ରୁ ଏସବୁ ବ୍ୟାଙ୍କିଙ୍ଗ୍ କାମରେ ଲାଗିବ ଚାର୍ଜ



ନୂଆଦିଲ୍ଲୀ,୨୨।୯:ସେପ୍ଟେମ୍ବର ମାସ ଶେଷ ହେବାକୁ ଯାଉଛି ଏବଂ ଏବେ ଅକ୍ଟୋବର ମାସ ଆରମ୍ଭ ହେବାକୁ ଯାଉଛି। ଅକ୍ଟୋବର ମାସ ଆରମ୍ଭ ହେବା ସହିତ ବ୍ୟାଙ୍କ ସହିତ ଜଡ଼ିତ କେତେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟିବାକୁ ଯାଉଛି, ଯାହା ସାଧାରଣରୁ ନେଇ ଖାସ ସମସ୍ତ ଲୋକଙ୍କ ପକେଟ ଉପରେ ପ୍ରଭାବ ପକାଇବ। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ଏବଂ ସରକାରଙ୍କ ତରଫରୁ କିଛି ନୂଆ ନିୟମ ଲାଗୁ କରାଯାଉଛି, ଯାହା ଦ୍ୱାରା ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ପରିବର୍ତ୍ତନ ଆସିବ। ୧ ଅକ୍ଟୋବରରୁ ଆରବିଆଇ ଏବଂ ପ୍ରମୁଖ ବ୍ୟାଙ୍କଗୁଡ଼ିକର ନିୟମରେ ଅନେକ ବଡ଼ ପରିବର୍ତ୍ତନ ହେବାକୁ ଯାଉଛି। ବ୍ୟାଙ୍କ ଆକାଉଣ୍ଟଧାରୀ ହୁଅନ୍ତୁ କିମ୍ବା ନିବେଶକ, ସମସ୍ତଙ୍କ ପାଇଁ ଏହି ପରିବର୍ତ୍ତିତ ନିୟମଗୁଡ଼ିକ ଜାଣିବା ନିହାତି ଜରୁରୀ, ଯାହାଫଳରେ ନିୟମ ଲାଗୁ ହେବା ପରେ ଆପଣଙ୍କୁ କୌଣସି ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। ଆସନ୍ତୁ ଜାଣିବା ଏହି ସବୁ ପରିବର୍ତ୍ତନ ବିଷୟରେ: ଫିକ୍ସଡ ଡିପୋଜିଟ (ଏଫଡି) କୁ ଅଧିକ ସୱଚ୍ଛ କରିବା ପାଇଁ ଆରବିଆଇ ବ୍ୟାଙ୍କଗୁଡ଼ିକୁ ତାରଲତା ବିପଦ (ଲିକ୍ୱିଡିଟି ରିସ୍କ) ଆଧାରରେ ସୁଧ ହାର ନିର୍ଦ୍ଧାରଣ କରିବାର ଛାଡ଼ ଦେବା ନିୟମରେ ପରିବର୍ତ୍ତନ କରିଛି। ଏଥିରେ ବଲ୍କ ଏଫଡିର ନୂତନ ସୀମା ଏବେ ୨ କୋଟି ଟଙ୍କା ବଦଳରେ ୩ କୋଟି କିମ୍ବା ତା'ଠାରୁ ଅଧିକ ଟଙ୍କାର ଏଫଡି କୁ ବଲ୍କ ଡିପୋଜିଟ ବିବେଚନା କରାଯିବ। ସାଧାରଣ ଗ୍ରାହକଙ୍କ ପାଇଁ ବ୍ୟାଙ୍କ ନିଜର ସମସ୍ତ ଶାଖାରେ ସମାନ ସୁଧ ହାର ଲାଗୁ ରଖିବ। ବ୍ୟାଙ୍କ ଗୋଟିଏ ଦିନରେ ସମାନ ରାଶି ଏବଂ ଅବଧି ଥିବା ଏଫଡି ଉପରେ ଗ୍ରାହକମାନଙ୍କ ମଧ୍ୟରେ କୌଣସି ପ୍ରକାରର ପକ୍ଷପାତ କରିପାରିବ ନାହିଁ। ସେହିପରି ସମସ୍ତ କମର୍ସିଆଲ ଏବଂ ଛୋଟ ଫାଇନାନ୍ସ ବ୍ୟାଙ୍କଗୁଡ଼ିକୁ ପ୍ରତ୍ୟେକ କାର୍ଯ୍ୟ ଦିବସର ସକାଳ ୧୦ଟାରେ ନିଜର ବଲ୍କ ଏଫଡି ହାରକୁ ୱେବସାଇଟ୍ରେ ବାଧ୍ୟତାମୂଳକ ଭାବେ ଅପଡେଟ କରିବାକୁ ପଡ଼ିବ। ଏସବିଆଇର ବେସିକ ସେଭିଂ ବ୍ୟାଙ୍କ ଡିପୋଜିଟ ଆକାଉଣ୍ଟଧାରୀମାନେ ୧ ଅକ୍ଟୋବରରୁ ମାସରେ କେବଳ ୪ ଥର ମାଗଣାରେ ନଗଦ ଟଙ୍କା ଉଠାଇପାରିବେ। ପଞ୍ଚମ କିମ୍ବା ତା'ଠାରୁ ଅଧିକ ଥର ଟଙ୍କା ଉଠାଇଲେ ପ୍ରତି କାରବାର ଉପରେ ୧୫ ଟଙ୍କା +ଜିଏସଟି ଶୁଳ୍କ ଦେବାକୁ ପଡ଼ିବ। ଏହି ନିୟମ ଏଟିଏମ, ବ୍ୟାଙ୍କ ଶାଖା ଏବଂ ଆଧାର ସକ୍ଷମ ପେମେଣ୍ଟ ବ୍ୟବସ୍ଥା (ଭଳି ସମସ୍ତ ନଗଦ ଟଙ୍କା ଉଠାଣ ଉପରେ ଲାଗୁ ହେବ। ଏସବିଆଇ ଦରମା ଆକାଉଣ୍ଟଧାରୀଙ୍କଠାରୁ ୧ ଅକ୍ଟୋବରରୁ ଏଟିଏମ ଉଠାଣ ଉପରେ ଶୁଳ୍କ ନେବା ଆରମ୍ଭ କରିବ। ଅନ୍ୟ ବ୍ୟାଙ୍କର ଏଟିଏମରୁ ମିଳୁଥିବା ମାଗଣା କାରବାର ସୀମାକୁ ୧୦ ରୁ କମାଇ ୫ କରିଦିଆଯିବ। ଏହି ୫ଟି କାରବାର ମଧ୍ୟରେ ଆର୍ଥିକ ଏବଂ ଅଣ-ଆର୍ଥିକ କାରବାର ଅର୍ଥାତ ଟଙ୍କା ଉଠାଇବା ଏବଂ ବାଲାନ୍ସ ଚେକ କରିବା ଉଭୟ ପ୍ରକାରର କାରବାର ସାମିଲ ରହିବ। ତଥାପି, ଏସବିଆଇ ନିଜର ଏଟିଏମ ଗୁଡ଼ିକରେ ଦରମା ଆକାଉଣ୍ଟଧାରୀଙ୍କ ପାଇଁ କାରବାର ସୀମାକୁ ଅସୀମିତ ଏବଂ ସମ୍ପୂର୍ଣ୍ଣ ମାଗଣା ରଖିଛି। ଏଲପିଜି ଗ୍ୟାସ ଉପଭୋକ୍ତାଙ୍କ ପାଇଁ ୧ ଅକ୍ଟୋବରରୁ ବ୍ୟାଙ୍କ ଆକାଉଣ୍ଟରେ ସବସିଡି ଆସିବା ନିୟମ ବଦଳିବ। କାରଣ ଏବେ ଗ୍ୟାସ ସବସିଡି ପାଇବା ପାଇଁ ୧ ଅକ୍ଟୋବରରୁ ବାୟୋମେଟ୍ରିକ ଆଧାର ପ୍ରମାଣୀକରଣ ବାଧ୍ୟତାମୂଳକ କରାଯାଇଛି। ଯଦି ଉପଭୋକ୍ତା ବିଏଏ ପ୍ରକ୍ରିୟା ସମ୍ପୂର୍ଣ୍ଣ ନକରନ୍ତି, ତେବେ ବ୍ୟାଙ୍କ ଆକାଉଣ୍ଟକୁ ସବସିଡି ଟଙ୍କା ପଠାଯିବ ନାହିଁ। କେବଳ ଭେରିଫିକେସନ ସରିବା ପରେ ହିଁ ଗ୍ୟାସ ସବସିଡି ଟଙ୍କା ଆକାଉଣ୍ଟରେ ଜମା ହେବ।

# ଗ୍ରାଚ୍ୟୁଇଟିକୁ ନେଇ ସୁପ୍ରିମକୋର୍ଟଙ୍କ ବଡ଼ ରାୟ




ନୂଆଦିଲ୍ଲୀ,୨୨।୯: ସୁପ୍ରିମକୋର୍ଟଙ୍କ ଦ୍ୱାରା ଗ୍ରାଚ୍ୟୁଇଟିକୁ ନେଇ ଏକ ବଡ଼ ରାୟ ପ୍ରକାଶ ପାଇଛି। ଏଥିରେ କୁହାଯାଇଛି ଯେ ଚୁକ୍ତିଭିତ୍ତିକ (କଣ୍ଟ୍ରାକ୍ଟ) କାର୍ଯ୍ୟ କରୁଥିବା କର୍ମଚାରୀମାନଙ୍କ ପାଇଁ ମୁଖ୍ୟ ନିଯୁକ୍ତିଦାତା ଦାୟୀ ରହିବେ ନାହିଁ। ଭାରତରେ ଗ୍ରାଚ୍ୟୁଇଟି ପ୍ରଦାନ 'ପେମେଣ୍ଟ ଅଫ ଗ୍ରାଚ୍ୟୁଇଟି ଆକ୍ଟ, ୧୯୭୨' ଅଧୀନରେ କରାଯାଇଥାଏ। ଏହା କମ୍ପାନୀ ଅର୍ଥାତ ନିଯୁକ୍ତିଦାତାଙ୍କ ତରଫରୁ କର୍ମଚାରୀଙ୍କ ଦୀର୍ଘକାଳୀନ ସେବା ବଦଳରେ ମିଳୁଥିବା ଏକ ଆର୍ଥିକ ସୁବିଧା। ଅବଶ୍ୟ, ଗ୍ରାଚ୍ୟୁଇଟି ପୈଠ ପାଇଁ ନିଯୁକ୍ତିଦାତା ସବୁ ବର୍ଗର କର୍ମଚାରୀଙ୍କ ଲାଗି ଉତ୍ତରଦାୟୀ ନୁହଁନ୍ତି। ଏହି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି ଯେ, ଯଦି ମୁଖ୍ୟ ନିଯୁକ୍ତିଦାତା ଏବଂ ଚୁକ୍ତିଭିତ୍ତିକ କର୍ମଚାରୀଙ୍କ ମଧ୍ୟରେ କୌଣସି ପ୍ରତ୍ୟକ୍ଷ ମାଲିକ-କର୍ମଚାରୀ ସମ୍ପର୍କ ନାହିଁ, ତେବେ ମୁଖ୍ୟ ନିଯୁକ୍ତିଦାତାଙ୍କୁ ସେହି କର୍ମଚାରୀମାନଙ୍କ ଗ୍ରାଚ୍ୟୁଇଟି ପୈଠ ପାଇଁ ଦାୟୀ କରାଯାଇପାରିବ ନାହିଁ। ଜଷ୍ଟିସ ଅହସାନୁଦ୍ଦିନ ଅମାନୁଲ୍ଲାହ ଏବଂ ଜଷ୍ଟିସ ମନମୋହନଙ୍କ ଖଣ୍ଡପୀଠ କହିଛନ୍ତି ଯେ, ଠିକାଦାର ମାଧ୍ୟମରେ ନିୟୋଜିତ ଶ୍ରମିକମାନଙ୍କ ପାଇଁ ମୁଖ୍ୟ କମ୍ପାନୀ ସେତେବେଳେ ହିଁ ଦାୟୀ ରହିବ ଯେତେବେଳେ ଉଭୟଙ୍କ ମଧ୍ୟରେ ସିଧାସଳଖ ସମ୍ପର୍କ ଥିବ। ବମ୍ବେ ହାଇକୋର୍ଟ ପୂର୍ବରୁ ONGCକୁ ଠିକା ଶ୍ରମିକମାନଙ୍କୁ ଗ୍ରାଚ୍ୟୁଇଟି ଦେବା ପାଇଁ ନିର୍ଦ୍ଦେଶ ଦେଇଥିଲେ; ସୁପ୍ରିମକୋର୍ଟ ଏହି ଆଦେଶକୁ ରଦ୍ଦ କରି ଏହି ରାୟ ପ୍ରଦାନ କରିଛନ୍ତି। କୋର୍ଟ ସ୍ପଷ୍ଟ କରିଛନ୍ତି ଯେ, ପେମେଣ୍ଟ ଅଫ ଗ୍ରାଚ୍ୟୁଇଟି ଆକ୍ଟ ଅଧୀନରେ ଥିବା ନିୟନ୍ତ୍ରଣ ଅଧିକାରୀ କେବଳ ପ୍ରାପ୍ୟ ରାଶିର ହିସାବ କରିପାରିବେ; ଅସଲ ମାଲିକ ବା ନିଯୁକ୍ତିଦାତା କିଏ, ତାହା ସ୍ଥିର କରିବାର କ୍ଷମତା ତାଙ୍କ ପାଖରେ ନାହିଁ।

ସେହିପରି କୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଯେଉଁ କର୍ମଚାରୀମାନେ ପୂର୍ବ ନିର୍ଦ୍ଦେଶ ଅନୁସାରେ ପୂର୍ବରୁ ଗ୍ରାଚ୍ୟୁଇଟି ରାଶି ପାଇସାରିଛନ୍ତି, ସେମାନଙ୍କଠାରୁ ସେହି ଟଙ୍କା ଫେରସ୍ତ (ରିକଭରି) ନିଆଯିବ ନାହିଁ। ଗ୍ରାଚ୍ୟୁଇଟି ନିୟମ ସେହି ସମସ୍ତ କମ୍ପାନୀ, କାରଖାନା, ଦୋକାନ କିମ୍ବା ପ୍ରତିଷ୍ଠାନ ଉପରେ ଲାଗୁ ହୁଏ ଯେଉଁଠାରେ ଗତ ୧୨ ମାସ ମଧ୍ୟରେ ଯେକୌଣସି ଗୋଟିଏ ଦିନରେ ୧୦ କିମ୍ବା ତା'ଠାରୁ ଅଧିକ କର୍ମଚାରୀ କାର୍ଯ୍ୟ କରିଥିବେ। ଏହା ସହିତ ସର୍ତ୍ତ ରହିଛି ଯେ, କର୍ମଚାରୀ ଜଣକ ଗୋଟିଏ ସଂସ୍ଥାରେ ଅତି କମରେ ୫ ବର୍ଷର ନିରନ୍ତର ସେବା ପୂରଣ କରିଥିବା ଆବଶ୍ୟକ। ନିୟମ ଅନୁଯାୟୀ, ଯଦି ୫ମ ବର୍ଷରେ କର୍ମଚାରୀ ୨୪୦ ଦିନ କାର୍ଯ୍ୟ କରିଥାନ୍ତି, ତେବେ ତାଙ୍କୁ ଗ୍ରାଚ୍ୟୁଇଟି ପାଇଁ ଯୋଗ୍ୟ ବିବେଚନା କରାଯାଏ। ନୂଆ ଶ୍ରମ କୋଡ ଅନୁସାରେ, ନିର୍ଦ୍ଦିଷ୍ଟ ଅବଧି ଚୁକ୍ତିରେ କାର୍ଯ୍ୟ କରୁଥିବା କର୍ମଚାରୀମାନେ ଏବେ ମାତ୍ର ୧ ବର୍ଷର ସେବା ପରେ ମଧ୍ୟ ଆନୁପାତିକ ଭାବେ ଗ୍ରାଚ୍ୟୁଇଟି ପାଇବାକୁ ହକଦାର। ଯଦି କୌଣସି କର୍ମଚାରୀଙ୍କୁ କମ୍ପାନୀର ସମ୍ପତ୍ତି ନଷ୍ଟ କରିବା, ଚୋରି, ଠକେଇ କିମ୍ବା କାର୍ଯ୍ୟକ୍ଷେତ୍ରରେ ଦଙ୍ଗା ଭଳି ଗୁରୁତର ଦୁର୍ବ୍ୟବହାର କାରଣରୁ ଚାକିରିରୁ ବରଖାସ୍ତ କରାଯାଇଥାଏ, ତେବେ ନିଯୁକ୍ତିଦାତାଙ୍କ ପାଖରେ ତାଙ୍କର ଗ୍ରାଚ୍ୟୁଇଟି ସମ୍ପୂର୍ଣ୍ଣ କିମ୍ବା ଆଂଶିକ ଭାବେ ଅଟକାଇବାର ଅଧିକାର ରହିଛି।

# ଚୋରଗଡ଼ିଆ ଗାଁରେ ବିଶୁଦ୍ଧ ପାନୀୟ ଜଳ ସଙ୍କଟ

## ୭୦ ପରିବାର ପାଇଁ ୩ ନଳକୂପ

### ତିନି ବର୍ଷ ହେଲା ବସୁଧା ଯୋଜନାରେ ମିଳୁନି ପାଇପ୍ ପାଣି

ଆନନ୍ଦପୁର,୨୨।୯ (ସଂଚାର ବ୍ୟୁରୋ)ଃ କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ୍ ଅନ୍ତର୍ଗତ ସାସଙ୍ଗ ପଞ୍ଚାୟତର ଚୋର ଗଡ଼ିଆ ଗାଁରେ ଦେଖାଦେଇଛି ପାନୀୟ ଜଳର ଉତ୍କଟ ସମସ୍ୟା। ଗାଁରେ ପ୍ରାୟ ୭୦ଟି ପରିବାର ବସବାସ କରୁଥିବା ବେଳେ ଭରସା କେବଳ ତିନୋଟି ନଳକୂପ। ସରକାର ଗାଁ ଗାଁକୁ ପାଇପ୍ ପାଣି ଯୋଗାଇବା ପାଇଁ ବସୁଧା ଯୋଜନା ଓ ମେଗା ପାନୀୟ ଜଳ ପ୍ରକଳ୍ପ ଭଳି ଯୋଜନା କରିଛନ୍ତି। ହେଲେ ଚୋର ଗଡ଼ିଆ ଗାଁର ଲୋକଙ୍କ ପାଇଁ ଏହି ଯୋଜନା ଏବେ ବି ସାତ ସପନ।



ଗାଁବାସୀଙ୍କ କହିବା ଅନୁଯାୟୀ, ଦୀର୍ଘ ପ୍ରାୟ ତିନି ବର୍ଷ ହେଲା ବସୁଧା ଯୋଜନାର ପାଣି ଗାଁରେ ପହଞ୍ଚୁନାହିଁ। ଏପରିକି ମେଗା ପାନୀୟ ଜଳ ପ୍ରକଳ୍ପ ଅଧୀନରେ ଘର ଘରକୁ ଟ୍ୟାପ୍ ବସାଯାଇଛି, କିନ୍ତୁ ଟ୍ୟାପ୍‌ରୁ ପାଣି ଆସୁନଥିବା ଅଭିଯୋଗ ହୋଇଛି। ଫଳରେ ପାନୀୟ ଜଳ ପାଇଁ ଗ୍ରାମବାସୀଙ୍କୁ ନଳକୂପ ଉପରେ ନିର୍ଭର କରିବାକୁ ପଡୁଛି। ସତୁରି ପରିବାର ପାଇଁ ମାତ୍ର ତିନୋଟି ନଳକୂପ ଥିବାରୁ ଗ୍ରୀଷ୍ମ ହେଉ କି ବର୍ଷା, ପାଣି ପାଇଁ ଲୋକଙ୍କ ହନ୍ତସନ୍ତ ହେବାକୁ ପଡୁଛି।

ଘର ଘରକୁ ଟ୍ୟାପ୍ ବସିଛି, ହେଲେ ଟ୍ୟାପ୍‌ରୁ ପାଣି ଆସୁନାହିଁ। ଯୋଜନା ଅଛି, ପ୍ରକଳ୍ପ ଅଛି, ଟ୍ୟାପ୍ ମଧ୍ୟ ଅଛି, ହେଲେ ଲୋକଙ୍କ ଶୋଷ ମେଣ୍ଟାଇବାକୁ ପାଣି ନାହିଁ। ତେଣୁ ତୁରନ୍ତ ଚୋର ଗଡ଼ିଆ ଗାଁକୁ ପାଇପ୍ ପାଣି ଯୋଗାଣ କରାଯିବା ସହ ଆଉ ଦୁଇଟି ନଳକୂପ ସ୍ଥାପନ କରାଯାଉ ବୋଲି ଗ୍ରାମର ସୀମାରାଣି ସାହୁ, ଜୟନ୍ତୀ ନାୟକ, ସୂର୍ଯ୍ୟମଣୀ ବେହେରା, ନର୍ମଦା ବେହେରା, ସବିତା ଜେନା, ବିନୋଦିନୀ ସାମଲ, ଆରତୀ ବେହେରା, ପଦ୍ମାବତୀ ସାହୁ, କନକଲତା ସାହୁ, ପାର୍ବତୀ ସାମଲ, ଅମ୍ରିତା ସାହୁ, ବାସନ୍ତୀ ବେହେରା, ସ୍ୱର୍ଣ୍ଣଲତା ବେହେରା, ଅନୁପମା ସାହୁ, ନିରୁପମା ସାହୁ ଦାବି କରିଛନ୍ତି।

---

ୱାକୋ ଇଣ୍ଡିଆ କିକ୍ ବକ୍ସିଂ ଚାମ୍ପିଅନସିପରେ ଢେଙ୍କାନାଳର ସଫଳତା

## ୬ ସ୍ୱର୍ଣ୍ଣ ସହ ୧୯ ପଦକ



ଢେଙ୍କାନାଳ,୨୨।୯ (ସଂଚାର ବ୍ୟୁରୋ)ଃ ମଧ୍ୟପ୍ରଦେଶର ଇନ୍ଦୋର ସ୍ଥିତ ପୁଷ୍ପ ବାଟିକା ଠାରେ ସେପ୍ଟେମ୍ବର ୮ ରୁ ୧୨ ପର୍ଯ୍ୟନ୍ତ ଅନୁଷ୍ଠିତ ୱାକୋ ଇଣ୍ଡିଆ ନ୍ୟାସନାଲ ସିନିୟର ଆଣ୍ଡ ମାଷ୍ଟର କିକ୍ ବକ୍ସିଂ ଚାମ୍ପିଅନସିପ୍ -୨୦୨୬ ରେ ଢେଙ୍କାନାଳ ଜିଲ୍ଲାର ଖେଳାଳୀମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି।

ଦେଶର ୯୦୦ରୁ ଅଧିକ ଖେଳାଳୀ ଭାଗ ନେଇଥିବା ଏହି ପ୍ରତିଯୋଗିତାରେ ଓଡ଼ିଶାର ୪୫ ଜଣଙ୍କ ମଧ୍ୟରୁ ଢେଙ୍କାନାଳର ୧୭ ଜଣ ଖେଳାଳୀ ଅଂଶଗ୍ରହଣ କରି ୬ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୧୨ କାଂସ୍ୟ ସହ ମୋଟ ୧୯ଟି ପଦକ ଜିତି ଜିଲ୍ଲା ତଥା ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।

ବାଳିକା ବର୍ଗରେ ସ୍ମୃତି ଭୋଇ ୩ଟି ସ୍ୱର୍ଣ୍ଣ ଓ ୧ଟି କାଂସ୍ୟ ପଦକ ଜିତି ଚମ୍ପିୟନ ହୋଇଛନ୍ତି। ସେହିପରି କୀର୍ତ୍ତିରାଣୀ ସାହୁ ୨ଟି ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଦଳର କୋଚ୍ ଭାବେ ମିହିର କୁମାର ସାହୁ ଦାୟିତ୍ୱ ନିର୍ବାହ କରିଥିଲେ। ଖେଳାଳୀଙ୍କ ସମସ୍ତ ଖର୍ଚ୍ଚ ରାଜ୍ୟ କ୍ରୀଡା ବିଭାଗ ବହନ କରିଥିଲା।

ଏହି ସଫଳତା ପାଇଁ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଜିଲ୍ଲା କ୍ରୀଡା ଅଧିକାରୀ ଓ କିକ୍ ବକ୍ସିଂ ଆସୋସିଏସନର ସଦସ୍ୟମାନେ ଖେଳାଳୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

---

## ଯୋଗାଣ ଅଧିକାରୀଙ୍କ କଳାବଜାରୀ ଉପରେ କଡ଼ା ନଜର



ହିଞ୍ଜିଳିକାଟୁ,୨୨।୯ (ସଂଚାର ବ୍ୟୁରୋ)ଃ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ ସହିତ ସମ୍ଭାବ୍ୟ ବାତ୍ୟା "ଅର୍ଣ୍ଣବ"କୁ ନେଇ ଲୋକଙ୍କ ଭିତରେ ଛନକା ପଶିଛି। ଏଣୁ ଲୋକମାନେ ଅତ୍ୟାବଶକୀୟ ସମାଗ୍ରୀ ଆବଶ୍ୟକତା ଠାରୁ ଅଧିକ କିଣିବାକୁ ବଜାରକୁ ଆସୁଛନ୍ତି। ଏହାର ସୁଯୋଗ ନେଇ ବ୍ୟବସାୟୀମାନେ ଅତ୍ୟାବଶକୀୟ ସାମଗ୍ରୀର କଳାବଜାରୀ କରିପାରନ୍ତି। ବିଶେଷ କରି ଆଳୁ ଓ ପିଆଜ ଦର ସବୁ ବେଳେ ବୃଦ୍ଧି ପାଉଛି।

ଏନେଇ ଆଜି ସକାଳୁ ସକାଳୁ ହିଞ୍ଜିଳିରେ କିଛି ଲୋକେ ଆଳୁ ବଜାରରୁ ବସ୍ତା ବସ୍ତା ନେଉଥିବା ଦେଖିବାକୁ ମିଳିଥିଲା ଏବଂ ୫ଟଙ୍କା ଦର ବୃଦ୍ଧି ହୋଇଛି ନେଇ ଶୁଣିବାକୁ ମିଳିଥିଲା। କିଛି କ୍ଷଣ ପରେ ଏହାକୁ ନଜରରେ ରଖି ହିଞ୍ଜିଳିକାଟୁ ପରିବା ବଜାରରେ ଯୋଗାଣ ବିଭାଗ ଅଧିକାରୀ ସ୍ନେହାଞ୍ଜଳି ସ୍ୱାଇଁ ପହଂଚି ପ୍ରତି ଦୋକାନ ବୁଲି ତଦାରଖ କରି ଆଳୁ କିଲୋ ପ୍ରତି ୧୬ ଟଙ୍କା ରହିଛି ନେଇ ସୂଚନା ଦେଇଛନ୍ତି। ଏହାସହ ଭୟଭୀତ ହୋଇ ଲୋକମାନେ ଆବଶ୍ୟକତା ଠାରୁ ଅଧିକ ନକିଣିବାକୁ ପରାମର୍ଶ ଦେବା ସହ କୌଣସି କ୍ଷେତ୍ରରେ କଳା ବଜାରୀକୁ ବରଦାସ୍ତ କରାଯିବ ନାହିଁ ବୋଲି କହିଛନ୍ତି ଯୋଗାଣ ଅଧିକାରୀ।

---

## କୋଇଲା ବୋଝେଇ ଟ୍ରଲର ଚାପାରେ ଜଣେ ମୃତ, କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

ସୁନ୍ଦରଗଡ଼,୨୨।୯ (ସଂଚାର ବ୍ୟୁରୋ)ଃ କୋଲ୍ କରିଡର ରୋଡ୍‌ରେ ମର୍ମନ୍ତୁଦ ଦୁର୍ଘଟଣା। ଝିମେର ମହୁଲ ପେଟ୍ରୋଲ ପମ୍ପ ନିକଟରେ କୋଇଲା ବୋଝେଇ ଟ୍ରଲର ଚାପାରେ ଜଣେ ବ୍ୟକ୍ତିଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ। ମୃତକ ଝିମେର ମହୁଲ ଗାଁର ହେମନ୍ତ ବୋଲି ଜଣାପଡ଼ିଛି। ଦୁର୍ଘଟଣା ପରେ ଘଟଣାସ୍ଥଳରେ ଦେଖା ଦେଇଛି ଉତ୍ତେଜନା।

ଦୁର୍ଘଟଣାରେ ଝିମେର ମହୁଲ ଗାଁର ହେମନ୍ତଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଛି। ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। କ୍ଷତିପୂରଣ ଦାବିରେ ସ୍ଥାନୀୟ ଲୋକେ ମୃତଦେହ ରଖି ରାସ୍ତା ଅବରୋଧ କରିଛନ୍ତି। ଫଳରେ କୋଲ୍ କରିଡର ରୋଡ୍‌ରେ ଯାତାୟାତ ପ୍ରଭାବିତ ହୋଇଛି। ଖବର ପାଇ ଭଷ୍ମା ପୋଲିସ ଘଟଣାସ୍ଥଳରେ ପହଞ୍ଚିଛି। ଦୁର୍ଘଟଣାର କାରଣ ନେଇ ତଦନ୍ତ ଜାରି ରହିଥିବା ବେଳେ, କ୍ଷତି ପୂରଣ ଦାବିରେ ଆନ୍ଦୋଳନରତ ଲୋକଙ୍କ ସହ ପୋଲିସ ଆଲୋଚନା କରୁଛି।

---

## ନିଶାମୁକ୍ତ ଓଡ଼ିଶା ଗଠନ ପାଇଁ ସଚେତନତା କାର୍ଯ୍ୟକ୍ରମ




ଫୁଲବାଣୀ,୨୨।୯ (ସଂଚାର ବ୍ୟୁରୋ)ଃ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ପକ୍ଷରୁ କେଳାପଡ଼ା ପଞ୍ଚାୟତ ଅନ୍ତର୍ଗତ ହାଟପଦା ଠାରେ 'ନିଶାମୁକ୍ତ ଓଡ଼ିଶା' ଅଭିଯାନ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନିଶାଦ୍ରବ୍ୟର କୁପ୍ରଭାବରୁ ସମାଜକୁ ମୁକ୍ତ କରିବା ସହ ଯୁବପିଢ଼ିଙ୍କୁ ନିଶାଠାରୁ ଦୂରେଇ ରଖିବା ଉଦ୍ଦେଶ୍ୟରେ ଏହି ଅଭିଯାନ ଆୟୋଜନ କରାଯାଇଥିଲା।

ଫିରିଙ୍ଗିଆ ଥାନା ଅଧିକାରୀ ମୁରଲୀଧର ସାହୁଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କେଳା ପଡା ଗ୍ରାମ ପଞ୍ଚାୟତ ସରପଞ୍ଚ ସ୍ୱର୍ଣ୍ଣଲତା ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ଏସ୍‌ଡ଼ିପିଓ ପି ଶୁଭ୍ରଜିତ ବିଶ୍ୱାଳ, ଫିରିଙ୍ଗିଆ ନନାଞ୍ଚଳ ଅଧିକାରୀ ପ୍ରଧୋଷ କୁମାର ମହାରଣା, ଫିରିଙ୍ଗିଆ ଗୋଷ୍ଠୀ ଉର୍ନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା, ଫିରିଙ୍ଗିଆ ତହସିଲଦାର ଜ୍ୟୋତି ପ୍ରକାଶ ସେଠି, ପୂର୍ବତନ ସରପଞ୍ଚ ପ୍ରେମଶିଳା ଝାଙ୍କର, ଫିରିଙ୍ଗିଆ ଥାନା ଏସ୍‌ଆଇ ଅଜୟ କୁମାର ସାହୁଙ୍କ ସମେତ ଥାନାର ପୋଲିସ କର୍ମଚାରୀ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

ଏହି ଅବସରରେ ନିଶା ସେବନ ଦ୍ୱାରା ଶାରୀରିକ, ମାନସିକ ଓ ସାମାଜିକ ଜୀବନରେ ପଡୁଥିବା କୁପ୍ରଭାବ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। ନିଶା କାରବାର ଓ ସେବନ ରୋକିବା ପାଇଁ ପୋଲିସ ସହ ଜନସାଧାରଣଙ୍କ ସହଯୋଗ ଅତ୍ୟନ୍ତ ଆବଶ୍ୟକ ବୋଲି ଆହ୍ୱାନ କରିଥିଲେ ଗଞ୍ଜେଇ ଓ ମଦ ନିଶା ମୁକ୍ତ ସପଥ ପାଠ ଉପରେ ଦିଆଯାଇଥିଲା।

---

**୯ ଦିନିଆ ଜାତୀୟ ନାଟ୍ୟ ମହୋତ୍ସବ ଉଦଘାଟିତ**

## ମଞ୍ଚସ୍ଥ ହେଲା ନାଟକ 'ପରେ କହିବି'




ବାରିପଦା,୨୨।୯ (ସଂଚାର ବ୍ୟୁରୋ)ଃ ସ୍ଥାନୀୟ ସହିଦ ସ୍ମୃତି ଭବନରେ ଆମେ, ବାରିପଦା ଆନୁକୂଲ୍ୟରେ ୨ୟ ବାର୍ଷିକ ୯ ଦିନିଆ ନାଟ୍ୟ ମହୋତ୍ସବ ଉଦଘାଟିତ ହୋଇଯାଇଛି। ଆୟୋଜନ କମିଟିର ସଭାପତି ଡ଼ା. କୈଳାସ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଯୋଗଦେଇ ଏହି ମହୋତ୍ସବର ଉଦଘାଟନ କରିବା ସହ ଏହାର ସଫଳତା କାମନା କରିଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଅଭିନେତା ଓ ନିର୍ଦ୍ଦେଶକ ତଥା ସଂଗୀତ ନାଟକ ଏକାଡେମୀର ପୂର୍ବତନ ସଚିବ ପ୍ରବୋଧ ରଥ ଯୋଗଦେଇ ନାଟକ ସମାଜର ବାସ୍ତବ ପ୍ରତିଫଳନ ବୋଲି ପ୍ରକାଶ କରିଥିଲେ। ଶ୍ରୀ ରଥଙ୍କୁ ମୟୂରଭଞ୍ଜ ମହାସମ୍ମାନରେ ସମ୍ମାନିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ମେଜର ଡ. କଳ୍ପନା ଦାଶ ଓ ସମ୍ପାଦକ ଚିନ୍ମୟ ଦାସ ପଟ୍ଟନାୟକ ଉପସ୍ଥିତ ଥିଲେ।

ଏହି ମହୋତ୍ସବରେ ଓଡିଶା ଓ ବାହାରୁ ମୋଟ ୧୬ଟି ନାଟ୍ୟସଂସ୍ଥା ଅଂଶଗ୍ରହଣ କରିଛନ୍ତି। ପ୍ରଥମ ସନ୍ଧ୍ୟାରେ ୭୫ ବାସ୍ତବ ପରିବାର ଗ୍ରୁପ ପ୍ରଯୋଜିତ ଏବଂ ଚିନ୍ମୟ ଦାସ ପଟ୍ଟନାୟକଙ୍କ ଲିଖିତ ଓ ନିର୍ଦ୍ଦେଶିତ ନାଟକ "ପରେ କହିବି" ମଞ୍ଚସ୍ଥ ହୋଇଯାଇଛି। ନାଟକରେ ପ୍ରଦୀପ କିଶୋର ମହାନ୍ତି, ପ୍ରଦୀପ କୁମାର ପାଣିଗ୍ରାହୀ, ଚକ୍ରଧର ମହାପାତ୍ର, ଅଶୋକ ପଟ୍ଟନାୟକ, ଶାନ୍ତନୁ ପାଢ଼ୀ, ଶିଶିର ଲେଙ୍କା, ଜୟନ୍ତ ସେନାପତି, ଅରୁଣ ପାତ୍ର, ସର୍ବତୋଷ ଦାଶ, ରବି ମହାପାତ୍ର, ଯାମିନୀକାନ୍ତ ମାଲାକାର ଓ ଶିଶୁ କଳାକାର ଲତାଶା ଖୁରାନା ଅଭିନୟ କରିଥିଲେ। ଏହି ଅବସରରେ ଇ. ପ୍ରଦୀପ କିଶୋର ମହାନ୍ତିଙ୍କ ଲିଖିତ ଗଳ୍ପ ସଂକଳନ "ଏକାକୀ ଆଳାପ" ଅତିଥିଙ୍କ ହାତରେ ଉନ୍ମୋଚିତ ହୋଇଥିଲା। ଆସନ୍ତାକାଲିର ୧ମ ନାଟକ ନାରୀ ଅଦ୍ୱିତ୍ୟା, ଭୁବନେଶ୍ୱର ପ୍ରଯୋଜିତ ନାଟକ "ନିଃସହାୟ" ଓ ୨ୟ ନାଟକ ତା ପରେ ଆମେ, ବାରିପଦା ପ୍ରଯୋଜିତ ନାଟକ "ସୁରେନ୍ଦ୍ର ସାଏଙ୍କ ନିଶା" ପରିବେଷିତ ହେବ ବୋଲି ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ ଜଣାଇଛନ୍ତି।

---

**ମାସିକ ଜିଲ୍ଲା ଶିକ୍ଷା ସମୀକ୍ଷା ବୈଠକ**

## କେନ୍ଦ୍ରୀୟ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କଲେ ଜିଲ୍ଲାପାଳ



ମାଲକାନଗିରି,୨୨।୯ (ସଂଚାର ବ୍ୟୁରୋ)ଃ ମାଲକାନଗିରି ଜିଲ୍ଲା ପରିଷଦ ସଭାଗୃହଠାରେ ସେପ୍ଟେମ୍ବର ମାସ ନିମନ୍ତେ ମାସିକ ଜିଲ୍ଲା ଶିକ୍ଷା ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ଜିଲ୍ଲା ଶିକ୍ଷା ଅଧିକାରୀ ଚିତ୍ତରଞ୍ଜନ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ସଂଯୋଜନାରେ ଆୟୋଜିତ ଏହି ବୈଠକରେ ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅଧ୍ୟକ୍ଷତା କରିଥିଲେ। ବୈଠକରେ ସମଗ୍ର ଶିକ୍ଷା ଅଭିଯାନ ଅଧୀନରେ ଚାଲିଥିବା ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଓ ଶୈକ୍ଷିକ କାର୍ଯ୍ୟକ୍ରମର ସୁଚାରୁ ପରିଚାଳନା ନେଇ ପୁଙ୍ଖାନୁପୁଙ୍ଖ ସମୀକ୍ଷା କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷାର ବିକାଶ ଓ ସର୍ବାଙ୍ଗୀନ ଉନ୍ନତି ପାଇଁ ସରକାରଙ୍କ ସମସ୍ତ ଜନକଲ୍ୟାଣକାରୀ ଯୋଜନାକୁ ଜିଲ୍ଲାରେ ସଫଳତାର ସହ ସମ୍ପାଦନ କରିବାକୁ ଜିଲ୍ଲାପାଳ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଏହି ସମୀକ୍ଷା ବୈଠକ ମଞ୍ଚରେ ଜିଲ୍ଲାର କୃତୀ ବିଦ୍ୟାର୍ଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶେଷ କରି ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ମାଲକାନଗିରି ଜିଲ୍ଲା ପାଇଁ ସୁନାମ ଆଣିଥିବା କେନ୍ଦ୍ରୀୟ ବିଦ୍ୟାଳୟର କୃତୀ ଛାତ୍ରଛାତ୍ରୀମାନଙ୍କୁ ଜିଲ୍ଲାପାଳ ପ୍ରଶଂସାପତ୍ର ଓ ସମ୍ମାନ ଫଳକ ପ୍ରଦାନ କରି ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

---

## ସନ୍ଥ ରାଜିନ୍ଦର ସିଂହ ଜୀ ମହାରାଜଙ୍କ ଜନ୍ମଦିନ ଅବସରରେ ଫଳନ୍ତି ଚାରାରୋପଣ



ସୁନ୍ଦରଗଡ଼,୨୨।୯ (ସଂଚାର ବ୍ୟୁରୋ)ଃ ଶାନ୍ତି, ପ୍ରେମ, କରୁଣା ଓ ନିଃସ୍ୱାର୍ଥ ସେବାର ବାର୍ତ୍ତାକୁ ନେଇ ପାଳିତ ହେଉଥିବା "ଶାନ୍ତି ଓ ଧ୍ୟାନ ସପ୍ତାହ"ର ଚତୁର୍ଥ ଦିନରେ "ପ୍ରକୃତିର ଯତ୍ନ ମାଧ୍ୟମରେ କୃତଜ୍ଞତା" ବିଷୟକୁ ନେଇ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଗମ୍ହାରିଡିହି ମେମୋରୀ ଗାର୍ଡେନ ରେ ଦର୍ଶନ ଏକାଡେମୀ ଓ ଗ୍ରୀନ ମେମୋରୀ କ୍ୟାମ୍ପେନର ମିଳିତ ଉଦ୍ୟମରେ ଆୟୋଜିତ ହୋଇ ଯାଇଛି। ସନ୍ଥ ରାଜିନ୍ଦର ସିଂହ ଜୀ ମହାରାଜଙ୍କ ୮୦ତମ ଜନ୍ମଦିନକୁ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ଦର୍ଶନ ଏକାଡେମୀ ପରିବାର ପକ୍ଷରୁ ୮୦ଟି ଫଳଦାୟୀ ଚାରା ରୋପଣ କରାଯାଇଥିଲା।

ଦର୍ଶନ ଏକାଡେମୀର ପ୍ରିନ୍ସିପାଲ ଡ. ପ୍ରଦୀପ ଆର୍.ଭି.ଙ୍କ ନେତୃତ୍ୱରେ ଏହି ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଗ୍ରୀନ୍ ମେମୋରୀ କ୍ୟାମ୍ପେନ୍‌ର ପ୍ରତିଷ୍ଠାତା ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଦିଗାମ୍ବର ଉପାଧ୍ୟାୟ ଯୋଗଦେଇ ଥିଲେ। ଦର୍ଶନ ଏକାଡେମୀର ଶିକ୍ଷକ ଓ କର୍ମଚାରୀ ଲୁକ୍କେଶ୍ୱର ପଟେଲ, ପ୍ରତ୍ୟୁଷ ଯୋଶୀ, ସିମରନ୍ ନାଜ୍ ଏବଂ କିରଣ କୁମାର ପଟେଲ, ଛାତ୍ରଛାତ୍ରୀ, ସେବକର ଅମିୟରଞ୍ଜନ ଲେଙ୍କା, ମନୋରଞ୍ଜନ ମଲ୍ଲିକ, ସୌମ୍ୟ ରଞ୍ଜନ ପ୍ରଧାନ, ବିଶ୍ୱଜିତ ପାଣି, ସୁବ୍ରତ ସାମଲ, ସୁନୀଲ ତ୍ରିପାଠୀ, ସ୍ନିଗ୍ଧାରାଣୀ ମହାକୁଳ ତଥା ଗମ୍ହାରିଡିହି-ବଡବାହାଲପଡ଼ା ବନ ସୁରକ୍ଷା ସମିତିର ସଦସ୍ୟ ମାନେ ଉପସ୍ଥିତ ରହି ବୃକ୍ଷ ରୋପଣରେ ସକ୍ରିୟ ଭାବେ ସାମିଲ ହୋଇଥିଲେ। ସେମାନେ ନିଜ ହାତରେ ଫଳଦାୟୀ ଚାରା ରୋପଣ କରିବା ସହ ଗଛ ଗୁଡ଼ିକର ନିୟମିତ ଯତ୍ନ ଓ ସୁରକ୍ଷା ନେବାର ଦାୟିତ୍ୱବୋଧ ଗ୍ରହଣ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ଅନୁଭବ କରିଥିଲେ ଯେ ପ୍ରକୃତିର ଯତ୍ନ ନେବା ମଧ୍ୟ ପ୍ରେମ, କୃତଜ୍ଞତା ଓ ସେବାର ଏକ ସୁନ୍ଦର ଅଭିବ୍ୟକ୍ତି।

---

## ନିଳଗିରି-ପଞ୍ଚଲିଙ୍ଗେଶ୍ୱର ରାସ୍ତା ମରାମତି ଦାବିରେ ୨୦କି.ମି ପଦଯାତ୍ରା




ନିଳଗିରି ,୨୨।୯ (ସଂଚାର ବ୍ୟୁରୋ)ଃ ୨୦୨୪ ମସିହା ଠାରୁ ଏଯାବତ ନିଳଗିରି ପଞ୍ଚଲିଙ୍ଗେଶ୍ୱର ରାସ୍ତା ମରାମତି ଦାବୀ ନେଇ ବିଭିନ୍ନ ଦଳ ପକ୍ଷରୁ ୨୫ଥରରାସ୍ତା ରୋକ୍, ବିକ୍ଷୋଭ, ଦାବୀପତ୍ର, ଆଦି ପ୍ରଦାନ କରାଯାଇଥିଲା ବେଳେ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଶେଷରେ ମଙ୍ଗଳବାର ଦିନ ଆଞ୍ଚଳିକ କୃଷକ ମଞ୍ଚ ପକ୍ଷରୁ ଏକ ଅଭିନବ ଉପାୟରେ ପ୍ରତିବାଦ କରିଛନ୍ତି। ଆଞ୍ଚଳିକ କୃଷକ ମଞ୍ଚ ଆବାହକରେ ଶତାଧିକ ସମର୍ଥକ ବଉଳ ଗଡ଼ିଆ ଛକ ଠାରୁ ନିଳଗିରି ପର୍ଯ୍ୟନ୍ତ ଦୀର୍ଘ ୨୦ କିଲୋମିଟର ପ୍ରତିକୂଳ ପାଗ ରେ ଝିପିଝିପ ବର୍ଷାରେ ଉଦାହୋଇ ଚାଲି ଚାଲି ବିକ୍ଷୋଭ ପ୍ରଦର୍ଶନ କରି ଶେଷରେ ନୀଳଗିରି ଉପଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଏହା ୨୬ତମ ଆନ୍ଦୋଳନ ବୋଲି ଆଞ୍ଚଳିକ କୃଷକ ମଞ୍ଚ ପକ୍ଷରୁ ସୂଚନା ଦିଆଯାଇଛି।

ଉତ୍ତର ଓଡ଼ିଶାର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀ ଭାବେ ପଞ୍ଚଲିଙ୍ଗେଶ୍ୱର ଶୈବ ପୀଠ ଓଡ଼ିଶା ମାନଚିତ୍ରରେ ସ୍ଥାନିତ ହୋଇଥିବା ବେଳେ ଦେଶ, ରାଜ୍ୟ ବାହାରୁ ପ୍ରତିଦିନ ପର୍ଯ୍ୟଟକଙ୍କ ଭିଡ଼ ଲାଗିଥାଏ। ମାତ୍ର ନିଳଗିରି ପଞ୍ଚଲିଙ୍ଗେଶ୍ୱର ରାସ୍ତା ଏବେ ମରଣଯନ୍ତା ପାଲଟିଥିବା ବେଳେ ନା ସରକାର ନା ସ୍ଥାନୀୟ ପ୍ରଶାସନ ଏହି ରାସ୍ତା ପ୍ରତି ଦୃଷ୍ଟି ଦେଉ ନ ଥିବା ବେଳେ ଯାତାୟତରେ ସମସ୍ୟା ଦେଖା ଯାଇଛି। ତୁରନ୍ତ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯାଇ ପିଚୁ ପକାଯାଉ। ୨୦୪ଗ୍ରାମକୁ ନେଇ ପ୍ରକାଶିତ ଇକୋ ସେନ୍ସିଟିଭ୍ ଜୋନ୍‌କୁ ଜନ ବସତିରୁ ହଟାଯାଇ ଜଙ୍ଗଲରେ ରଖାଯାଉ, ବନ୍ୟଜନ୍ତୁ ଦାଉରୁ ରକ୍ଷା ପାଇଁ ଜଙ୍ଗଲର ପାଦଦେଶରେ ସୋଲାର ଫେନ୍ସିଙ୍ଗ ସମ୍ପୂର୍ଣ୍ଣ କରାଯାଉ, ଫସଲ ସୁରକ୍ଷା ପାଇଁ ସବୁଜ ବାହିନୀ ନିଯୁକ୍ତି କରାଯାଉ, ୧୯ନମ୍ବର ରାଜ୍ୟ ରାଜପଥ କୁ ସମ୍ପୂର୍ଣ୍ଣ କରାଯିବା ସହ ଟାଙ୍ଗଣା ପୋଲ ନିର୍ମାଣ କରାଯାଉ, ବନ୍ୟପ୍ରାଣୀଙ୍କ ଦ୍ୱାରା ମୃତକ ପରିବାରକୁ ଚାକିରି ପ୍ରଦାନ ସହ ଏକ କୋଟି ସହାୟତା ରାଶି ପ୍ରଦାନ କରାଯାଉ ପ୍ରମୁଖ ଦାବୀ ନେଇ ପଦଯାତ୍ରା କରାଯାଇଥିଲା।

---

## ଅଭିଯୁକ୍ତଙ୍କୁ ବାରମ୍ବାର ଥାନାରୁ ଜାମିନ ଦେବା ଘଟଣାରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି




କେନ୍ଦ୍ରାପଡ଼ା,୨୨।୯ (ସଂଚାର ବ୍ୟୁରୋ)ଃ କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ, ପାଟକୁରା ଓ ଜମ୍ବୁ ସାମୁଦ୍ରିକ ଥାନା ଅଞ୍ଚଳରେ ଦଳିତ ସୂଚନା ଅଧିକାର କର୍ମୀଙ୍କୁ ଘରେ ପସି ଆକ୍ରମଣ କରିବା ଘଟଣାର ଅଭିଯୋଗ ପରେ ପୋଲିସ ମାମଲା ରୁଜୁ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଅଭିଯୁକ୍ତମାନଙ୍କୁ ବାରମ୍ବାର ବ୍ୟକ୍ତିଗତ ମୁଚାଲିକାରେ ଛାଡ଼ିଦେଉଛି। ଫଳରେ ଅପରାଧୀ ମାନେ ଅଧିକ ଉତ୍ସାହିତ ହୋଇ ଆକ୍ରମଣ କରୁଥିବା ନେଇ ଏସପି ସିଦ୍ଧାର୍ଥ କଟ୍ଟାରିଆଙ୍କ ନିକଟରେ ଅଭିଯୋଗ ହୋଇଛି। ଆଜି ରାଜ୍ୟ ସୂଚନା ଅଧିକାର ଅଭିଯାନ(ଓସା)ର ରାଜ୍ୟ ଆବାହକ ପ୍ରଦୀପ ପ୍ରଧାନ ଓ କେନ୍ଦ୍ରାପଡ଼ା ଜିଲ୍ଲା ଆବାହକ ପ୍ରତାପ ଚନ୍ଦ୍ର ମହାନ୍ତିଙ୍କ ସମେତ ସୂଚନା ଅଧିକାର କର୍ମୀ ତଥା ପାଟକୁରା ଥାନାର ପୀଡିତ ରମାକାନ୍ତ ମାହାଳି, ମାର୍ଶାଘାଇ ଥାନାର ପୀଡିତ ଜନକର ଜେନା, ମାନସ ଆଚାର୍ଯ୍ୟ ଓ ଜମ୍ବୁ ସାମୁଦ୍ରିକ ଥାନାର ପୀଡିତ ଅମିତାଭ ଚାନ୍ଦଙ୍କ ସମେତ ସୂଚନା ଅଧିକାର କର୍ମୀ ପ୍ରବେଶ ମହାପାତ୍ର, ଆଳୟ ସାମନ୍ତରାୟ, ସୁମନ୍ତ ସେଠୀ ପ୍ରମୁଖ ଏସପି ଶ୍ରୀ କଟ୍ଟାରିଆଙ୍କୁ ତାଙ୍କ ଜଜାଙ୍ଗସ୍ଥିତ କାର୍ଯ୍ୟାଳୟରେ ଭେଟି ଏଭଳି ଅଭିଯୋଗ କରିଥିଲେ। କିଭଳି ଭାବେ ଜଣେ ଅଭିଯୁକ୍ତକୁ ବାରମ୍ବାର ଥାନାରୁ ଜାମିନ ଦିଆଯାଉଛି ଏବଂ ସେ ଉତ୍ସାହିତ ହୋଇ ଅଧିକ ଆକ୍ରମଣ କରୁଛି ତାହାର ତଦନ୍ତ କରାଯିବ ବୋଲି ଏସପି ଶ୍ରୀ କଟ୍ଟାରିଆ ସେମାନଙ୍କୁ ପ୍ରତିଶୃତି ଦେଇଥିବା ଜଣାପଡିଛି।

---

## ବେଆଇନ ଭାବେ ଫର୍ମ ୭ ଓ ଓଟିପି ବ୍ୟବହାର ଅଭିଯୋଗରେ ଧାମନଗର ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିଲମ୍ବିତ



ଧାମନଗର,୨୨।୯ (ସଂଚାର ବ୍ୟୁରୋ)ଃ ଧାମନଗର ଏନ୍‌ଏସିର ଭୋଟର ତାଲିକା ସଂଶୋଧନ ବା ଏସଆଇଆର କାର୍ଯ୍ୟ ସମୟରେ ବେଆଇନ ଭାବେ ବିଏଲଓଙ୍କ ଠାରୁ ଓଟିପି ନେବା ଏବଂ ସେଥିରେ ବେଆଇନ ଭାବେ ଫର୍ମ ୭କୁ ଅପଲୋଡ କରି ଅପବ୍ୟବହାର ଅଭିଯୋଗରେ କେନ୍ଦ୍ର ନିର୍ବାଚନ ସଚିବଙ୍କ ସୁପାରିଶ କ୍ରମେ ଚିଠି ନଂ ୫୯୭୬/୨୬ ଅତିରିକ୍ତ ରାଜ୍ୟ ନିର୍ବାଚନ କମିଶନ ଏବଂ ଓଡ଼ିଶା ସରକାରଙ୍କ ପ୍ରମୁଖ ସଚିବ ସୁଶାନ୍ତ କୁମାର ମିଶ୍ର ଧାମନଗର କାର୍ଯ୍ୟ ନିର୍ବାହ ଅଧିକାରୀ ସନ୍ତୋଷ କୁମାର ନାୟକଙ୍କୁ ନିଲମ୍ବନ କରିଛନ୍ତି।

ଅଭିଯୋଗ ମୁତାବକ ଧାମନଗର ଏନ୍‌ଏସିରେ ପ୍ରାୟ ୩ ହଜାରରୁ ଉର୍ଦ୍ଧ୍ୱ ସଂଖ୍ୟାଲଘୁ ସମ୍ପ୍ରଦାୟର ବୈଧ ଭୋଟରଙ୍କୁ ତାଲିକାରୁ ବାଦ ଦେବା ନେଇ ସିଧାସଳଖ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ନାୟକଙ୍କ ସଂପୃକ୍ତି ନେଇ ଅଭିଯୋଗ ହୋଇଥିଲା। ଏହାକୁ ନେଇ ଧାମନଗର ବିଜେଡ଼ିର ଏକ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ କମିଶନଙ୍କୁ ଅଭିଯୋଗ କରାଯାଇଥିଲା।

---

**ସାଇବର ସୁରକ୍ଷା ଓ ଡ୍ରୋନ୍ ବିରୋଧୀ ପ୍ରଯୁକ୍ତି ପାଇଁ**

## ଆଇଆଇଟି କାନପୁର ସହ ସିଆଇଏସ୍‌ଏଫ୍‌ର ବୁଝାମଣାପତ୍ର

ପାରାଦୀପ,୨୨।୯ (ସଂଚାର ବ୍ୟୁରୋ)ଃ ସାଇବର ସୁରକ୍ଷା ଏବଂ ଡ୍ରୋନ୍ ଓ ଡ୍ରୋନ୍ ବିରୋଧୀ ପ୍ରଯୁକ୍ତି କ୍ଷେତ୍ରରେ ନିଜର କ୍ଷମତାକୁ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ (ସିଆଇଏସ୍‌ଏଫ୍) ଆଇଆଇଟି କାନପୁର ସହ ଦୁଇଟି ବୁଝାମଣାପତ୍ର ସ୍ୱାକ୍ଷର କରିଛି।

ସେପ୍ଟେମ୍ବର ୧୫ ତାରିଖରେ ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିବା ସିଆଇଏସ୍‌ଏଫ୍ ପକ୍ଷରୁ ପ୍ରକାଶିତ ପ୍ରେସ୍ ବିଜ୍ଞପ୍ତିରେ କୁହାଯାଇଛି। ଦେଶର ଗୁରୁତ୍ୱପୂର୍ଣ୍ଣ ଓ ରଣନୈତିକ ପ୍ରତିଷ୍ଠାନଗୁଡ଼ିକର ସୁରକ୍ଷା ପାଇଁ ସାଇବର ସୁରକ୍ଷା ଓ ଡ୍ରୋନ୍ ବିରୋଧୀ ପ୍ରଯୁକ୍ତିରେ ସିଆଇଏସ୍‌ଏଫ୍‌ର ପ୍ରସ୍ତୁତିକୁ ଅଧିକ ମଜବୁତ କରିବା ଏହି ବୁଝାମଣାର ମୁଖ୍ୟ ଉଦ୍ଦେଶ୍ୟ।

ସାଇବର ସୁରକ୍ଷା ସମ୍ପର୍କିତ ବୁଝାମଣାପତ୍ର ଅଧୀନରେ ସିଆଇଏସ୍‌ଏଫ୍ କର୍ମଚାରୀଙ୍କୁ ବିଶେଷ ପ୍ରଶିକ୍ଷଣ ପ୍ରଦାନ କରାଯିବ। ସାଇବର ସୁରକ୍ଷା, ଡିଜିଟାଲ୍ ଅପରାଧର ତଦନ୍ତ, ଡିଜିଟାଲ୍ ତଥ୍ୟର ବୈଜ୍ଞାନିକ ପରୀକ୍ଷା, ବିପର୍ଯ୍ୟୟ ପରେ ତଥ୍ୟ ପୁନରୁଦ୍ଧାର ଏବଂ ନୂଆ ସାଇବର ବିପଦର ମୁକାବିଲା ଭଳି ବିଭିନ୍ନ କ୍ଷେତ୍ରରେ ଏହି ପ୍ରଶିକ୍ଷଣ ଦିଆଯିବ। ଏହା ଫଳରେ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନଗୁଡ଼ିକ ଉପରେ ସମ୍ଭାବ୍ୟ ସାଇବର ଆକ୍ରମଣର ମୁକାବିଲା କରିବାରେ ସିଆଇଏସ୍‌ଏଫ୍‌ର କ୍ଷମତା ବୃଦ୍ଧି ପାଇବ।

ସେହିପରି ଡ୍ରୋନ୍ ଓ ଡ୍ରୋନ୍ ବିରୋଧୀ ପ୍ରଯୁକ୍ତି ସମ୍ପର୍କିତ ବୁଝାମଣାପତ୍ର ମାଧ୍ୟମରେ ଡ୍ରୋନ୍ ସମ୍ପର୍କିତ ବୈଜ୍ଞାନିକ ତଦନ୍ତ, ମାନବବିହୀନ ବିମାନ ପରିଚାଳନା, ଡ୍ରୋନ୍ ଚିହ୍ନଟ ଏବଂ ଡ୍ରୋନ୍ ବିରୋଧୀ ପ୍ରଯୁକ୍ତି କ୍ଷେତ୍ରରେ ସିଆଇଏସ୍‌ଏଫ୍‌ର କାର୍ଯ୍ୟକ୍ଷମତା ବଢ଼ାଯିବ।

ଆଇଆଇଟି କାନପୁର ସହଯୋଗରେ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା, ଉନ୍ନତ ପ୍ରଶିକ୍ଷଣ ବ୍ୟବସ୍ଥା ଓ ଡ୍ରୋନ୍ ସମ୍ପର୍କିତ ତଦନ୍ତ ପାଇଁ ଆବଶ୍ୟକ ସୁବିଧା ବିକାଶ, ମିଳିତ ଗବେଷଣା ଏବଂ ଦେଶୀୟ ପ୍ରଯୁକ୍ତିର ବିକାଶ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ଏହା ସହିତ ଭବିଷ୍ୟତରେ ଉଦ୍ଭବ ହେଉଥିବା ଡ୍ରୋନ୍‌ଜନିତ ବିପଦର ମୁକାବିଲା ପାଇଁ ସିଆଇଏସ୍‌ଏଫ୍‌କୁ ଅଧିକ ପ୍ରସ୍ତୁତ କରିବାରେ ଏହି ସହଯୋଗ ସହାୟକ ହେବ।

ଆଇଆଇଟି କାନପୁର ସହ ଏହି ଦୁଇଟି ବୁଝାମଣାପତ୍ର ଦ୍ୱାରା ଦେଶର ଗୁରୁତ୍ୱପୂର୍ଣ୍ଣ ଶିଳ୍ପ ଓ ରଣନୈତିକ ପ୍ରତିଷ୍ଠାନଗୁଡ଼ିକର ସୁରକ୍ଷା କ୍ଷେତ୍ରରେ ସିଆଇଏସ୍‌ଏଫ୍‌ର ପ୍ରଯୁକ୍ତିଗତ ଓ ପରିଚାଳନାଗତ କ୍ଷମତା ଆହୁରି ସୁଦୃଢ଼ ହେବ ବୋଲି ପ୍ରେସ୍ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି।

---

## ସାହାଣୀ କପ ଫୁଟବଲ ଚାମ୍ପିୟନସିପ ପାଇଁ ମୟୂରଭଞ୍ଜ ଦଳ ଘୋଷିତ



ବାରିପଦା,୨୨।୯ (ସଂଚାର ବ୍ୟୁରୋ)ଃ ଓଡିଶା ଫୁଟବଲ ଏସୋସିଏସନ ଆନୁକୂଲ୍ୟରେ ଆୟୋଜିତ ବରିଷ୍ଠ ଆନ୍ତଃ ଜିଲ୍ଲା ଫୁଟବଲ ଚମ୍ପିୟାନସିପ "ସାହାଣୀ" କପରେ ଅଂଶଗ୍ରହଣ କରିବା ପାଇଁ ମୟୁରଭଞ୍ଜର ୨୦ ଜଣିଆ ଦଳ ଘୋଷିତ ହୋଇଯାଇଛି। ସୁନ୍ଦରଗଡ଼ ଠାରେ ଅନୁଷ୍ଠିତ ହେବାକୁ ଥିବା ଏହି ଚମ୍ପିୟାନସିପରେ ମୟୁରଭଞ୍ଜ ଦଳର ଅଧିନାୟକ ରାଇସେନ ଟୁଡୁଙ୍କ ସମେତ ବାଗରାଇ ହେମ୍ବ୍ରମ, ଜୀବନ ବାସ୍କେ, ବିକ୍ରମ ହାଁସଦା, ଶୁଶିଲ ହେମ୍ବ୍ରମ, ଆୟୁଷ ବେସାନ, ଆଲୋକ ମୁର୍ମୁ, ରାମଚନ୍ଦ୍ର ବେସ୍ରା, ବାପୁନ ମାଣ୍ଡି, ବିଶ୍ୱଜିତ ହେମ୍ବ୍ରମ, ଜଗନ୍ନାଥ କିସ୍କୁ, ମାନଚିତ୍ର ମାଣ୍ଡି, ବଳଭଦ୍ର ସିଂ, ସୁନାରାମ ମୁର୍ମୁ, ବିକାଶ ନାଏକ, ରଘୁନାଥ ସୋରେନ, ଗଣେଶ ସୋରେନ, ମହେଶ କୁମାର ହୋନାଗା, ବାବୁଲି ନାଏକ, ସୁମନ୍ତ କୁମାର ମାଣ୍ଡି ସାମିଲ ଥିବା ବେଳେ କୋଚ ଭାବେ ଜିତୁରାମ ଟୁଡୁ ଓ ମ୍ୟାନେଜର ଭାବେ ମାସଙ୍ଗ ଟୁଡୁ ଦଳ ସହିତ ଗସ୍ତ କରିଛନ୍ତି। ମୟୁରଭଞ୍ଜ ଏଥଲେଟିକ ଏସୋସିଏସନର ଉପସଭାପତି ବିବେକାନନ୍ଦ ପଟ୍ଟନାୟକ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କୋଷାଧ୍ୟକ୍ଷ୍ୟ ଅମିତାଭ ଦାସ, ଫୁଟବଲ ସମ୍ପାଦକ ଅମର କୁମାର ସେଠି, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିବା ସହ ସଫଳତା କାମନା କରିଥିଲେ।




# ସାଇଲେଣ୍ଟ କିଲର



ସାଧାରଣତଃ ଶରୀରରେ କୌଣସି ସମସ୍ୟା ଥିଲେ ତାହା ଆପଣାଛାଏଁ ସଙ୍କେତ ଦେଇ ଦେଇଥାଏ। କିନ୍ତୁ ଆପଣମାନେ ଜାଣନ୍ତି କି ଏମିତି ଅନେକ ଗମ୍ଭୀର ରୋଗ ଅଛି ଯାହାକୁ ସାଇଲେଣ୍ଟ କିଲର କୁହାଯାଏ। ଏହି ରୋଗଗୁଡ଼ିକ କୌଣସି ସଙ୍କେତ ବିନା ଧୀରେଧୀରେ ଶରୀରରେ ପ୍ରଭାବ ବିସ୍ତାର କରିଚାଲିଥାଏ। ଯାହାଫଳରେ ଆଗାମୀ ଦିନରେ ଯକୃତ, ବୃକକ୍ ଏବଂ ପାନକ୍ରିୟାସ୍ ଭଳି ଅଙ୍ଗଗୁଡ଼ିକ ନଷ୍ଟ ହେବାକୁ ଲାଗିଥାଏ।ତେଣୁ, ଏହି ରୋଗଗୁଡ଼ିକ ପ୍ରତି ସଚେତନ ରହିବା ନିହାତି ଆବଶ୍ୟକ। ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚ, ଏକ ସୁସ୍ଥ ଜୀବନଶୈଳୀ ଏବଂ ସମୟାନୁସାରେ ସ୍କ୍ରିନିଂ ଏହି ଲୁକ୍କାୟିତ ବିପଦରୁ ରକ୍ଷା କରିବାର ସବୁଠାରୁ ପ୍ରଭାବଶାଳୀ ଉପାୟ।

**ଫ୍ୟାଟି ଲିଭର:** ଯକୃତରେ ଅତ୍ୟଧିକ ଚର୍ବି ଜମା ହୋଇ ରହିଛି କି। ଡାକ୍ତର ଆପଣଙ୍କୁ ଫ୍ୟାଟି ଲିଭରର ସଙ୍କେତ ଦେଇଛନ୍ତି କି ? ଶରୀରରେ ଯଦି ଏହି ସମସ୍ୟା ରହିଛି ତେବେ ଆଗାମୀ ଦିନରେ ଆପଣଙ୍କ ଜୀବନ ବିପଦରେ ପଡ଼ିପାରେ। ପ୍ରାରମ୍ଭିକ ସମୟରେ ଏହା କୌଣସି ଗୁରୁତ୍ୱପୂର୍ଣ୍ଣ ଲକ୍ଷଣ ଦେଖାଦିଏ ନାହିଁ। ଏହି କାରଣରୁ ଅନେକ ଲୋକ ଏହାକୁ ଗମ୍ଭୀରତାର ସହ ନିଅନ୍ତି ନାହିଁ। ଯଦି ଏହାର ଶୀଘ୍ର ସମାଧାନ ନ କରାଯାଏ, ତେବେ ଏହା ଯକୃତକୁ ଧୀରେଧୀରେ ନଷ୍ଟ କରି ଦେଇଥାଏ।

**ହୃଦରୋଗ:** ହୃଦରୋଗ ମଣିଷ ମୃତ୍ୟୁର ପ୍ରମୁଖ କାରଣ ପାଲଟିଗଲାଣି। ପ୍ରାରମ୍ଭିକ ପର୍ଯ୍ୟାୟରେ ହୃଦରୋଗ ଥିଲେ ଏହା କୌଣସି ପ୍ରକାର ଲକ୍ଷଣ ଦେଖା ଦେଇ ନଥାଏ।। ଉଦାହରଣ ସ୍ୱରୂପ ଧମନୀଗୁଡ଼ିକ ଧୀରେ ଧୀରେ ସଂକୁଚିତ ହୁଏ, କୌଣସି ଯନ୍ତ୍ରଣା କିମ୍ବା ଅସ୍ୱସ୍ତିକର ଅନୁଭବ ହୁଏ ନାହିଁ କିନ୍ତୁ ହଠାତ୍ ହୃଦଘାତ ହେବାର ଆଶଙ୍କା ରହିଥାଏ। ସାଇଲେଣ୍ଟ ହାର୍ଟଆଟାକ ଅତ୍ୟନ୍ତ ବିପଜ୍ଜନକ। ଏହି ହାର୍ଟଆଟାକ ହେଲେ ଛାତିରେ ଯନ୍ତ୍ରଣା ହୋଇ ନଥାଏ କିନ୍ତୁ ଥକ୍କାପଣ, ହାଲୁକା ଯନ୍ତ୍ରଣା, ଶ୍ୱାସକ୍ରିୟାରେ ସାମାନ୍ୟ ସମସ୍ୟା ଦେଖା ଦେଇଥାଏ ଯାହାକୁ ଲୋକମାନେ ପ୍ରାୟତଃ ଅଣଦେଖା କରି ଦେଇଥାଆନ୍ତି।

**ଉଚ୍ଚ ରକ୍ତଚାପ:** ଉଚ୍ଚ ରକ୍ତଚାପ ବି ସାଇଲେଣ୍ଟ କିଲର ରୋଗ ତାଲିକାରେ ସାମିଲ ଅଛି। ଏହା ପ୍ରାୟତଃ କୌଣସି ସତର୍କ ସୂଚନା ବିନା ମାଡ଼ିମାଡ଼ି ଚାଲିଥାଏ। ଏହା ଧୀରେଧୀରେ ରକ୍ତବାହୀ ନଳୀକୁ କ୍ଷତି ପହଞ୍ଚାଇବା ସହିତ ହୃଦଘାତ, ଷ୍ଟ୍ରୋକ ଏବଂ ବୃକକ୍ ବିଫଳତାର କାରଣ ହୋଇପାରେ।

**ଏଚଆଇଭି ସଂକ୍ରମଣ:** ଏଚଆଇଭି ସଂକ୍ରମଣ ପ୍ରାରମ୍ଭରେ କୌଣସି ଗୁରୁତ୍ୱପୂର୍ଣ୍ଣ ଲକ୍ଷଣ ଦେଖାଇ ନଥାଏ। ପ୍ରାୟତଃ, ହାଲୁକା ଜ୍ୱର କିମ୍ବା ଗଳା ଯନ୍ତ୍ରଣା ଭଳି ଲକ୍ଷଣ ଦେଖାଯାଏ। ଯାହାକୁ ଲୋକମାନେ ପ୍ରାୟତଃ ଅଣଦେଖା କରିଥାଆନ୍ତି ଏବଂ ଭାବିଥାନ୍ତି ଯେ ଏହା ଏକ ସାଧାରଣ ଭାଇରସ୍ ସଂକ୍ରମଣ। ତଥାପି ଏହି ଭାଇରସ୍ ଧୀରେଧୀରେ ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ଦୁର୍ବଳ କରି ଦେଇଥାଏ।

**ଟାଇପ୍ ୨ ମଧୁମେହ:** ଟାଇପ୍ ୨ ମଧୁମେହ: ଏହି ରୋଗରେ ଶରୀରର ଇନସୁଲିନ୍ ଠିକ୍ ଭାବରେ ପ୍ରତିକ୍ରିୟା କରେ ନାହିଁ କିମ୍ବା ପର୍ଯ୍ୟାପ୍ତ ଇନସୁଲିନ୍ ଉତ୍ପାଦନ କରେ ନାହିଁ। ପ୍ରାରମ୍ଭରେ ଏହା କୌଣସି ସ୍ପଷ୍ଟ ଲକ୍ଷଣ ଦେଖାଇ ନଥାଏ କିନ୍ତୁ ଧୀରେ ଧୀରେ ଏହା ହୃଦୟ, ବୃକକ୍, ଆଖି ଏବଂ ସ୍ନାୟୁକୁ କ୍ଷତି ପହଞ୍ଚାଇବା ଆରମ୍ଭ କରି ଦେଇଥାଏ।ସୁସ୍ଥ ଯକୃତ ପାଇଁ ପ୍ରତିଦିନ ସନ୍ତୁଳିତ ଖାଦ୍ୟ ଖାଆନ୍ତୁ ନିୟମିତ ବ୍ୟାୟାମ କରନ୍ତୁ। ଓଜନକୁ ନିୟନ୍ତ୍ରଣ ରଖିବା ସହିତ ନିୟମିତ ଯକୃତ ପରୀକ୍ଷା କରନ୍ତୁ।

# ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ଖାଆନ୍ତୁ ଏକ ଚାମଚ ମହୁ

ମହୁ କେବଳ ସ୍ୱାଦ ପାଇଁ ନୁହେଁ ବରଂ ଏକ ଔଷଧ ଭାବେ ବ୍ୟବହାର କରାଯାଇଥାଏ। ଏହାର ସେବନ ଶରୀରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ। ପ୍ରାଚୀନ କାଳରୁ ଶୀତ ଋତୁରେ ମହୁ ଖାଇବା ପାଇଁ କୁହାଯାଏ। ଆପଣଙ୍କ ସୂଚନା ପାଇଁ କହିରଖୁଛୁ ଯେ ମହୁରେ ଭିଟାମିନ୍ ସି, ଭିଟାମିନ୍ ବି, ଭିଟାମିନ୍ ଇ, ପୋଟାସିୟମ୍, କ୍ୟାଲସିୟମ୍, ମ୍ୟାଗ୍ନେସିୟମ୍, ଫସଫରସ୍, ଜିଙ୍କ୍, ଆଇରନ୍, ମାଙ୍ଗାନିଜ୍, କପର୍, ସେଲେନିୟମ୍ ସମେତ ଅନେକ ପୋଷକ ତତ୍ତ୍ୱ ରହିଥାଏ। ତେବେ ଆସନ୍ତୁ ଜାଣିବା ଶୀତ ଋତୁରେ ଔଷଧୀୟ ଗୁଣରେ ଭରପୂର ମହୁ ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ କେତେ ଲାଭଦାୟକ ପ୍ରମାଣିତ ହୋଇପାରେ।

**ଗଳା ପାଇଁ ଲାଭଦାୟକ:** ଯଦି ଆପଣ ପ୍ରତିଦିନ ରାତିରେ ଶୋଇବାର ୧-୨ ଘଣ୍ଟା ପୂର୍ବରୁ ମହୁ ଖାଆନ୍ତି, ତେବେ ଗଳା ସମସ୍ୟାର ଆଶଙ୍କା ବହୁ ପରିମାଣରେ କମ୍ ହୋଇପାରେ। ଏହା ବ୍ୟତୀତ ଗଳା ଯନ୍ତ୍ରଣା କିମ୍ବା କାଶ ହେଲେ ମଧ୍ୟ ଆପଣ ପୋଷକ ତତ୍ତ୍ୱରେ ଭରପୂର ମହୁ ରାତିରେ ଖାଇପାରିବେ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ଭଲ ଫଳାଫଳ ପାଇବା ପାଇଁ ମହୁକୁ ଉଷୁମ ପାଣିରେ ମଧ୍ୟ ପିଇପାରିବେ।



**ନିଦ୍ରାର ଗୁଣବତ୍ତାରେ ଉନ୍ନତି:** ଆପଣ ଜାଣିଛନ୍ତି କି ମହୁ ଆପଣଙ୍କ ମାନସିକ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଲାଭଦାୟକ ପ୍ରମାଣିତ ହୋଇପାରେ ? ରାତିରେ ଏକ ଚାମଚ ମହୁ ଖାଇବା ଦ୍ୱାରା ଦିନସାରା ଚାପ ହ୍ରାସ ପାଇଥାଏ। କେବଳ ସେତିକି ନୁହେଁ, ରାତିରେ ମହୁ ଖାଇବା ଦ୍ୱାରା ଗଭୀର ନିଦ ଆସିଥାଏ, ଅର୍ଥାତ୍ ମହୁ ନିଦ୍ରାର ଗୁଣବତ୍ତାରେ ଉନ୍ନତି ଆଣିବାରେ ମଧ୍ୟ ଲାଭଦାୟକ ସାବ୍ୟସ୍ତ ହୋଇପାରେ। ରୋଗ ପ୍ରତିରୋଧକ ଶକ୍ତି ବଢାଇବା ପାଇଁ ମହୁ ଖାଇବା ପାଇଁ ପରାମର୍ଶ ଦିଆଯାଇଛି।

**ପେଟ ପାଇଁ ଲାଭଦାୟକ:** ମହୁରେ ଥିବା ସମସ୍ତ ପୋଷକ ତତ୍ତ୍ୱ ମଧ୍ୟ ଆପଣଙ୍କ ପେଟର ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ପ୍ରମାଣିତ ହୋଇପାରେ। ଯଦି ଆପଣ ପେଟ ସମସ୍ୟାକୁ ରୋକିବାକୁ ଚାହୁଁଛନ୍ତି, ତେବେ ଆପଣ ନିଜର ଦୈନନ୍ଦିନ ଡାଏଟ୍ ପ୍ଲାନରେ ମହୁକୁ ସାମିଲ କରିପାରିବେ। ଯଦି ଆପଣ ସଠିକ୍ ପରିମାଣରେ ଏବଂ ସଠିକ୍ ଉପାୟରେ ମହୁ ଖାଇବା ଆରମ୍ଭ କରନ୍ତି, ତେବେ ମାତ୍ର କିଛି ସପ୍ତାହ ମଧ୍ୟରେ ଆପଣ ଆପେ ଆପେ ସକରାତ୍ମକ ପ୍ରଭାବ ଅନୁଭବ କରିବା ଆରମ୍ଭ କରିବେ।

# ଓଜନ ବଢ଼ିବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ

ଯଦି ଆପଣ ଶୀଘ୍ର ୱେଟ୍ ଲସ୍ କରିବା ସହ ହଜମ ପ୍ରକ୍ରିୟାରେ ଉନ୍ନତି ଆଣିବାକୁ ଚାହୁଁଛନ୍ତି କି ? ତେବେ ସକାଳେ ଖାଲି ପେଟରେ କିଛି ଦେଶୀ ଡ୍ରିଙ୍କସ୍ ପିଇବା ଆପଣଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇପାରେ। ଏହି ଡ୍ରିଙ୍କସ୍ କେବଳ ମେଟାବୋଲିଜିମ୍ କୁ ତ୍ୱରାନ୍ୱିତ କରେ ନାହିଁ ବରଂ ଦିନସାରା ଶରୀରକୁ ଶକ୍ତିଶାଳୀ ରଖେ। ତେବେ ଆସନ୍ତୁ ଜାଣିବା କେଉଁ ସବୁ ଡ୍ରିଙ୍କସ୍ ଆପଣଙ୍କ ୱେଟ୍ ଲସ୍ ଜର୍ଣ୍ଣିକୁ ସହଜ କରିପାରିବ।

**ପାନମଧୁରୀ ପାଣି:** ପାନମଧୁରୀ ଏସିଡ଼ିଟି ଏବଂ ବ୍ଲୋଟିଂ ପାଇଁ ଏକ ପ୍ରାକୃତିକ ଚିକିତ୍ସା ଭାବରେ ବ୍ୟବହୃତ ହୁଏ। ପ୍ରତିଦିନ ପାନମଧୁରୀ ପାଣି ପିଇବା ଦ୍ୱାରା ଧୀରେ ଧୀରେ ୱେଟ୍ ଲସ୍ ହୋଇଥାଏ ଏବଂ ହଜମ ପ୍ରକ୍ରିୟାରେ ମଧ୍ୟ ଉନ୍ନତି ଆସିଥାଏ। ପାନମଧୁରୀ ପାଣି ତିଆରି କରିବା ପାଇଁ ୧ ଚାମଚ ପାନମଧୁରୀକୁ ୧ କପ୍ ପାଣିରେ ୩ ରୁ ୫ ମିନିଟ୍ ପାଇଁ ଫୁଟାନ୍ତୁ। ତାପରେ ଏହାକୁ ପିଅନ୍ତୁ।

**ଜୁଆଣି ଏବଂ ଜିରା ପାଣି:** ଉଭୟ ଜୁଆଣି ଏବଂ ଜିରା ହେଉଛି ଏଭଳି ମସଲା ଯାହା ୱେଟ୍ ଲସ୍ କରିବାରେ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଏ। ଥାଇମୋଲରେ ଭରପୂର ଜୁଆଣି ଏବଂ ଜିରା ଗ୍ୟାସ୍ କମ୍ କରେ। ଏହା ମେଟାବୋଲିଜିମ୍ କୁ ମଧ୍ୟ ତ୍ୱରାନ୍ୱିତ କରନ୍ତି, ଯାହା ଶରୀରକୁ ଅଧିକ କ୍ୟାଲୋରୀ ବର୍ନ କରିଥାଏ। ଏକ ଗ୍ଲାସ୍ ପାଣିରେ ଅଧା ଚାମଚ ଜୁଆଣି ଏବଂ ଅଧା ଚାମଚ ଜିରା ପକାଇ ରାତିସାରା ଭିଜାଇ ରଖନ୍ତୁ। ସକାଳୁ ଏହି ପାଣିକୁ ୫-୭ ମିନିଟ୍ ଫୁଟାଇ ଛାଣି ଗରମ ଗରମ ପିଇ ଦିଅନ୍ତୁ।

**ଆପଲ୍ ସାଇଡର୍ ଭିନେଗାର:** ୱେଟ୍ ଲସ୍ କରିବା ପାଇଁ ଖାଦ୍ୟରେ ଆପଲ୍ ସାଇଡର୍ ଭିନେଗାରକୁ ମିଶାନ୍ତୁ। ଏହା ଆପଣଙ୍କ ଶରୀରରେ ଫ୍ୟାଟକୁ ଶୀଘ୍ର କମ୍ କରିବା ସହ ଟ୍ରାଇଗ୍ଲାଇସେରାଇଡକୁ ମଧ୍ୟ ନିୟନ୍ତ୍ରଣ କରିପାରେ। ଏକ ଗ୍ଲାସ ପାଣିରେ ୧ ଚାମଚ ଆପଲ୍ ସାଇଡର୍ ଭିନେଗାର ଏବଂ ଏକ ଚାମଚ ଡାଲଚିନି ମିଶାଇ ପିଅନ୍ତୁ। ଏହା ଫ୍ୟାଟ ବର୍ନ କରିବା ଏବଂ ଭୋକ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ।

**ହଳଦୀ ଓ ଗିଲୋୟ:** ହଳଦୀ ଓ ଗିଲୋୟ ଉଭୟ ଆୟୁର୍ବେଦ ଇମ୍ୟୁନିଟି ବୁଷ୍ଟର୍। ହଳଦୀରେ କର୍କୁମିନ୍ ଥାଏ, ଯାହା ଏକ କମ୍ପାଉଣ୍ଡ ଯେଉଁଥିରେ ଆଣ୍ଟି-ଇନଫ୍ଲାମେଟୋରୀ ଏବଂ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଅଛି। କର୍କୁମିନ୍ ରୋଗ ପ୍ରତିରୋଧକ ପ୍ରତିକ୍ରିୟାକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ। ଏହି ପାଣି ପ୍ରସ୍ତୁତ କରିବା ପାଇଁ ଅଧା ଚାମଚ ହଳଦୀ ଏବଂ ଏକ ଚାମଚ ଗିଲୋୟ ମିଶାନ୍ତୁ। ୧ କପ୍ ପାଣିରେ ୫ରୁ ୭ ମିନିଟ୍ ଫୁଟାନ୍ତୁ ଏବଂ ସକାଳେ ଗରମ ପିଅନ୍ତୁ।



# ବିଜ୍ଞାନଭିତ୍ତିକ ଶିଶୁର ଯତ୍ନ ନେବେ କିପରି ?

ଶିଶୁଙ୍କର ଯତ୍ନ ନେବା ଏବଂ ସେମାନଙ୍କୁ ସୁସ୍ଥ ଓ ସୁଖୀ ଭାବେ ବଡ଼ କରିବା ଏକ ଆହ୍ୱାନପୂର୍ଣ୍ଣ କାମ। ତେବେ ଅନେକ ସମୟରେ ପିତାମାତା ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଶିଶୁଙ୍କ ସ୍ୱାସ୍ଥ୍ୟକୁ ଅଜାଣତରେ କ୍ଷତିଗ୍ରସ୍ତ କରିଦିଅନ୍ତି। ଆମ ଦେଶରେ ଏପରି ଅନେକ ପାରମ୍ପରିକ ରୀତି ଓ ଅଭ୍ୟାସ ପ୍ରଚଳିତ,ଯାହା ବୈଜ୍ଞାନିକ ଚିନ୍ତାଧାରାର ବିପରୀତ ଏବଂ ଶିଶୁର ସମଗ୍ର ବିକାଶକୁ ବାଧା ଦିଏ। ତେଣୁ ଆମକୁ ବିଜ୍ଞାନ-ଭିତ୍ତିକ ଶିଶୁ ଯତ୍ନ ଶିକ୍ଷା ଗ୍ରହଣ କରିବାକୁ ପଡ଼ିବ ବୋଲି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। ଆମ ଦେଶରେ ଶିଶୁଯତ୍ନକୁ ନେଇ ଅନେକ ପାରମ୍ପରିକ ରୀତିନୀତି ରହିଛି, ଯାହା ଦୃଢ଼ ସାମାଜିକ ଏବଂ ପାରିବାରିକ ସମ୍ପର୍କ ଗଠନ କରିବାରେ ସାହାଯ୍ୟ କରେ। ତେବେ ସେଥି ମଧ୍ୟରୁ କିଛି ଶିଶୁର ଶାରୀରିକ ଓ ମାନସିକ ବିକାଶ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ସେଭଳି କିଛି ଅଭ୍ୟାସ ବାବଦରେ ଜାଣିବା। ପାରମ୍ପରିକ ଅଭ୍ୟାସ ସ୍ୱରୂପ ପ୍ରସବ ପରେ ପ୍ରସୂତିଙ୍କ ଖାଦ୍ୟ ଉପରେ ଅନେକ କଟକଣା ଜାରି କରାଯାଇଥାଏ, ଯାହା କୁପୋଷଣ ଓ ଅପପୁଷ୍ଟିର ପ୍ରମୁଖ କାରଣ ଭାବରେ ଚିହ୍ନଟ କରାଯାଇଛି। ଅନେକ ପିତାମାତା ଶିଶୁର ଖେଳ-ଆଧାରିତ ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷାକୁ ବାଦ ଦେଇ ପ୍ରାରମ୍ଭିକ ସ୍ତରରୁ ପରୀକ୍ଷାରେ ସଫଳତା ଏବଂ ଘୋଷିବା ମାଧ୍ୟମରେ ତଥ୍ୟ ମନେ ରଖିବା ଉପରେ ଧ୍ୟାନ ଦେଇଥାନ୍ତି। କିନ୍ତୁ ଗବେଷଣାରୁ ପ୍ରମାଣିତ ହୋଇଛି ଯେ ଖେଳ-ଆଧାରିତ ଓ ପୂର୍ଣ୍ଣାଙ୍ଗ ଶିକ୍ଷା ଉପରେ ଗୁରୁତ୍ୱ ସେମାନଙ୍କ ଠାରେ ତାର୍କିକ ଚିନ୍ତନ ଏବଂ ସମସ୍ୟା ସମାଧାନ ଦକ୍ଷତା ବିକାଶ କରିଥାଏ। ନବଜାତ ଶିଶୁଙ୍କ ଯତ୍ନ ନିମନ୍ତେ ନାକରେ ତେଲ ଲଗାଇବା, ରୋଗ ପ୍ରତିରୋଧକ ଶକ୍ତି ପାଇଁ ଶିଶୁକୁ ମହୁ ପିଆଇବା, ଦୃଷ୍ଟିଶକ୍ତି ଉନ୍ନତ କରିବା ପାଇଁ ଆଖିରେ କଜଳ ଲଗାଇବା, ମା’ ଅସୁସ୍ଥ କିମ୍ବା ଜ୍ୱରାକ୍ରାନ୍ତ ଥିଲେ ସ୍ତନ୍ୟପାନ ବନ୍ଦ କରାଇବା, ଡିହାଇଡ୍ରେସନ ପାଇଁ ପାଣି ବଦଳରେ ଗ୍ଲୁକନ୍-ଡି, ଓଆର୍ଏସ୍ କିମ୍ବା ଏନର୍ଜି ଡ୍ରିଙ୍କ୍ ଦେବା, ହାକୁଟି ବନ୍ଦ ହେବା ପାଇଁ ପେଟରେ ମୁଦ୍ରା, ଗରମ ଚାମଚ କିମ୍ବା ଷ୍ଟିଲ୍ ପାତ୍ର ରଖିବା, କାଶ/ଥଣ୍ଡା ହୋଇଥିବା ପିଲାଙ୍କୁ ଅଣ୍ଡା, ମାଛ କିମ୍ବା ମାଂସ ନଦେବା, ପିଲାଙ୍କ ପାଇଁ ଘୁଟି, ଜନ୍ମ ଘୁଟି କିମ୍ବା ଘରୋଇ ଟନିକ୍‌କୁ ନିରାପଦ ବିଚାରିବା ପରି କିଛି ପୁରୁଣା ପଦ୍ଧତି ପିଢ଼ି ପରେ ପିଢ଼ି ଅନୁସୃତ ହେଉଛି। ମାତ୍ର ସେଗୁଡ଼ିକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିପାରେ ବୋଲି ଶିଶୁ ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଅପରପକ୍ଷେ, ବିଜ୍ଞାନ-ଭିତ୍ତିକ ଶିଶୁ ଯତ୍ନ ଶିଶୁ ବିକାଶର ଉପଯୁକ୍ତ ଅଭ୍ୟାସକୁ ଉତ୍ସାହିତ କରେ, ଯାହା ପିଲାର ଜ୍ଞାନାତ୍ମକ, ସାମାଜିକ ଓ ଆବେଗିକ ବିକାଶ ପାଇଁ ଜରୁରି। ସେଥି ମଧ୍ୟରେ ଖେଳ-ଭିତ୍ତିକ ଶିକ୍ଷା, କେବଳ ଶିକ୍ଷାଗତ ସଫଳତା ଉପରେ ଧ୍ୟାନ ଦେବା ପରିବର୍ତ୍ତେ ପିଲାର ଶାରୀରିକ, ଆବେଗିକ, ବୌଦ୍ଧିକ ଓ ସାମାଜିକ ଦିଗକୁ ବିକଶିତ କରିବା, ଅଭିଭାବକ ଏବଂ ଯତ୍ନ ନେଉଥିବା ବ୍ୟକ୍ତିଙ୍କୁ ଶିଶୁ ସ୍ୱାସ୍ଥ୍ୟ ଓ ପୁଷ୍ଟି ବାବଦରେ ସୂଚନା ଦେବା ସମେତ ବିକାଶରେ ବିଳମ୍ବ ଓ ଅଭାବକୁ ଚିହ୍ନଟ କରି ସେଗୁଡ଼ିକର ତ୍ୱରିତ ସମାଧାନ ଅନ୍ତର୍ଭୁକ୍ତ।



# ଖବର ପ୍ରସାରଣ ପରେ ମରାମତି ହେଲା ଅଚଳ ନଳକୂପ

## ଦୂର ହେଲା ପଡ଼ାବାସୀଙ୍କ ପାନୀୟ ଜଳ ସମସ୍ୟା

ଲାଞ୍ଜିଗଡ଼,୨୨।୯(ସଂଚାର ବ୍ୟୁରୋ): ଖବର ପ୍ରସାରଣର ପ୍ରଭାବ।ମରାମତି ହେଲା ବଡ଼କା ଗ୍ରାମର କୁମ୍ ପଡ଼ାର ଦୀର୍ଘଦିନ ଧରି ଅଚଳ ହୋଇ ପଡ଼ିଥିବା ଏକମାତ୍ର ନଳକୂପ।ଏଥିପରେ ପାନୀୟ ଜଳ ପାଇଁ ହଇରାଣ ହେଉଥିବା ପଡ଼ାବାସୀଙ୍କ ମୁହଁରେ ହସ ଫୁଟିଛି। କୁମ୍



ସଂଚାର ପ୍ରଭାବ

ପଡ଼ାରେ ଥିବା ଏକମାତ୍ର ନଳକୂପଟି ଦୀର୍ଘ ୬ ମାସରୁ ଉର୍ଦ୍ଧ୍ୱ ସମୟ ଧରି ଅଚଳ ହୋଇ ପଡ଼ିଥିଲା। ଫଳରେ ପଡ଼ାର ପ୍ରାୟ ୬ଟି ପରିବାରର ୧୫ରୁ ଉର୍ଦ୍ଧ୍ୱ ଲୋକ ପାନୀୟ ଜଳ ପାଇଁ ନାନା ସମସ୍ୟାର ସମ୍ମୁଖୀନ ହେଉଥିଲେ।ସୂଚନାନୁସାରେ ନଳକୂପ ଅଚଳ ହେବା ପରେ ଲୋକେ ଜମି ହୁଡ଼ା ତଳେ ବୋହି ଯାଉଥିବା ପାଣି ସଂଗ୍ରହ କରି ବ୍ୟବହାର କରୁଥିଲେ।ଏପରିକି ବେଳେବେଳେ ପ୍ରାୟ ଏକ କିଲୋମିଟର ଦୂର ଧରାଭଟା ଗାଁରୁ ପାଣି ଆଣିବାକୁ ପଡ଼ୁଥିଲା।ଏନେଇ ପଡ଼ାବାସୀଙ୍କ ଅଭିଯୋଗକୁ ନେଇ ଚଳିତ ମାସ ୧୫ ତାରିଖ ଦିନ ସଂଚାର ଦୈନିକ ଖବରକାଗଜରେ ଖବର ପ୍ରସାରଣ କରାଯାଇଥିଲା। ଖବର ପ୍ରସାରଣ ପରେ ଏହି ସମସ୍ୟାକୁ ନେଇ ସମାଜସେବୀ ତଥା ଗାନ୍ଧୀବାଦୀ ସେବା ସଂଗଠନର ଲାଞ୍ଜିଗଡ଼ ଆବାହକ ମୁଲୁ ମାଝୀ ଆମ ସହ ଯୋଗାଯୋଗ କରିଥିଲେ।ପରେ ସେ ପାନୀୟ ଜଳ ବିଭାଗର ଯନ୍ତ୍ରୀ ଓ ଏସିଏମ୍ ମାନଙ୍କ ସହ ଯୋଗାଯୋଗ କରି ନଳକୂପ ମରାମତି ପାଇଁ ପଦକ୍ଷେପ ନେଇଥିଲେ।ତାଙ୍କ ପ୍ରଚେଷ୍ଟା ପରେ ଶେଷରେ ଅଚଳ ନଳକୂପଟିର ମରାମତି କରାଯାଇଛି। ନଳକୂପ ମରାମତି ପରେ ପଡ଼ାବାସୀଙ୍କ ପାନୀୟ ଜଳ ସମସ୍ୟା ଦୂର ହୋଇଥିବାରୁ ଲୋକଙ୍କ ମଧ୍ୟରେ ଖୁସି ପ୍ରକାଶ ପାଇଛି। ଦୀର୍ଘଦିନ ଧରି ଲାଗି ରହିଥିବା ପାନୀୟ ଜଳ ସମସ୍ୟା ଖବର ମାଧ୍ୟମରେ ସାମ୍ନାକୁ ଆସିବା ପରେ ଏହାର ସମାଧାନ ହୋଇଥିବାରୁ ପଡ଼ାବାସୀ ସମାଜସେବୀ ମୁଲୁ ମାଝୀଙ୍କୁ ଧନ୍ୟବାଦ ଜଣାଇବା ସହ ଖବର ପ୍ରସାରଣ କରି ସେମାନଙ୍କ ସମସ୍ୟାକୁ ସାମ୍ନାକୁ ଆଣିଥିବା ଗଣମାଧ୍ୟମ ପ୍ରତିନିଧି ମଳୟ ବେନୁଆଁଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି।

## ମନ୍ଦାରମଣି ସମୁଦ୍ରରେ ମର୍ମାନ୍ତିକ ଦୁର୍ଘଟଣା

# ସମୁଦ୍ରରେ ବୁଡ଼ି ୧୦ ବର୍ଷର ଶିଶୁର ମୃତ୍ୟୁ



## ନିଖୋଜ ଦମ୍ପତିଙ୍କୁ ଖୋଜୁଛି ଉଦ୍ଧାରକାରୀ ଦଳ

ବାଲିଆପାଳ, ୨୨।୯(ସଂଚାର ବ୍ୟୁରୋ): ଓଡ଼ିଶା- ପଶ୍ଚିମବଙ୍ଗ ସୀମାନ୍ତ ମନ୍ଦାରମଣି ସମୁଦ୍ରରେ ସ୍ନାନ କରିବାକୁ ଯାଇ ଘଟିଛି ଏକ ମର୍ମାନ୍ତିକ ଦୁର୍ଘଟଣା। ସମୁଦ୍ରରେ ଗାଧୋଇବା ସମୟରେ ଏକ ପରିବାରର ତିନିଜଣ ସମୁଦ୍ରରେ ଭାସିଯାଇଥିଲେ। ଉଦ୍ଧାର ପରେ ୧୦ ବର୍ଷର ଶିଶୁକୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଶିଶୁର କାକା ଓ କାକିମା ଏବେ ମଧ୍ୟ ନିଖୋଜ ଅଛନ୍ତି।ବଙ୍ଗ ପୁଲିସ ଓ ସ୍ଥାନୀୟ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ନିଖୋଜ ଦମ୍ପତି ହେଲେ ପଶ୍ଚିମ ବଙ୍ଗ ନଦିଆ ଜିଲ୍ଲା ଶାନ୍ତିପୁରର ସୁମନ ଶିଲ ଓ ତାଙ୍କ ପତ୍ନୀ ବୃଷ୍ଟି ଶିଲ। ବୃଷ୍ଟିଙ୍କ ବାପା-ମାଆ ଦିଘା ମୋହନା ଅଞ୍ଚଳର ଏକ ହୋଟେଲରେ କାମ କରୁଥିବା ସହ ସେଠାରେ ଭଡ଼ା ଘରେ ରହୁଥିଲେ। ସୋମବାର ସକାଳେ ସୁମନ ଓ ବୃଷ୍ଟି ଶାନ୍ତିପୁରରୁ ଦିଘା ବୁଲିବାକୁ ଆସିଥିଲେ। ପରେ ସେମାନେ ଏକ ଟୋଟୋ ଭଡ଼ା କରି ମନ୍ଦାରମଣି ଯାଇଥିଲେ।ଦିନବେଳେ ସୁମନ, ତାଙ୍କ ପତ୍ନୀ ବୃଷ୍ଟି ଓ ୧୦ ବର୍ଷର ପୁତୁରା ନେଇ ସମୁଦ୍ରରେ ସ୍ନାନ କରିବାକୁ ଓହ୍ଲାଇଥିଲେ।ସେହି ସମୟରେ ସମୁଦ୍ରରେ ଜୁଆର ଥିବାରୁ ଢେଉ ଅତ୍ୟନ୍ତ ପ୍ରଖର ଥିଲା। ହଠାତ୍ ଜୁଆରର ପ୍ରବଳ ସ୍ରୋତରେ ତିନିଜଣ ଗଭୀର ସମୁଦ୍ର ଆଡ଼କୁ ଭାସିଯାଇଥିଲେ। ଘଟଣା ଜଣାପଡ଼ିବା ପରେ ସ୍ଥାନୀୟ ତଟ ରକ୍ଷୀ ବାହିନୀ ତୁରନ୍ତ ସମୁଦ୍ରରେ ପଶି ଶିଶୁଟିକୁ ଉଦ୍ଧାର କରିଥିଲେ।ଗୁରୁତର ଅବସ୍ଥାରେ ଶିଶୁଟିକୁ ତୁରନ୍ତ ହସ୍ପିଟାଲକୁ ନିଆଯାଇଥିଲା। ତେବେ ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ଅନ୍ୟପଟେ ସୁମନ ଓ ବୃଷ୍ଟିଙ୍କ ଏପର୍ଯ୍ୟନ୍ତ କୌଣସି ପତ୍ତା ମିଳିନାହିଁ। ଘଟଣାର ଖବର ପାଇ ପୁଲିସ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲା। ନିଖୋଜ ଦମ୍ପତିଙ୍କ ସନ୍ଧାନରେ ପ୍ରଶାସନ ସ୍ପିଡ୍ ବୋଟ୍ ସହାୟତାରେ ସମୁଦ୍ରରେ ବ୍ୟାପକ ତଲାସି ଅଭିଯାନ ଚଳାଇଛନ୍ତି। ଏହି ମର୍ମାନ୍ତିକ ଘଟଣାକୁ ନେଇ ମନ୍ଦାରମଣି ସମୁଦ୍ରକୂଳରେ ଶୋକର ଛାୟା ଖେଳିଯାଇଛି।

## ପର୍ଯ୍ୟଟନସ୍ଥଳୀ ବନ୍ଦ



ନବରଙ୍ଗପୁର, ୨୨।୯(ସଂଚାର ବ୍ୟୁରୋ): ବଙ୍ଗୋପସାଗରରେ ସୃଷ୍ଟି ଲଘୁଚାପ ଧୀରେ ଧୀରେ ଗଭୀର ଅବପାତର ରୂପ ନେବାରେ ଲାଗିଛି। ଏନେଇ ଆସନ୍ତା ୨୩ ଏବଂ ୨୪ ତାରିଖରେ ରାଜ୍ୟରେ ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଏହାକୁ ଦୃଷ୍ଟିରେ ରଖି ଗଜପତି ଜିଲାପାଳ ଏକ କଡ଼ା ପଦକ୍ଷେପ ଗ୍ରହଣ କରିଛନ୍ତି। ଜିଲାର ସବୁ ପର୍ଯ୍ୟଟନସ୍ଥଳୀକୁ ବନ୍ଦ କରିବାକୁ ଜିଲାପାଳ ଘୋଷଣା କରିଛନ୍ତି। ଏହାକୁ ଦୃଷ୍ଟିରେ ରଖି କାଲିଠୁ ୨୪ ଯାଏ ଗଜପତିରେ ସ୍କୁଲ ଓ ଅଙ୍ଗନବାଡ଼ି ଛୁଟି ଘୋଷଣା କରିଛନ୍ତି ଜିଲାପାଳ। ଏହାସହ କର୍ମଚାରୀଙ୍କୁ ହେଡକ୍ୱାର୍ଟର୍ସ ନ ଛାଡ଼ିବାକୁ ଗଜପତି ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ସମ୍ଭାବ୍ୟ ବାତ୍ୟା ମୁକାବିଲା ପାଇଁ ଜିଲା ପ୍ରଶାସନ ପ୍ରସ୍ତୁତ ରହିଛି।

## ବିନା ଡିଜେରେ ଶ୍ରୀ ଗଣେଶଙ୍କୁ ବିସର୍ଜନ

ବାଲିପାଟଣା,୨୨।୯(ସଂଚାର ବ୍ୟୁରୋ): ବାଲିପାଟଣା ବ୍ଲକ ଅନ୍ତର୍ଗତ ବନମାଳୀପୁର ର ଭାକରସାହିସ୍ଥିତ ପ୍ରିୟଦର୍ଶିନୀ କ୍ଲବ ପକ୍ଷରୁ ପୂଜା ପାଇଥିବା ବିଘ୍ନବିନାଶକ ଶ୍ରୀଗଣେଶଙ୍କ ମୂର୍ତ୍ତି ଶନିବାର ସନ୍ଧ୍ୟାରେ ପାରମ୍ପରିକ ରୀତିନୀତିରେ ବିସର୍ଜନ କରାଯାଇଅଛି। ସୋମବାର ବିଧିବିଧାନ ଅନୁଯାୟୀ ଗଜାନନଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଶନିବାର ସନ୍ଧ୍ୟାରେ ଘୋଡ଼ା ନାଚ, ବାଜା ଓ ଘଣ୍ଟଘଣ୍ଟାର ତାଳେ ଶ୍ରଦ୍ଧାଳୁମାନେ ଗଣେଶ ମୂର୍ତ୍ତିକୁ ଶୋଭାଯାତ୍ରାରେ ନେଇ ବିସର୍ଜନ କରିଥିଲେ। ଆଇନଶୃଙ୍ଖଳା ଓ ପରିବେଶକୁ ଦୃଷ୍ଟିରେ ରଖି ବିନା ଡିଜେ ଓ ନିଶାଦ୍ରବ୍ୟରେ ଶାନ୍ତିଶୃଙ୍ଖଳାର ସହ ବିସର୍ଜନ ଉତ୍ସବ ସମ୍ପନ୍ନ ହୋଇଥିଲା।

## ବିଶ୍ୱକର୍ମା ପୂଜାରେ ସାଂସ୍କୃତିକ କାର୍ଯ୍ୟକ୍ରମ

ବାଲିପାଟଣା,୨୨।୯(ସଂଚାର ବ୍ୟୁରୋ): ବନମାଳିପୁରଠାରେ ମହାବୀର ମୋଟର ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା ଅବସରରେ ରବିବାର ସନ୍ଧ୍ୟାରେ ଏକ ଭବ୍ୟ ସାଂସ୍କୃତିକ ସନ୍ଧ୍ୟା ଆୟୋଜିତ ହୋଇଯାଇଛି। ପ୍ରେସ୍ କ୍ଲବ୍ ସଭାପତି ଦିଲ୍ଲୀପ ଓଝାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମାଜସେବୀ ସୁରେଶ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ବସନ୍ତ କୁମାର ନାୟକ,



ସୁଦର୍ଶନ ସାହୁ, ରଶ୍ମିରଞ୍ଜନ ସାହୁ ଓ ବାବା ବୈକୁଣ୍ଠ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପର୍ବପର୍ବାଣି ଓ ସାଂସ୍କୃତିକ ଆୟୋଜନ ଓଡ଼ିଆ ପରମ୍ପରାକୁ ଅଧିକ ସମୃଦ୍ଧ କରିଥାଏ ବୋଲି କହିଥିଲେ। ଏଭଳି ଆୟୋଜନ ମାଧ୍ୟମରେ ସମାଜରେ ଭାଇଚାରା ଓ ଏକତାର ଭାବନା ଦୃଢ଼ ହେଉଥିବା ସେମାନେ ମତ ଦେଇଥିଲେ। ଶିକ୍ଷକ ଉପେନ୍ଦ୍ର ମହାରଣା ପ୍ରାରମ୍ଭିକ ସ୍ୱାଗତ ଭାଷଣ ଦେଇଥିଲେ। ସଂଘ ସଭାପତି ଗନ୍ଧର୍ବ ସେନ ସାହୁ ଓ ସମ୍ପାଦକ ସୂର୍ଯ୍ୟକାନ୍ତ ସାହୁଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସୁଚାରରୂପେ ସମ୍ପନ୍ନ ହୋଇଥିଲା। ପରେ ଲୋକପ୍ରିୟ କଳାକାର ଲିପିକା ପଟ୍ଟନାୟକ, ସିଦ୍ଧାର୍ଥ ପଟ୍ଟନାୟକ, ଖୁସି ଓ ବୁଲୁ ପ୍ରମୁଖଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସଂଘର ସଦସ୍ୟଙ୍କ ସମେତ ବହୁ ସ୍ଥାନୀୟ ଲୋକ ଉପସ୍ଥିତ ରହି ସହଯୋଗ କରିଥିଲେ। ଏହି ସଭାରେ ସାମ୍ବାଦିକ ଓ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା କିଛି ବିଶିଷ୍ଟ ବ୍ୟକ୍ତିଙ୍କୁ ସଂଘ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।

## ଅବକାରୀ ବିଭାଗର ଚଢ଼ାଉ, ୫ ଲକ୍ଷ ଟଙ୍କାର ଧଳାଜହର ଜବତ

ବାଲିଆପାଳ,୨୨।୯(ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱରରେ ପୁଣି ଅବକାରୀ ସାଟେଲାଇଟ ବିଭାଗର ଚଢ଼ାଉ। ଜଳେଶ୍ୱର ଅବକାରୀ ସେଟେଲାଇଟ ବିଭାଗ ପକ୍ଷରୁ ସେକେସରାଇ ଅଞ୍ଚଳରେ ଚଢ଼ାଉ କରାଯାଇ ପ୍ରାୟ ୫ ଲକ୍ଷ ଟଙ୍କା ମୂଲ୍ୟର ଧଳାଜହର (ବ୍ରାଉନ୍ ସୁଗାର) ଜବତ କରାଯାଇଛି। ଏହି ଘଟଣାରେ ଜଣେ ଯୁବକଙ୍କୁ ଅବକାରୀ ବିଭାଗ ଗିରଫ କରିଛି ଗିରଫ ଯୁବକ ଜଣକ ମୟୂରଭଞ୍ଜ ଜିଲ୍ଲା ଅଞ୍ଚଳର ବୋଲି ପ୍ରାଥମିକ ଭାବେ ଜଣାପଡ଼ିଛି। ଯୁବକ ଜଣକ ଜଳେଶ୍ୱର ଅଞ୍ଚଳରୁ ଧଳାଜହର କିଣି ମୟୂରଭଞ୍ଜ ଅଭିମୁଖେ ଯାଉଥିବା ସମୟରେ ଅବକାରୀ ସେଟେଲାଇଟ ବିଭାଗ ତାଙ୍କ ଉପରେ ନଜର ରଖିଥିଲା। ସୂଚନା ଆଧାରରେ ସେକେସରାଇ ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ଜାଲ ବିଛାଇ ଯାଞ୍ଚ କରାଯାଇଥିଲା। ଏହି ସମୟରେ ସନ୍ଦିଗ୍ଧ ଯୁବକଙ୍କୁ ଅଟକାଇ ତଲାସି କରାଯିବା ପରେ ତାଙ୍କ ନିକଟରୁ ବିପୁଳ ପରିମାଣର ଧଳାଜହର ଜବତ ହୋଇଥିବା ଜଣାପଡ଼ିଛି। ଜବତ ଧଳାଜହରର



ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୫ ଲକ୍ଷ ଟଙ୍କା ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି। ଘଟଣାରେ ଗିରଫ ଯୁବକଙ୍କୁ ଅଧିକ ପଚରାଉଚରା କରାଯାଉଥିବା ବେଳେ ଏହି ଧଳାଜହର କେଉଁଠାରୁ ଆସିଥିଲା ଏବଂ ଏହା ପଛରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି, ସେନେଇ ତଦନ୍ତ ଜାରି ରହିଛି।ଜଳେଶ୍ୱର ଅଞ୍ଚଳରେ ଧଳାଜହର କାରବାର ଉପରେ ଅବକାରୀ ବିଭାଗ ପକ୍ଷରୁ ଲଗାତାର ନଜର ରଖାଯାଉଥିବା ବେଳେ ଏହି ଚଢ଼ାଉକୁ ବିଭାଗର ଏକ ବଡ଼ ସଫଳତା ବୋଲି କୁହାଯାଉଛି।

## ମୁନିଗୁଡ଼ାରେ ନୂତନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ

ମୁନିଗୁଡ଼ା,୨୨।୯ (ସଂଚାର ବ୍ୟୁରୋ): ରାୟଗଡ଼ା ଜିଲ୍ଲା ମୁନିଗୁଡ଼ାରେ ଜନସଂଖ୍ୟା ଦିନକୁ ଦିନ ବୃଦ୍ଧି ହେଉଥିବା ବେଳେ ସେହି ପରି ରୋଗୀ ସଂଖ୍ୟା ବୃଦ୍ଧି ହେଉଛି। ଯାହାଦ୍ୱାରା ରୋଗୀ ସେବା ଏବଂ ବେଡ ସଂଖ୍ୟା ସଙ୍କୁଚିତ ହେବା ସହ ବିଭିନ୍ନ ପରୀକ୍ଷା ଏକ୍ସରେ ଆଦି ପାଇଁ ଗୃହର ଅଭାବ ପରିଲକ୍ଷିତ ହେଉଥିଲା। ଏବେ ମୁନିଗୁଡାର ପୁରାତନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଛାଡି ନୂତନ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରର ବିଲଡିଂ ଆଜି କାର୍ଯ୍ୟକ୍ଷମ କରାଯାଇଛି। ଏହି ଅବସରରେ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱଜିତ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ବିଧାୟକ ପ୍ରତାପଙ୍କ ଧାରା ସୁପରିଚାଳନାରେ ଆଜି ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ହୋମଯଜ୍ଞ ଓ ପୂଜାର୍ଚ୍ଚନା



କରାଯାଇଥିଲା। ସ୍ୱାସ୍ଥ୍ୟ ଅଧିକାରୀ ପାଣିଗ୍ରାହୀ ପୂଜାରେ କର୍ତ୍ତାଭାବେ ଦାୟିତ୍ୱ ନିର୍ବାହ କରିବା ସହ ରୋଗୀ ମାନଙ୍କ କଲ୍ୟାଣ କାମନା କରି ନୂତନ ସ୍ୱାସ୍ଥ୍ୟ କେନ୍ଦ୍ରରେ ସ୍ୱାସ୍ଥ୍ୟ ସେବାର ଶୁଭାରମ୍ଭ କରିଥିଲେ। ନିମନ୍ତ୍ରିତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଦୁଷ୍ମନ୍ତୀ ନୂଆକା, ଜିଲ୍ଲା ପରିଷଦ ସଦସ୍ୟା ମାଧବୀ କଞ୍ଜାଣୀ, ରାଜକେତା ଜଗନ୍ନାଥ ଦୁର୍ଗା, ରାମାନନ୍ଦ ବେହେରା, ବିଧାନ ଗଣମାଧ୍ୟମର ପ୍ରତିନିଧି, ଅଞ୍ଚଳର ବିଶିଷ୍ଟ ବ୍ୟକ୍ତିବିଶେଷ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ଡାକ୍ତର ଆଶିଷ କୁମାର ପଣ୍ଡା, ଡ. ସମନ ଜାଲି, ଡ. ସନ୍ତ କୁମାର ବେହେରା, ଡ. ଜି. ଆଲେକ୍ସା, ଡ. ମନୋଜିତା ନାୟକ, ଡ. ଅମିଲ କୁମାର ବେହେରା, ଡ. ଶାଶ୍ୱତ ସୋମନ ଜାଲି, ଡ. ସରୋଜ କୁମାର ସାହୁ, ଡ. ସୁପ୍ରିୟତା ସାହୁ, ଡ. ଚିନ୍ମୟୀ ଅଧିକାରୀ, ଡ. ରୁଦ୍ର ଚିତ୍ରାଣ, ସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ସଂଯୁକ୍ତା ଗୋମାଙ୍ଗ, ବିଏନଏମ ଦିବେଶ କୁମାର ଜାନି, ଫାର୍ମାସିଷ୍ଟ ମୋହନ ଗାଁଠି, ମନୋଜ ମଞ୍ଜୁରୀ ଦାସ, ସୂର୍ଯ୍ୟ ନାରାୟଣ ସାହୁ, ଭୁବନେଶ୍ୱରୀ ଦେବୀ, ବାସା ପ୍ରସାଦଙ୍କ ସହ ସମସ୍ତ ନର୍ସ ଓ ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ରହି ନୂତନ ସ୍ୱାସ୍ଥ୍ୟ କେନ୍ଦ୍ରର ଗୃହ ପ୍ରବେଶ ପୂଜାର୍ଚ୍ଚନା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

## ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ ପାଳନ

ସୁବର୍ଣ୍ଣପୁର,୨୨।୯ (ସଂଚାର ବ୍ୟୁରୋ): ସୋନପୁର ଶ୍ରୀ ଗୋପାଳଜୀ ଯୋଗାଳୟ ଠାରେ ସୁବର୍ଣ୍ଣପୁର ଜିଲ୍ଲା ବରିଷ୍ଠ ନାଗରିକ ସଂଘ ର ବାର୍ଷିକ ଉତ୍ସବ ମହା ସମାରୋହରେ ପାଳିତ ହୋଇ ଯାଇଛି। ଜିଲ୍ଲାପାଳ ଶ୍ରୀ ରାଜେନ୍ଦ୍ର ମାଝୀ, ଏସପି ନାରାୟଣ ନାଏକ, ଏ ଡି ଏମ୍ ଅଞ୍ଜଳିନା ପଧାନ, ପୌର ପରିଷଦ ଅଧ୍ୟକ୍ଷା ତାମସୀ ତାମସ୍ମିତା ନାଏକ୍, ସାଇବର ସବ୍



ଇନ୍ସପେକ୍ଟର ରବୀନ୍ଦ୍ର ସାହୁ, ଏଲ ଡି ଏମ୍ ଏଫ୍ ଏଲ ସି ଘନ ଶ୍ୟାମ ମେହେର ଅତିଥି ଭାବରେ ଯୋଗ ଦେଇ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟ କ୍ରମ ରେ ଓଡ଼ିଶା ସରକାର ଙ୍କ ସ୍ୱାସ୍ଥ୍ୟ ବିଭାଗ ପ୍ରାକ୍ତନ ନିର୍ଦ୍ଦେଶକ ଡ଼ା, ପ୍ରଦୀପ ଗୁରୁ ସ୍ୱାସ୍ଥ୍ୟ ଉପରେ, ଜିଲ୍ଲା ପୋଲିସ ର ରବୀନ୍ଦ୍ର ସାହୁ ଓ ଷ୍ଟେଟ୍ ବ୍ୟାଙ୍କ୍ ଚିଫ୍ ମ୍ୟାନେଜର ଲକ୍ଷ୍ମଣ ମାଝୀ ସାଇବର୍ ଅପରାଧ ଉପରେ ସଚେତନତା କରିଥିଲେ। ବରିଷ୍ଠ ନାଗରିକ ସଂଘ ସଭାପତି ଡଃ ଜ୍ୟୋତି ରଞ୍ଜନ ବହିଦାର ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ସଭାରେ ସଂପାଦକ ଜ୍ୟୋତି ରଞ୍ଜନ ପଟ୍ଟନାୟକ, ଡ଼ ଆର୍ତ୍ତ ତ୍ରାଣ ବାବୁ ସମ୍ବର୍ଧନା କାର୍ଯ୍ୟ କ୍ରମ ରେ ସହଯୋଗ କରିଥିଲେ। ବରିଷ୍ଠ ନାଗରିକ ବ୍ରଜ ମୋହନ ଦାନୀ, ଚମରା ରାମ ତ୍ରିପାଠୀ, ଓ ବ୍ୟୋମ କେଶ ଦାଶ ଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରା ଯାଇଥିବା ବେଳେ ସଂଘ ର ପ୍ରତିଷ୍ଠାତା ସଦସ୍ୟ ଡ଼ା ରାଜେନ୍ଦ୍ର ମିଶ୍ର, ମୃତ୍ୟୁଞ୍ଜୟ ଦାଶ, ନାରାୟଣ ପ୍ରସାଦ ରାୟ ଗୁରୁ, ଇନ୍ଦ୍ର ମଣି ଦାଶ, ଓ ଡ଼ ସନ୍ତୋଷ ପାଢ଼ୀ ଙ୍କୁ ସମ୍ବର୍ଧିତ କରାଯାଇଥିଲା। ଅପରାହ୍ନ ରେ ନୂଆଖାଇ ଭେଟଘାଟ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ସୁବର୍ଣ୍ଣପୁର ର ଐତିହ ସଂସ୍କୃତି ଉପରେ କୁଇଜ୍ ପ୍ରତିଯୋଗିତା ଓ ଆଲୋଚନା ହୋଇଥିଲା। ଶ୍ରୀବସ୍ତ ମଲ୍ଲିକ, ସଚିଦା ନନ୍ଦ ନାଏକ, ରାଧେଶ୍ୟାମ ମିଶ୍ର, ଜଗଦୀଶ ମେହେର, ଦୟାନିଧି ସେଠି, ଦିଲୀପ ରଥ, ନିରଞ୍ଜନ ତ୍ରିପାଠୀ, ପ୍ରମୁଖ ସମସ୍ତ ସଦସ୍ୟ ଏହି କାର୍ଯ୍ୟ କ୍ରମ ରେ ସହଯୋଗ କରିଥିଲେ।

## ପଦାରେ ପଡ଼ି ହାଟରେ ଗଡ଼ିଲା ଜଳେଶ୍ୱର ବିଜେପିର ଗୋଷ୍ଠୀ କନ୍ଦଳ



ବାଲିଆପାଳ,୨୨।୯(ସଂଚାର ବ୍ୟୁରୋ): ଗତ ସୋମବାର ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଜଳେଶ୍ୱର ପ୍ରତିନିଧି ବ୍ରଜ ମୋହନ ପ୍ରଧାନ ବିଜେପିର ଜଣେ ସଦସ୍ୟ ରବୀନ୍ଦ୍ର ପାତ୍ରଙ୍କୁ ଜଳେଶ୍ୱର ବ୍ଲକ ଅଫିସରେ ଲାଲି ଆଖି ଦେଖେଇ ଗାଳି ଗୁଲୋଜ କରିବାର ଭିଡିଓ ଭାଇରାଲ ପରେ ରାଜନୀତି ଉଷ୍ମତା ବଢ଼ି ବାରେ ଲାଗିଛି। ଆଜି ଅପରାହ୍ନ ପାଖାପାଖି ୪ଟା ସମୟରେ ବିଜେପି ମହିଳା ରାଜ୍ୟ ଉପସଭାପତି ସିପ୍ରା ବାଜପେୟୀ ଜଳେଶ୍ୱର ବ୍ଲକରେ ପହଂଚି ବିଡ଼ିଓ ଗୌରାଙ୍ଗ ଚରଣ ଘୋଷଙ୍କ ସହିତ ଜଳେଶ୍ୱର ଅଞ୍ଚଳର ମୌଳିକ ସମସ୍ୟା ବିଷୟରେ ଆଲୋଚନା କରି ଫେରିଥିଲା ବେଳେ ସାଂସଦ ପ୍ରତିନିଧିଙ୍କ କର୍ମକର୍ତ୍ତା ମାନେ ତାଙ୍କୁ ତାଚ୍ଛଲ୍ୟ କରିଥିବା ଦେଖିବାକୁ ମିଳିଥିଲା, ବାଲେଶ୍ୱର ଜିଲ୍ଲା ସମ୍ପାଦକ ଉତ୍ତର ବିଜେପିର କାଳିଚରଣ ଦାସ ବାହାର ଲୋକ ତାଙ୍କର କୌଣସି ନାମ ନିଶାନ ନାହିଁ, ତାଙ୍କର ଆଧାର କାର୍ଡରେ ଗୋଟିଏ ନାମ ସୋସିଆଲ ମିଡିଆରେ ଆଉ ଗୋଟେ ନାମ, ଜଣେ ଉଡ଼ିପଡ଼ା କହିବା ସହ ବିଭିନ୍ନ କଟୁ ମନ୍ତବ୍ୟ ଦେଇ ଥିଲେ ଏପରିକି ତାଙ୍କର ଦୁଇଦୁଇଟି ନାମ ରହିଥିବା କହିବା ସହ ଜଳେଶ୍ୱରରେ ଆସି ଗୋଷ୍ଠୀ କନ୍ଦଳ ସୃଷ୍ଟି କରୁଥିବା ଅଭିଯୋଗ କରିଥିଲେ।

## ବ୍ଲକସ୍ତରୀୟ ସେବା ସଂକଳ୍ପ



ଫୁଲବାଣୀ,୨୨।୯(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁସାରେ ସାରା ରାଜ୍ୟରେ ୧୭ସେପ୍ଟେମ୍ବର ରୁ ଅକ୍ଟବର ୧୭ ତାରିଖ ପର୍ଯ୍ୟନ୍ତ ସେବା ସଂକଳ୍ପ ଅଭିଯାନ ୨୦୨୬ ପାଳନ ପାଇଁ ନିଷ୍ପତି ହୋଇଥିବା ବେଳେ ଆଜି ପୋଲିସ ଉଚ୍ଚ ବିଦ୍ୟାଳୟ ଫୁଲବାଣୀ ପରିସରରେ ବ୍ଲକ ସ୍ତରୀୟ ସେବା ସଂକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଫୁଲବାଣୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ରଞ୍ଜନ କୁମାର କହଁର ଙ୍କ ପ୍ରତକ୍ଷ ତତ୍ୱାବଧାନରେ ଚିତ୍ରାଙ୍କନ ଏବଂ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଧନେଶ୍ୱର କହଁର, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଜ୍ୟୋସ୍ନାରାଣୀ ମଲ୍ଲିକ, ପୋଲିସ ହାଇସ୍କୁଲ ଫୁଲବାଣୀ ର ପ୍ରଧାନ ଶିକ୍ଷକ କେତନ କୁମାର ଦୀପ ଏବଂ ସମସ୍ତ ସିଆରସିସି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ।ଏହି କାର୍ଯ୍ୟକ୍ରମକୁ ତଦାରଖ କରିବା ପାଇଁ ସଂଯୋଜିକା ଭାବେ ନିବେଦିତା କଟା ଯୋଗଦେଇ ଥିଲେ। ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାରେ ୮୦ ଜଣ ଛାତ୍ର ଛାତ୍ରୀ ଭାଗ ନେଇଥିଲେ।କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପାୟଲ ବେହେରା ଫୁଲବାଣୀ ପୌର ପରିଷଦ ଅଧକ୍ଷା, ସମ୍ମାନିତ ଅତିଥି ଭାବେ ମାଧବୀ ମିଶ୍ର ୧୩ନଂ ୱାର୍ଡ କାଉଁସିଲର ଯୋଗ ଦେଇଥିଲେ।

## ରେଳ ଷ୍ଟେସନ ପାଇଁ ଏଟିଏମ୍‌ର ଆବଶ୍ୟକତା, ଯାତ୍ରୀ ହୀନସ୍ତା



ବୈଶିଙ୍ଗା,୨୨।୯ (ସଂଚାର ବ୍ୟୁରୋ): ବୈଶିଙ୍ଗା ବଜାର ତଥା ୧୮ନଂ ଜାତୀୟ ରାଜପଥ ବରଜପୁର ଛକ ଠାରୁ ତିନି କିମି ଦୂରରେ ଅବସ୍ଥିତ ଯୁଗପୁରା ରେଳ ଷ୍ଟେସନ। ନିକଟବର୍ତ୍ତୀ ସ୍ଥାନରେ ଛୋଟ ବଡ଼ ଦୋକାନ ମାନଙ୍କୁ ନେଇ ଏକ ବଜାର ସୃଷ୍ଟି ହେଉଥିବା ଲକ୍ଷ କରାଯାଇଛି। ଏଥି ସହିତ ଆମ୍ବିକା ରାଇସ ମିଲ ସଂଲଗ୍ନ ଷ୍ଟେସନ ବଜାର, ୫୦ ମିଟର ଦୂରରେ ସନ୍ତରା ପଞ୍ଚାୟତ କାର୍ଯ୍ୟାଳୟ, ରାଜସ୍ୱ କାର୍ଯ୍ୟାଳୟ, ପୋଷ୍ଟ ଅଫିସ ଓ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ର ଶାଖା ସ୍ଥାପିତ ହୋଇଛି। ଜିଲ୍ଲାର ସର୍ବପୁରାତନ ରାଇସ୍ ମିଲ୍ ମଧ୍ୟ କାର୍ଯ୍ୟକ୍ଷମ। ସ୍ୱଳ୍ପ ଦୂରତା ରେ ଉତ୍ତର ଓଡ଼ିଶାର ସର୍ବବୃହତ 'ବୈଶିଙ୍ଗା ଅରୋ ଫ୍ଲୋର ମିଲ' ଅବସ୍ଥିତ। ଯୁଗପୁରା ବଜାର ଓ ସନ୍ନିକଟ ଅଞ୍ଚଳର ଜନସଂଖ୍ୟା ପଚିଶ ହଜାର ରୁ ଉର୍ଦ୍ଧ୍ୱ। ତେବେ ଏଠାରେ ଏଟିଏମ୍ ଟିଏ ନଥିବା ଅଞ୍ଚଳବାସୀଙ୍କ ଦୁଃଖର କାରଣ ହୋଇଛି। ଅନେକ ସମୟରେ ଟ୍ରେନ ଧରିବାକୁ ଆସୁଥିବା ଯାତ୍ରୀଙ୍କ ଟଙ୍କା ଦରକାର ପଡ଼ିଲେ ତୁରନ୍ତ ମିଳି ପାରେ ନାହିଁ, ଗ୍ରାମ୍ୟ ବ୍ୟାଙ୍କରେ ଲାଇନରେ ଛିଡ଼ା ହୋଇ ରହିବାକୁ ପଡୁଥିବା ଅଞ୍ଚଳବାସୀଙ୍କ ଅଭିଯୋଗ। ବିଭିନ୍ନ ସରକାରୀ ଯୋଜନାରେ ହିତାଧିକାରୀ ମାନଙ୍କୁ ସେମାନଙ୍କର ବ୍ୟାଙ୍କ ଆକାଉଣ୍ଟରେ ସିଧାସଳଖ ଅର୍ଥରାଶି ପ୍ରଦାନ କରାଯାଉଥିବା ବେଳେ ଆବଶ୍ୟକ ସମୟରେ ଟଙ୍କା ଉଠାଇବା ପାଇଁ ଏକ ମାତ୍ର ଗ୍ରାମ୍ୟ ବ୍ୟାଙ୍କ ଶାଖାରେ ଭିଡ଼ ଯୋଗୁଁ ଲୋକଙ୍କୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ନୋଚେତ ୨/୩ କିମି ଦୂରରେ ବୈଶିଙ୍ଗା ସ୍ଥିତ ଏଟିଏମ୍ କୁ ଆସିବାକୁ ପଡୁଛି। ଏଣୁ ଜିଲ୍ଲାପାଳ ଏଦିଗରେ ଜରୁରୀ ପଦକ୍ଷେପ ଗ୍ରହଣ କରିବା ସହିତ ବ୍ୟାଙ୍କ ଅଧିକାରୀ ଉପଭୋକ୍ତାଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଯଥାଶୀଘ୍ର ଏକ ଏଟିଏମ୍ ସ୍ଥାପନ କରାଇବା ପାଇଁ ଯୁଗପୁରା ବଜାର ବ୍ୟବସାୟୀ ସଂଘ ଓ ରେଳ ଷ୍ଟେସନ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ ମାନେ ଦାବି କରିଛନ୍ତି।

## ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗର ବିଫଳତା

# ଜିଲ୍ଲାରେ ଫାଙ୍କା ପଡ଼ିଛି ବ୍ଲକ ଶିକ୍ଷା ଅଧିକାରୀ ପଦବୀ

ବୈଶିଙ୍ଗା,୨୨।୯ (ସଂଚାର ବ୍ୟୁରୋ): ରାଜ୍ୟର ସର୍ବବୃହତ ଏବଂ ଆଦିବାସୀ ବହୁଳ ଜିଲ୍ଲା ଭାବେ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା କ୍ଷେତ୍ରରେ ଯେପରି ଅବହେଳିତ ସ୍ୱାସ୍ଥ୍ୟ ଓ କୃଷି ଜଳସେଚନ ଏବଂ ଆତ୍ମ ନିଯୁକ୍ତି କ୍ଷେତ୍ରରେ ଆଦୌ କୌଣସି ସୁଯୋଗ ନ ଥିବା ଦାଦନ ଶ୍ରମିକଙ୍କ ଜିଲ୍ଲା ଭାବେ ଶ୍ରମିକ ମାନଚିତ୍ରରେ ସ୍ଥାନିତ। ଏହି ଜିଲ୍ଲାରେ ମୋଟ ୨୬ ଟି ବ୍ଲକ ଥିବା ବେଳେ ରାଜ୍ୟ ର ଅନ୍ୟ କୌଣସି ଜିଲ୍ଲାରେ ଏତିକି ସଂଖ୍ୟକ ବ୍ଲକ ନାହିଁ। ସେହିପରି ସ୍କୁଲ କ୍ଷେତ୍ରରେ ମାନ୍ୟ ପାଞ୍ଚଟି ଶ୍ରେଣୀ ପାଇଁ ଦୁଇ ଜଣ ଶିକ୍ଷକ ଥିବା ବେଳେ ଦୁଇଟି ଶ୍ରେଣୀ କକ୍ଷ ଥିବା ବେଳେ ଅପର ପ୍ରାଇମେରୀ ସ୍କୁଲ କ୍ଷେତ୍ରରେ ଆଠଟି ଶ୍ରେଣୀ ପାଇଁ ତିନି ଜଣ ରୁ ଚାରି ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଥିବାର ଉଦାହରଣ ରହିଛି। ବିଶାଳ ଭୌଗଳିକ ଆୟତନ ବିଶିଷ୍ଟ ଜିଲ୍ଲାରେ ଜଣେ ମାତ୍ର ଶିକ୍ଷାଧିକାରୀ କାର୍ଯ୍ୟ କରୁଥିବା ବେଳେ ବର୍ଷର ମୋଟ କାର୍ଯ୍ୟ ଦିବସ ମଧ୍ୟରେ ସମସ୍ତ ଉଚ୍ଚ ବିଦ୍ୟାଳୟ ଗୁଡିକ ପରିଦର୍ଶନ କରିବା ମଧ୍ୟ ତାଙ୍କ ପକ୍ଷେ ସମ୍ଭବ ନୁହେଁ। ସେହିପରି ସବୁଠାରୁ ଉଦବେଗ ଓ ଚିନ୍ତାଜନକ ବିଷୟ ହେଲା ମୋଟ ୨୬ ଟି ବ୍ଲକ ମଧ୍ୟରୁ ୧୫ ଟି ବ୍ଲକରେ ବ୍ଲକ ଶିକ୍ଷା ଅଧିକାରୀ ଥିବା ବେଳେ ୧୧ ଟି ବ୍ଲକରେ ଆଦୌ ଶିକ୍ଷା ଅଧିକାରୀ ନାହାନ୍ତି। ଯେଉଁ ୧୧ ଟି ବ୍ଲକରେ ଶିକ୍ଷା ଅଧିକାରୀ ନାହାନ୍ତି ସେଗୁଡିକ ହେଲା ରାସଗୋବିନ୍ଦପୁର ତିରିଂ ଜାମଦା ଶୁକ୍ରୁଳି ବଡ଼ସାହି ଠାକୁରମୁଣ୍ଡା ଜିଲ୍ଲା ହେଡ କ୍ୱାଟର ବ୍ଲକ ବାରିପଦା, ବିଜାତଳା, କପ୍ତିପଦା ସବ ଡିଭିଜନ ହେଡ କ୍ୱାଟର, କରଞ୍ଜିଆ ବ୍ଲକ ଏବଂ କୁସୁମୀ ବ୍ଲକ। ସ୍କୁଲ ମାନଙ୍କରେ ଆବଶ୍ୟକ ସଂଖ୍ୟକ ଶିକ୍ଷକ ଶିକ୍ଷୟିତ୍ରୀ ନ ଥିବା ବେଳେ ବ୍ଲକ ଶିକ୍ଷାକୁ ପରିଚାଳନା କରୁଥିବା ବ୍ଲକ ସ୍ତରରେ ଶିକ୍ଷା ଅଧିକାରୀ ପଦବୀ ସହିତ ୧୫ ରୁ ଅଧିକ ବ୍ଲକରେ ମଧ୍ୟ ଆବଶ୍ୟକ ସଂଖ୍ୟକ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ନାହାନ୍ତି। ଯାହା ଫଳରେ ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସମଗ୍ର ଶିକ୍ଷା ଅଭିଯାନ କାର୍ଯ୍ୟକାରୀ ହେବାରେ ବ୍ୟାଘାତ ସୃଷ୍ଟି ହେବା ସହିତ ଶୃଙ୍ଖଳା ରକ୍ଷା ହୋଇ ନ ପାରି ସାରା ଜିଲ୍ଲାରେ ଶିକ୍ଷା ବ୍ୟବସ୍ଥା ସରକାରଙ୍କ ଦାୟିତ୍ୱ ହୀନତା ପାଇଁ ଭୁଷୁଡି ପଡ଼ିବାକୁ ବସିଥିବା ଶିକ୍ଷକ ସଂଘ ପକ୍ଷରୁ ଗଣମାଧ୍ୟମରେ ଅଭିଯୋଗ କରାଯାଇଛି। ସେହିପରି ବେତନଟୀ ବ୍ଲକରେ ବ୍ଲକ ଶିକ୍ଷା ଅଧିକାରୀ ଥିବା ବେଳେ ତିନି ଜଣ ଅତିରିକ୍ତ ଶିକ୍ଷା ଅଧିକାରୀଙ୍କ ସ୍ଥାନରେ ଜଣେ ମାତ୍ର ଅତିରିକ୍ତ ଶିକ୍ଷା ଅଧିକାରୀ କାର୍ଯ୍ୟ କରୁଛନ୍ତି।

## ପୁଲିସକୁ ଲୁଟେରାଙ୍କ ଖୋଲା ଚ୍ୟାଲେଞ୍ଜ

# ରାତି ଗୋଟାଏରେ ତିନି ମନ୍ଦିରରୁ ଲୁଟ୍

ଗଞ୍ଜାମ,୨୨।୯(ସଂଚାର ବ୍ୟୁରୋ): ଗଞ୍ଜାମ ସହରରେ ଗୋଟିଏ ରାତିରେ ତିନୋଟି ମନ୍ଦିରରୁ ସଙ୍ଘବଦ୍ଧ ଲୁଟ୍ ହୋଇଥିବା ଏକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ସୋମବାର ବିଳମ୍ବିତ ରାତିରେ



ଦୁର୍ବୃତ୍ତମାନେ ବଡ଼ ବଜାର ସ୍ଥିତ ଲଚ୍ଛମନ ବାଲାଜୀ ହନୁମାନ ମନ୍ଦିର, ଓଡ଼ିଆ ଢମଣା ସାହିର ରାମଲିଙ୍ଗେଶ୍ୱର ମନ୍ଦିର ଏବଂ ସାନ ବଜାର କୈବର୍ତ୍ତ ସାହିର ରାଧାକୃଷ୍ଣ ମନ୍ଦିରକୁ ଟାର୍ଗେଟ କରିଥିଲେ। ରାତିର ଅନ୍ଧକାରର ସୁଯୋଗ ନେଇ ତିନୋଟିଯାକ ମନ୍ଦିରରୁ ସମସ୍ତ ଠାକୁରଙ୍କ ରୁପାରେ ନିର୍ମିତ କିରୀଟଗୁଡ଼ିକୁ ଦୁର୍ବୃତ୍ତମାନେ ଲୁଟି ନେଇଥିବା ଜଣାପଡ଼ିଛି। ଏହି ସମ୍ପର୍କରେ ଖବର ପାଇବା ପରେ ଗଞ୍ଜାମ ଥାନା ଅତିରିକ୍ତ ଆଇଆଇସି ଶୁଭଲକ୍ଷ୍ମୀ କହଁର ପୁଲିସ ବଳ ସହ ଘଟଣାସ୍ଥଳଗୁଡ଼ିକରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଘଟଣାକୁ ନେଇ ମନ୍ଦିର ପ୍ରଶାସନ ଓ ସାହି କମିଟି ପକ୍ଷରୁ ଥାନାରେ ଲିଖିତ ଏତଲା ଦିଆଯାଇଛି। କିଛି ଦିନର ନୀରବତା ପରେ ସହରରେ ପୁଣି ମନ୍ଦିର ଲୁଟେରା ଗ୍ୟାଙ୍ଗ ସକ୍ରିୟ ହୋଇଉଠିଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ୍ ଆଧାରରେ ତୁରନ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

## ମର୍ମନ୍ତୁଦ ଦୁର୍ଘଟଣା, ଟ୍ରକକୁ ପଛରୁ ପିଟିଲା ଡିଜେ ଗାଡ଼ି

ଜମନକିରା,୨୨।୯(ସଂଚାର ବ୍ୟୁରୋ): ସମ୍ବଲପୁର ଜିଲା ୫୩ ନମ୍ବର ଜାତୀୟ ରାଜପଥ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ରାସ୍ତା କଡ଼ରେ ଠିଆ ହୋଇଥିବା ଏକ ମାଲବାହୀ ଟ୍ରକକୁ ପଛରୁ ଧକ୍କା ଦେଲା ଡିଜେ ବୋଝେଇ ଗାଡ଼ି । ଦୁର୍ଘଟଣାରେ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ପ୍ରାୟ ୯ ରୁ ୧୦ ଜଣ ଗୁରୁତର ଆହତ ହୋଇଛନ୍ତି । ତେବେ ମୃତ ବ୍ୟକ୍ତିଙ୍କ ନାମ ଅଭି ସାମନି (୨୨), ତାଙ୍କ ଘର ବରଗଡ଼ ହୋଇଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁସାରେ, ଆଜି ଭୋର ପ୍ରାୟ ୫ଟା ସମୟରେ ଏହି ଦୁର୍ଘଟଣା ଘଟିଛି। ଉକ୍ତ ଦୁଲଦୁଲି ଗାଡ଼ିରେ ପ୍ରାୟ ୩୦ ଜଣ ବାଦ୍ୟକାର ଥିଲେ । ଯାତ୍ରା ସମୟରେ ଭାରସାମ୍ୟ ହରାଇ ଗାଡ଼ିଟି ରାସ୍ତା କଡ଼ରେ ରହିଥିବା ଟ୍ରକ୍କୁ ପଛପଟୁ ଜୋରଦାର ଧକ୍କା ଦେଇଥିଲା। ଧକ୍କା ଏତେ ଜୋରଦାର ଥିଲା ଯେ ଗାଡ଼ିଟିର ସାମ୍ନା ଭାଗ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି । ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଆହତମାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ ନିକଟସ୍ଥ ଡାକ୍ତରଖାନାକୁ ପଠାଯାଇଛି ଏବଂ ସେଠାରେ ସେମାନଙ୍କ ଚିକିତ୍ସା ଚାଲିଛି। ଅନ୍ୟପଟେ ଘଟଣାସ୍ଥଳରେ ଜମନକିରା



ଥାନା ପୋଲିସ ପହଞ୍ଚି ମୃତଦେହକୁ ଜବତ କରିବା ସହ ଦୁଇଟି ଯାକ ଗାଡ଼ିକୁ ନିଜ ହେପାଜତକୁ ନେଇଛି। ଏହି ଘଟଣାକୁ ନେଇ ଜମନକିରା ଥାନାରେ ଏକ ମାମଲା ରୁଜୁ ହୋଇଛି ।